୫୧
# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୪/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, December 14/2024 | Page 20 | ₹ 7.00

୫୧ଶ ଭାଗ ୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 21 | ମୂଲ୍ୟ ₹୭/-

# ଲୁଟେରା ନୁହେଁ, ସ୍ୱାମୀ ହତ୍ୟାକାରୀ

**ବଣାଇଁ,୧୩।୧୨(ପ୍ରଦୀପ ତ୍ରିପାଠୀ)**

ଲୁଟ୍ ନୁହେଁ ବରଂ ପରକୀୟାପ୍ରୀତି ଯୋଗୁ ୭ମାସର ଗର୍ଭବତୀ ସ୍ତ୍ରୀଙ୍କୁ ସ୍ୱାମୀ ଗୁଳିକରି ହତ୍ୟା କରିଛନ୍ତି। ଆଉ ଏଥିରେ ତାଙ୍କୁ ସହଯୋଗ କରିଛନ୍ତି ତାଙ୍କ ଭିଣୋଇ। ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ ଟିକାୟତପାଲି ଥାନା ଅନ୍ତର୍ଗତ ଝିର୍ଡାପାଲୀ ଗ୍ରାମରେ ସାମ୍ୟମୟୀ ହତ୍ୟାକାଣ୍ଡରେ ପୋଲିସ ଉଭୟ ସ୍ୱାମୀ ଦେବେନ ବେହେରା ଓ ତାଙ୍କ ଭିଣୋଇ ସତ୍ୟନାରାୟଣ ବେହେରାଙ୍କୁ ଶୁକ୍ରବାର ଗିରଫ କରିଛି। ସତ୍ୟନାରାୟଣ ରାଉରକେଲା ପୋଲିସ ଜିଲାର ଉଦିତନଗର କୋର୍ଟରେ ଏଏସ୍ଆଇ ଅଛନ୍ତି।






## ପରକୀୟା ପ୍ରୀତି ଯୋଗୁ ହତ୍ୟା

### ■ ହତ୍ୟାକାରୀ ସ୍ୱାମୀ, ଭିଣୋଇ ଗିରଫ

ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ। ସ୍ତ୍ରୀହନ୍ତା ସ୍ୱାମୀ ପୋଲିସ ଆଗରେ ସବୁ ସତ ବଖାଣିବା ସହ ହତ୍ୟାକାଣ୍ଡର ଡେମୋ ଦେଖାଇଥିଲେ। ଅଭିଯୁକ୍ତଙ୍କ ବୟାନ କ୍ରମେ ହତ୍ୟାକାଣ୍ଡରେ ବ୍ୟବହୃତ ପିସ୍ତଲକୁ ପୋଲିସ ଜବତ କରିଛି। ପରକୀୟା ପ୍ରୀତିଯୋଗୁ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଦେବେନ ସ୍ୱୀକାର କରିଥିବା ରାଉରକେଲାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ନୀତେଶ ୱାଧୱାନୀ କହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଦେବେନଙ୍କ ଅନ୍ୟ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରହିଥିଲା। ସାମ୍ୟମୟୀଙ୍କୁ ରାସ୍ତାରୁ ହଟାଇ ପ୍ରେମିକାଙ୍କ ସହ ଘର ସଂସାର କରିବାକୁ ସେ ଭାବିଥିଲେ। ଏଥିରେ ଦେବେନଙ୍କୁ ତାଙ୍କ ଭିଣୋଇ ସତ୍ୟନାରାୟଣ ସହଯୋଗ କରିଥିଲେ। ପୂର୍ବଯୋଜନା ଅନୁଯାୟୀ ବୁଧବାର ବିଳମ୍ବିତ ରାତିରେ ଦେବେନ ସ୍ତ୍ରୀ ସାମ୍ୟମୟୀଙ୍କୁ ଗୁଳିକରି ହତ୍ୟା କରିବା ପରେ ଦୁର୍ବୃତ୍ତମାନେ ଲୁଟ୍ କରିବାକୁ ଆସି ଗୁଳି କରିଥିବା ପ୍ରଚାର କରିଥିଲେ। ରାଉରକେଲା ଏସ୍‌ପି ନୀତେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଏହି ତଦନ୍ତରେ ଉଭୟ ଟିକାୟତପାଲି ଓ ବଣାଇ ପୋଲିସ ସମସ୍ତ ପ୍ରକାର ତଦନ୍ତ କରୁଛନ୍ତି। ଟିକାୟତପାଲି ଥାନା ପୋଲିସ ଏକ ହତ୍ୟା ମାମଲା ( ନଂ. ୮୭/୨୦୨୪) ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି। ଏଥିସହ ହତ୍ୟାରେ ବ୍ୟବହୃତ ବନ୍ଧୁକକୁ ଦେବେନଙ୍କ ଘରୁ ପୋଲିସ ଜବତ କରିଛି।

ପ୍ରକାଶ ଯେ, ୨୦୨୪ ଫେବୃଆରୀ ୭ରେ ଅନୁଗୋଳ ଛେଣ୍ଡିପଦାର ପୀତାମ୍ବର ବେହେରାଙ୍କ ଝିଅ ସାମ୍ୟମୟୀଙ୍କର ଦେବେନଙ୍କ ସହ ବିବାହ ହୋଇଥିଲା। ସେ ୭ମାସ ଗର୍ଭବତୀ ଥିବାବେଳେ ସ୍ୱାମୀ ଦେବେନ ଅନ୍ୟ ଜଣେ ଯୁବତୀଙ୍କ ସହ ସମ୍ପର୍କ ରଖି ସ୍ତ୍ରୀଙ୍କୁ ହଟାଇ ☞ପୃଷ୍ଠା-୨



ହାଇଦ୍ରାବାଦର ଚିକ୍କାଡପାଲ୍ଲୀ ପୋଲିସ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଗିରଫ କରି ନେଉଛି।

# ଅଲ୍ଲୁ ଅର୍ଜୁନ: ଅବାଞ୍ଛିତ ଗିରଫ, ପରେ ଜାମିନ

**ଡିସେମ୍ବର ୪ରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ‘ପୁଷ୍ପା ୨: ଦି ରୁଲ୍’ର ପ୍ରିମିୟର ବେଳେ ହୋଇଥିବା ଦଳାଚକଟାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ତେଲଙ୍ଗାନା ପୋଲିସ ଅଭିନେତା ଅଲ୍ଲୁ ଅର୍ଜୁନଙ୍କୁ ଶୟନକକ୍ଷରୁ ଉଠାଇ ଆଣିବା ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି। ଅଲ୍ଲୁଙ୍କ ଗିରଫକୁ ସାଧାରଣରେ ଅବାଞ୍ଛିତ ବୋଲି କୁହାଯାଉଛି। ଦର୍ଶକ ପ୍ରିମିୟର ଶୋ’ ଦେଖିବା ପାଇଁ ଯେଉଁଭଳି ଭାବେ ଠେଲାପେଲା ହୋଇଥିଲେ ସେଥିରେ ଅଭିନେତାଙ୍କ ଭୂମିକା ନ ଥିବା ଆଲୋଚନା ହେଉଛି। ତଳ କୋର୍ଟ ଅଭିନେତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିବାବେଳେ ଏହାର କିଛି ଘଣ୍ଟା ପରେ ତେଲଙ୍ଗାନା ହାଇକୋର୍ଟ ତାଙ୍କୁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଅଲ୍ଲୁ କେବଳ ଜଣେ ଅଭିନେତା ହୋଇଥିବାରୁ ତାଙ୍କୁ ଏପରି ଭାବେ ଜେଲରେ ପୂରାଯାଇପାରିବ ନାହିଁ। ତାଙ୍କର ମଧ୍ୟ ଜୀବନ ଧାରଣ ଓ ସ୍ୱାଧୀନତା ଅଧିକାର ରହିଛି ବୋଲି ହାଇକୋର୍ଟ କହିଛନ୍ତି।**

**ହାଇଦ୍ରାବାଦ,୧୩।୧୨**

‘ପୁଷ୍ପା: ଦି ରାଇଜ୍’ର ସିକ୍ୱେଲ ‘ପୁଷ୍ପା ୨: ଦି ରୁଲ୍’ ଡିସେମ୍ବର ୫ରେ ବିଶ୍ୱବ୍ୟାପୀ ବିଭିନ୍ନ ଫର୍ମାଟରେ ମୁକ୍ତିଲାଭ କରିବା ସହ ଖୁବ୍ କମ୍ ସମୟରେ ୧୦୦ କୋଟି କ୍ଲବ୍‌ରେ ସାମିଲ ହୋଇଛି। ଏହାର ଦିନକ ପୂର୍ବରୁ ଅର୍ଥାତ୍ ୪ ତାରିଖ ପୂର୍ବାହ୍ନ ୯ଟା ୩୦ରେ ହାଇଦ୍ରାବାଦସ୍ଥିତ ସନ୍ଧ୍ୟା ଥିଏଟରରେ ଉକ୍ତ ଫିଲ୍ମର ପ୍ରିମିୟର ଶୋ’ ବେଳେ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ସେଠାରେ ପହଞ୍ଚିଥିଲେ। ☞ପୃଷ୍ଠା-୨


ଏନ୍ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶିତ ........ ୫

ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବ ପ୍ଲାନେଟୋରିୟମ୍: ମୁଖ୍ୟମନ୍ତ୍ରୀ ........ ୧୧

ଆଜିର ସମ୍ପାଦକୀୟ: ନୂଆ ନେତୃତ୍ୱ


**ଆଜିର ମନ୍ତବ୍ୟ**

“ କଂଗ୍ରେସ ଭାରତୀୟ ସମ୍ବିଧାନକୁ ନିଜ ଅବଦାନ ବୋଲି ଦର୍ଶାଇବା ସହ ଏହାର ପ୍ରଣୟନରେ ଅନ୍ୟ ନେତାଙ୍କ ଭୂମିକାକୁ ଅଣଦେଖା କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

–ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ


## ଓଡ଼ିଶା ସରକାର
### ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

**ଡିସେମ୍ବର ୧୬ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ**

No. T-: ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୧୬।୧୨।୨୦୨୪ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗତ ତା୨୮।୧୦।୨୦୨୪ରିଖରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ଯେଉଁମାନେ ପୂର୍ବରୁ ପଞ୍ଜୀକରଣ କରିଥିଲେ, ଏହି ଶୁଣାଣି କେବଳ ସେମାନଙ୍କ ପାଇଁ ଉଦ୍ଦିଷ୍ଟ। ସେମାନେ ପୁନଃ ପଞ୍ଜୀକରଣ କରିବାର ଆବଶ୍ୟକତା ନାହିଁ। ଅକ୍ଟୋବର ୨୮ ତାରିଖ ପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ଆବେଦନକାରୀ ସେମାନଙ୍କର ପ୍ରାପ୍ତି ସ୍ୱୀକାର ପତ୍ର ଓ ବ୍ୟକ୍ତିଗତ ପରିଚୟ ପତ୍ର ସହିତ ନିର୍ଦ୍ଧାରିତ ସ୍ଥାନରେ ଉପସ୍ଥିତ ରହିବାକୁ ଅନୁରୋଧ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-09014/11/0037/2425




# ମହାକୁମ୍ଭ ଏକତାର ମହାଯଜ୍ଞ



ମହାକୁମ୍ଭ ମେଳାର ଅଂଶବିଶେଷ ଭାବେ ଗଙ୍ଗା ଓ ଯମୁନା ନଦୀର ମିଶ୍ରଣ ସ୍ଥଳ ସଂଗମଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂଜାର୍ଚ୍ଚନା କରୁଛନ୍ତି। ପାଖରେ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀ ବେନ୍ ପଟେଲ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରମୁଖ ଅଛନ୍ତି।

## ପ୍ରୟାଗରାଜରେ ୫,୫୦୦ କୋଟିର ପ୍ରକଳ୍ପ ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

**ପ୍ରୟାଗରାଜ,୧୩।୧୨(ପି.ଟି.)**

ମହାକୁମ୍ଭ ୨୦୨୫ ହେଉଛି 'ଏକତାର ମହାଯଜ୍ଞ', ଯାହାକି ଦେଶର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରିଚୟକୁ ଏକ ନୂତନ ଉଚ୍ଚତାକୁ ନେଇଯିବ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ଆୟୋଜନ ପୂର୍ବରୁ ଅନେକ ପ୍ରକଳ୍ପର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବିଭିନ୍ନ ସମୁଦାୟର ଆର୍ଥିକ ସଶକ୍ତୀକରଣ ଓ ସାମାଜିକ ସହାବସ୍ଥାନକୁ ପ୍ରୋତ୍ସାହନ ଦେବାରେ ଏହି କାର୍ଯ୍ୟକ୍ରମ ବିଶେଷ ଗୁରୁତ୍ୱ ବହନ କରେ।

ଏହି ଅବସରରେ ସେ ୫,୫୦୦ କୋଟି ଟଙ୍କା ମୂଲ୍ୟର ୧୬୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ତନ୍ମଧ୍ୟରେ ରହିଛି କୁମ୍ଭମେଳାରେ ଯୋଗଦେବାକୁ ଥିବା ଶ୍ରଦ୍ଧାଳୁଙ୍କ ପାଇଁ ଉଦ୍ଦିଷ୍ଟ ଏଆଇ ଭିତ୍ତିକ ଯୋଗାଯୋଗ ପ୍ଲାଟ୍‌ଫର୍ମ 'ସହାୟକ ଚାଟ୍‌ବୋଟ୍', ୧,୬୧୦ କୋଟି ଟଙ୍କା ବ୍ୟୟରେ ୯ଟି ରେଳ ଷ୍ଟେଶନର ଉନ୍ନତୀକରଣ, ୧,୩୬୭ କୋଟି ଟଙ୍କାରେ ୬୧ ସଡ଼କର ପ୍ରଶସ୍ତୀକରଣ ଏବଂ ୧,୧୭୦ କୋଟି ଟଙ୍କା ବ୍ୟୟରେ ୧୦ ଆର୍‌ଓବି ଫ୍ଲାଇଓଭର ନିର୍ମାଣ। ସେହିପରି ସ୍ୱରେଜ୍ ନେଟ୍‌ୱର୍କ, ପାନୀୟଜଳ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହୋଇଛି।

# ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ନିଯୁକ୍ତ

**ନୂଆଦିଲ୍ଲୀ,୧୩।୧୨**



ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଶୁକ୍ରବାର ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ଏହି ପଦବୀ ୭ ମାସ ହେଲା ଖାଲି ପଡ଼ିଥିବାରୁ ଶୁଣାଣି ବିଳମ୍ବ ହୋଇଥିଲା। ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଜଳ ଆବଣ୍ଟନ ବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୨୦୧୮ରେ ଏହି ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। ଜଳସମ୍ପଦ, ନଦୀ ବିକାଶ ଏବଂ ଗଙ୍ଗା କାୟାକଳ୍ପ ମନ୍ତ୍ରଣାଳୟ ଏହି ଟ୍ରିବ୍ୟୁନାଲ ଗଠନ କରିଥିବାବେଳେ ଏହାର ମୁଖ୍ୟାଳୟ ଦିଲ୍ଲୀରେ ରହିଛି। ଆନ୍ତଃରାଜ୍ୟ ନଦୀଜଳ ବିବାଦ ଆଇନ- ୧୯୫୬ ଅଧୀନରେ ମହାନଦୀ ଜଳବିବାଦର ସମାଧାନ ଦାୟିତ୍ୱ ଏକ ଟ୍ରିବ୍ୟୁନାଲକୁ ଦେବା ପାଇଁ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହାନଦୀ ଟ୍ରିବ୍ୟୁନାଲର ନୂଆ ଅଧ୍ୟକ୍ଷ ନିଯୁକ୍ତ ହୋଇଥିବାରୁ ଓଡ଼ିଶା ଏବଂ ଛତିଶଗଡ଼ ମଧ୍ୟରେ ଜଳବିବାଦର ଶୀଘ୍ର ସମାଧାନ ହେବା ଆଶା କରାଯାଉଛି।

# ବାର୍ଦ୍ଧକ୍ୟ ଭତ୍ତା ହାତେଇଛନ୍ତି ଯୁବକ, ୬୫ ଜଣଙ୍କ ନାଁରେ ଏତଲା

## ଆଳି ବ୍ଲକ ଅରଗଳ ପଞ୍ଚାୟତ

**ଆଳି, ୧୩।୧୨**
**(ବନମାଳୀ ସେନାପତି)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅରଗଳ ପଞ୍ଚାୟତରେ ଅନେକ ଯୁବକ ହାତେଇଛନ୍ତି ବାର୍ଦ୍ଧକ୍ୟ ଭତ୍ତା। ଏନେଇ ଭାଜପା ପକ୍ଷରୁ ଅଭିଯୋଗ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉଛି। ତଦନ୍ତରୁ ପ୍ରଥମ ପର୍ଯ୍ୟାୟରେ ୬୫ଜଣ ଯୁବକ ବାର୍ଦ୍ଧକ୍ୟ ଭତ୍ତା ହଡ଼ପ କରୁଥିବା ଜଣାପଡ଼ିଛି। ତଦନୁଯାୟୀ ଆଳି ବିଡିଓ ମିନତି ଜଗଦ୍ଦେବ ଉକ୍ତ ୬୫ଜଣଙ୍କ ନାଁରେ ଆଳି ଥାନାରେ ଶୁକ୍ରବାର ଏତଲା ଦେଇଛନ୍ତି। ଏହାସହ ୭ ମାସର ଭତ୍ତା ବାବଦ ୭,୦୦୦ ଟଙ୍କା ଲେଖାଏ ଫେରାଇବାକୁ ଉକ୍ତ ୬୫ଜଣଙ୍କୁ ବିଡିଓ ଚିଠି କରିଛନ୍ତି।

ଗତ ଫେବୃଆରୀରେ ଅରଗଳ ପଞ୍ଚାୟତର ୩୦୩ ନୂତନ ହିତାଧିକାରୀଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର ହୋଇଥିଲା। ପ୍ରାୟ ୭ ମାସର ଭତ୍ତା ଦିଆଯିବା ପରେ ୩୦୩ ହିତାଧିକାରୀଙ୍କ ମଧ୍ୟରୁ ୨୪୩ ଜଣ ଯୁବକ ଥିବା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ହୋଇଥିଲା। ଏହାପରେ ସେପ୍ଟେମ୍ବରରୁ ଭତ୍ତା ବଣ୍ଟନ ବନ୍ଦ କରି ଦିଆଯାଇ ବ୍ଲକ୍ ପ୍ରଶାସନ ଚୁପ ବସିଯାଇଥିଲା। ଏ ନେଇ କେତେଜଣ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବାରୁ ଚଳିତ ମାସ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୬୫ ଜଣ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଥିଲେ। ସେମାନେ ଜାଲ୍ ସ୍କୁଲ ସାର୍ଟିଫିକେଟ ଓ ଭୋଟର ପରିଚୟ ପତ୍ରରେ ବୟସ ବଢ଼ାଇ ଭତ୍ତା ହାତେଇ ନେଇଥିଲେ। ଭତ୍ତା ନିମନ୍ତେ ହିତାଧିକାରୀମାନେ ଅରଗଳ ନଦୀକୂଳ ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯାଜପୁରର ବିରିପଟା ହାଇସ୍କୁଲ, ଜରିର ଏକ ସ୍କୁଲ ସମେତ ଅନ୍ୟ ଏକ ସ୍କୁଲରୁ ଜାଲ୍ ସାର୍ଟିଫିକେଟ ଆଣି ଭତ୍ତା ପାଇଁ ଆବେଦନ କରିଥିବା ଜଣାପଡ଼ିଛି। ଗତ ୯ ତାରିଖରେ ବ୍ଲକ ପକ୍ଷରୁ ଏକ ସାମୂହିକ ତଦନ୍ତ ପ୍ରକ୍ରିୟା ଅରଗଳ ପଞ୍ଚାୟତ କାର୍ଯ୍ୟାଳୟରେ ହୋଇଥିଲା। ଏହି ଯାଞ୍ଚରେ ୩୯୨ ହିତାଧିକାରୀଙ୍କ ମଧ୍ୟରୁ ୨୩୦ ଜଣ ଯାଞ୍ଚରେ ସାମିଲ ହୋଇଥିଲେ।

# ଶିମିଳିପାଳରେ ତାପମାତ୍ରା ୩ ଡିଗ୍ରୀ

**ବାରିପଦା,୧୩।୧୨**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ମୟୂରଭଞ୍ଜ ଜିଲାରେ ଶୀତର ଲହରୀ ବୃଦ୍ଧି ପାଉଥିବାରୁ ଏହାର ପ୍ରକୋପ ଅଧିକ ଅନୁଭୂତ ହେଉଛି। ଶିମିଳିପାଳରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ତାପମାତ୍ରା ହ୍ରାସପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ଦିନକୁ ଦିନ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ହାଲୁକା ପବନ ପ୍ରବାହିତ ହେଉଥିବାରୁ ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇଁ ଲୋକେ ଶୀତବସ୍ତ୍ର ଘୋଡ଼ାଇ ରହୁଛନ୍ତି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଶୁକ୍ରବାର ସକାଳ ୬ ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପର ବାରହାକାମୁଡ଼ା ରେଞ୍ଜରେ ୩ ଡିଗ୍ରୀ ସେଲସିୟସ ଓ ଚହଲା ରେଞ୍ଜରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ରହିଛି। ବରେହିପାଣି ଓ ଗୁଡୁଗୁଡିଆରେ ୭ ଡିଗ୍ରୀ, ରାମତୀର୍ଥରେ ୧୦ ଡିଗ୍ରୀ ଓ କିଆଝରୀରେ ୧୨ଡିଗ୍ରୀ ସେଲସିୟସ ରେକର୍ଡ଼ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି। ଯାହାକି ଚଳିତ ବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା ଅଟେ। ଏପରିକି ଜିଲାରେ ତାପମାତ୍ରା ୧୦ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୃଦ୍ଧାବୃଦ୍ଧ, ଶିଶୁ, ଗୃହପାଳିତ ପ୍ରାଣୀ ଓ ବନ୍ୟପ୍ରାଣୀମାନେ କଷ୍ଟ ଭୋଗୁଛନ୍ତି। ସନ୍ଧ୍ୟାହେଲେ ଗାଁଗଣ୍ଡା, ରାତି ୮ଟା ପରେ ସହର ଶୂନଶାନ ହୋଇଯାଉଛି। ରାତି ଓ ଭୋର ସମୟରେ କୁହୁଡି ପାଇଁ ଗାଡିଚଳାଚଳ ବାଧାପ୍ରାପ୍ତ ହେଉଛି। ଫୁଟପାଥ୍‌ରେ ଶୋଉଥିବା ଲୋକଙ୍କ ପ୍ରତି ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଟ୍ରେନ୍ ଧରିବାକୁ ଯାଉଥିଲେ, ବାଟରେ ଚାଲିଗଲା ଜୀବନ

**ବାରିପଦା,୧୩।୧୨**
**(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଟ୍ରେନ୍ ଫେଲ୍ ହେବା ପରେ ଲିଫ୍ଟ ମାଗି ଏକ ସ୍କୁଟିରେ ଅନ୍ୟ ଷ୍ଟେଶନକୁ ଯାଉଥିଲେ। ହେଲେ ବାଟରେ ଦୁର୍ଘଟଣାରେ ଯୁବକଙ୍କ ଜୀବନ ଚାଲିଗଲା। ଶୁକ୍ରବାର ସକାଳେ ବାରିପଦା ସହର ବିଜୁ ପଟ୍ଟନାୟକ ଗୋଲେଇଠାରେ ଏହି ଦୁର୍ଘଟଣା ଘଟିଛି। ଭୁଲ୍ ପାର୍ଶ୍ୱରୁ ଆସୁଥିବା ପିକ୍‌ଅପ୍ ଗାଡ଼ି ଓ ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ଯୁବକଙ୍କ ମୃତ୍ୟୁ ଘଟିଛି। ଏଥିସହ ସ୍କୁଟି ଚାଳକ ଗୁରୁତର ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଲେ ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଗୋପିନାଥପୁର ଗ୍ରାମର ଇୟାନଶୁ ଶେଖର ପ୍ରଧାନ। ସୂଚନା ଅନୁଯାୟୀ, ଇୟାନଶୁ ଭଞ୍ଜପୁର ରେଳ ଷ୍ଟେଶନରେ ବାଙ୍ଗିରିପୋଷି-ଭୁବନେଶ୍ୱର ଟ୍ରେନ୍ ଫେଲ୍ ହୋଇଥିଲେ। ବାରିପଦା ଷ୍ଟେଶନରେ ଟ୍ରେନ୍ ଧରିବା ଲାଗି ଲିଫ୍ଟ ମାଗି ସ୍କୁଟିରେ ଷ୍ଟେଶନ ବଜାରକୁ ଯାଉଥିଲେ। ଉକ୍ତ ସମୟରେ ବିଜୁ ପଟ୍ଟନାୟକ ଗୋଲେଇଠାରେ ଏକ ପିକ୍‌ଅପ୍ ଗାଡ଼ି ଭୁଲ୍ ପାର୍ଶ୍ୱ ଦେଇ ବିପରୀତ ଦିଗରୁ ଆସୁଥିବା ବେଳେ ସ୍କୁଟିକୁ ଧକ୍କା ଦେଇଥିଲା। ଇୟାନଶୁଙ୍କ ମୁଣ୍ଡରେ ମାଡ଼ ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

DSPL - 255



## ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

"ଶକ୍ତି ସଂରକ୍ଷଣ" ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ | ଏହି ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ରୂପେ ପାଳନ କରାଯାଇଥାଏ | ପରିବେଶ ସନ୍ତୁଳନ ରଖିବା ଏବଂ ଆଗାମୀ ପିଢି ପାଇଁ ଏକ ଉଜ୍ଜ୍ୱଳ ଏବଂ ସମୃଦ୍ଧମୟ ଭବିଷ୍ୟତକୁ ସୁନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ | ଦୈନନ୍ଦିନ ଜୀବନରେ ଶକ୍ତି ସଂରକ୍ଷଣ ଦିଗରେ ଛୋଟ ଛୋଟ ପଦକ୍ଷେପ ମଧ ଶକ୍ତିର ଅପଚୟ ହ୍ରାସ କରିବାରେ ସହାୟକ ହୋଇଥାଏ | ଉଦାହରଣ ସ୍ୱରୂପ -

- ପାରମ୍ପରିକ ପଙ୍ଖା ବଦଳରେ ବିଏଲ୍.ଡି.ସି. ପଙ୍ଖା ବ୍ୟବହାର |
- କୃଷି କ୍ଷେତ୍ରରେ ଉଚ୍ଚ ଦକ୍ଷତାସମ୍ପନ୍ନ ବି.ଇ.ଇ. ତାରକା ଚିହ୍ନିତ ବୈଦ୍ୟୁତିକ ପମ୍ପ ବ୍ୟବହାର |
- ପେଟ୍ରୋଲ୍ ଓ ଡିଜେଲ ଚାଳିତ ଯାନବାହନ ପରିବର୍ତ୍ତେ ବିଦ୍ୟୁତ୍ ଚାଳିତ ଯାନର ବ୍ୟବହାର |
- ପାରମ୍ପରିକ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବଦଳରେ ପଞ୍ଚତାରକା ଇନ୍‌ଭର୍‌ଟର୍ ବିଶିଷ୍ଟ ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ବ୍ୟବହାର |
- ଘରେ ଯଥାସମ୍ଭବ ସୂର୍ଯ୍ୟାଲୋକ ଏବଂ ଖୋଲା ପବନର ବ୍ୟବହାର ଏବଂ ଆବଶ୍ୟକ ନଥିଲେ ଲାଇଟ୍, ଏସି, ଫ୍ୟାନ, ଟିଭି ଓ କମ୍ପ୍ୟୁଟର ଇତ୍ୟାଦି ବନ୍ଦ ରଖିବା |
- ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର-ଦେୟମୁକ୍ତ ବିଜୁଳି ଯୋଜନାରେ ଭାଗିଦାର ହୋଇ ନିଜ ବ୍ୟବହାର ପାଇଁ ନିଜସ୍ୱ ଅକ୍ଷୟ ଶକ୍ତି ଉତ୍ପାଦନ କରିବା ଇତ୍ୟାଦି |

ଓଡିଶାର ଜନସାଧାରଣଙ୍କୁ ଶକ୍ତି ସଂଚୟରେ ସକ୍ରିୟ ଅଂଶଗ୍ରହଣ କରିବା ପାଇଁ ସରକାରଙ୍କ ତରଫରୁ ସବିଶେଷ ଅନୁରୋଧ କରାଯାଉଛି | ଜନସାଧାରଣଙ୍କର ମିଳିତ ଅବଦାନ ଆମ ରାଜ୍ୟ, ଦେଶ ତଥା ବିଶ୍ୱକୁ ସ୍ୱଚ୍ଛ ଏବଂ ସବୁଜ କରିବାରେ ସହାୟକ ହେବ | ଆସନ୍ତୁ ମିଳିମିଶି ଶକ୍ତି ସଂଚୟ କରିବା ଓ ବିକଶିତ ଓଡିଶା ନିର୍ମାଣ କରିବାରେ ସହଯୋଗ କରିବା |

|| ବନ୍ଦେ ଉତ୍କଳ ଜନନୀ ||

(ଶ୍ରୀ କନକ ବର୍ଦ୍ଧନ ସିଂହଦେଓ)
ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ, ଓଡିଶା
କୃଷି, କୃଷକ ସଶକ୍ତି କରଣ ଓ ଶକ୍ତି ବିଭାଗ

OIPR-04025/13/0003/2425

DADLS - 62

ଓଡ଼ିଶା ସରକାର



ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣୀ

## ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

୧୪ ଡିସେମ୍ବର, ୨୦୨୪

ସକାଳ ୯ ଘଟିକା ସମୟରେ ଜୟଦେବ ବିହାର ଛକ, ଭୁବନେଶ୍ୱରସ୍ଥିତ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ

ସନ୍ଧ୍ୟା ୬ ଘଟିକା ସାଧାରଣ ସଭା ସ୍ଥାନ – ଜୟଦେବ ଭବନ, ଭୁବନେଶ୍ୱର

**ମୁଖ୍ୟ ଅତିଥି**

**ଶ୍ରୀଯୁକ୍ତ ବିଶ୍ୱଭୂଷଣ ହରିଚନ୍ଦନ,**
ପ୍ରାକ୍ତନ ରାଜ୍ୟପାଳ, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼

**ସମ୍ମାନନୀୟ ଅତିଥି**

**ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ**, ମାନ୍ୟବର ସାଂସଦ, ଲୋକସଭା
**ଶ୍ରୀଯୁକ୍ତ ପ୍ରଭାତ କୁମାର ତ୍ରିପାଠୀ**, ପ୍ରାକ୍ତନ ବିଧାୟକ ତଥା ସଭାପତି
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

**ମୁଖ୍ୟବକ୍ତା**

**ଶ୍ରୀଯୁକ୍ତ ସୌମ୍ୟରଞ୍ଜନ ପଟ୍ଟନାୟକ**, ଅଧ୍ୟକ୍ଷ,
ଇଷ୍ଟର୍ଣ୍ଣ ମିଡ଼ିଆ ଗ୍ରୁପ୍, ଭୁବନେଶ୍ୱର

**ଧନ୍ୟବାଦ ଅର୍ପଣ**

**ଡା. କୃଷ୍ଣ କେଶବ ଷଡ଼ଙ୍ଗୀ**, ସମ୍ପାଦକ,
ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ, ଭୁବନେଶ୍ୱର

'ନାଦବ୍ରହ୍ମ' ସଂଗୀତ ଅନୁଷ୍ଠାନ ଦ୍ୱାରା ଭଜନ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ରାଜ୍ୟସ୍ତରୀୟ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ସ୍ମୃତି ସଂସଦ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0317/2425

୫୧ ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଡିସେମ୍ବର ୧୪/୨୦୨୪ Bhubaneswar, Saturday, December 14/2024 | ପୃଷ୍ଠା-୧

# ସ୍ୱାସ୍ଥ୍ୟ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଉନ୍ନତି ଜରୁରୀ: ମୁଖ୍ୟମନ୍ତ୍ରୀ




ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ଶୁକ୍ରବାର ଜଣେ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି। ନିକଟରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଯେତେ ପାରଦର୍ଶିତା ହାସଲ କରିବା କଥା ସେପରି କରିପାରି ନାହିଁ। ଆମେ ଆମର ପ୍ରକୃତ ସାମର୍ଥ୍ୟ ହାସଲ କରିପାରିନାହୁଁ। ନୀତି ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ସ୍ୱାସ୍ଥ୍ୟ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶା ୨୮ଟି ରାଜ୍ୟ ମଧ୍ୟରେ ତଳଆଡ୍ରୁ ୩ୟ ସ୍ଥାନରେ ରହିଛି। ଶହେ ନମ୍ବରରୁ ଓଡ଼ିଶା ମାତ୍ର ୪୦.୧୯ ପାଇଛି। କିନ୍ତୁ ପୂର୍ବରୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ନାମରେ ବ୍ୟାପକ ପ୍ରଚାର କରାଯାଉଥିଲା। ବର୍ତ୍ତମାନ ଏ ସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡ଼ିବ। ହେଲ୍‌ଥ ର୍‍ୟାଙ୍କିଙ୍ଗ୍‌ରେ ରାଜ୍ୟକୁ ଅତି କମ୍‌ରେ ୬୦ ନମ୍ବର ରଖିବାକୁ ପଡ଼ିବ। ଦେଶର ପ୍ରଥମ ୧୦ଟି ଶ୍ରେଷ୍ଠ ସେବା ପ୍ରଦାନକାରୀ ରାଜ୍ୟ ମଧ୍ୟରେ ରହିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁକ୍ରବାର ରାଜ୍ୟ ସରକାରଙ୍କ ଦ୍ୱାରା ଭୁବନେଶ୍ୱରରେ ଆୟୋଜିତ ନିଯୁକ୍ତି ମେଳାରେ କହିଛନ୍ତି।

### ■ ୩୭୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ ସରକାର
### ■ ସରକାରୀ ହସ୍ପିଟାଲରେ ନିଯୁକ୍ତ ହେବେ ଫାର୍ମାସୀ ଅଫିସର

ଭୁବନେଶ୍ୱର, ୧୩।୧୨(ସୁନିତ୍ ମିଶ୍ର)

ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରଠାରେ ଆୟୋଜିତ ନିଯୁକ୍ତି ମେଳାରେ ୩୭୬ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ୮୫ ଜଣ ହୋମିଓପାଥିକ ଚିକିତ୍ସକ ଓ ୨୩୯ ଜଣ ରେଡିଓଗ୍ରାଫର ଥିବା ବେଳେ ଉଚ୍ଚଶିକ୍ଷା ବିଭାଗର ୫୨ ଜଣ ଅଧ୍ୟାପକ ରହିଛନ୍ତି। ନବନିଯୁକ୍ତ ଡାକ୍ତର, ଅଧ୍ୟାପକ ଓ ରେଡିଓଗ୍ରାଫରମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବୃତ୍ତିଗତ ଦକ୍ଷତା ଓ ସେବା ମନୋବୃତ୍ତି ନେଇ କାମ କରିବା ଆବଶ୍ୟକ। ସରକାରୀ ଚାକିରିକୁ ଅର୍ଥ ଉପାର୍ଜନସର୍ବସ୍ୱ ନ କରି ନିଜର କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବା ଓ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା ଦରକାର। ସ୍ୱାସ୍ଥ୍ୟ ଓ ଶିକ୍ଷା ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ଉନ୍ନତି ଜରୁରୀ। ଏନେଇ ସରକାରଙ୍କ ଆଭିମୁଖ୍ୟରେ ନବନିଯୁକ୍ତମାନଙ୍କୁ ସହଯୋଗ କରିବା ପାଇଁ ସଂକଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ଭିତ୍ତିଭୂମି ଓ ପ୍ରଶିକ୍ଷିତ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏହି ଉଭୟ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ଯୋଜନାବଦ୍ଧ ଭାବେ କାମ କରୁଛନ୍ତି। ଚଳିତ ଥର ସ୍ୱାସ୍ଥ୍ୟ ବଜେଟରେ ପୂର୍ବବର୍ଷ ତୁଳନାରେ ୩୨% ଅଧିକ ବ୍ୟୟବରାଦ ହୋଇଛି। ଏହାର ସିଂହଭାଗ ଭିତ୍ତିଭୂମି ନିର୍ମାଣରେ ଖର୍ଚ୍ଚ ହେବ। ଆସନ୍ତା ୫ ବର୍ଷରେ ରାଜ୍ୟର ସମସ୍ତ ଜିଲାରେ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନା ☞ପୃଷ୍ଠା-୨




There can't be a better time than now to bring home your new Kia. Your favorite tech-loaded, inspiring Kia now comes with astounding benefits and privileges. Visit your nearest dealership today.

Exclusive ownership benefits

| Exchange & Loyalty Benefits* up to ₹60 000 (On Seltos) | Extended Warranty** up to 5 years (On Seltos and Carens) | Additional Benefits^ up to ₹64 000 (On Seltos, Sonet and Carens) |
|---|---|---|

Hassle-free exchange services: New car with old EMI#-packaged exchange deal on your new car | Car evaluation at your convenience | Best price for your old car | Hassle-free transfer of ownership | Complete assurance of your car going into the right hands

Exclusive scrappage benefits of up to ₹20 000/-~.
Additional benefits for select corporates (consumer, accessory, extended warranty and maintenance package benefits).
Kia cars are now available through Canteen Stores Department (CSD) & Kendriya Police Kalyan Bhandar (KPKB).

For more information, visit our dealership or contact:
1800 108 5000 | 093195 91407 | www.kia.com/in | Book Kia | kiacare@kiaindia.net | Look for "Kia India" @

Terms & condition apply. *Exchange and loyalty benefits is a split of ₹40 000 exchange benefit and loyalty benefit up to ₹20 000 for existing Kia customers. **Limited period offer. Applicable on all trims of Seltos and select trims of Carens. 3 years standard warranty and 2 years extended warranty. ^Additional benefit amount is for highest variant and same may vary from model to model. Applicable on select trims of Seltos, Sonet and Carens. #Depending on the old car age & quality, old car price to be considered as down payment. Balance will be converted into EMI for full tenure, combined with finance & insurance benefits. ~Defined benefit is 1.5% of the value of Ex-showroom price of the purchased car or up to ₹20 000 which-ever is lower. The product shown is for representation purposes only. Actual features, colors, and specifications may not be part of standard fitment and may vary. Kia India Pvt. Ltd. reserves the right to make any changes with respect to the trims, colors, specifications, and other details of any model as mentioned or to modify/discontinue any offer/scheme/service without prior notice. These are meant to keep you safe on the roads. Visit your nearest Kia dealership for more details. Kia urges you to follow traffic rules.

**Central Kia :** Pahal, Bhubaneswar, Tel: 7440002919 **Trupti Kia :** Patrapada, Bhubaneswar, Tel: 7064414001, 7064414004, 7064414005 **Gugnani Kia:** DLF Cyber City, Infocity Road, Patia, Bhubaneswar,Tel: 9777064777, 9124401544 **Central Kia :** Near Srusti Hospital, Ring Road, Mangalabag, Cuttack-753001, Tel: 9237304769 **Trupti Kia:** Keonjhar, Tel: 7064414005

DSPL - 253

Goverment Of India



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ପି.ଏମ୍ କିଷାନ
## ଯୋଜନାର ସ୍ୱତନ୍ତ୍ର ଅଭିଯାନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସମସ୍ତ ବର୍ଗର ଭୂମିଧାରୀ (କ୍ଷୁଦ୍ର, ନାମମାତ୍ର, ମଧ୍ୟମ ଓ ବୃହତ) ଚାଷୀ ଏହି ପ୍ରକ୍ରିୟାରେ ସାମିଲ ହେବେ

ପିଏମ କିଷାନରେ ପଞ୍ଜିକୃତ ଥାଇ ମଧ୍ୟ ସହାୟତା ରାଶି ପାଇପାରୁନଥିବା ହିତାଧିକାରୀ ନିମ୍ନଲିଖିତ ପ୍ରକ୍ରିୟାଗୁଡ଼ିକୁ ସମ୍ପୂର୍ଣ୍ଣ କରିବାକୁ ଅନୁରୋଧ:-

* ନିଜର ବ୍ୟାଙ୍କ ଆକାଉଣ୍ଟ ସହିତ NPCI ଅଧୀନରେ ଆଧାର ଲିଙ୍କ୍ କରନ୍ତୁ
* ନିଜର ଜମିଜମା ସମ୍ବନ୍ଧୀୟ ତଥ୍ୟ କୃଷକ ଓଡିଶା ପୋର୍ଟାଲରେ ଅପଡେଟ କରନ୍ତୁ
* ପି.ଏମ କିଷାନ ପୋର୍ଟାଲ (pmkisan.gov.in)ରେ ନିଜର e-KYC ସମ୍ପୂର୍ଣ୍ଣ କରନ୍ତୁ

ପି.ଏମ୍.କିଷାନ
ଯୋଜନାର ସ୍ୱତନ୍ତ୍ର ଅଭିଯାନର ଅବଧି
୩୧.୧୨.୨୦୨୪
ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।



*ଯୋଗ୍ୟ ହିତାଧିକାରୀ ନିକଟସ୍ଥ ଜନସେବା କେନ୍ଦ୍ରକୁ ଯାଇ ସି.ଏମ କିଷାନ ପୋର୍ଟାଲ (cmkisan.odisha.gov.in)ରେ ପଞ୍ଜିକରଣ କରନ୍ତୁ।

OIPR-01510/13/0021/2425

ଅଧିକ ସୂଚନା ପାଇଁ ନିକଟସ୍ଥ
କୃଷି କାର୍ଯ୍ୟାଳୟ/ଜନସେବା କେନ୍ଦ୍ର/କୃଷି ସମୃଦ୍ଧି ହେଲ୍ପଲାଇନ୍
ନମ୍ବର - ୧୫୫୩୩୩ରେ ଯୋଗାଯୋଗ କରନ୍ତୁ

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଡିରେକ୍ଟୋରେଟ୍ ଅଫ୍ ଇନକମ୍ ଟ୍ୟାକ୍ସ(ଇଣ୍ଟେଲିଜେନ୍ସ ଆଣ୍ଡ କ୍ରିମିନାଲ ଇନ୍‌ଭେଷ୍ଟିଗେଶନ) ଭୁବନେଶ୍ୱର ପକ୍ଷରୁ ଇ-ଭେରିଫିକେଶନ ସ୍କିମ୍-୨୦୨୧ ଆଲୋଚନାଚକ୍ର, ସ୍ଥାନ: ହୋଟେଲ ଲାଇଫ୍, ସମୟ: ପୂର୍ବାହ୍ନ ୧୦ଟା।
- ସଟଲ୍ ସ୍ମାଶର୍ସ-୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପରିସର, ବାଲିଅନ୍ତା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ 'ପୂର୍ବୋଦୟ ପର୍ସପେକ୍ଟିଭ-ଦ୍ୱିତୀୟ ସଂସ୍କରଣ' ସ୍ଥାନ: ତାଜ୍ ଭିଭାନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୫।
- ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଏବଂ ଆଲୋଚନାଚକ୍ର, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇଞ୍ଜିନିୟର୍ସ ଅଡିଟୋରିୟମ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ଶିଶୁ ଅନନ୍ତ ସ୍ମୃତି ସଂସଦ ଏବଂ ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ, ସ୍ଥାନ: ଶିଶୁ ଅନନ୍ତ ପୀଠ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ଟ୍ରେନ୍‌ରେ ସାହିତ୍ୟୋତ୍ସବ, ସ୍ଥାନ: ରେଲୱେ ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୬ଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ, ସ୍ଥାନ: ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ସମୟ: ଅପରାହ୍ନ ୧ଟା ୩୦।
- ସଂଭାବନା ଓଡ଼ିଆ ଅଭିଯାନର ୨୦ବର୍ଷ ପାଳନ 'ବିଂଶ ବିଶେଷ: ଓଡ଼ିଆ ଉତ୍ସବ', ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା।
- ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସାଇବାବାଙ୍କ ଦ୍ୱାଦଶତମ ବାର୍ଷିକ ଉତ୍ସବ ପାଳନ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ପ୍ଲଟ ନଂ.୧୫୮, ବେହେରା ସାହି ରାସ୍ତା, କଳିଙ୍ଗ ଷ୍ଟାଡିୟମ ଛକ ନିକଟ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ପକ୍ଷରୁ ଶ୍ରୀନୃତ୍ୟୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ହାବିଲଦାର ଏବଂ ସିପାହୀ ଆସୋସିଏଶନ ସପ୍ତମ ବାଟାଲିୟନର ୪୫ତମ ବାର୍ଷିକ ଉତ୍ସବ, ସ୍ଥାନ: ଓଏସ୍‌ଏପି ସପ୍ତମ ବାଟାଲିୟନ ଆସୋସିଏଶନ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କଟକ
- ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍ ସଂଶୋଧକଙ୍କୁ ପୁରସ୍କାର ପ୍ରଦାନ , ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଡବ୍ଲୁଏଫ୍ ଟୁର ସୁପର ୧୦୦ ଟୁର୍ନାମେଣ୍ଟ ଓଡ଼ିଶା ମାଷ୍ଟର୍ସ ୨୦୨୪ର ପଞ୍ଚମ ଦିବସ, ସ୍ଥାନ: କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ପୁରୀ
- ଏସ୍‌ପି ଫାଉଣ୍ଡେଶନ ପକ୍ଷରୁ ପ୍ରଥମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ-୨୦୨୪, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ହାଟ ଛକ, ନିମାପଡ଼ା, ସମୟ: ପୂର୍ବାହ୍ନ ୯ଟା।
- ମହୋଦଧି ମହାବୀର କ୍ଲବ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: କ୍ଲବ ପରିସର, ପୁରୀ ୱାଟର ୱାକ୍ସ ରୋଡ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ଆନ୍ତଃଜିଲା ଭଲିବଲ (ପୁରୁଷ) ପ୍ରତିଯୋଗିତା,ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଏମ୍‌ଜି ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ:ଜାମୁଝାଡ଼ି, ସିମୁଳିଆ, ସମୟ:ପୂର୍ବାହ୍ନ ୧୦ଟା।
- ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ:ମାର୍କୋଣା, ସିମୁଳିଆ, ସମୟ:ପୂର୍ବାହ୍ନ ୧୦ଟାରୁ ଦିବସ ବ୍ୟାପୀ।
- ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୀଳମଣି ମହାବିଦ୍ୟାଳୟ, ରୂପ୍‌ସା,ସମୟ:ଅପରାହ୍ନ ୨ଟା।
- ଶ୍ରୀମଦ୍ ଭାଗବତ କଥା ପ୍ରବଚନ ସଭାର ଉଦ୍‌ଯାପନୀ ଦିବସ,ସ୍ଥାନ: ଆଇଟିଆଇ ଛକ,ବାଲେଶ୍ୱର,ସମୟ:ଅପରାହ୍ନ ୩ଟା।
- ବାଲେଶ୍ୱର ଉତ୍ସବର ଏକାଦଶ ସନ୍ଧ୍ୟା,ସ୍ଥାନ:ପୁରୁଣା ଷ୍ଟାଡ଼ିୟମ୍ ପଡ଼ିଆ, ବାଲେଶ୍ୱର,ସମୟ: ଅପରାହ୍ନ ୫ଟା।
- ରୂପ୍‌ସା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ,ସ୍ଥାନ:ପୋଡ଼ାଡିହା କମ୍ୟୁନିଟି ସେଣ୍ଟର, ରୂପ୍‌ସା,ସମୟ: ଅପରାହ୍ନ ୫ଟା।
- ଗୀତା ଜ୍ଞାନ ଯଜ୍ଞ ପ୍ରବଚନ ସଭାର ତୃତୀୟ ସନ୍ଧ୍ୟା,ସ୍ଥାନ:ଟାଉନହଲ, ବାଲେଶ୍ୱର ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ
- ଗୀତାଜ୍ଞାନ ଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞର ଘଟୋତ୍ତଳନ, ସ୍ଥାନ: ଚୂଡ଼ାମଣି କ୍ଷେମେଶ୍ୱର ମହାଦେବ ପୀଠ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ଜଳହରି ହାଇସ୍କୁଲ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଆ ବିଭାଗ ପକ୍ଷରୁ ଜାତୀୟ ପାଠଚକ୍ର, ସ୍ଥାନ: ଭଦ୍ରକ ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲାସ୍ତରୀୟ ଯୁବନେତୃତ୍ୱ ଶିବିର ଉଦ୍‌ଘାଟନ ସମାରୋହ, ସ୍ଥାନ ମା' ସାରଦା ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କୋଠାର, ସମୟ: ପୂର୍ବାହ୍ନ ୧୧ଟା।
- ଭଦ୍ରକ ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବାଣିଜ୍ୟ ମେଳାର ୯ମ ସନ୍ଧ୍ୟା, ସ୍ଥାନ: ଭଦ୍ରକ କଲେଜ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର
- ଠାକୁର ଅନୁକୂଳଚନ୍ଦ୍ରଙ୍କ ମନ୍ଦିର ଉଦ୍‌ଘାଟନ ଉତ୍ସବ, ସ୍ଥାନ: ସତସଙ୍ଗ ବିହାର, କୋର୍ଟ ପାଖ, ବଡ଼ବିଲ, ସମୟ: ପ୍ରାତଃ ୪ଟା।
- ମା' ଗଡ଼ଚଣ୍ଡୀଙ୍କ ପୀଠରେ ପଣ୍ଡୁ ଓଷା ଏବଂ ପୂଜା, ସ୍ଥାନ : ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ସକାଳ ୮ ଟା।
- ଶନିଙ୍କ ମନ୍ଦିରରେ ପୂଜା, ମେଳା ଏବଂ ଭଜନ, କୀର୍ତ୍ତନ, ସ୍ଥାନ: ମୋଟରାଗଡ଼ିଆ, ଛେନାପଦୀ, ସମୟ: ସକାଳ ୮ ଏବଂ ସନ୍ଧ୍ୟା ୬ ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଜେଏମ୍‌ଏଫ୍‌ସି କୋର୍ଟ ପରିସର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ଗୋନାଶିକା ମହୋତ୍ସବ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ, ସ୍ଥାନ: କେନ୍ଦୁଝର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଲେଟ୍‌କଟ୍ କ୍ଲବ୍ ପକ୍ଷରୁ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଲେଟ୍‌କଟ୍ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଆସପାଇରିଂ ଓଡ଼ିଶା ପକ୍ଷରୁ ପ୍ରଦର୍ଶନୀ ମେଳା, ସ୍ଥାନ: ଦାରଗାଡାହି କଲ୍ୟାଣ ମଣ୍ଡପ, ବାରିପଦା, ସମୟ ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମହୋତ୍ସବର ମେଳା, ସ୍ଥାନ: ବାରିପଦା ଛଉପଡ଼ିଆ, ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ଆଲୁମନି ମିଟ୍, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଗଞ୍ଜାମ
- ଲୋକ ଅଦାଲତ, ସ୍ଥାନ: ଭଞ୍ଜନଗର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୁଗୁଡା ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ, ସ୍ଥାନ: ତାକରଡା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ
- ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଆଠମଲ୍ଲିକ ଖେଳପଡ଼ିଆ, ସମୟ: ସକାଳ ୮ଟା ୩୦।

## ଜଗତ୍‌ସିଂହପୁର
- କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପର ୬୨ତମ ପ୍ରତିଷ୍ଠା ଦିବସ, ସ୍ଥାନ: ବିଦ୍ୟାଳୟ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ୨୪ ତମ ବୃହତ୍ ବନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମର ତୃତୀୟ ସନ୍ଧ୍ୟାରେ ଦୀନଦୟାଲ ପୋର୍ଟର ନୃତ୍ୟଗୀତ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।
- ପୂର୍ଣ୍ଣଗ୍ରାମର ଶ୍ରୀକ୍ଷେତ୍ର ମହୋତ୍ସବ, ସିଦ୍ଧବାରଙ୍ଗ ପୀଠ, ଜଗତ୍‌ସିଂହପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଶ୍ରୀସତ୍ୟସାଇ ସ୍କୁଲ, ନିଆଳ, ଆଳି, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା କ୍ରିକେଟ ସୁପର ଲିଗ ମ୍ୟାଚରେ ବିଶ୍ୱାସ କ୍ଲବ ବନାମ କେନ୍ଦ୍ରାପଡ଼ା ଲାୟନ୍ସ ମଧ୍ୟରେ ମୁକାବିଲା, ସ୍ଥାନ: ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସାରଙ୍ଗ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: କେନ୍ଦ୍ରାପଡ଼ା ଜିଲାର ସମସ୍ତ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଂସାର ସାହାସପୁର ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ, ସ୍ଥାନ: ଶିକ୍ଷା ନିକେତନ ପରିସର, କଂସାର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଯାଜପୁର ଜିଲା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ୩୪ତମ ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ନୟାଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ୧୫ତମ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ, ସ୍ଥାନ: ଫତେଗଡ଼ ନାଲିସାଗର ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ରକ୍ତଦାନ ଶିବିର, ସ୍ଥାନ: କଣ୍ଟିଲୋ ହରି ସୁବୁଦ୍ଧି ପାଟଣା, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଜିଲା ଅଦାଲତ ନୟାଗଡ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ମା' ମହାଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାଲକ୍ଷ୍ମୀ ପୂଜାର ୩ୟ ଦିବସ, ସ୍ଥାନ: ଗୋଡିପଡ଼ା ତଳସାହି, ସମୟ: ମଧ୍ୟାହ୍ନ ୧୨ଟା।
- ଲକ୍ଷ୍ମୀ ପୂଜା ମହୋତ୍ସବରେ ରାମଲୀଳା, ସ୍ଥାନ: ଭାପୁର ବ୍ଲକର ବାଇଗୁଣିଆ, ସମୟ: ଅପରାହ୍ନ ୨ଟା।
- ଲକ୍ଷ୍ମୀ ପୂଜା ମହୋତ୍ସବର ତୃତୀୟ ଦିବସରେ ବାଦିପାଲା, ସ୍ଥାନ: ଖଣ୍ଡପଡା ବ୍ଲକର ବେଣାଗାଡିଆ, ସମୟ: ଅପରାହ୍ନ ୩ଟା।
- ମହାଲକ୍ଷ୍ମୀ ପୂଜାର ୩ୟ ଦିବସରେ ବାଦି ମହିଳା ପାଲା, ସ୍ଥାନ: ଗୋଡିପଡ଼ା ଗୋଲେଇ ବଜାର, ସମୟ: ସନ୍ଧ୍ୟା ୬ଟା।
- ମହାଲକ୍ଷ୍ମୀ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାପୁଜୀ ନଗର ରାମଲୀଳା ମଣ୍ଡପ, ସମୟ: ରାତି ୧୧ଟା।

## କୋରାପୁଟ
- ଆଦିବାସୀ ମହୋତ୍ସବ ପରବ ଉଦ୍‌ଘାଟନୀ ସମାରୋହ, ସ୍ଥାନ:କୁମ୍ଭା ନିକଟସ୍ଥ ନୂତନ ପରବ ପଡିଆ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ରାୟଗଡ଼ା
- ୪ର୍ଥ ଜାତୀୟ ଲୋକ ଅଦାଲତ, ସ୍ଥାନ: ଜିଲା ଜଜ୍ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା ।
- ଯୌନ ନିର୍ଯାତନା ବିରୋଧୀ ଆଇନ ସଚେତନତା, ସ୍ଥାନ: ରାୟଗଡା କଲେଜର ଗୋଲଡେନ ଜୁବିଲି କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ବିଭାଗର ସେମିନାର, ସ୍ଥାନ: ରାୟଗଡା କଲେଜ ଓଡ଼ିଆ ବିଭଗ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ।
- ବ୍ଲକ୍‌ସ୍ତରୀୟ ଚଇତି ମହୋତ୍ସବ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଚନ୍ଦ୍ରପୁର ବ୍ଲକ ଅଫିସ୍, ସମୟ: ମଧ୍ୟାହ୍ନ ୧ଟା।
- ଚଇତି ଉପଲକ୍ଷେ ଫାଇନାଲ କବାଡି ପ୍ରତିଯୋଗିତା, ସ୍ଥାନ: ଜିସିଡ଼ି ଖେଳ ପଡିଆ, ରାୟଗଡା, ସମୟ: ଅପରାହ୍ନ ୩ଟା ୩୦ ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ବିଶ୍ୱସେବା ସରକାରୀ ଉଚ୍ଚବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ, ସ୍ଥାନ: କୁଲୁଣ୍ଡି ଗ୍ରାମ, ସମୟ : ପୂର୍ବାହ୍ନ ୧୦ଟା।
- ଭାଗବତ ନନ୍ଦ ସ୍ମୃତି କମିଟି ଆୟୋଜିତ ମନେ ପଡେ ଆତ୍ମ ଜୀବନୀ ପୁସ୍ତକର ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- କୁଚିଣ୍ଡା ବ୍ଲକ ସାଲେଭାଡି ରାହାସ ବିହାରୀ ଉଚ୍ଚ ବିଦ୍ୟାଳୟର ରୌପ୍ୟଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସାଲେଭାଡି ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା।
- କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟରେ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: କୁଟୁରାଚୁଆଁ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୪ଟା।
- କଖଗ ଆୟୋଜିତ ନାଟ୍ୟ ମହୋତ୍ସବ-୨୦୨୪ର ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତ କାର୍ଯ୍ୟକ୍ରମ ସ୍ପନ୍ଦନ ଓ ନାଟକ ଅନ୍ୟାୟ ମଞ୍ଚସ୍ଥ , ସ୍ଥାନ : ଝାଡୁଆପଡା ଆରଣ୍ୟକ ମଞ୍ଚ, ସମୟ : ସନ୍ଧ୍ୟା ୬ଟା ୧୫।
- ସମ୍ବଲପୁରୀ ଧନୁଯାତ୍ରାର କଳାକାରମାନଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।
- ଶ୍ରୀକଲଚରାଲ ଆସୋସିଏଶନ ଆୟୋଜିତ ଶ୍ରୀରଙ୍ଗ ସମାଗମ, ସ୍ଥାନ : ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ଚତୁର୍ଥ ଲୋକ ଅଦାଲତ, ସ୍ଥାନ: ସିଭିଲ କୋର୍ଟ ପରିସର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମାସିକ ରଚନା ସନ୍ଧ୍ୟା କାର୍ଯ୍ୟକ୍ରମରେ 'ଆମ ମଞ୍ଚ ନାଟକ: ଆଶା ଓ ଆଶଙ୍କା'ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର,ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ଫକୀର ବାବାଙ୍କ ଉର୍ସ ଉତ୍ସବର ଶୁଭାରମ୍ଭ, ସ୍ଥାନ:ତରଭା ମସଜିଦ୍ ପରିସର, ସମୟ: ସକାଳ ୯ଟା।
- ତରଭା ବ୍ଲକ ଜୁରାବନ୍ଧରେ ଚବିଶ ପ୍ରହର ନାମଯଜ୍ଞ ଅବସରରେ ସଂକୀର୍ତ୍ତନ ଆରମ୍ଭ। ସ୍ଥାନ:ଭାଗବତ ମନ୍ଦିର ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ଲକ୍ଷ୍ମୀ ପୂଜା ଉତ୍ସବ, ସ୍ଥାନ: ସାହୁପଡା ଛକ, ଗାଇସିଲେଟ୍, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।

## ଝାରସୁଗୁଡ଼ା
- ଭାଗବତ ପାରାୟଣର ପୂର୍ଣ୍ଣାହୁତି, ସ୍ଥାନ: ସରବାହାଲ, ସମୟ: ସକାଳ ୯ଟା।
- ଆନ୍ତଃଜିଲା କ୍ଲବ କ୍ରିକେଟ ଲିଗ୍‌ର ଏକାଦଶ ଦିବସ, ସ୍ଥାନ: ସରବାହାଲ ଖେଳ ପଡ଼ିଆ, ସମୟ: ସକାଳ ୯ଟା।
- ଶ୍ରୀ ହନୁମାନ କଥାର ୧୦୫ତମ ଆୟୋଜନ, ସ୍ଥାନ: ଶ୍ରୀ ରାଣୀସତୀ ଦାଦି ମନ୍ଦିର, ସରବାହାଲ ରୋଡ଼, ସମୟ: ଅପରାହ୍ନ ୩ଟା।
- ମାରୱାଡି ବିଦ୍ୟା ମନ୍ଦିରର ବାର୍ଷିକ ଦିବସ ପାଳନ, ସ୍ଥାନ: ନବଦାସ ଅଡିଟୋରିୟମ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼
- ସୃଜନ ସମାବେଶ,ସ୍ଥାନ:ସେବକ, ରଙ୍ଗିଆମୁଣ୍ଡା, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା।
- ଆପୋଲୋ ହସ୍ପିଟାଲ ପକ୍ଷରୁ ସ୍କ୍ରିନିଂ କ୍ୟାମ୍ପ,ସ୍ଥାନ:କୁଆଁରମୁଣ୍ଡା ଲୋକନାଥ ମନ୍ଦିର କଲ୍ୟାଣ ମଣ୍ଡପ,ସମୟ:ପୂର୍ବାହ୍ନ ୧୦ଟା ୩୦।
- କୁଆଁରମୁଣ୍ଡା ଶିଶୁ ମନ୍ଦିରର ବାର୍ଷିକ କ୍ରୀଡାର ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: କୁଆଁରମୁଣ୍ଡା ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା
- ରାଜ୍ୟସ୍ତରୀୟ ଆୟୁଷ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ସ୍ପୋର୍ଟସ ମିଟ୍‌ର ୭ମ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- କସ୍ତୁରି ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼
- ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ପାଳନ, ସ୍ଥାନ: ରିଆମାଳ ହାଇସ୍କୁଲ, ସମୟ: ସକାଳ ୯ଟା।
- କମଳା କୃଷକମାନଙ୍କ ପାଇଁ ତାଲିମ, ସ୍ଥାନ: ରିଆମାଳ ବ୍ଲକ, ଚଡେଇମରା ଜିପିର ଖିଲୋର୍ବନି ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ୨୦ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ଟାଉନହଲ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ: ଭବାନୀପାଟଣା (ଜିଲା ନୂତନ କୋଠା), ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା ନାଟ୍ୟୋତ୍ସବର ପଞ୍ଚମ ଦିନ, ସ୍ଥାନ: ଭୈରବୀ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରି ଖୁସି ମନେଇବେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ମାନସିକ ସୁସ୍ଥତା ରହିବ ନାହିଁ। ପୂର୍ବ ପରିକଳ୍ପିତ ଯୋଜନା ଅନୁଯାୟୀ କର୍ମ କରିଚାଲିଲେ ଉପକୃତ ହେବେ। ମାତ୍ରାଧିକ ଭ୍ରମଣ ଜନିତ ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି ହେବାର ଆଶଙ୍କା ରହିଛି।

**ବୃଷ** ପଡ଼ୋଶୀଙ୍କ ସାହାଯ୍ୟ, ସହାନୁଭୂତି ଲାଭ କରି ସମସ୍ୟାର ସମାଧାନ କରିପାରିବେ। ଅଭାବ ପୂରଣ ଦିଗରେ ଆତ୍ମୀୟଙ୍କ ସହଯୋଗ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବ। ଆନୁଷ୍ଠାନିକ କାର୍ଯ୍ୟ ସାମାଜିକ ସ୍ତରରେ ପ୍ରତିଷ୍ଠା ଓ ପ୍ରଶଂସା ପ୍ରଦାନ କରିପାରେ। ପାରିବାରିକ ଜୀବନରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମିଥୁନ** ସ୍ୱାସ୍ଥ୍ୟରେ ଉନ୍ନତି ହେବା ସହ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ପ୍ରତିଶ୍ରୁତି ପାଇ ଖୁସି ହେବେ। ଯାନବାହନ କ୍ରୟ, ଗୃହ ନିର୍ମାଣ, ନୂତନ ବନ୍ଧୁ ସମ୍ପର୍କ ଦିଗରେ ତତ୍ପର ରହିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ ପ୍ରଭୃତି ଦିଗରୁ ଅନୁକୂଳ ଫଳ ପାଇବେ। ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ଉତ୍ତମ ବୁଝାମଣା ପରିପ୍ରେକ୍ଷୀରେ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଶିଳ୍ପ, ଗୃହ ନିର୍ମାଣ, ପରିବହନ, ବାଣିଜ୍ୟ ଏବଂ ଯୋଗାଣ କାରବାରରେ ଉନ୍ନତି କରିବେ। ବିବାଦୀୟ ଘଟଣା, କଚେରି ମମଲା, ଜମିଜମା କାରବାର ଓ ଚୁକ୍ତିପତ୍ର ସମ୍ପର୍କୀୟ ପାଇଁ ବନ୍ଧୁଙ୍କୁ ସାହାଯ୍ୟ ମାଗିପାରନ୍ତି।

**ସିଂହ** ସମସ୍ୟା ବିଜଡ଼ିତ ରହିବା କାରଣରୁ ମାନସିକ ଅସ୍ଥିରତା ଲାଗି ରହିବ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିପାରନ୍ତି। ମଘା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବାର ଆଶଙ୍କା ରହିଛି।

**କନ୍ୟା** କାର୍ଯ୍ୟଦକ୍ଷତା ଓ ସମୟାନୁବର୍ତ୍ତିତା କାରଣରୁ ସୁସମ୍ପର୍କ ଓ ସମ୍ମାନ, ପ୍ରଶଂସା ପାଇ ମନ ଖୁସି ରହିବ। ସାମାନ୍ୟ ବିଳମ୍ବରେ ଅଭିଳଷିତ ଜିନିଷଟି ପାଇବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେବ। ପ୍ରତିଦ୍ୱନ୍ଦ୍ୱିତା, ବ୍ୟବସାୟ, ପରିବହନ, କ୍ରୟବିକ୍ରୟ ଓ ଯାତ୍ରା ସମ୍ପର୍କରେ ଚିନ୍ତା ବଢ଼ିବ।

**ତୁଳା** ନିଜ ଲୋକମାନେ ଈର୍ଷାପରାୟଣ ହୋଇ ପାରିବାରିକ ଜୀବନରେ ଅସ୍ଥିରତା ସୃଷ୍ଟି କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁ ମିଳନ ଘଟିବ। ସ୍ୱାତୀ ନକ୍ଷତ୍ର କର୍ମକ୍ଷେତ୍ରରେ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିବେ। ସଭାସମିତିରେ ନିଷ୍ପତ୍ତି ବଦଳାଇବା ଫଳରେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବେ।

**ବିଛା** ବାରମ୍ବାର ଭ୍ରମଣ ଜନିତ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିର ଭାବରେ ରହିପାରିବେ ନାହିଁ। ସଭାସମିତି, ମନୋରଞ୍ଜନ କାର୍ଯ୍ୟକ୍ରମ, ପ୍ରତିଯୋଗିତାରେ ସଫଳତା ଯୋଗୁ ଖୁସି ରହିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ବିଶାଖା ନକ୍ଷତ୍ର ଆଜିର ଯାତ୍ରାରେ ସମସ୍ୟାର ସମ୍ମୁଖୀନ ହେବେ।

**ଧନୁ** ଉତ୍ତରାଷାଢ଼ା ନକ୍ଷତ୍ର କର୍ମାରମ୍ଭରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ କାମ କଲେ ହଇରାଣରେ ପଡ଼ିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ହଠାତ୍ ବିଶେଷ ଶ୍ରମ ଓ ଭ୍ରମଣ କରିବା ଠିକ୍ ହେବନାହିଁ। ଲେଖାପଢ଼ା ତଥା ସାମ୍ବାଦିକତା, ପ୍ରକାଶନ, ରାଜନୀତି କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର** ଅର୍ଥ ସମ୍ବନ୍ଧୀୟ ସମସ୍ୟା ନ ଥିଲେ ମଧ୍ୟ ସ୍ଥାନାନ୍ତର ଜନିତ ମାନସିକ ଅସ୍ଥିରତା ଲାଗିରହିବ। ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ସମାଧାନ ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ଲୋଡ଼ିବାକୁ ପଡ଼ିବ। ଧନିଷ୍ଠା ନକ୍ଷତ୍ରର ଦାମ୍ପତ୍ୟ ଜୀବନରେ ବୁଝାମଣାର ଅଭାବ ଦେଖାଦେଇପାରେ।

**କୁମ୍ଭ** ଆକସ୍ମିକ ଦୂରଯାତ୍ରା, ନୂତନ କର୍ମନିଯୁକ୍ତି ସମ୍ପର୍କରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ଶତଭିଷା ନକ୍ଷତ୍ର ସକାଶେ ବିଳାସବ୍ୟସନର ସୁଯୋଗ ପାଇଲେ ମଧ୍ୟ ତାହା ଉପଭୋଗ୍ୟ ହୋଇ ନ ପାରେ। ଆବଶ୍ୟକତାନୁଯାୟୀ ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**ମୀନ** ରେବତୀ ନକ୍ଷତ୍ରର ଆଜି ପ୍ରତ୍ୟେକ କାର୍ଯ୍ୟ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଦିନଟିରେ ଅର୍ଥଲାଭ, ସ୍ୱାଦିଷ୍ଟ ଭୋଜନ, ବନ୍ଧୁଙ୍କ ଆଦରସୋହାଗ ମନକୁ ପ୍ରଫୁଲ୍ଲିତ କରି ରଖିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ।

ଆଜି ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ମାର୍ଗଶିର ଶୁକ୍ଳପକ୍ଷର ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା, ଶନିବାର, ପଣ୍ଡୁଓଷା, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ, ମାସାନ୍ତ, ରାଶି-ନକ୍ଷତ୍ର-ରୋହିଣୀ/ବୃଷ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୪୩ ଗତେ ଘ.୦୮।୫୯ ମଧ୍ୟେ, ଘ.୧୨।୦୩ ଗତେ ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୫୯ ଗତେ ଘ.୧୦।୨୦ ମଧ୍ୟେ ରାହୁ କାଳ।

# ପ୍ରଥମ ପୃଷ୍ଠାରୁ...

## ଅଲ୍ଲୁ ଅର୍ଜୁନ: ଅବାଞ୍ଛିତ ...

ଅଲ୍ଲୁଙ୍କ ଟିକିଏ ଝଲକ୍ ପାଇବା ପାଇଁ ଥିଏଟରରେ ପ୍ରଶଂସକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା। ଫଳରେ ସେଠାରେ ଦଳାଚକଟା ହୋଇଥିଲା। ଦଳାଚକଟାରେ ୩୫ ବର୍ଷୀୟା ଏମ୍. ରେବତୀଙ୍କ ମୃତ୍ୟୁ ଘଟିଥିଲା। ଏପରି କି ମହିଳାଙ୍କ ୮ ବର୍ଷର ପୁଅ ଗୁରୁତର ହୋଇଥିଲେ, ଯିଏକି ଏବେ ମଧ୍ୟ ସିକନ୍ଦରାବାଦର କିମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ରହିଛନ୍ତି। ରେବତୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ସିଟି ପୋଲିସ ଅଲ୍ଲୁ, ତାଙ୍କ ସିକ୍ୟୁରିଟି ଟିମ୍ ଏବଂ ଥିଏଟର ପରିଚାଳକଙ୍କ ବିରୋଧରେ ଚିକ୍କାଡପଲ୍ଲୀ ଥାନାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ଦଫା ୧୦୫(ଉଦ୍ଦେଶ୍ୟ ନ ଥାଇ ହତ୍ୟା ପାଇଁ ଦଣ୍ଡ) ଓ ୧୧୮(୧) (ସ୍ୱେଚ୍ଛାକୃତ ଭାବେ ଗଭୀର ଆଘାତ ଦେବା) ବଳରେ ଏକ ମାମଲା ରୁଜୁ କରିଥିଲା। ଏହା ପରେ ୬ ତାରିଖରେ ଅଭିନେତା ମୃତ ମହିଳାଙ୍କ ଘରକୁ ଯାଇ ତାଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ପ୍ରଦାନ ଓ ପୁଅଙ୍କ ସବୁ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶୁକ୍ରବାର ସକାଳେ ଅଲ୍ଲୁଙ୍କୁ ସ୍ଥାନୀୟ ପୋଲିସ ତାଙ୍କ ଜୁବିଲି ହିଲ୍ସ ବାସଭବନରୁ ଗିରଫ କରିଥିଲା। ପୋଲିସ ଅଭିନେତାଙ୍କୁ ତାଙ୍କ ଶୟନକକ୍ଷରୁ ଉଠାଇ ନେବାବେଳେ ଘରେ ବାପା ତଥା ଜଣାଶୁଣା ପ୍ରଯୋଜକ ଅଲ୍ଲୁ ଅରବିନ୍ଦ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଏକ ସରକାରୀ ହସ୍ପିଟାଲରେ ଅଭିନେତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ତାଙ୍କୁ ଆନୁଷ୍ଠାନିକ ଭାବେ ଗିରଫ କରାଯାଇଥିଲା। ଇତିମଧ୍ୟରେ ସୋମବାର ପର୍ଯ୍ୟନ୍ତ ଗିରଫଦାରି ଏଡ଼ାଇବା ପାଇଁ ଅଲ୍ଲୁଙ୍କ ପକ୍ଷରୁ ଦାଖଲ ହୋଇଥିବା ଏକ ପିଟିଶନକୁ ସ୍ଥାନୀୟ ନାମପଲ୍ଲୀ କୋର୍ଟ ଖାରଜ କରିଦେଇଥିଲେ। ଏହାସହ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଦେଇଥିଲେ। ଅନ୍ୟପକ୍ଷେ ଅଲ୍ଲୁ ତାଙ୍କ ବିରୋଧରେ ରୁଜୁ ମାମଲାକୁ ଖାରଜ କରାଇବା ପାଇଁ ଗତ ୧୧ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଲ୍ଲୁଙ୍କୁ ପୋଲିସ ଜେଲକୁ ନେଉଥିବାବେଳେ ହାଇକୋର୍ଟ ତାଙ୍କ ଆବେଦନର ଶୁଣାଣି କରି ଜାମିନ ପ୍ରଦାନ କରିଛନ୍ତି। ଏଥିସହ ପୋଲିସ ତଦନ୍ତରେ ସହଯୋଗ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଜୁଭାଦି ଶ୍ରୀଦେବୀଙ୍କ ଜଣିକିଆ ଖଣ୍ଡପୀଠ ଶୁଣାଣି ବେଳେ କହିଛନ୍ତି, ଅଲ୍ଲୁ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକ ଅନୁମତି ନେବା ପରେ ମୁଭି ପ୍ରିମିୟରକୁ ଯାଇଥିଲେ। ତେଣୁ ଦଳାଚକଟା ପାଇଁ ତାଙ୍କୁ ଦାୟୀ କରାଯାଇପାରିବ ନାହିଁ। ସେ ସ୍କ୍ରିନିଂକୁ ଗଲେ ଏଭଳି ଅପ୍ରୀତିକର ଘଟଣା ଘଟିପାରେ ବୋଲି ଅଭିନେତା ପୂର୍ବରୁ ଜାଣିଥିବା ନେଇ ସରକାରୀ ଓକିଲ ବାଢ଼ିଥିବା ଯୁକ୍ତିକୁ ଜଷ୍ଟିସ୍ ଶ୍ରୀଦେବୀ ଖାରଜ କରିଦେଇଛନ୍ତି। ଅଲ୍ଲୁ ଜଣେ ଅଭିନେତା ହୋଇଥିବାରୁ ତାଙ୍କ ଯୋଗୁ ମୃତ୍ୟୁ ଘଟିଥିବା ପ୍ରମାଣିତ ହେବା ପୂର୍ବରୁ ତାଙ୍କୁ ଦିନେ ହେଲେ ଜେଲରେ ରଖାଯାଇପାରିବ କି ବୋଲି ବିଚାରପତି ପ୍ରଶ୍ନ କରିଛନ୍ତି। ତେଲଙ୍ଗାନା ହାଇକୋର୍ଟ ଆହୁରି କହିଛନ୍ତି, ଯେହେତୁ ସେ ଜଣେ ଅଭିନେତା, ସେହେତୁ ତାଙ୍କୁ ନିଜ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ପୃଥିବୀର ଜଣେ ନାଗରିକ ଭାବେ ତାଙ୍କର ମଧ୍ୟ ଜୀବନ ଧାରଣ ଓ ସ୍ୱାଧୀନତା ଅଧିକାର ରହିଛି କହି ଉଚ୍ଚ ଅଦାଲତ ୫୦,୦୦୦ ଟଙ୍କାର ବ୍ୟକ୍ତିଗତ ମୁଚାଲିକାରେ ଅଲ୍ଲୁଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି। ଏହି ମାମଲାରେ ଗିରଫ ସନ୍ଧ୍ୟା ଥିଏଟର ମାଲିକ ଏବଂ ଅନ୍ୟ ୨ କର୍ମଚାରୀଙ୍କୁ ମଧ୍ୟ ଜାମିନ ପ୍ରଦାନ କରାଯାଇଛି।

ସେପଟେ ଅଲ୍ଲୁଙ୍କ ଗିରଫଦାରି ପ୍ରସଙ୍ଗରେ ତେଲଙ୍ଗାନାର ଶାସକ କଂଗ୍ରେସ ଓ ବିରୋଧୀ ଭାଜପା ଏବଂ ବିଆର୍‌ଏସ୍ ମୁହାଁମୁହିଁ ହୋଇଛନ୍ତି। ଭାଜପା ନେତା ତଥା ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର କହିଛନ୍ତି, ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତାଙ୍କୁ ଆଦୌ ସମୟ ନ ଦେଇ ତାଙ୍କ ବେଡ୍‌ରୁମ୍‌ରୁ ଉଠାଇ ନିଆଯିବା ତାଙ୍କ ପ୍ରତି ଅସମ୍ମାନ। ଅଲ୍ଲୁଙ୍କ ସହ ଉଚିତ ବ୍ୟବହାର କରାଯିବା ଆବଶ୍ୟକ ଥିଲା। ବିଆର୍‌ଏସ୍ କାର୍ଯ୍ୟକାରୀ ସଭାପତି କେ.ଟି. ରାମାରାଓ ମଧ୍ୟ ଜଣେ ତାରକାଙ୍କୁ ଅପରାଧୀ ଭଳି ବ୍ୟବହାର କରାଯିବା ଦୁର୍ଭାଗ୍ୟଜନକ କହି ନିନ୍ଦା କରିଛନ୍ତି। ଆନ୍ଧ୍ର ପ୍ରଦେଶର ପୂର୍ବତନ ମନ୍ତ୍ରୀ ତଥା ୱାଇଏସ୍‌ଆର୍‌ସିପି ନେତା ଅମ୍ବାତି ରାମବାବୁ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଲ୍ଲୁଙ୍କ ଗିରଫଦାରିକୁ ଅଯୌକ୍ତିକ ଦର୍ଶାଇ ତେଲଙ୍ଗାନା ସରକାରଙ୍କୁ ସମାଲୋଚନା କରିଛନ୍ତି। ଅଭିନେତା ଚିରଞ୍ଜିବୀ ଓ ତାଙ୍କ ସ୍ତ୍ରୀ ସୁରେଖା ପୁତୁରା ଅଲ୍ଲୁଙ୍କ ଗିରଫଦାରି ପରେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଭେଟିଛନ୍ତି। ଏଭଳି ସମୟରେ ପରିବାର ସହ ଛିଡ଼ା ହୋଇଥିବାରୁ ଚିରଞ୍ଜିବୀଙ୍କୁ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରି ପ୍ରଶଂସା କରିଛି। ଅନ୍ୟପକ୍ଷରେ ରେଳ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଧ୍ୟ ରେଭନ୍ତ ରେଡ୍ଡୀ ସରକାରଙ୍କ ଏଭଳି କାର୍ଯ୍ୟାନୁଷ୍ଠାନକୁ ପବ୍ଲିସିଟି ଷ୍ଟଣ୍ଟ ଭାବେ ଅଭିହିତ କରି ସମାଲୋଚନା କରିଛନ୍ତି। ଚାରିଆଡୁ ସମାଲୋଚିତ ହେବା ପରେ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଅଲ୍ଲୁଙ୍କ ଗିରଫଦାରିରେ ତାଙ୍କ ସରକାରଙ୍କ ସଂପୃକ୍ତିକୁ ଅସ୍ୱୀକାର କରିଛନ୍ତି। ଥିଏଟରରେ ଅଲ୍ଲୁ କେବଳ ତାଙ୍କ ଅଭିନୀତ ଫିଲ୍ମ ଦେଖି ନ ଥିଲେ। ସେ ସିଟ୍‌ରୁ ଉଠି ଦର୍ଶକମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଇଥିଲେ। ପ୍ରଶଂସକମାନେ ଏଥିରେ ଉଲ୍ଲସିତ ହୋଇ ତାଙ୍କ ପାଖକୁ ଧାଇଁବାକୁ ଲାଗିଥିବାବେଳେ ଦଳାଚକଟା ହୋଇଥିଲା। ପୋଲିସ ତାଙ୍କୁ ଗିରଫ କରି ନିଜ କର୍ତ୍ତବ୍ୟ ସମ୍ପାଦନ କରିଥିବା ସେ କହିଛନ୍ତି।

ଅପରପକ୍ଷେ ରେବତୀଙ୍କ ସ୍ୱାମୀ ଭାସ୍କର କହିଛନ୍ତି, ଅଲ୍ଲୁଙ୍କୁ ଗିରଫ କରାଯିବା ନେଇ ସେ ଜାଣି ନାହାନ୍ତି। ଦଳାଚକଟାରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିବା ପଛରେ ଅଲ୍ଲୁଙ୍କ କୌଣସି ଭୂମିକା ନାହିଁ। ତାଙ୍କ ବିରୋଧରେ ଦାୟର ମାମଲାକୁ ପ୍ରତ୍ୟାହାର କରିବାକୁ ସେ ପ୍ରସ୍ତୁତ ଥିବା କହିଛନ୍ତି।

## ଲୁଟେରା ନୁହେଁ,...

ଦେବାକୁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର କରିଥିଲେ। ଘଟଣାରେ ଯେପରି ଧରା ନ ପଡ଼ିବେ ସେଥିପାଇଁ ଉଭୟେ ଦେବେନ ଏବଂ ତାଙ୍କ ଭିଣୋଇ ସତ୍ୟନାରାୟଣ ଏକ ନାଟକ ରଚିଥିଲେ। ବୁଧବାର ବିଳମ୍ବିତ ରାତିରେ ଦେବେନ ସ୍ତ୍ରୀଙ୍କୁ ଗୁଳି କରି ହତ୍ୟା କରିଥିଲେ। ହେଲେ ଏଥିରୁ ବର୍ତ୍ତିବା ପାଇଁ ସାମ୍ୟମୟୀ ରାତ୍ରିରେ ଶୌଚପାଇଁ ଉଠିଥିବାବେଳେ ଦୁର୍ବୃତ୍ତମାନେ କବାଟ ବାଡ଼େଇଥିଲେ। ସାମ୍ୟମୟୀ ଯେତେବେଳେ କବାଟ ଖୋଲିଥିଲେ ତାଙ୍କ ବେକରୁ ସୁନାଚେନ ଲୁଟ କରିବା ସହ ତାଙ୍କୁ ଗୁଳି କରି ଫେରାର ହୋଇଯାଇଥିବା ଦେବେନ ପୋଲିସ ନିକଟରେ ପ୍ରକାଶ କରିଥିଲେ। ଏପରି କି ସାମ୍ୟମୟୀଙ୍କ ମୃତ୍ୟୁ ଖବରକୁ ଦେବେନ ନିଜେ ନ ଜଣାଇ ତାଙ୍କର ଜଣେ ମାଉସୀ ଫୋନ କରି ପୀତାମ୍ବରଙ୍କୁ ଜଣାଇଥିଲେ। ଜ୍ୱାଇଁ କି ଶାଶୁଶ୍ୱଶୁର କେହି ତାଙ୍କୁ ନ ଜଣାଇବା ଘଟଣାକୁ ଅଧିକ ରହସ୍ୟମୟ କରୁଛି ବୋଲି ପୀତାମ୍ବର ଏତଲାରେ ଦର୍ଶାଇଥିଲେ। ପୋଲିସ ଦେବେନଙ୍କୁ ଅଟକ ରଖି ପଚରାଉଚରା କରିବା ସମୟରେ ସେ ସବୁ ସତ ମାନିଥିଲେ।

## ସ୍ୱାସ୍ଥ୍ୟ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶାର ...

ସହିତ ରାଜ୍ୟ ସରକାରଙ୍କ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ନୂଆ ସରକାର ରାଜ୍ୟର ସରକାରୀ କ୍ଷେତ୍ରରେ ଖାଲି ପଦବୀ ପୂରଣ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟ କ୍ଷେତ୍ରରେ ହୋମିଓପାଥି ଚିକିତ୍ସକ ଓ ରେଡିଓଗ୍ରାଫର ନିଯୁକ୍ତି ସହିତ ଖୁବ୍‌ଶୀଘ୍ର ସରକାରୀ ଡାକ୍ତରଖାନାରେ 'ଫାର୍ମାସୀ ଅଫିସର' ନିଯୁକ୍ତ ହେବେ। ଜାତୀୟ ଆୟୁଷ ମିଶନରେ ଓଡ଼ିଶାରେ ୪୨୨ଟି ହୋମିଓପାଥି ଓ ଆୟୁର୍ବେଦିକ୍ ଡାକ୍ତରଖାନାର 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଉନ୍ନତୀକରଣ କରାଯାଇଛି। ଢେଙ୍କାନାଳ, ବ୍ରହ୍ମପୁର ଓ ବାଲେଶ୍ୱରରେ ଆଉ ୩ଟି ୫୦ ଶଯ୍ୟା ବିଶିଷ୍ଟ ସମନ୍ୱିତ ଆୟୁଷ ଚିକିତ୍ସାଳୟ ପ୍ରତିଷ୍ଠା କରାଯାଉଛି। ଅଧ୍ୟାପକମାନେ ନିଜେ ଯୁବବର୍ଗରୁ ଆସିଛନ୍ତି। ତେଣୁ ପିଲାମାନଙ୍କୁ ଦାୟିତ୍ୱବାନ୍ ହେବା ପାଇଁ ମାର୍ଗଦର୍ଶନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି, ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଏବେ ପ୍ରାୟ ପ୍ରତ୍ୟେକ ମାସରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ଯୁବବର୍ଗଙ୍କୁ ସରକାରୀ ନିଯୁକ୍ତି ଦିଆଯାଉଛି। ତେଣୁ ୨୦୩୬ ଓ ୨୦୪୭ର ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତେ ସେବା ଓ ସମର୍ପଣ ମନୋଭାବ ନେଇ କାମ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

Govt. of Uttarakhand



# Viksit Bharat, Sashakt Uttarakhand



"Under the guidance of Prime Minister Shri Narendra Modi, Uttarakhand is progressing steadily on the path of development. The state government is taking necessary steps to encourage tourists to visit not only for tourism but also to experience the holy shrines. This will allow tourists to enjoy the spiritual and touristic experiences, especially during the winter season."

**Pushkar Singh Dhami**
Chief Minister, Uttarakhand

संकल्प से सिद्धि, प्रगति संग समृद्धि 25

देवभूमि रजत उत्सव
9 नवंबर 2024-25 | उत्तराखण्ड

"There are two main pillars for the creation of a developed India in the 21st century – pride in our heritage and making every possible effort for development. Today, Uttarakhand is strengthening both these pillars. This decade will be the decade of Uttarakhand."

**Narendra Modi**
Prime Minister

## Devbhoomi Uttarakhand

# WINTER YATRA













### 1 Shri Yamunotri Dham's winter stay
**Yamuna Temple**
Kharsali (Uttarkashi)

Yamunotri, the first stop of the Char Dham Yatra, is home to the Yamuna Temple. When the temple closes for the winter, the idol of Goddess Yamuna is brought to Kharsali, where she resides for the winter months, and during the winter sojourn, Maa Yamuna is worshipped in Kharsali. Here, the temple of Lord Shani Dev Ji, the brother of Yamuna Ji, is also located.

### 2 Shri Gangotri Dham's winter stay
**Ganga Temple**
Mukhimath, Mukhba (Uttarkashi)

The Ganga Temple in Mukhimath, Mukhba serves as the winter abode of Goddess Ganga. When the Gangotri Temple closes for winter, the idol of Goddess Ganga is brought from Gangotri to Mukba for winter worship.

### 3 Shri Kedarnath Dham's winter stay
**Omkareshwar Temple**
Ukhimath (Rudraprayag)

The Omkareshwar Temple in Ukhimath serves as the winter home of Lord Kedarnath. During the winter months, the idol of Lord Kedarnath is brought from Kedarnath and worshiped at this temple.

### 4 Shri Badrinath Dham's winter stay
**Yogdhyan Badri Temple**
Pandukeshwar (Chamoli)

When the Badrinath Temple closes for winter, Narayan remains in meditation in Yogdhyan Badri Temple, Pandukeshwar (Chamoli) for the welfare of the people. Festive carts of Uddhav Ji and Kuber Ji are also brought to the Yogdhyan Badri temple located in Pandukeshwar. Additionally, Adi Guru Shankaracharya's idol is placed at the Narsingh Temple in Jyotirmath for the winter.

## SUNSHINE TOURISM

While the many part of the country are covered with fog, on the other hand the mountains of Devbhoomi Uttarakhand offer the pleasure of basking in cheerful sunlight.

**COME, EXPERIENCE SPIRITUALITY & TOURISM IN UTTARAKHAND**










## Uttarakhand: A unique, thrilling, and natural destination

Whether it's eco-tourism, wildlife tourism, or the thrill of unexplored snowy peaks with activities like skiing, mountain biking, paragliding, and trekking, Uttarakhand offers everything you could need for an adventure that would normally require travel to multiple countries. Known for green tourism, mindful travel, wildlife exploration, and natural tourism, Uttarakhand has become a popular destination. Due to improved tourism policies and high potential, there has been significant investment in tourism in recent years. Moreover, many big investors are now exploring tourism investment opportunities in the state. Uttarakhand is emerging as a prime destination for adventure activities

#ExploreUttarakhand
@DIPR_UK

**ISSUED IN PUBLIC INTEREST BY DEPARTMENT OF INFORMATION AND PUBLIC RELATIONS, UTTARAKHAND**

www.uttarainformation.gov.in | uttarakhandDIPR | DIPR_UK | uttarakhand DIPR

ନିଜ ଭିତରେ ଆଲୋକ ଜଳି ଉଠିବା ପର୍ଯ୍ୟନ୍ତ ତୁମେ ତୁମ ନିଜ ପାଇଁ କେତେକ ନୀତି ସ୍ଥିର କରିନିଅ। କିନ୍ତୁ ସେହି ନୀତିଗୁଡ଼ିକ ଯେପରି ତୁମକୁ ବାନ୍ଧି ନ ପକାଏ ବା ତୁମକୁ ଗୋଟିଏ ଜାଗାରେ ଲାଖି ନ ରଖାଏ !! -ଶ୍ରୀମା

-ପଣ୍ଡୁ ଓଷା, ଚନ୍ଦ୍ରପୂଜା ଓ ଶିବଚତୁର୍ଦ୍ଦଶୀ ଉପବାସ



# ନୂଆ ନେତୃତ୍ୱ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସଞ୍ଜୟ ମାଲହୋତ୍ରାଙ୍କୁ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ର ଗଭର୍ନର ଭାବେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ସେ ରାଜସ୍ୱ ସଚିବ ଥିଲେ। ମାଲହୋତ୍ରା ୩ ବର୍ଷ ପାଇଁ ଏହି ପଦବୀରେ ରହିବେ। ପୂର୍ବତନ ଗଭର୍ନର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ମାଲହୋତ୍ରାଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଜଣେ ବରିଷ୍ଠ ବାବୁ ଭାବେ ଦାସଙ୍କର ବିବାଦୀୟ ପ୍ରଶ୍ନଗୁଡ଼ିକରୁ ଦୂରେଇ ରହିବାରେ ଅଦ୍ଭୁତ ସାମର୍ଥ୍ୟ ରହିଥିଲା। ଆର୍‌ବିଆଇରେ ଦାସଙ୍କ କାର୍ଯ୍ୟକାଳ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। ବିଶେଷକରି ଆର୍ଥିକ ଅସ୍ଥିରତା ସମୟରେ ସ୍ଥିରତା ଏବଂ ଅନୁଭବୀ କାର୍ଯ୍ୟ ତାଙ୍କ କାର୍ଯ୍ୟକାଳର ପ୍ରତୀକ ହୋଇପାରିଛି। ୨୦୧୮ରେ ଉର୍ଜିତ ପଟେଲଙ୍କ ଅପ୍ରତ୍ୟାଶିତ ପ୍ରସ୍ଥାନ ପରେ ଦାସଙ୍କୁ ଆର୍‌ବିଆଇ ଗଭର୍ନର ଭାବେ ନିଯୁକ୍ତ କରାଯାଇଥିଲା। ମହାମାରୀ ଦ୍ୱାରା କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ପାଇଁ ସେ ଆର୍‌ବିଆଇକୁ ଠିକ୍ ଭାବେ ପରିଚାଳନା କରିଥିଲେ। ଏଥିପାଇଁ ତାଙ୍କ ପ୍ରଶାସନ ଦୃଢ଼ ପଦକ୍ଷେପ ନେଇଥିଲା। ତେବେ ଦାସଙ୍କ ପରେ ଏବେ ମାଲହୋତ୍ରାଙ୍କୁ ନିଯୁକ୍ତି ଦେବା ପଦକ୍ଷେପରୁ ସଙ୍କେତ ମିଳୁଛି ଯେ, କାର୍ଯ୍ୟଦକ୍ଷତା ମାନକ ଆଧାରରେ ମନୋନୀତ ପ୍ରାର୍ଥୀଙ୍କ ତୁଳନାରେ ଅଭିଜ୍ଞ ପ୍ରଶାସକ ପାଇଁ ସରକାରଙ୍କର ଅଧିକ ପସନ୍ଦ ରହିଛି। ଦାସଙ୍କ ନେତୃତ୍ୱ ନିରନ୍ତରତା ଏବଂ ନିୟନ୍ତ୍ରଣକୁ ସୂଚିତ କରିଛି। ଏହା ମଧ୍ୟ ସ୍ୱାଧୀନ ଚିନ୍ତାଧାରାକୈନ୍ଦ୍ରିକ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍‌ରେ ଏକ ପରିବର୍ତ୍ତନ ଆଣିଛି। ତେବେ ମାଲହୋତ୍ରା ଗଭର୍ନର ଦାୟିତ୍ୱ ନେଇଥିବାବେଳେ ସରକାରଙ୍କ ଆଶା ଓ ଆର୍‌ବିଆଇର ସ୍ୱାଧୀନତା ମଧ୍ୟରେ ସେ କିଭଳି ସମନ୍ୱୟ ରକ୍ଷା କରିବେ, ତାହା ଉପରେ ଆର୍ଥିକ କ୍ଷେତ୍ର ସହ ଜଡ଼ିତ ବର୍ଗ ତୀକ୍ଷ୍ଣ ନଜର ରଖିବେ। ଦାୟିତ୍ୱ ହସ୍ତାନ୍ତର ସରିଛି, ହେଲେ ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଏବଂ ବୈଶ୍ୱିକ ବିତ୍ତୀୟ ଜଟିଳତାର ଆହ୍ୱାନଗୁଡ଼ିକର ଚାପ ପୂର୍ବଭଳି ରହିବ।

### ସିବିଆଇର ପୁନର୍ଗଠନ

ସରକାର ଜାରି କରିଥିବା ନୂତନ ନିୟମକୁ ଭିତ୍ତିକରି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)ର ପୁନର୍ଗଠନ ହେଉଛି। ଏହି ନିୟମର ଲକ୍ଷ୍ୟ ହେଉଛି ପୋଲିସ ଅଧୀକ୍ଷକ (ଏସ୍‌ପି) ସ୍ତରୀୟ ପଦବୀ ଭାରତୀୟ ପୋଲିସ ସେବା (ଆଇପିଏସ୍) ବ୍ୟତୀତ ଅନ୍ୟ ପ୍ରଫେସନାଲମାନଙ୍କ ପାଇଁ ଉନ୍ମୁକ୍ତ ରଖିବା। ଏ ପର୍ଯ୍ୟନ୍ତ ୭୫ ଜଣ ଏସ୍‌ପି ସ୍ତରୀୟ ଡେପୁଟେଶନ ପୋଷ୍ଟ ମଧ୍ୟରୁ କେବଳ ୧୫ ଟି ଅଣପୋଲିସ ପୃଷ୍ଠଭୂମିରୁ ଆସିଥିବା ଅଧିକାରୀଙ୍କ ଦ୍ୱାରା ପୂରଣ ହୋଇପାରିବ ବୋଲି ନିୟମ ରହିଛି। କିନ୍ତୁ ଏବେ ଏହି ସଂଖ୍ୟା ୧୮କୁ ବଢ଼ାଯାଇଛି। ନୂତନ ନିୟମ ସିବିଆଇର ଅଧା ଏସ୍‌ପି ପୋଷ୍ଟକୁ ଡେପୁଟେଶନ ଏବଂ ବାକିସବୁ ପଦୋନ୍ନତି ମାଧ୍ୟମରେ ପୂରଣ କରିବାକୁ ଅନୁମତି ଦିଏ । ଆଇପିଏସ୍ ଅଧିକାରୀମାନଙ୍କ ସହ ଅଲ୍ ଇଣ୍ଡିଆ ସର୍ଭିସ୍, କେନ୍ଦ୍ରୀୟ ପୋଲିସ ସଂଗଠନ, କେନ୍ଦ୍ର ସରକାରଙ୍କ ସଂଗଠିତ 'ଗ୍ରୁପ୍ ଏ' ସେବା, ଏପରିକି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ପୋଲିସ ସଂଗଠନର ସଦସ୍ୟଙ୍କ ପାଇଁ ଏହା ଖୋଲାରହିବ। ଜଟିଳ ଆର୍ଥିକ ଅପରାଧ ଏବଂ ବହୁମୁଖୀ ଅନୁସନ୍ଧାନକୁ ଭଲ ଭାବରେ ପରିଚାଳନା କରିବା ପାଇଁ ସିବିଆଇକୁ ପ୍ରସ୍ତୁତ କରିବା ଏହି ପରିବର୍ତ୍ତନର ଲକ୍ଷ୍ୟ । ଅନେକେ ଦାବି କରୁଛନ୍ତି ଯେ, ସିବିଆଇରେ ବିଶେଷକରି ଫରେନସିକ ଅଡିଟ, ଆର୍ଥିକ ବିଶ୍ଳେଷଣ ଏବଂ ସାଇବର କ୍ରାଇମ ଟ୍ରାକିଂ ସକାଶେ ବିଶେଷଜ୍ଞଙ୍କର ଆବଶ୍ୟକତା ରହିଛି। ସିବିଆଇରେ ଥିବା ଅଧିକାରୀଙ୍କ ସହ ଏହିପରି କୁଶଳୀ ଗୋଷ୍ଠୀ ତାହାକୁ ଠିକ୍ ବାଟରେ ପରିଚାଳିତ କରିବେ। ସେମାନେ କହନ୍ତି ଯେ, ଏକବିଂଶ ଶତାବ୍ଦୀରେ ଅପରାଧଗୁଡ଼ିକର ମୁକାବିଲା କରିବା ପାଇଁ ଭିନ୍ନ ବିଚାର ସମ୍ପନ୍ନ ବିଶେଷଜ୍ଞ ଦରକାର ଏବଂ ଏବେ ସିବିଆଇ ଏଭଳି ପରିବର୍ତ୍ତନକୁ ଗ୍ରହଣ କରିବ ବୋଲି ମନେ ହେଉଛି।

### ସେବିରେ ଅସନ୍ତୋଷ

ସିକ୍ୟୁରିଟିଜ୍ ଆଣ୍ଡ୍ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି)ର ଏବକାର ଏକ ଘଟଣା ଏହାର ର୍‍ୟାଙ୍କଗୁଡ଼ିକ ମଧ୍ୟରେ ବଡ଼ ବିଭେଦ ସୃଷ୍ଟି କରିପାରେ । ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ (ଏଚ୍‌ୟୁଏଲ୍)ର ପୂର୍ବତନ ଟିକସ ମୁଖ୍ୟ ଶିଖା ଗୁପ୍ତାଙ୍କୁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତି ଦିଆଯିବା ଯୋଗୁ ସେବିର କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ହିଣ୍ଡେନବର୍ଗ ରିପୋର୍ଟରେ ସେବି ଅଧ୍ୟକ୍ଷ ମାଧବୀ ପୁରୀ ବୁଚ୍‌ଙ୍କ ଉପରେ ଅଣାଯାଇଥିବା ଅଭିଯୋଗ ଉପରେ ତଦନ୍ତ ଚାଲିଥିବା ସମୟରେ ଏଭଳି ଅସନ୍ତୋଷ ପ୍ରକାଶ ପାଇଛି। ବୁଚ୍‌ଙ୍କ ସହ ଗୁପ୍ତାଙ୍କର ସମ୍ପର୍କ ରହିଥିବା ଗୁଜବ ସ୍ଥିତିକୁ ଆହୁରି ଜଟିଳ କରିଦେଇଛି। ଏଚ୍‌ୟୁଏଲ୍ ସହିତ ତାଙ୍କ ସ୍ୱାମୀଙ୍କର ଦୀର୍ଘ ଦିନର ସମ୍ପର୍କ ରହିଥିବାରୁ ନିରପେକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠୁଛି। ସମାଲୋଚକମାନେ ଯୁକ୍ତି କରନ୍ତି ଯେ, ବାହ୍ୟ ନିଯୁକ୍ତି ଅସନ୍ତୋଷ ସୃଷ୍ଟି କଲେ ମଧ୍ୟ ତାହା ନୂତନ ଦୃଷ୍ଟିକୋଣ ଆଣିପାରେ। ଶିଖା ଗୁପ୍ତାଙ୍କ କର୍ପୋରେଟ ଅଭିଜ୍ଞତା ସମ୍ଭବତଃ ସେବିକୁ ବିଶେଷକରି ଟିକସ ଜଟିଳତା ଉପରେ ଅଭିନବ ଆଭିମୁଖ୍ୟ ନେବାକୁ ପ୍ରେରିତ କରିପାରେ। ହେଲେ ଗୁପ୍ତାଙ୍କ ନିଯୁକ୍ତିକୁ ଏହାର କର୍ମଚାରୀମାନେ ନିଜ ପ୍ରତିଭାକୁ ଅଣଦେଖା କରାଯିବା ଅନ୍ୟତମ ଉଦାହରଣ ଭାବେ ଦେଖୁଛନ୍ତି। ୨୦୨୨ରେ ଆଇସିଆଇସିଆଇ ବ୍ୟାଙ୍କରୁ ପ୍ରମୋଦ ରାଓଙ୍କୁ ଆଣି ନିଯୁକ୍ତି ଦିଆଯାଇଥିଲା,ଯାହା ଅସନ୍ତୋଷ ସୃଷ୍ଟି କରିଥିଲା। ଏଠାରେ ବଡ଼ ପ୍ରସଙ୍ଗ ହେଉଛି ସେବିର ସ୍ୱାଧୀନତା କ୍ଷୁଣ୍ଣ ହେଉଥିବା ବିଚାର କରାଯାଉଛି। ଏଭଳି ସ୍ଥିତିରେ ସେବି ଏହାର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ତା' ପ୍ରତି ହ୍ରାସ ପାଇଥିବା ବିଶ୍ୱାସକୁ ଫେରାଇ ଆଣିବା ଦରକାର। ବାହ୍ୟ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଏହାର ଆଭ୍ୟନ୍ତରୀଣ କର୍ମଚାରୀଙ୍କ ସହିତ ଦୃଢ଼ ଯୋଗାଯୋଗ ରଖାଯାଇ ପାରିଲେ ଏଭଳି ଅସନ୍ତୋଷକୁ ଦୂର କରାଯାଇପାରିବ।

Email: dilipcherian@gmail.com

# ଉପାସନା ସ୍ଥଳ ବିବାଦ



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ଉପାସନା ସ୍ଥଳକୁ ନେଇ ବିବାଦ ଚର୍ଚ୍ଚାର ବିଷୟ ପାଲଟିଛି। କିଛି ବର୍ଷ ତଳେ ବାରାଣସୀସ୍ଥିତ ଜ୍ଞାନବାପି ମସ୍‌ଜିଦକୁ ନେଇ ଆରମ୍ଭ ହୋଇଥିବା ଏହି ବିବାଦ ଏବେ ମଥୁରା, ସମ୍ଭଲ, ବାଦାୟୁଁ ଓ ଉତ୍ତରାଖଣ୍ଡର ଉତ୍ତର କାଶୀ ଦେଇ ରାଜସ୍ଥାନର ଆଜମେରରେ ପହଞ୍ଚିଛି। ୨୪ ନଭେମ୍ବରରେ ଉତ୍ତର ପ୍ରଦେଶର ସମ୍ଭଲଠାରେ ୧୬ଶ ଶତାବ୍ଦୀରେ ନିର୍ମିତ ଶାହି ଜାମା ମସ୍‌ଜିଦରେ ସର୍ଭେକୁ ନେଇ ହିଂସା ଘଟି ପୋଲିସ ଗୁଳିରେ ପାଞ୍ଚ ଜଣ ଯୁବକ ପ୍ରାଣ ହରାଇଛନ୍ତି। ସମ୍ଭଲର ନିଆଁ ନ ଲିଭୁଣୁ ଆଜମେରର ୮୦୦ ବର୍ଷରୁ ଊର୍ଦ୍ଧ୍ୱ ସୁଫି ଦରଘା ତଳେ ମନ୍ଦିର ଅଛି ବୋଲି କହି ତା'ର ପତ୍ନତାତ୍ତ୍ୱିକ ସର୍ଭେ କରିବାକୁ ସ୍ଥାନୀୟ କୋର୍ଟରେ ପିଟିଶନ ଦାଏର କରାଯାଇଛି। ବାରାଣସୀ(କାଶୀ),ମଥୁରା କିମ୍ବା ଆଜମେର ଧର୍ମସ୍ଥଳକୁ ନେଇ ଆରମ୍ଭ ହୋଇଥିବା ବିବାଦ ସମାଜରେ ଧାର୍ମିକ ଧ୍ରୁବୀକରଣ ସୃଷ୍ଟି କରିବା ତଥା ସଂଖ୍ୟାଲଘୁମାନଙ୍କୁ ଆତଙ୍କିତ କରି ରଖିବାକୁ ଉଦ୍ଦିଷ୍ଟ ସାମ୍ପ୍ରଦାୟିକ ରାଜନୀତିର ଏହା ଅଂଶବିଶେଷ ମାତ୍ର।

ଉପାସନା ସ୍ଥଳକୁ ନେଇ ବିବାଦ ଆଜିର ଦିନରେ ଅନାବଶ୍ୟକ । କାରଣ ଦେଶରେ ଏନେଇ ଉପାସନା ସ୍ଥଳ(ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ - ୧୯୯୧ ରହିଛି। ୧୯୪୭ ଅଗଷ୍ଟ ୧୫ ଦିନ ଦେଶର ଉପାସନା ସ୍ଥଳମାନଙ୍କର ଧାର୍ମିକ ଚରିତ୍ର ଯାହା ଥିଲା, ସେଥିରେ କୌଣସି ପରିବର୍ତ୍ତନ ହୋଇପାରିବ ନାହିଁ ଏହି ଆଇନରେ ସ୍ପଷ୍ଟ ଭାବେ କୁହାଯାଇଛି। ଏପରି କି ଅଯୋଧ୍ୟା ମାମଲାରେ ମଧ୍ୟ ସୁପ୍ରିମକୋର୍ଟର ପାଞ୍ଚ ଜଣିଆ ଖଣ୍ଡପୀଠ ଏହି ଆଇନର ବୈଧତାକୁ ସ୍ୱୀକୃତି ଦେବା ସହ ଏହା ସମ୍ବିଧାନର ମୌଳିକ ଢାଞ୍ଚାର ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛି ବୋଲି କହିଥିଲେ। କେବଳ ବିବାଦୀୟ ବାବ୍ରୀ ମସ୍‌ଜିଦକୁ ଛାଡ଼ିଦେଲେ ଅନ୍ୟ କୌଣସି ଉପାସନା ସ୍ଥଳର ଧାର୍ମିକ ଚରିତ୍ରକୁ କୌଣସି ପରିସ୍ଥିତିରେ ବଦଳା ଯାଇପାରିବ ନାହିଁ ବୋଲି ସ୍ପଷ୍ଟ ରାୟ ଦେଇଛନ୍ତି। ଏତେ ସବୁ ପରେ ମଧ୍ୟ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବାରମ୍ବାର ଏଭଳି ବିବାଦ ସୃଷ୍ଟି କରିବା ଏବଂ ତାକୁ ତଳ କୋର୍ଟଗୁଡ଼ିକ ତତ୍‌କ୍ଷଣାତ୍ ପତ୍ନତାତ୍ତ୍ୱିକ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେବା ଘଟଣା କେବଳ ଦୁର୍ଭାଗ୍ୟଜନକ ହିଁ ନୁହେଁ ବରଂ ଉଭୟ ଅଯୋଧ୍ୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଓ ଦେଶର ସମ୍ବିଧାନର ଖୋଲା ଉଲ୍ଲଂଘନ ବୋଲି କୁହାଯାଇପାରେ। କୋର୍ଟ ଏଭଳି ଆଦେଶ



ଦେବା ପୂର୍ବରୁ ସମାଜ ଉପରେ ତା'ର କି ପ୍ରକାର ପ୍ରଭାବ ପଡ଼ିବ ସେ ସମ୍ପର୍କରେ ଚିନ୍ତା କରିବା କଥା। କାରଣ ବର୍ତ୍ତମାନର ଆଇନ ଅନୁଯାୟୀ ଦେଶର କୌଣସି ଉପାସନା ପୀଠର ଧାର୍ମିକ ଚରିତ୍ର ବଦଳିବା ସମ୍ଭବ ନ ଥିବା ବେଳେ ତଳ କୋର୍ଟର ଏଭଳି ପଦକ୍ଷେପ ଅନାବଶ୍ୟକ ଭାବେ ସମାଜରେ ସାମ୍ପ୍ରଦାୟିକ ଉତ୍ତେଜନାକୁ ବଢ଼ାଇବା ସହ ଦେଶର ଶାନ୍ତି ଓ ସୌହାର୍ଦ୍ଦ୍ୟକୁ ନଷ୍ଟ କରୁଛି।

ଧାର୍ମିକ ବା ଉପାସନା ସ୍ଥଳକୁ ନେଇ ସୃଷ୍ଟି ହେଉଥିବା ବିବାଦର ସ୍ଥାୟୀ ସମାଧାନ ଲକ୍ଷ୍ୟରେ ହିଁ ୧୯୯୧ରେ ତତ୍କାଳୀନ ସରକାର ଉପାସନା ସ୍ଥଳ (ସ୍ୱତନ୍ତ୍ର ବ୍ୟବସ୍ଥା) ଆଇନ - ୧୯୯୧ ପ୍ରଣୟନ କରିଥିଲେ। ଏହି ଆଇନର ଧାରା-୨ ପ୍ରକାରେ ୧୫ ଅଗଷ୍ଟ ୧୯୪୭ର ସ୍ଥିତିର ଆଧାରରେ ଧାର୍ମିକ ସ୍ଥଳ ସଂରକ୍ଷିତ ରହିବ। ଯଦି ଏହି ତାରିଖରେ ଧାର୍ମିକ ସ୍ଥଳର ଚରିତ୍ର ବଦଳାଇବା ସମ୍ପର୍କିତ କୌଣସି ଆବେଦନ କୋର୍ଟରେ ବିଚାରାଧୀନ ରହିଛି, ତା'ହେଲେ ତା'କୁ ଅବିଳମ୍ବେ ବନ୍ଦ କରି ଦିଆଯିବ। ଆଇନର ଧାରା - ୩ ପ୍ରକାରେ ଗୋଟିଏ ଧର୍ମର ପୂଜାସ୍ଥଳକୁ ଆଉ ଗୋଟିଏ ଧର୍ମର ପୂଜାସ୍ଥଳରେ ପରିବର୍ତ୍ତନ କରାଯିବା ବେଆଇନ । ଅନ୍ୟ ଧର୍ମ କଥା ଛାଡ଼ନ୍ତୁ, ସେହି ଧର୍ମର ହିଁ କୌଣସି ଅନ୍ୟ ଗୋଷ୍ଠୀକୁ ବି ତାହା ଦିଆଯାଇ ପାରିବନି। ଆଇନର ଧାରା- ୪(୧) ଅନୁଯାୟୀ ଦେଶର ସବୁ ଉପାସନା ପୀଠର ଧାର୍ମିକ ଚରିତ୍ର ୧୯୪୭ ଅଗଷ୍ଟ ୧୫ ରେ ଯାହା ଥିଲା, ତାହା ହିଁ ବଜାୟ ରହିବା ଅନିବାର୍ଯ୍ୟ ଅଟେ। ଧାରା-୪(୨) ପ୍ରକାରେ ଧାର୍ମିକ ସ୍ଥଳର ଚରିତ୍ରକୁ ନେଇ କୌଣସି ବି ନୂଆ ବିବାଦ ବା ମକଦ୍ଦମାବାଜିକୁ ଅନୁମତି ଦିଆଯାଇପାରିବନି। ଧାରା - ୫ ଅନୁଯାୟୀ ରାମ ଜନ୍ମଭୂମି ଓ ବାବ୍ରୀ ମସ୍‌ଜିଦ ବିବାଦ ଏହି ଆଇନରୁ ବାହାରେ ରହିବ। ଉଲ୍ଲେଖଯୋଗ୍ୟ ଯେ ୧୯୪୭ ବେଳକୁ ବାବ୍ରୀ ମସ୍‌ଜିଦ ମାମଲା କୋର୍ଟରେ ବିଚାରାଧୀନ ଥିବାରୁ କେବଳ ତା'କୁ ହିଁ ବ୍ୟତିକ୍ରମ ଭାବେ ଏହି ଆଇନର ପରିସରରୁ ବାଦ୍ ଦିଆଯାଇଛି। ଆଇନର ଧାରା-୬ ପ୍ରକାରେ ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତିନି ବର୍ଷ ଜେଲ ଓ ଜରିମାନା ଉଭୟ ଲାଗୁହେବ ବୋଲି କୁହାଯାଇଛି।

୧୫ ଅଗଷ୍ଟ ୧୯୪୭ ପରଠାରୁ ଦେଶର କୌଣସି ବି ଉପାସନା ପୀଠର ଧାର୍ମିକ ସ୍ଥିତିରେ କୌଣସି ପ୍ରକାର ପରିବର୍ତ୍ତନକୁ ୧୯୯୧ର ଉପାସନା ପୀଠ ଆଇନ ଏବଂ ଅଯୋଧ୍ୟା ମାମଲାରେ ଖୋଦ୍ ସୁପ୍ରିମକୋର୍ଟ ଖଣ୍ଡପୀଠ ନିଷିଦ୍ଧ କରି ଧାର୍ମିକ ସ୍ଥଳକୁ ନେଇ ଭବିଷ୍ୟତରେ କୌଣସି ମକଦ୍ଦମାକୁ ଅନୁମତି ଦିଆଯାଇ ପାରିବନି ବୋଲି ସ୍ପଷ୍ଟ କହିଥିବା ସତ୍ତ୍ୱେ ଏଭଳି ବିବାଦ ବଢ଼ିବା ପଛରେ ଖୋଦ୍ ସୁପ୍ରିମକୋର୍ଟଙ୍କ ଆଉ ଏକ ବିବାଦୀୟ ନିଷ୍ପତ୍ତି ରହିଛି। ୨୦ ମେ' ୨୦୨୨ରେ ତତ୍କାଳୀନ ମୁଖ୍ୟ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ବାରାଣସୀର ଜ୍ଞାନବାପି ମସ୍‌ଜିଦରେ ସର୍ଭେ କରିବାକୁ ତଳ କୋର୍ଟର ନିର୍ଦ୍ଦେଶକୁ ଖାରଜ ନ କରି ତାକୁ ବୈଧ ବୋଲି କହି ଅନୁମତି ଦେଇଥିଲେ। ସେଥିରେ ସେ କହିଥିଲେ, ଯଦିଓ ୧୯୯୧ର ଉପାସନା ସ୍ଥଳ ଆଇନ ଯୋଗୁ କୌଣସି ଉପାସନା ସ୍ଥଳକୁ ଅନ୍ୟ ଧର୍ମର ଉପାସନା ସ୍ଥଳରେ ପରିଣତ କରାଯାଇପାରିବନି କିନ୍ତୁ ଏହା କୌଣସି ଧର୍ମସ୍ଥଳର ମୂଳ ଚରିତ୍ରକୁ ଜାଣିବାକୁ ମନାକରୁନି ବୋଲି ଯୁକ୍ତି ଦର୍ଶାଇ ସର୍ଭେ ପାଇଁ ଅନୁମତି ଦେଇଥିଲେ। ବିଚାରପତି ଚନ୍ଦ୍ରଚୂଡ଼ଙ୍କ ଉପରୋକ୍ତ ନିଷ୍ପତ୍ତି ୧୯୯୧ର ଉପାସନା ସ୍ଥଳ ଆଇନ ଓ ଦେଶର ସମ୍ବିଧାନର ମୂଳ ଭାବନାକୁ ଉଲ୍ଲଂଘନ କରିବା ସହ ଦେଶରେ ଧାର୍ମିକ ପୀଠକୁ ନେଇ ବିବାଦ ପାଇଁ ବାଟ ଖୋଲିଦେଇଛି। ସୁପ୍ରିମକୋର୍ଟର ଏହି ରାୟ ପରେ ହିଁ ଦେଶରେ ସାମ୍ପ୍ରଦାୟିକ ଶକ୍ତିମାନେ ଉତ୍ସାହିତ ହୋଇ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଗୋଟିଏ ପରେ ଗୋଟିଏ ଧର୍ମାନୁଷ୍ଠାନକୁ ବିବାଦୀୟ କରିବାକୁ କୋର୍ଟରେ ପିଟିଶନ ପକାଇ ଏକ ବିପଜ୍ଜନକ ଧାରାକୁ ଆରମ୍ଭ କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଆଳରେ ତଳ କୋର୍ଟମାନେ ମଧ୍ୟ ଏଭଳି ପିଟିଶନ୍‌କୁ ତତ୍‌କ୍ଷଣାତ ଗ୍ରହଣ କରି ଉପାସନା ପୀଠଗୁଡ଼ିକର ପତ୍ନତାତ୍ତ୍ୱିକ ଯାଞ୍ଚ ପାଇଁ ଆଦେଶ ଦେବା ଦେଖାଯାଇଛି।

ଏଠାରେ ପ୍ରଶ୍ନ ଉଠେ, ସୁପ୍ରିମକୋର୍ଟ କହିବା ପ୍ରକାରେ ଯଦି ୧୯୯୧ର ଆଇନ ସମ୍ବିଧାନର ମୂଳ ଢାଞ୍ଚା ପାଲଟିଯାଇଛି ଏବଂ ତା' ଆଧାରରେ ୧୯୪୭ ପରଠାରୁ ଦେଶର କୌଣସି ବି ଉପାସନା ପୀଠର ଧାର୍ମିକ ଚରିତ୍ର ପରିବର୍ତ୍ତନ କରାଯାଇ ପାରିବ ନାହିଁ, ତା'ହେଲେ କୋର୍ଟମାନେ ସର୍ଭେ ପାଇଁ ଅନୁମତି ଦେବାର ଆବଶ୍ୟକତା କ'ଣ? କାରଣ ଯଦି ବା ପତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ କୌଣସି ମସ୍‌ଜିଦ ସ୍ଥଳରେ ପୂର୍ବରୁ ମନ୍ଦିର ଥିବା ଜଣାପଡ଼ିବ, ତା'ପରେ ବି ସରକାର କିମ୍ବା କୋର୍ଟ ୧୯୯୧ର ଆଇନ ଅନୁଯାୟୀ ତାକୁ ମନ୍ଦିର ବୋଲି ତ ଘୋଷଣା କରିପାରିବେ ନାହିଁ। ତା'ହେଲେ ଏଭଳି ସର୍ଭେର ଯଥାର୍ଥତା କ'ଣ ?

ମୋ: ୯୪୩୭୧୬୬୩୯୧

# ହାରିଯାଇଥିବା ଲୋକ



ରାଧାଶ୍ୟାମ ରାଉଳ

ହାରିଯାଇଥିବା ଲୋକର କି ଅଛି, ଜିଇଲେ ଜିଇଲା ନ ହେଲେ ନାହିଁ। ଗୋଟିଏ କାହାଣୀ କହିବାର ଥିଲା, କହିଲେ କହିଲା, ନ ହେଲା ନାହିଁ। ସୁଖ ତ ମିଳିଲା ଏମିତି ନକଲି, ଦୁଃଖ ବି ଦେଖିଲେ ଦେଉଛି ହସି। ଆଉ କୋଉଁ ସୁଖ ବାକି ଅଛି କହ, ମିଳିଲେ ମିଳିଲା ନ ହେଲେ ନାହିଁ...। ଓଡ଼ିଆ ଆଧୁନିକ ସଙ୍ଗୀତର କାଳଜୟୀ ସ୍ରଷ୍ଟା ଅକ୍ଷୟ ମହାନ୍ତିଙ୍କ ସଙ୍ଗୀତର ଅକ୍ଷୟଧାରା ଯୁଗେଯୁଗେ ରହିଥିବ। ମୃତ୍ୟୁ ପୂର୍ବରୁ ତାଙ୍କ ଜୀବନର ଏଇ ଶେଷ ସଙ୍ଗୀତ ପ୍ରତ୍ୟେକ ଅକ୍ଷୟପ୍ରେମୀଙ୍କୁ ବିଶେଷ ଭାବରେ ତନ୍ମୟ, ବିଭୋର, ମନ୍ତ୍ରମୁଗ୍ଧ ଓ ଭାବପ୍ରବଣ କରିବ ନିଶ୍ଚୟ।

ଗୀତର ପ୍ରଥମ ପଙ୍‌କ୍ତି; ''ହାରିଯାଇଥିବା ଲୋକର କି ଅଛି, ଜିଇଲେ ଜିଇଲା ନ ହେଲେ ନାହିଁ''; କେତେ ମାର୍ମିକ, କେତେ ଭାବପୂର୍ଣ୍ଣ ସତରେ! ପୂରା ଗୀତଟିକୁ ଏ ପ୍ରଥମ ପଙ୍‌କ୍ତି ହିଁ ଯଥାର୍ଥ ପ୍ରତିନିଧିତ୍ୱ କରୁଛି। ଜିଇଲେ ଜିଇଲା, ନ ହେଲେ ନାହିଁ; ଯୋଡ଼ିଏ ପସନ୍ଦ ବା ବିକଳ୍ପରୁ ଗୋଟିକୁ ବାଛିବାକୁ ହେବ ଆମ ସଭିଙ୍କୁ। ଏଇଟା ନୋହିଲେ ସେଇଟା: ଜିଇଲେ ଜିଇଲା ନ ହେଲେ ନାହିଁ ! ଅର୍ଥାତ୍ ବଞ୍ଚିବା ନଚେତ୍ ମରିବା ! ଦ୍ୱିତୀୟ ପସନ୍ଦ ବା ବିକଳ୍ପ ନୁହେଁ, ବରଂ ପ୍ରଥମ ବିକଳ୍ପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ବେଶ୍ ପ୍ରଶଂସନୀୟ। ହଁ ନିଶ୍ଚୟ ଜିଇରହିବା ନିହାତି ଦର୍କାର। ଜୀବନ ଏକ ସଂଗ୍ରାମ! ଏ ସଂଗ୍ରାମରେ ହାରଜିତ୍ ଲାଗିରହିଛି। ଜିତିଗଲେ ସଫଳତା, ଶତ୍ରୁ ନିରସ୍ତ୍ର, ପରାସ୍ତ ହେବା ଥୟ! ହାରିଗଲେ, ନକାରାତ୍ମକ ଚିନ୍ତାରେ ଧନ୍ଦିହେବା ସାର! ତେବେ ନ ହେଲେ ନାହିଁ, କ'ଣ ପାଇଁ? ପରାଜୟରେ ଭଗ୍ନମନୋରଥ ନ ହୋଇ ବରଂ ଅଣ୍ଟାସଳଖି ପୁଣି ଲଢ଼େଇ ପାଇଁ ମୈଦାନକୁ ଓହ୍ଲେଇବା ହିଁ ଯଥାର୍ଥ ନିର୍ଣ୍ଣୟ। ଅତଏବ ସଂଘର୍ଷ କରି ଯିଏ ଜୀବନ ଜିଇପାରିବ, ସେ ଦୁନିଆରେ ନିଶ୍ଚେ ପରିଚୟ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିବ।

ଅବଶ୍ୟ ଆମ ସଭିଙ୍କ ଜୀବଦ୍ଦଶାରେ କେତେବେଳେ ନା କେତେବେଳେ ପରିସ୍ଥିତି ଏମିତି ଆସେ, ଲାଗେ ଯେଉଁ ଡାଳ ଆମେ ଧରୁଛୁ, ସେ ଡାଳ ଭାଙ୍ଗିପଡୁଛି, ଯେଉଁ ବାଟ ଧରୁଛୁ, ସେ ବାଟ ଅବାଟ ହୋଇଯାଉଛି, ଯାହାକୁ ଭରସା କରୁଛୁ, ସେ ଦୂରେଇ ଯାଉଛି ପାଖରୁ। ଅସହାୟତା, ବିଫଳତା, ବିପର୍ଯ୍ୟୟ ଗୋଟାପଣେ ଆବୋରି ବସେ ସମଗ୍ର ବ୍ୟକ୍ତିସତ୍ତାକୁ। ପରାଜୟର ଗ୍ଲାନି, ଅଥୟ, ଅବସନ୍ନ ଭାରାକ୍ରାନ୍ତ କରେ ଜୀବନକୁ। ପରାଜୟ କି ହାରିଯିବା ଏକ ଅଭାବବୋଧ, ଅବସୋସ, ଅନ୍ତର୍ଦ୍ଦହନ, ଗ୍ଲାନି କି ହୀନମନ୍ୟତାବୋଧ ନୁହଁ, ବରଂ ଏହା ଏକ ସୁଯୋଗର ଅନୁକ୍ରମ, ଭାଗ୍ୟର ସଂଯୋଗ! ସୁନ୍ଦର ଓ ଶିକ୍ଷଣୀୟ ଉପଲବ୍ଧି ଏହି କି ଯେ, ନିରନ୍ତର ନିଷ୍ଠା, ପ୍ରଚେଷ୍ଟା, ଇଚ୍ଛାଶକ୍ତି ଆଗରେ ସବୁ ସମସ୍ୟା, ଆହ୍ୱାନ, ଦୁର୍ଘଟଣା, ବିସମ୍ବାଦ, ବିପର୍ଯ୍ୟୟ ହାର୍ ମାନିବାକୁ ବାଧ୍ୟ। କେହି ଦୃପ୍ତ କଣ୍ଠରେ କହିପାରିବେ ନାହିଁ; ''ହଁ ମୁଁ ସବୁକ୍ଷେତ୍ରରେ ସଫଳ, ସବୁକ୍ଷେତ୍ରରେ ବିଜୟୀ!'' ଜୀବନରେ କୋଉଁଠି ନା କୋଉଁଠି କେତେବେଳେ ନା କେତେବେଳେ ବିଫଳ ହେବା,ପରାଜୟ ବରଣ କରିବା ନିଶ୍ଚିତ।



ପ୍ରେମରେ ବିଫଳ, ନିଯୁକ୍ତି ପାଇବାରେ ଓ ପଦୋନ୍ନତି ପାଇବାରେ ବିଫଳ, ସାଧନାରେ ବିଫଳ, ବ୍ୟବସାୟରେ ବିଫଳ, ଅନ୍ୟର ହୃଦୟକୁ ଜୟ କରିବାରେ ବିଫଳ, କ୍ରୀଡ଼ା, ସଙ୍ଗୀତ, ସାହିତ୍ୟ, ରାଜନୀତି ଇତ୍ୟାଦି ଇତ୍ୟାଦି ପ୍ରତିଯୋଗିତାରେ ହାରିଯାଇ ବିଫଳ ହେବା ସ୍ୱାଭାବିକ ବିଷୟ।

ତେବେ ଏସବୁ ପ୍ରତିବନ୍ଧକ, ପ୍ରତିକୂଳ ପରିସ୍ଥିତିରେ ବିଚଳିତ, ବ୍ୟଥିତ, ଧୈର୍ଯ୍ୟଚ୍ୟୁତ, ମର୍ମାହତ, କାତର ନ ହୋଇ ଶାନ୍ତ, ନୀରବ, ଅବିଚଳିତ, ସ୍ଥିରଚିତ୍ତ, ଧୈର୍ଯ୍ୟଶୀଳ ହେବା ହାରିଯାଇଥିବା ଲୋକର ସର୍ବଶ୍ରେଷ୍ଠ ଭୂଷଣ! ହାରିଯାଇଥିବା ଲୋକ ବେଶ୍ ଭଲଭାବରେ ବୁଝିପାରେ, ତା'ର ସ୍ଥିତାବସ୍ଥା ଓ ପୁନଃ ଗତିଶୀଳତା ସମ୍ପର୍କରେ। ସେ ମଧ୍ୟ ଭଲଭାବରେ ହିସାବ କରିପାରେ, ତା'ର ଶକ୍ତି, ସାମର୍ଥ୍ୟ, ଦୁର୍ବଳତା, ଅସାମର୍ଥ୍ୟ ସମ୍ପର୍କରେ। ତା'ର ଉଦ୍ୟମ, ମେହନତ, ସାଧନାର ରୂପରେଖକୁ ସେ ଆଙ୍କିପାରେ ଏବଂ ନିଜର କ୍ଷେତ୍ର, ସୀମାସରହଦ ଭିତରେ ସେ ସର୍ବଦା ରହିବାକୁ ଉଚିତ ମନେକରେ। ହାରିଯାଇଥିବା ଲୋକ କେବେ ନିଜର ଅଧିକାର ପାଇଁ ତୁମୁଳ କାଣ୍ଡ ଭିଆଏ ନାହିଁ କି ନିଜର ବୃଥା ଅହଙ୍କାର ଦେଖେଇବାର ଶୋ' ବାଜି କି ଆସ୍ପର୍ଦ୍ଧା କରେନାହିଁ।

ଇତିହାସ ହିଁ ଯଥେଷ୍ଟ। କାରଣ, ଇତିହାସ ମୂକସାକ୍ଷୀ ଅଛି, ହାରିଯାଇଥିବା ତକ୍ଷଶୀଳାର ରାଜା ପୁରୁ ବିଶ୍ୱବିଜୟୀ ଗ୍ରୀକ୍ ସମ୍ରାଟ ଆଲେକ୍‌ଜାଣ୍ଡାରଙ୍କୁ କେମିତି ଶବ୍ଦ ଶିଖେଇଥିଲା ! ପରାଜୟୀ ପୁରୁଙ୍କୁ ବିଜୟୀ ଆଲେକ୍‌ଜାଣ୍ଡାରଙ୍କ ପ୍ରଶ୍ନ ଥିଲା; ''ଆପଣ (ମୋ ପାଖରୁ) କେଉଁ ଭଳି ବ୍ୟବହାର ଚାହୁଁଛନ୍ତି?'' ପରାଜୟ ଗ୍ଲାନିରେ ମ୍ରିୟମାଣ ନ ହୋଇ ରାଜା ପୁରୁ ନିର୍ଭୀକ ଓ ଦୃଢ଼ ଉତ୍ତର ଦେଇଥିଲେ, ''ଯେପରି ଜଣେ ରାଜା ଅନ୍ୟ ଏକ ରାଜାଙ୍କୁ ବ୍ୟବହାର ପ୍ରଦର୍ଶନ କରିଥାନ୍ତି, ମୁଁ ଠିକ୍ ସେଇ ବ୍ୟବହାର ଆପଣଙ୍କଠାରୁ ଚାହୁଁଛି।''

ଅନ୍ୟମାନଙ୍କୁ ଆଦର, ସ୍ନେହ, ସମ୍ମାନ ଦେବା, ପରସ୍ପର ଭିତରେ ପ୍ରେମ, ଦୟା, କ୍ଷମା, ତ୍ୟାଗ, କରୁଣା, ସମ୍ପର୍କ, ଭଲପାଇବାର ବାର୍ତ୍ତା ବାଣ୍ଟିବା, ହାରିଯାଇଥିବା ଲୋକର ନିରୁତା ଆତ୍ମତୃପ୍ତି, ପରମ ଆନନ୍ଦ! ଅଥଚ ଜିତିଯାଇଥିବା ଲୋକମାନଙ୍କ ଗତିବିଧି, ଚାଲିଚଳନ, ହାବଭାବ, ଆଚାରବିଚାରକୁ ଅତିନିକଟରୁ ଦେଖି, ପରଖି, ଜାଣିବା ଓ ବୁଝିବାର ଯଥେଷ୍ଟ ଆବଶ୍ୟକତା ରହିଛି। ସମୟ ଆସିବ, ଆପଣ ବି କହିବାକୁ ବାଧ୍ୟ ହେବେ; 'ହେଃ ଭଲକରି ଚିହ୍ନ ଭ୍ରାତାଙ୍କ ବଦନ!'

ଅତଏବ ଜୀବନ ଯୁଦ୍ଧରେ କେବେ କେମିତି ହାରିଯାଇଥିବା ବା ହାରିଯାଉଥିବା ଲୋକ ଅନ୍ୟର ହୃଦୟକୁ ଜୟ କରିପାରେ ବିଭିନ୍ନ ଭାବରେ। ହାରିଯାଇଥିବା ଲୋକର ମନଫୁଲ ଆସ୍ତେ ଆସ୍ତେ ମଉଳିଯିବ,ହୃଦୟ ମୀନାର୍ ଭାଙ୍ଗି ଚୂରମାର୍ ହୋଇଯିବ ବୋଲି ଯେ କହେ, ସେ ହିନ୍ଦୀ ଫିଲ୍ମ ବାଜିଗର୍‌ରେ ବାଜିଗର୍ ଭୂମିକାକୁ ନିଖୁଣ ଭାବେ ନିଭେଇଥିବା ଶାହରୁଖ ଖାଁଙ୍କର ଦମ୍‌ଦାର ଡାଇଲଗକୁ ନିହାତି ମନେପକେଇବା ଉଚିତ। 'ହାର୍ କେ ଜିତ୍ ନେ ୱାଲେକୋ ବାଜିଗର୍ କେହେତେ ହୈ! ହାଃ ହାଃ ହାଃ। କିଂ ଅଧିକଂ ?

ବୀମାବିହାର, ମର୍କତନଗର, ସେକ୍ଟର୍-୬, କଟକ, ମୋ: ୯୪୩୭୦୯୦୯୮୫

## ଏଇ ଭାରତରେ

ମାଣିଷ ଏବଂ ଗଛର ସୁରକ୍ଷା କରୁଛନ୍ତି ଆନ୍ଧ୍ରପ୍ରଦେଶର ଡାକ୍ତର ନର୍ପଲା ପ୍ରବୀଣ। ସେ ଚିତୋର ଜିଲାର ଗ୍ରାମୀଣ ଅଞ୍ଚଳରେ ପୁଷ୍ଟିହୀନତା ଭଳି ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବା ସକାଶେ ମେଡିକାଲ କ୍ୟାମ୍ପ ଆୟୋଜନ କରୁଛନ୍ତି। କେବଳ ଏତିକି ନୁହେଁ ଡା. ପ୍ରବୀଣ ପରିବେଶ ସୁରକ୍ଷା ଅଭିଯାନର ମଧ୍ୟ ନେତୃତ୍ୱ ନେଉଛନ୍ତି। ଏବେ ସୁଦ୍ଧା ସେ ୫୦,୦୦୦ ଗଛ ଲଗାଇ ସାରିଲେଣି। ଏହି ସବୁ କାର୍ଯ୍ୟ ତାଙ୍କ ନେତୃତ୍ୱରେ ଚାଲିଛି। ପ୍ରବୀଣଙ୍କ ପିତା ଡ. ଆନନ୍ଦ ରାଓ ଜଣେ ଡାକ୍ତର ଓ ତାଙ୍କ ପ୍ରେରଣାରେ ସେ ଏହି କାର୍ଯ୍ୟ କରିବାକୁ ଆଗକୁ ଆସିଛନ୍ତି। ୧୯୯୪ରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ରୁରାଲ ହେଲ୍‌ଥ ଏଜୁକେଶନାଲ ସୋସାଇଟି ଗ୍ରାମାଞ୍ଚଳରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଥିଲା। ପ୍ରବୀଣ ଏମ୍‌ବିବିଏସ୍ ପଢିବା ସମୟରେ ଏହି ସଂସ୍ଥା ସହ ଜଡ଼ିତ ହୋଇ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ସେବା ଯୋଗାଇବା ଆରମ୍ଭ କରିଥିଲେ। ଏବେ ଗୟମୀଣ ଅଞ୍ଚଳରେ ନୀରବ ଘାତକ ସାଜିଥିବା ରକ୍ତହୀନତା ରୋଗ ନିରାକରଣ ପାଇଁ ଅଭିଯାନ ଚଳାଇଛନ୍ତି। ଏହାସହ ସେ ତାଙ୍କ ମାତା ସୌଭାଗ୍ୟବତୀ ଗାରୁଙ୍କ ପ୍ରେରଣାରେ ପରିବେଶ ସୁରକ୍ଷା ଅଭିଯାନ ୨୦୦୮ ଆରମ୍ଭ କରିଥିଲେ। ଭାଗ୍ୟନନ୍ଦ ବଟାନିକାଲ ସୋସାଇଟି ଗଠନ କରି ତା' ମାଧ୍ୟମରେ ଗଛ ଲଗାଇ ଚାଲିଛନ୍ତି। କେବଳ ଏତିକ ନୁହେଁ ପରିବେଶ ସୁରକ୍ଷା ପାଇଁ ସେ ବିଦ୍ୟୁତ୍ ଚାଳିତ ଗାଡ଼ି ଉପରେ ସଚେତନତା ସୃଷ୍ଟି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୭୫

- କେନ୍ଦ୍ର ଆୟକର କର୍ତ୍ତୃପକ୍ଷ ଗୋଆଲିଅର ରାଜପ୍ରାସାଦରୁ ୧ କୋଟି ୬୨ ଲକ୍ଷ ଟଙ୍କା ମୂଲ୍ୟର ରତ୍ନ ଓ ସ୍ୱର୍ଣ୍ଣ ଅଳଙ୍କାର ଜବତ କରିଛନ୍ତି।
- ଭାରତ ଓ ପୂର୍ବ ଜର୍ମାନୀ ମଧ୍ୟରେ ଥିବା ସମ୍ପର୍କକୁ ଆହୁରି ଦୃଢ଼ୀଭୂତ କରିବା ପାଇଁ ଉଭୟ ଦେଶ ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ।
- ବେରୁଟର ୪୦ କିଲୋମିଟର ଦୂରବର୍ତ୍ତୀ ଜାହଲେ ଅଞ୍ଚଳରେ ଘଟିଥିବା ସଶସ୍ତ୍ର ସଂଘର୍ଷରେ ୫୦ ବ୍ୟକ୍ତି ନିହତ।

## ଚିରନ୍ତନୀ

ବାସନାଞ୍ଚଳ ଲୁଚିଲା ଗୋଧୂଳି ଆଲୋକେ
ଧୀରେ ଠାରି
ବକ୍ଷ ମୋହର ଚିରିଗଲା ଏକ ପଲକେ
ଛୁରି ମାରି।

-(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 6 | | 2 | 8 | 7 | 5 | |
| | | | | | 1 | 6 | | |
| | | 8 | | | | | 1 | |
| | | 3 | 9 | | | | 7 | 1 |
| | | 7 | | | | | | |
| 9 | | | | 6 | | | | 4 |
| 4 | | | | | | | | |
| | 7 | | 5 | | 2 | | 8 | |
| | | | | | 7 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 2 | 7 | 8 | 4 | 5 | 9 | 3 |
| 8 | 3 | 9 | 6 | 5 | 1 | 7 | 2 | 4 |
| 7 | 5 | 4 | 2 | 3 | 9 | 8 | 6 | 1 |
| 3 | 9 | 6 | 8 | 1 | 2 | 4 | 5 | 7 |
| 5 | 2 | 8 | 4 | 7 | 6 | 3 | 1 | 9 |
| 4 | 1 | 7 | 3 | 9 | 5 | 6 | 8 | 2 |
| 9 | 8 | 1 | 5 | 4 | 3 | 2 | 7 | 6 |
| 2 | 7 | 3 | 9 | 6 | 8 | 1 | 4 | 5 |
| 6 | 4 | 5 | 1 | 2 | 7 | 9 | 3 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଜୀବ ପ୍ରତି ନିଷ୍ଠୁରତା ବନ୍ଦ ହେଉ

ମହାଶୟ,

ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ଜୀବପ୍ରତି ଦୟା କରୁ ନ ଥିବା ବ୍ୟକ୍ତି ଚାଣ୍ଡାଳ ସହ ସମାନ ହୋଇଥାନ୍ତି । ପଶୁପକ୍ଷୀ, ଜୀବଜନ୍ତୁଙ୍କଠାରେ ଦୟାଭାବ ଦେଖାଇବା ଆମ ମଣିଷଙ୍କର ସହଜାତ ପ୍ରବୃତ୍ତି । ମାତ୍ର ଅତିରଞ୍ଜିତ କଳା ପ୍ରଦର୍ଶନ ଆଳରେ ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁର ତଥା ବର୍ବର ଆଚରଣ ଆଦୌ ଶୋଭନୀୟ ନୁହେଁ । ବଡ଼ ଦୁଃଖର ବିଷୟ ଯେ, ଆମପରି ସଭ୍ୟସମାଜ ସମ୍ମୁଖରେ ଏଭଳି ଆଚରଣ କରାଯାଉଥିଲେ ମଧ୍ୟ ଆମେ ଚୁପ୍ ହୋଇ ବସିରହିବା ଆମ ମଣିଷ ପଣିଆକୁ କ୍ଷୁଣ୍ଣ କରୁଛି । ଜୀବ ପ୍ରତି ନିଷ୍ଠୁର ଆଚରଣ କରୁଥିବା ବ୍ୟକ୍ତିଙ୍କୁ କଠୋରରୁ କଠୋର ଦଣ୍ଡର ଆବଶ୍ୟକତା ରହିଛି । ଯଦି ତୁମକୁ ଭଗବାନ୍ କଳା ଦେଇଛନ୍ତି ତା'ହେଲେ ଅଭିନୟ ମାଧ୍ୟମରେ କଳା ପ୍ରଦର୍ଶନ କରି ଦର୍ଶକଙ୍କ ହୃଦୟ ଜିଣନ୍ତୁ । ମାତ୍ର ଏଭଳି ନୀଚ ମାନସିକତାଠାରୁ ଦୂରେଇ ରୁହନ୍ତୁ ।

-ଅଶୋକ ରାଉଳ, ଅଡ଼ଙ୍ଗ, ଅଣଖିଆ, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ଏନ୍‌ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶିତ

**କଟକ,୧୩।୧୨ (କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ସୂଚନାନୁସାରେ, ଏହି ପରୀକ୍ଷା ନିମନ୍ତେ ରାଜ୍ୟର ୩୩୪ଟି କେନ୍ଦ୍ରରେ ୫୧,୯୨୪ ଜଣ ପରୀକ୍ଷା ଦେଇଥିଲେ। ଫର୍ମପୂରଣ କରିଥିଲେ ବି ପରୀକ୍ଷା କେନ୍ଦ୍ରରେ ୧୭୬୯ ଜଣ ଅନୁପସ୍ଥିତ ଥିଲେ। ଗତ ନଭେମ୍ବର ୫ ତାରିଖରେ ପରୀକ୍ଷା ହୋଇଥିଲା ବୋଲି ବୋର୍ଡ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ଜଣାଯାଇଛି।

# ଜର୍ମାନ ଜ୍ଞାନକୌଶଳରେ ଦେଶରେ ପ୍ରଥମ ସିନ୍ଥେଟିକ୍ ରାସ୍ତା

**କାମାକ୍ଷାନଗର, ୧୩।୧୨ (ସୁଧୀର କୁମାର ପରିଡ଼ା)**


ବିଭାଗୀୟ ଅଧିକାରୀମାନେ ରାସ୍ତା ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କରୁଛନ୍ତି।

ଦେଶରେ ପ୍ରଥମ ଥର ଜର୍ମାନ ଜ୍ଞାନକୌଶଳରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସିରେ ନିର୍ମାଣ ହେଉଛି ସିନ୍ଥେଟିକ୍ ରାସ୍ତା। ସହରର ଇଲେକ୍ଟ୍ରି ଅଫିସ ଛକଠାରୁ କାମାକ୍ଷାନଗର ମହାବିଦ୍ୟାଳୟ ପର୍ଯ୍ୟନ୍ତ ୮୦୦ ମିଟର ରାସ୍ତା ପାଇଁ ପ୍ରାୟ ୬.୯ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜର୍ମାନ ଜ୍ଞାନକୌଶଳରେ ନିର୍ମିତ ଏହି ରାସ୍ତା କାମାକ୍ଷାନଗର ସହରରେ ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବେ ନିର୍ମାଣ କାର୍ଯ୍ୟ ଜାରି ରହିଛି ବୋଲି କନ୍‌ଷ୍ଟ୍ରକଶନ୍ କମ୍ପାନୀର ଅଧିକାରୀ ଓ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ରାସ୍ତା ଦୀର୍ଘ ସ୍ଥାୟୀ ସହ ଏହାର ରକ୍ଷଣାବେକ୍ଷଣ କମ୍ ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ପ୍ରଦାନ କରିଛନ୍ତି। ସିନ୍ଥେଟିକ୍ ଚଦର ଉପରେ ପିଚୁ ଢଳାଯାଇ ରାସ୍ତା ନିର୍ମାଣ ଚାଲିଥିବା ବେଳେ ସିଗନା ଏନ୍‌ଟେକ୍ କନ୍‌ଷ୍ଟ୍ରକଶନ୍‌ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାସ୍ତା ନିର୍ମାଣ ହେଉଛି। ସିଗନା ଏନ୍‌ଟେକ୍ ଉପଦେଷ୍ଟା ଇଂ. ଉମାଶଙ୍କର ପଟ୍ଟନାୟକ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଜୟନ୍ତ କୁମାର ନାୟକ, ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅଚ୍ୟୁତାନନ୍ଦ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସୀମାନ୍ତରେ ଏନ୍‌କାଉଣ୍ଟରରେ ୨ ମାଓବାଦୀ ମୃତ

**ମାଲକାନଗିରି,୧୩।୧୨ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି। ପୋଲିସ ଏନ୍‌କାଉଣ୍ଟରରେ ଦୁଇ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ପୋଲିସ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ କରିଥିବା ଜଣାପଡିଛି। ଯବାନମାନେ କୋମ୍ବିଂ ଅପରେଶନ ସାରି ଫେରିବା ପରେ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯିବ ବୋଲି ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବିଜାପୁର ଜିଲା ବାସାଗୁଡା ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇଁ ସିଆର୍‌ପିଏଫ୍ ଓ ଡିଆର୍‌ଜି ଯବାନମାନେ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଆରମ୍ଭ କରିବା ସହ ବାସାଗୁଡା ଜଙ୍ଗଲରେ ପ୍ରବେଶ କରିଥିଲେ। ତେବେ ଯବାନମାନେ ଆସୁଥିବା ଜାଣି ମାଓବାଦୀମାନେ ପ୍ରଥମେ ଗୁଳି ଚାଳନା କରିଥିଲେ। ଏହାର ପାଲଟା ଜବାବରେ ଯବାନମାନେ ମଧ୍ୟ ଗୁଳି ବିନିମୟ କରିଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ପରେ ଯବାନଙ୍କ ଆକ୍ରମଣକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ସର୍ଚ୍ଚ ଅପରେଶନ ସମୟରେ ଯବାନଙ୍କୁ ଦୁଇ ମାଓବାଦୀଙ୍କ ମୃତଦେହ ମିଳିଥିଲା।


ଭୁବନେଶ୍ୱରସ୍ଥିତ 'ଧରିତ୍ରୀ'ର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବରିଷ୍ଠ ସହସମ୍ପାଦିକା ସଂଘମିତ୍ରା ମହାନ୍ତି ମୟୂରଭଞ୍ଜ ଜିଲା ଶିମିଳିପାଳରେ ପରିବେଶ ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରୁଥିବା 'ସଂଗ୍ରାମ' ଅନୁଷ୍ଠାନର ସଞ୍ଜୁକ୍ତା ବାସାଙ୍କୁ 'ଧରିତ୍ରୀ କ୍ଲାଇମେଟ୍ ଗ୍ରାଣ୍ଟ' ବିଜେତା ଭାବେ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି। ନିକଟରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସମେତ ଧରିତ୍ରୀ ପରିବାରର ସଦସ୍ୟମାନେ ଉପସ୍ଥିତ ଅଛନ୍ତି।

# ମାଲକାନଗିରି ବିକାଶ ନିମନ୍ତେ ଦିଆଯିବ ଅଗ୍ରାଧିକାର

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଜିଲାସ୍ତରୀୟ ମହୋତ୍ସବ 'ମାଲ୍ୟବନ୍ତ' ଉଦ୍‌ଘାଟିତ

**ମାଲକାନଗିରି, ୧୩।୧୨ (ଦୁର୍ଯ୍ୟୋଧନ ପାତ୍ର)**



ମାଲକାନଗିରି ଜିଲାସ୍ତରୀୟ ମହୋତ୍ସବ 'ମାଲ୍ୟବନ୍ତ' ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

ମାଲକାନଗିରି ଜିଲାସ୍ତରୀୟ ମହୋତ୍ସବ 'ମାଲ୍ୟବନ୍ତ' ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମାଲ୍ୟବନ୍ତ ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଆଦିବାସୀ ପଡ଼ିଆରେ ଅନୁଷ୍ଠିତ କୃଷି ମେଳା ଉଦ୍‌ଘାଟନ କରିବା ସହ ମେଳାରେ ବିଭିନ୍ନ କମ୍ପାନୀ ଦ୍ୱାରା କୃଷି ଯନ୍ତ୍ରପାତି, ଯାନବାହନ ଇତ୍ୟାଦି ପରିଦର୍ଶନ କରିଥିଲେ। ପରେ ଡିଏନ୍‌କେ ଖେଳପଡ଼ିଆରେ ଓର୍‌ମାସ ତରଫରୁ ବିଭିନ୍ନ ଜିଲା ଏବଂ ରାଜ୍ୟରୁ ଆସିଥିବା ବ୍ୟବସାୟୀଙ୍କ ଷ୍ଟଲଗୁଡ଼ିକ ବୁଲି ଦେଖିଥିଲେ।

ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମାଝୀ ମାଲ୍ୟବନ୍ତ ମହୋତ୍ସବର ଉଦ୍ଦେଶ୍ୟ, ଜିଲାର ଜନଜାତିଙ୍କ ବିଲୁପ୍ତ ହୋଇଯାଉଥିବା କଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ମାଲ୍ୟବନ୍ତ ଉତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲାକୁ ୧ ନମ୍ବର ଜିଲା ଭାବେ ପରିଣତ କରିବା ଏବଂ ଜିଲାର ସର୍ବାଙ୍ଗୀନ ଉନ୍ନତି ଆମ ସରକାରଙ୍କ ଦାୟିତ୍ୱ ବୋଲି ସେ ପ୍ରକାଶ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ମଞ୍ଚାସୀନ ଥିଲେ। ମାଲକାନଗିରି ଜିଲାର ସମସ୍ତ ଅଞ୍ଚଳରେ କିପରି ଶିକ୍ଷାର ବିକାଶ ସହ ଜନଜାତିଙ୍କ ପରମ୍ପରା ବଜାୟ ରହିବ ସେଥିପ୍ରତି ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଶିକ୍ଷାମନ୍ତ୍ରୀ ଗଣ୍ଡ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲା ଓ ରାଜ୍ୟ ବାହାରୁ ଆସିଥିବା କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ପରିବେଷଣ କରାଯାଇଥିଲା।







୨୦୨୪ ଉତ୍ତର ଓଡ଼ିଶା ପାଇଁ ଥିଲା ଘଟଣାବହୁଳ । ବେଶ୍ କିଛିଦିନ ସାଧାରଣ ନିର୍ବାଚନର ଉଷ୍ମତା ପରେ କେନ୍ଦୁଝର ଜିଲାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ହେବାର ଗୌରବ ମଣ୍ଡନ କରିଥିଲେ ମୋହନ ଚରଣ ମାଝୀ। ଭୁଲ୍ ବୁଝାମଣାରୁ ବାଲେଶ୍ୱର ଓ ଭଦ୍ରକ ଜିଲାରେ ଦେଖାଦେଇଥିଲା ସାମ୍ପ୍ରଦାୟିକ ହିଂସା। କର୍ଫ୍ୟୁ ଏବଂ ୧୬୩ ଧାରା କବଳରେ କଲବଲ ହୋଇଥିଲେ ସାଧାରଣ ଜନତା। ବାତ୍ୟା 'ଦାନା' ବି ଦେଇଥିଲା ଅନେକ ଦୁଃଖ। ମହାବଳ ବାଘୁଣୀ ଯମୁନା ଓ ଜିନ୍ନତଙ୍କ ଭଳି ନୂଆ ଅତିଥିଙ୍କୁ ପାଇ ଖୁସି ହେଉଥିବା ମୟୂରଭଞ୍ଜ ଜିଲାବାସୀ ପରବର୍ତ୍ତୀ ସମୟରେ ଭୟ ଓ ଆତଙ୍କିତ ହୋଇପଡ଼ିଥିଲେ। କେନ୍ଦୁଝର, ମୟୂରଭଞ୍ଜରେ ୨୦ରୁ ଊର୍ଦ୍ଧ୍ୱ ହାତୀଙ୍କ ମୃତ୍ୟୁ ହୋଇଥିବା ବେଳେ ହାତୀ ଆକ୍ରମଣରେ ୧୬ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଏହିଭଳି ଘଟଣାକ୍ରମକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା....



ବାଲେଶ୍ୱର

# ୨ ସହର ଅଶାନ୍ତ

## ସୋସିଆଲ ମିଡିଆ ପୋଷ୍ଟରୁ ତୁମୁଳକାଣ୍ଡ

ସେପ୍ଟେମ୍ବର ୨୭ରେ ସୋସିଆଲ ମିଡିଆରେ ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ନେଇ ଜଣେ ଯୁବକଙ୍କ ପୋଷ୍ଟରୁ ଭଦ୍ରକ ସହରରେ ତୁମୁଳକାଣ୍ଡ ଘଟିଥିଲା । ଉକ୍ତ ଯୁବକଙ୍କୁ ଗିରଫ ଦାବିରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଶତାଧିକ ଯୁବକ ଏକାଠି ହୋଇ ଭଦ୍ରକ ସହର ଆଡ଼କୁ ଆସୁଥିବା ବେଳେ ସନ୍ଥିଆ ପୋଲ ନିକଟରେ ପୋଲିସ ଅଟକାଇବାରୁ ସେମାନେ ଆକ୍ରମଣ କରିଥିଲେ । ପୋଲିସ ଉପରକୁ ଇଟା, ଢେଲା ମାଡ଼ବେଳେ ସେଠାରେ ଉପସ୍ଥିତ ତହସିଲଦାରଙ୍କ ଗାଡ଼ି ଭାଙ୍ଗିଯାଇଥିଲା । ସ୍ଥିତି ଅସମ୍ଭାଳ ହେବାରୁ ପୋଲିସ ଲାଠିଚାର୍ଜ କରିଥିଲା । ଜିଲା ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି କରାଯାଇଥିଲା । ଉକ୍ତ ପୋଷ୍ଟକୁ ନେଇ ଧାମନଗରରେ ମଧ୍ୟ ଉତ୍ତେଜନା ଦେଖାଦେଇଥିଲା ।



ଭଦ୍ରକ

## କର୍ଫ୍ୟୁ କଳା କଲବଲ

ବାଲେଶ୍ୱର ସହର ଭୁଜାଖିଆ ପୀର ନିକଟସ୍ଥ ନାଳରେ ପ୍ରବାହିତ ଲାଲ୍ ରଙ୍ଗର ପାଣିକୁ କେନ୍ଦ୍ର କରି ଗତ ଜୁନ୍ ୧୭ରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବା ସହ ଅଶାନ୍ତ ହୋଇପଡ଼ିଥିଲା ସହର। ଗୋଷ୍ଠୀ ସଂଘର୍ଷ ସହ ପୋଲିସ ଫୋର୍ସ ଉପରକୁ ପଥର ମାଡ଼ ହୋଇଥିଲା। ଢେଲା ପଥର ମାଡ଼ରେ ସାଧାରଣ ଜନତା, ପୋଲିସ ଓ ଗଣମାଧ୍ୟମ ପ୍ରତିନିଧି ଆହତ ହୋଇଥିଲେ। ଏହାପରେ ଜୁନ୍ ୧୮ ତାରିଖରୁ ସମଗ୍ର ବାଲେଶ୍ୱର ସହରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଜାରି କରାଯାଇଥିଲା। ଏପରି କି ଇଣ୍ଟରନେଟ୍ ସେବା ମଧ୍ୟ ବନ୍ଦ ରଖାଯାଇଥିଲା। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ, ପ୍ରଶାସନ ପକ୍ଷରୁ ଉଭୟ ଗୋଷ୍ଠୀର ଲୋକଙ୍କୁ ନେଇ ଶାନ୍ତି କମିଟି ବୈଠକ କରାଯାଇଥିଲା। ସ୍ଥିତି ସ୍ୱାଭାବିକ ହେବା ପରେ ଜୁଲାଇ ୨ରୁ ସହରରୁ କର୍ଫ୍ୟୁ ହଟିଥିଲା।

## ବୁଥ୍ ପରିସରରେ ସ୍ତ୍ରୀଙ୍କୁ ହତ୍ୟା



ରଶ୍ମିରେଖା ବେହେରା

ଜୁନ୍ ୧ରେ ସାଧାରଣ ନିର୍ବାଚନ ବେଳେ ଭଦ୍ରକ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ କାଉପୁର ପଞ୍ଚାୟତର ମୁକ୍ତାଡି ସ୍କୁଲରେ ଚାଲିଥିବା ୪ ନଂ. ବୁଥ୍ ପରିସରରେ ସ୍ତ୍ରୀଙ୍କୁ ଭୁଜାଲିରେ ହାଣି ହତ୍ୟା କରିଥିଲେ ସ୍ୱାମୀ । ପାରିବାରିକ କଳହକୁ ନେଇ ଏହି ଜଘନ୍ୟ କାଣ୍ଡ ଘଟିଥିଲା। ବାପଘରେ ରହୁଥିବା ଗ୍ରାମାଞ୍ଚଳ ଥାନା ଅଧୀନ ଜିରାଗମ୍ଭୀରା ଗ୍ରାମର ରଶ୍ମିରେଖା ବେହେରା(୨୫) ଭୋଟ ଦେବା ପାଇଁ ବୁଥ୍‌କୁ ଆସି ଧାଡ଼ିରେ ଠିଆ ହୋଇଥିବା ବେଳେ ତାଙ୍କ ସ୍ୱାମୀ ମୁକ୍ତାଡି ଗ୍ରାମର ପ୍ରଭାକର ରାଉତ(୩୦) ତାଙ୍କୁ ଭୁଜାଲିରେ ହାଣି ହତ୍ୟା କରିଥିଲେ ।

## ବେଙ୍ଗାଲୁରୁରେ ପ୍ରେମିକାଙ୍କୁ ମାରି ଆରଡ଼ିରେ ଆତ୍ମହତ୍ୟା

ସେପ୍ଟେମ୍ବର ୨୬ରେ ବେଙ୍ଗାଲୁରୁରେ ବହୁଚର୍ଚ୍ଚିତ ମହାଲକ୍ଷ୍ମୀ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ତାଙ୍କ ପ୍ରେମିକ ଆରଡ଼ି ଫାଣ୍ଡି ଅଧୀନ ଭୂଇଁପୁର ଗାଁର ମୁକ୍ତିରଞ୍ଜନ ରାୟ(୩୨) ଆତ୍ମହତ୍ୟା କରିଥିଲେ । ଚମ୍ପାସାହି ମୁଖ୍ୟରାସ୍ତା କଡ଼ରେ ଥିବା କୁଳେଇପଦା ଶ୍ମଶାନ ନିକଟ ଏକ ଗଛରେ ରଶି ଲଗାଇ ସେ ଝୁଲି ପଡ଼ିଥିଲେ । ଆତ୍ମହତ୍ୟା ପୂର୍ବ ରାତିରେ ସେ ଘରେ ପହଞ୍ଚି ବେଙ୍ଗାଲୁରୁରେ ଜଣେ ଝିଅର ଅତ୍ୟାଚାରରେ ଅତିଷ୍ଠ ହୋଇ ୧୫ ଦିନ ତଳେ ତାଙ୍କୁ ତଣ୍ଟିଚିପି ମାରିଦେଇଥିବା ମୁକ୍ତିରଞ୍ଜନ ମା' ଆଗରେ କହିଥିଲେ । ଏଥିସହ ସମସ୍ତ ଘଟଣା ଜଣାଇଥିଲେ । ସେ ମହାଲକ୍ଷ୍ମୀଙ୍କୁ ହତ୍ୟା ପରେ ୫୯ ଖଣ୍ଡ କରି ଫ୍ରିଜ୍‌ରେ ରଖି ଦେଇଥିଲେ । ଧରା ପଡ଼ିଯିବା ଭୟରେ ସେ ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା ।



ମହାଲକ୍ଷ୍ମୀ

ମୁକ୍ତିରଞ୍ଜନ



ଯମୁନା

ଜିନ୍ନତ

## ଶିମିଳିପାଳରେ ନୂଆ ଅତିଥି

# ଯମୁନା, ଜିନ୍ନତ

ମହାବଳ ବାଘ ବଂଶ ବୃଦ୍ଧି ପାଇଁ ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟକୁ ଦୁଇ ନୂଆ ବାଘୁଣୀ ଯମୁନା ଓ ଜିନ୍ନତକୁ ଅଣାଯାଇଛି। ମହାରାଷ୍ଟ୍ର ରାଜ୍ୟ ତଡ଼ବା ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଏହି ଦୁଇ ବାଘୁଣୀଙ୍କୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଅଣାଯାଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉତ୍ତର ଓ ଦକ୍ଷିଣ ବନଖଣ୍ଡର କୋର୍ ଅଞ୍ଚଳରେ ଛଡ଼ାଯାଇଛି। ଅକ୍ଟୋବର ୨୭ରେ ପ୍ରଥମେ ଯମୁନାକୁ ଅଣାଯିବା ପରେ ନଭେମ୍ବର ୯ରେ କୋର୍ ଅଞ୍ଚଳରେ ଛଡ଼ାଯାଇଥିଲା। ଯମୁନା ଆସିବାର ୧୯ଦିନ ପରେ ପୁଣି ଏକ ବାଘୁଣୀ ଜିନ୍ନତକୁ ଅଣାଯାଇଥିଲା। ନଭେମ୍ବର ୨୪ରେ ତାକୁ ଏନ୍‌କ୍ଲୋଜରରୁ ମୁକ୍ତି ଦିଆଗଲା। ତେବେ ମହାରାଷ୍ଟ୍ର ସମତଳ ଜଙ୍ଗଲରୁ ଆସିଥିବା ଦୁଇ ବାଘୁଣୀ ଶିମିଳିପାଳର ପାହାଡ଼ିଆ କୋର୍ ଅଞ୍ଚଳ ଛାଡ଼ି ଜନବସତିମୁହାଁ ହେଉଥିବାରୁ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ବାଘୁଣୀ ଜିନ୍ନତ ମଧ୍ୟ ଓଡ଼ିଶା ସୀମା ପାର୍ ହୋଇ ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇଛି। ତେବେ ବାଘ ସଂଖ୍ୟା ବୃଦ୍ଧିନେଇ ବନ ବିଭାଗ ଯେଉଁ ଲକ୍ଷ୍ୟ ରଖିଛି ତାହା କେତେଦୂର ସଫଳ ହେଉଛି ତାହା ଆଗାମୀ ଦିନରେ ଜଣାପଡ଼ିବ।



## କେନ୍ଦୁଝରରୁ ପ୍ରଥମ ମୁଖ୍ୟମନ୍ତ୍ରୀ



-ମୋହନ ଚରଣ ମାଝୀ-

କେନ୍ଦୁଝର ଜିଲା ସଦର ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ଜିଲାରୁ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ସେ ୧୨ ଜୁନ ୨୦୨୪ରେ ଶପଥ ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ଜିଲାକୁ ୪ ଥର ଗସ୍ତ କରି ବିଭିନ୍ନ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। କେନ୍ଦୁଝର ସହର ମଣ୍ଡୁଆସ୍ଥିତ ତାଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠର ଶୁଭାରମ୍ଭ କରିଥିଲେ । ଜଣେ ଦଳୀୟ କର୍ମୀଙ୍କ ଦେହାନ୍ତ ଖବର ପାଇ ଶେଷ ଦର୍ଶନ କରିବାକୁ ପହଞ୍ଚିଥିଲେ । ୧୦୦ ଦିନର ସରକାର ପରେ କେନ୍ଦୁଝର ଗସ୍ତବେଳେ ସମୁଦାୟ ୯୮୭ କୋଟି ଟଙ୍କାର ୧୫୮ଟି ପ୍ରକଳ୍ପର ଭିତ୍ତି ସ୍ଥାପନ କରିଥିଲେ ।

## କାଠରେ ଶ୍ରୀରାମ ଚରିତ ମାନସ



ଅଯୋଧ୍ୟାରେ ୨୨ ଜାନୁୟାରୀ ୨୦୨୪ରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା। ଏଭଳି ସମୟରେ କେନ୍ଦୁଝର ପୁରୁଣା ସହର ଶିବନାରାୟଣପୁର ସାହିର କାଠଶିଳ୍ପୀ ଅଭିମନ୍ୟୁ ମହାରଣା କାଠରେ ଖୋଦେଇ କରି ଶ୍ରୀରାମଙ୍କ ଭବ୍ୟମୂର୍ତ୍ତି ଓ ରାମଚରିତ ମାନସର ସମସ୍ତ କାଣ୍ଡର ପ୍ରମୁଖ ନିଦର୍ଶନକୁ ନେଇ ନିଖୁଣ ଚିତ୍ର ଖୋଦିତ କରିଥିଲେ । ସାଢ଼େ ୩ ଫୁଟ୍ ଉଚ୍ଚତା ଓ ୩ ଫୁଟ୍ ଓସାରର ଶ୍ରୀରାମଙ୍କ ମୂର୍ତ୍ତି ଚାରିପାଖରେ ରାମଚରିତ ମାନସର ସମସ୍ତ କାଣ୍ଡକୁ ନେଇ ସେ ୨୫ ମୂର୍ତ୍ତି ଖୋଦେଇ କରିଥିଲେ ।

## ପରଲୋକରେ ପଦ୍ମଶ୍ରୀ ମାଗୁଣି କୁଅଁର

ପ୍ରଖ୍ୟାତ କଣ୍ଢେଇ ନୃତ୍ୟଗୁରୁ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କର ୨୦୨୪ ଜୁନ୍ ୧ ଶନିବାର କେନ୍ଦୁଝର ପୁରୁଣା ସହର ବୈଦ୍ୟରାଜ ସାହିସ୍ଥିତ ନିଜ ଘରେ ପରଲୋକ ଘଟିଥିଲା । ସେ ୧୫ ବର୍ଷ ବୟସରେ କଣ୍ଢେଇନୃତ୍ୟ ପ୍ରତି ଆକର୍ଷିତ ହୋଇଥିଲେ । କଳା ଶିକ୍ଷା ଲାଭକରି ନିଜସ୍ୱ ଉଦ୍ୟମରେ ଶ୍ରୀ ବିଶ୍ୱକର୍ମା କଳାକୁଞ୍ଜ ନାମରେ ଅନୁଷ୍ଠାନ ଗଠନକରି କଣ୍ଢେଇନୃତ୍ୟକୁ ପ୍ରାୟ ୫ ଦଶନ୍ଧି ଧରି ଲୋକପ୍ରିୟତାର ଶୀର୍ଷରେ ପହଞ୍ଚାଇଥିଲେ । ଜୀବନ ବ୍ୟାପୀ କଳା ସାଧନା ପାଇଁ ୨୦୨୩ରେ ତାଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଥିଲା । ଏଥିସହ ତାଙ୍କୁ ୨୦୦୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ୨୦୧୪ରେ ରାଜ୍ୟ ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ମିଳିଥିଲା ।



## ଖୁସି ଆଣିଦେଲା ସୁନାଖଣି

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଗୋପପୁର ଓ ଗଜିପୁର ଗ୍ରାମ ମାଟି ତଳେ ସୁନା ରହିଛି। ଏ ନେଇ ବିଧାନସଭାରେ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ୫ ଡିସେମ୍ବର ୨୦୨୪ରେ ସୂଚନା ଦେଇଥିଲେ। ପୂର୍ବରୁ ଏ ନେଇ ଜଣାପଡ଼ିଥିଲେ ବି ବିଧାନସଭାରେ ମନ୍ତ୍ରୀଙ୍କ ସୂଚନା ପରେ ଏହା ଉପରେ ସମସ୍ତଙ୍କ ନଜର ରହିଛି।

## ଅଭୟାରଣ୍ୟରେ ଅସୁରକ୍ଷିତ ଗଜରାଜ

କେନ୍ଦୁଝର ବନଖଣ୍ଡରେ ହାତୀ ଉପଦ୍ରବ ବର୍ଷ ତମାମ ଲାଗି ରହିଥିଲା । ହାତୀ ଓ ମଣିଷ ଲଢ଼େଇ ବନ ବିଭାଗ ତଥା ସମସ୍ତଙ୍କ ପାଇଁ ଚିନ୍ତାଜନକ ଥିଲା । ଚଳିତବର୍ଷ ୧୦ ହାତୀଙ୍କ ମୃତ୍ୟୁ ଘଟିଥିଲା । ସେଥି ମଧ୍ୟରୁ ୪ ହାତୀ ଛୁଆ, ୪ ମାଈ, ୧ ଦନ୍ତା ଓ ୧ ମଖନା ହାତୀ । ସେହିପରି ହାତୀ ଆକ୍ରମଣରେ ୧୬ ଲୋକଙ୍କ ପ୍ରାଣ ଯାଇଛି । ହଦଗଡ଼ ହସ୍ତୀ ଅଭୟାରଣ୍ୟରେ ୩ ହାତୀଙ୍କ ମୃତ୍ୟୁ ହୋଇଛି । ସେହିପରି ମୟୂରଭଞ୍ଜ ଜିଲା ଶିମିଳିପାଳ ହସ୍ତୀ ଅଭୟାରଣ୍ୟରେ ହାତୀ ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ବର୍ଷକ ମଧ୍ୟରେ ବିଦ୍ୟୁତ୍ ଆଘାତ ସମେତ ଅନ୍ୟାନ୍ୟ କାରଣରୁ ୮ ହାତୀଙ୍କ ଜୀବନ ଯାଇଛି । ଅସୁସ୍ଥ କୁମକୀ ହାତୀ ଯଶୋଦାର ମଧ୍ୟ ମୃତ୍ୟୁ ଘଟିଛି ।





## 'ଦାନା'ର ତାଣ୍ଡବ

ଅକ୍ଟୋବର ୨୫ରେ ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଧାମରା ଉପକୂଳରେ ତାଣ୍ଡବ ରଚିଥିଲା ବାତ୍ୟା 'ଦାନା' । ଏହାର ପ୍ରଭାବରେ ଚାନ୍ଦବାଲି ଓ ବାସୁଦେବପୁର ବ୍ଲକ୍ ଅଧିକ ପ୍ରଭାବିତ ହୋଇଥିବା ବେଳେ ଭଦ୍ରକ, ବନ୍ତ, ଧାମନଗର ଓ ତିହିଡ଼ିରେ କ୍ଷୟକ୍ଷତି ଘଟିଥିଲା । ବାତ୍ୟା ପରେ ପରେ ବନ୍ୟା ଦାଉ ସାଧିଥିଲା । ବିଭିନ୍ନ ଅଞ୍ଚଳ ଜଳମଗ୍ନ ହେବା ସହ ଲୋକଙ୍କ ଘରେ ପାଣି ପଶିଥିଲା । ସେହିଭଳି ବାଲେଶ୍ୱର ଜିଲାରେ ମଧ୍ୟ 'ଦାନା'ର ପ୍ରକୋପ ଦେଖିବାକୁ ମିଳିଥିଲା । ବାତ୍ୟା ପରେ ବନ୍ୟା ଯୋଗୁ ଲୋକଙ୍କ ଜୀବନ ଜୀବିକା ଦୁର୍ବିସହ ହୋଇପଡ଼ିଥିଲା ।




୧୩।୧୨।୨୦୨୪

| | |
|---|---|
| ୪,୯୫,୦୯୭ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୩.୬୦୦ |

# ଦ୍ୱିପ୍ରହର ଭୋଗମଣ୍ଡପ ସରିବା ପରେ ହେବ କାମ

**ରତ୍ନଭଣ୍ଡାର ମରାମତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ**

ପୁରୀ,୧୩।୧୨ (ଅଜିତ୍ କୁମାର ମହାନ୍ତି)

ରତ୍ନଭଣ୍ଡାର ମରାମତିକୁ ନେଇ ଲାଗି ରହିଥିବା ଆଶା ଅଶଙ୍କା ଦୂର ହୋଇଛି। ଗତ ୧୦ରେ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୭ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଛି। ଏହି ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ନେଇ ଶୁକ୍ରବାର ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ନୀତିନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାରଫିଟିବା ନେଇ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ସରିବା ପରେ କାର୍ଯ୍ୟ ଆରମ୍ଭ ହେବ। ପ୍ରାୟ ପାଞ୍ଚଘଣ୍ଟା ଧରି ମରାମତି କାର୍ଯ୍ୟ କରାଯିବ। ତେବେ ଜିପିଆର ଓ ଜିପିଆରଏସ ସର୍ଭେରେ ଚିହ୍ନଟ ହୋଇଥିବା ରତ୍ନଭଣ୍ଡାରର କାନ୍ଥ



ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ଭୀନିତ୍ ଅଗ୍ରୱାଲଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ଏବଂ ଚଟାଣର ମରାମତି କରାଯିବ। ବିଶେଷକରି ଏହି ମରାମତି ସମୟରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ବ୍ୟବହାର କରି ମରାମତି କରାଯିବ ବୋଲି ସୂଚନା ମିଳିଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ କହିଛନ୍ତି, ୧୭ରୁ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ। ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରାଯିବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକରେ ଅନୁମୋଦିତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ କିପରି ରାତି ୨ଟାରୁ ଦ୍ୱାର ଫିଟାଯାଇ ଠିକ୍ ଭାବରେ ନୀତି କରାଯିବ ଓ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ହେବ ସେ ସମ୍ପର୍କରେ ଆଲୋଚନା ହୋଇଛି। ପ୍ରଥମେ ମରାମତି କାର୍ଯ୍ୟ ସମ୍ପନ୍ନ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ଗୁଡ଼ିକ ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇ ଗଣନ୍ତି ମଣନ୍ତି କରାଯିବ।

ସେହିପରି ଏସ୍‌ପି ଭୀନିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି, ୧୭ରୁ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ, ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ରତ୍ନଭଣ୍ଡାର ମରାମତି ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଆଦିକୁ ସୁଚାରୁରୂପେ ସମ୍ପାଦନ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଶ୍ରୀମନ୍ଦିର ୪ଦ୍ୱାର ଏବଂ ରତ୍ନଭଣ୍ଡାର ବାହାରେ ପୋଲିସ ଅଧିକାରୀ ରହିବେ। ଏ ସମ୍ପର୍କରେ ଏଏସ୍ଆଇ ଡେପୁଟି କନ୍‌ଜରଭେଟର ଚିତ୍ତରଞ୍ଜନ ଦାସ କହିଛନ୍ତି, ୧୦ରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୧୭ରେ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ। ପ୍ରବେଶ, ପ୍ରସ୍ଥାନ, ମରାମତି କାର୍ଯ୍ୟ, ବ୍ୟବହାର ଜିନିଷ ଉପରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ଦିନ ୧୨ଟା ୩୦ରେ କାର୍ଯ୍ୟ ଆରମ୍ଭ ହେବ। ପ୍ରଥମେ ଷ୍ଟେଜିଙ୍ଗ କରାଯିବ। ପରେ ସଫା କରାଯାଇ ଚେକିଂ କରାଯିବ। ମରାମତି ସମୟରେ ବାହାର କାଠ ନିକଟରୁ ଭକ୍ତମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ।

# ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ

ପିପିଲି, ୧୩।୧୨ (ଦୁର୍ଗାମାଧବ ମିଶ୍ର)

ପୋପରଙ୍ଗା ସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଶୁକ୍ରବାର ବ୍ଲକସ୍ତରୀୟ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ଓଷ୍ଟାର ବ୍ଲକ ସଭାପତି ଅକ୍ଷୟ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ଏପରି ଶିଶୁ ମେଳାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା ଓଷ୍ଟା ସମ୍ପାଦକ ବିଭୁଦତ ନାୟକ, କାର୍ଯ୍ୟକାରୀ ସଦସ୍ୟ ପ୍ରକାଶ ଚନ୍ଦ୍ର ଜେନା, ପ୍ରଭାରୀ ଲିଙ୍ଗରାଜ ସାହୁ, ସରପଞ୍ଚ ନିରଞ୍ଜନ ସେନାପତି, ସୁଧୀର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଓଷ୍ଟା ବ୍ଲକ ସମ୍ପାଦକ ହେମନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ୨୦ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଶିଭୂଷଣ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଗୀତା ଜୟନ୍ତୀ ପାଳିତ



ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମଧୁବନସ୍ଥିତ ବିଦ୍ୟାଳୟ ପ୍ରାଙ୍ଗଣରେ ଶୁକ୍ରବାର ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଘୋଡ଼ାବଜାର ସରସ୍ୱତୀ ଜ୍ଞାନମନ୍ଦିରର ସଂସ୍କୃତ ଅଧ୍ୟାପକ ଶ୍ରୀକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣିଙ୍କ ଦ୍ୱାରା ମଞ୍ଚାସୀନ ଅତିଥିଙ୍କ ପରିଚୟ ଓ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ଆଚାର୍ଯ୍ୟା ନମିତା ରାଣୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ନବମ ଶ୍ରେଣୀର ଛାତ୍ରୀ ଶ୍ରେୟା ଶୁଭଶ୍ରୀ ମହାନ୍ତି ଓ ପ୍ରିୟଦର୍ଶନୀ ତ୍ରିପାଠୀଙ୍କ ଦ୍ୱାରା ଦ୍ୱାଦଶ ଶ୍ଲୋକ ଗୀତା ପାଠ କରାଯାଇଥିଲା। ପରେ ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ରଙ୍କ ଦ୍ୱାରା ଉକ୍ତ ଦିନର ଆଭିମୁଖ୍ୟ କଥନ କରାଯାଇଛି। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ଗୀତାର ସାରତତ୍ତ୍ୱକୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ଶେଷରେ ଆଚାର୍ଯ୍ୟା ମମତା ରାଉତରାୟ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ବଡ଼ଦାଣ୍ଡରୁ ଜୋତା ଷ୍ଟାଣ୍ଡ ହଟାଇବାକୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରୁ ସମସ୍ତ ଜୋତା ଷ୍ଟାଣ୍ଡ ହଟାଇବାକୁ ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡକୁ ୨୦୦୨ ମସିହାରୁ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଛି। ରାଜପଥର ରକ୍ଷଣାବେକ୍ଷଣା ଏନ୍ଏଚ୍ ଭୁବନେଶ୍ୱର ଡିଭିଜନ ଦ୍ୱରା କରାଯାଉଛି। ତେବେ ଏନ୍ଏଚ୍ ପକ୍ଷରୁ ବଡ଼ଦାଣ୍ଡରେ ଜୋତାଷ୍ଟାଣ୍ଡ ନିମନ୍ତେ କୌଣସି ଅନୁମତି ପ୍ରଦାନ କରାଯାଇ ନାହିଁ। ମାତ୍ର ବର୍ତ୍ତମାନ ବଡ଼ଦାଣ୍ଡରେ ବେଆଇନ ଭାବେ ଅନେକ ଜୋତାଷ୍ଟାଣ୍ଡ କରାଯାଇଛି। ଏଭଳି କାର୍ଯ୍ୟକୁ ପୁରୀ ପୌରପାଳିକା ଅଧିକାରୀ ପ୍ରଶ୍ରୟ ଦେଉଛନ୍ତି। ଜୋତା ଷ୍ଟାଣ୍ଡ କାରଣରୁ ଯାତାୟାତରେ ସମସ୍ୟା ହେଉଛି। ଲୋକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଡ଼ଦାଣ୍ଡରେ ଥିବା ସମସ୍ତ ବେଆଇନ ଜୋତା ଷ୍ଟାଣ୍ଡକୁ ହଟାଯାଉ ବୋଲି ବରାଳ ଦାବି କରିଛନ୍ତି।

## ମୁନିନ୍ଦାରେ ମା'ଲକ୍ଷ୍ମୀ ଓ ଗଜାନନଙ୍କ ପୂଜାର୍ଚ୍ଚନା

ଡେଲାଙ୍ଗ, ୧୩।୧୨ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ମୁନିନ୍ଦା ଗ୍ରାମରେ ଧନଦାତ୍ରୀ ମା'ଲକ୍ଷ୍ମୀ ଓ ବିଘ୍ନବିନାଶକ ଶ୍ରୀଗଜାନନଙ୍କ ୪ର୍ଥ ବାର୍ଷିକ ପୂଜାର୍ଚ୍ଚନା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶିର ଶୁକ୍ଳପକ୍ଷ ଏକାଦଶୀ ତିଥିରୁ ଦୁଇ ଦେବ ଦେବୀଙ୍କୁ ଆବାହନ କରାଯାଇ ଦ୍ୱାଦଶୀ ଗୁରୁବାର ଷୋଡ଼ଶ ଉପଚାର ପୂଜା ସମ୍ପନ୍ନ ହୋଇଥିଲା। ନବକିଶୋର ଦଳେଇ ଓ ମିନତୀ ଦଳେଇ କର୍ତ୍ତା ଓ କର୍ତ୍ତୀ ଭାବେ ସଂକଳ୍ପ ପୂର୍ବକ ପୂଜା ଓ ଯଜ୍ଞ ସମ୍ପାଦନ କରିଥିଲେ। ପଣ୍ଡିତ ଅନନ୍ତ କୁମାର ଶତପଥୀ, ସହଯୋଗୀ ବିଚିତ୍ରାନନ୍ଦ ମହାପାତ୍ର, ରଶ୍ମିରଞ୍ଜନ ଦାଶ ମନ୍ତ୍ର ପାଠ କରିଥିଲେ। ୨୦୧୯ ମସିହାରେ ସନ୍ନିକଟ ଲୁଣାନଦୀରୁ ଅଷ୍ଟଧାତୁ ନିର୍ମିତ ମା' ଲକ୍ଷ୍ମୀମୂର୍ତ୍ତି ପାଇଁ ନବକିଶୋର ଗୃହରେ ସ୍ଥାପନା କରିବା ସହ ପ୍ରତିବର୍ଷ ମାର୍ଗଶିର ଶେଷ ଗୁରୁବାରରେ ଷୋଡ଼ଶ ଉପଚାର ପୂଜା କରିଆସୁଛନ୍ତି। ରଶ୍ମିରଞ୍ଜନ ଦଳେଇ, ତ୍ରିଲୋଚନ ଦଳେଇ ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ।



ଆଦର୍ଶ ଗ୍ରାମର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ।

# ଧନେଶ୍ୱର ଆଦର୍ଶ ଗ୍ରାମର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ

**୪୦ ଲକ୍ଷ ଟଙ୍କା ବ୍ୟୟରେ ବିକଶିତ ହେବ ଗ୍ରାମ**

ନିମାପଡ଼ା, ୧୩।୧୨ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ପ୍ରଧାନମନ୍ତ୍ରୀଙ୍କ ଆଦର୍ଶ ଗ୍ରାମ ଯୋଜନାରେ ନିମାପଡ଼ା ବ୍ଲକ୍‌ର ୬ ପଞ୍ଚାୟତର ୬ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଚିହ୍ନଟ କରାଯାଇଛି। ଆଦର୍ଶ ଗ୍ରାମଗୁଡ଼ିକ ହେଲା ଧନେଶ୍ୱର, ନୂଆସନ୍ଧ, ମିଟେଇପୁର, ଚଉଁରପଦା, ଭୋଗଶାଳଦା, ଗଡ଼ପଦନପୁର। ଏହି ଆଦର୍ଶ ଗ୍ରାମଗୁଡ଼ିକର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ୪୦ ଲକ୍ଷ ଟଙ୍କାର ବ୍ୟୟବରଦ କରାଯାଇଛି। ଏହି ଅବସରରେ ନିମାପଡ଼ା ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତର ଧନେଶ୍ୱର ଆଦର୍ଶ ଗ୍ରାମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଆୟୋଜିତ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ସଚ୍ଚିଦାନନ୍ଦ ରାଉତରାୟ, ସମିତିସଭ୍ୟା ବେବିନା ଜେନା, ମଣ୍ଡଳ ସଭାପତି ଯତିନ୍ଦ୍ର ସ୍ୱାଇଁ, ପଞ୍ଚାୟତ ସଭାପତି ଧନଞ୍ଜୟ ମହାପାତ୍ରଙ୍କ ସମେତ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏହି ଅବସରରେ ଅଲଣ୍ଡି ଛକ ଠାରୁ ଧନେଶ୍ୱର ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରାରେ ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କୁ ପାଛୋଟି ନେଇଥିଲେ।

## ୧୬ରେ ଡେଲାଙ୍ଗ ଥାନାର ନୂତନ ଗୃହ ଲୋକାର୍ପଣ

ଡେଲାଙ୍ଗ, ୧୩।୧୨ (ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନାର ଦ୍ୱିତଳ ଗୃହ ଆସନ୍ତା ୧୬ରେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିବେ ବୋଲି ସୂଚନା ମିଳିଛି। ଶୁକ୍ରବାର ପୁରୀ ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲ ଏହି ନୂତନ ଗୃହ ପରିଦର୍ଶନ କରିଥିଲେ। ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ନାରାୟଣ ପତି ଓ ଥାନା ନିରୀକ୍ଷକ ଦେବାଶିଷ ମହାନ୍ତି ଏସ୍‌ପିଙ୍କୁ ସ୍ୱାଗତ କରିବା ସହ ନିର୍ମିତ ସୌଧରେ ରହିଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ନୂତନ ଗୃହ ପରିଦର୍ଶନ କରିଥିଲେ।

## ପୋଖରୀରୁ ମିଳିଲା ମୃତଦେହ

ବାରଙ୍ଗ, ୧୩।୧୨ (ଲିଙ୍ଗରାଜ ରାଉତ)

ଦୁଇଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଖରୀରୁ ଶୁକ୍ରବାର ଜବତ ହୋଇଛି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ବସନ୍ତ ପାଣି(୪୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ରଘୁନାଥପୁର ଶିଖରଚଣ୍ଡୀସାହି ମନ୍ଦିର ପୋଖରୀକୁ କେତେଜଣ ଯୁବକ ଗାଧୋଇବାକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ମୃତଦେହ ଉଦ୍ଧାର ପରେ ପରିବାର ଲୋକ ପହଞ୍ଚି ଚିହ୍ନଟ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ପୁସ୍ତକ 'ପରିଣୟର ମଧୁର ମୂର୍ଚ୍ଛନା' ଲୋକାର୍ପଣ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

ଅନୁରାଗ ସାହିତ୍ୟ ସଂଗୋଷ୍ଠୀ ପକ୍ଷରୁ ଅଠରନଳା ମଦନ ମଣ୍ଡପ ଠାରେ 'ପରିଣୟର ମଧୁର ମୂର୍ଚ୍ଛନା' ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିର୍ବିଦ ଅନାମଚନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ ନିରୁପମା ସାହୁଙ୍କ ୫୦ତମ ବିବାହ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ତଥା କବି ଶିବସୁନ୍ଦର ମିଶ୍ର ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ସୌଭାଗ୍ୟ କୁମାର ସାହୁ, ଡ. ଦିଲୀପ ସେନାପତି, କବି ଆର୍ତ୍ତତ୍ରାଣ ମାନସିଂହ, ଅଧ୍ୟାପକ ଭାରତୀ ଭୂଷଣ ଦାସ, ସୁବାସ ଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ନିଜ ନିଜ ଅଭିଭାଷଣରେ ଜ୍ୟୋତିର୍ବିଦ ଅନାମଚନ୍ଦ୍ର ସାହୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପରେ ଅତିଥିମାନେ 'ପରିଣୟର ମଧୁର ମୂର୍ଚ୍ଛନା' ପୁସ୍ତକ ଲୋକାର୍ପଣ କରିବା ସହ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପ୍ରେମ ପ୍ରଣୟ ପରିଣୟ ସମ୍ବନ୍ଧିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଲଲାଟେନ୍ଦୁ ମିଶ୍ର ସଂଯୋଜନା କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପିପିଲି, ୧୩।୧୨ (ପ୍ରଭାତ କୁମାର ମହାପାତ୍ର)

ପିପିଲି ଇନ୍ଦିରା ମୈଦାନ ପଡ଼ିଆରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆୟୋଜିତ ୨ ଦିନିଆ ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ପରିଚାଳନା କମିଟି ସଭାପତି ବିକ୍ରମ କେଶରୀ ସିଂ, ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ରମାକାନ୍ତ ସାହୁ, ଯୁଗ୍ମ ସମ୍ପାଦକ ରମାକାନ୍ତ ନାୟକ, କୋଷାଧ୍ୟକ୍ଷ ରାକେଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଛାତ୍ରୀଛାତ୍ରଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ହୋଇଥାଏ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାମନ୍ଦିର ପ୍ରଧାନଆଚାର୍ଯ୍ୟ ଶଶିଭୂଷଣ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ୨ ଦିନିଆ ପ୍ରତିଯୋଗିତାରେ ବିଦ୍ୟାଳୟର ୬୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବାବେଳେ ୬୦ଜଣ ସଙ୍କୁଳସ୍ତରକୁ ଉନ୍ନୀତ ହୋଇଛନ୍ତି। ବାଳକ ବିଭାଗରେ ରୁଦ୍ର ନାରାୟଣ ରଥ, ଶୁଭମ୍ ହାଁସଦା, ସୌମ୍ୟଜିତ୍ ଦାଶ, ବାଳିକା ବିଭାଗରେ ସୁଶ୍ରୀ ଶୁଭସ୍ମିତା ସାହୁ, ନିକିତା ସାହୁ ଓ ବର୍ଷା ପ୍ରିୟଦର୍ଶିନୀ ରାୟ ପ୍ରମୁଖ ୬ ଜଣଙ୍କୁ ପ୍ରତିଯୋଗିତାରେ ଶ୍ରେଷ୍ଠତା ପ୍ରତିପାଦନ କରି ଚାମ୍ପିୟନ ଘୋଷଣା କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ମାନସ କୁମାର ବାରିକ୍ ପ୍ରତିଯୋଗିତାକୁ ପରିଚାଳନା କରିବା ସହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ।

# ତୃଣମୂଳସ୍ତରରୁ ହକି କୋଚିଂ ଶିବିର ଉଦ୍‌ଘାଟିତ

ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ସ୍କୁଲଠାରେ ହକି ହାଇପର୍ଫରମାନ୍ସ କେନ୍ଦ୍ରର ବ୍ୟବସ୍ଥା ହୋଇଛି। ଏଥିରେ ୮୦ ଜଣ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଉଛନ୍ତି। ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ସହ ଉପକରଣ ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏହାର ଦାୟିତ୍ୱ ନେଇଛି ଓଡ଼ିଶା ନାଭାଲ ଟାଟା ହକି। ଏହି ନୂଆ ତୃଣମୂଳ ପ୍ରଶିକ୍ଷଣ ବା ନିଉ ଗ୍ରାସ୍‌ରୁଟ ସେଣ୍ଟର ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ଓ ଡେପୁଟି ଡାଇରେକ୍ଟର ତଥା ଗ୍ରାସ୍‌ରୁଟ କେନ୍ଦ୍ରର ମୁଖ୍ୟ କୋଚ ଲାଜରୁସ ବାର୍ଲା ଉଦ୍‌ଘାଟନ କରିଛନ୍ତି। ପୁରୀ ଏନ୍ଆଇସିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଏନ୍ଆଇସିର ଡିଆଇଓ ବିଶ୍ୱନାଥ ପଣ୍ଡା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ସମରଥ, ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ଶିକ୍ଷା କାର୍ଯ୍ୟାଳୟର ଆଇପିଇ ମହେନ୍ଦ୍ର କୁମାର ବିଶ୍ୱାଳ, ଜିଲା ପାଇଁ ନିଯୁକ୍ତ ଗ୍ରାସରୁଟ ବରିଷ୍ଠ କୋଚ ଶେଖର ଚନ୍ଦ୍ର ବେହେରା, ଜିଲା ସ୍କୁଲ ପିଇଟି ରଞ୍ଜନ କୁମାର ରେଡ୍ଡି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ଦିନ ପୂର୍ବାହ୍ନ ଓ ଅପରାହ୍ନରେ ୪୦ ଜଣ ଲେଖାଏ ବାଳକ ଓ ବାଳିକା ହକି ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ଦକ୍ଷତାକୁ ମ୍ୟାଚ୍ ମାଧ୍ୟମରେ ଅନୁଧ୍ୟାନ କରାଯିବାର ବ୍ୟବସ୍ଥା କରାଯାଇଛି।




# ୧୦ହଜାର ଗାଁରେ ପହଞ୍ଚିବ ନିପୁଣ-ଓଡ଼ିଶାର ବାର୍ତ୍ତା

- ରାଜ୍ୟର ୨୦ ଜିଲାରେ ନିପୁଣ-ଓଡ଼ିଶା ଅଭିଯାନ ଆରମ୍ଭ
- କମ୍ୟୁନିଟି ରେଡିଓ ପ୍ରସାରକଙ୍କ ରାଜ୍ୟସ୍ତରୀୟ କର୍ମଶାଳା

କୋଣାର୍କ, ୧୩।୧୨ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଯାତ୍ରିନିବାସଠାରେ ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର ପ୍ରସାରକଙ୍କ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆର ୨୦ଟି ଗୋଷ୍ଠୀ ବେତାର କେନ୍ଦ୍ରରୁ ୨୫ ଜଣ ପ୍ରତିନିଧି ଏହି କର୍ମଶାଳାରେ ଯୋଗ ଦେଇଥିଲେ। ୟୁନିସେଫ୍ ସହାୟତାରେ ୟଙ୍ଗ୍ ଇଣ୍ଡିଆ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ କରିଥିବା 'ନିପୁଣ ଓଡ଼ିଶା' ସମ୍ପର୍କରେ ସମସ୍ତ ଗୋଷ୍ଠୀ ବେତାର କେନ୍ଦ୍ରର ପ୍ରସାରକମାନଙ୍କୁ ତାଲିମ ଦିଆଯାଇଥିଲା। ନିପୁଣ ଓଡ଼ିଶା ଦ୍ୱାରା ପିଲାଙ୍କର ପ୍ରାଥମିକ ଶିକ୍ଷାରେ ମାତୃଭାଷା ଏବଂ ବ୍ୟବହାରାତ୍ମକ ଆଚରଣରେ ଉନ୍ନତି କରିବା ଉପରେ ଆଲୋଚନା କରାଯାଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ ।

ଓଡ଼ିଶା ଗୋଷ୍ଠୀ ବେତାର ମହାସଂଘର ସଭାପତି ଏସ୍ ଏ ସଫିକ୍‌ଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ବିଭିନ୍ନ ଦିବସରେ ୟୁନିସେଫ୍‌ର ବରିଷ୍ଠ ଅଧିକାରୀ ଡ. ସୁଗତ ରାୟ, ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ସରିତା ମିଶ୍ର, ପ୍ରଶାନ୍ତ ଧଳ, ଚକ୍ରଧର ସାହୁ, ୟଙ୍ଗ୍ ଇଣ୍ଡିଆର ସଭାପତି ଏନ୍ ଏ ଶାହ ଅନସାରୀ, ବେତାର ବିଶେଷଜ୍ଞ ଡ. ଅଶୋକ କୁମାର ପାଣିଗ୍ରାହୀ, ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ନିପୁଣ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଭୂମିକା, ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକର ଦାୟିତ୍ୱ ଏବଂ ବେତାର କାର୍ଯ୍ୟକ୍ରମର ପ୍ରସ୍ତୁତି କିଭଳି ରହିବା ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। କର୍ମଶାଳାକୁ ରୋଜାଲିନ ପ୍ରଧାନ, ଅନୁପ କୁମାର ସାହୁ, ଏସ୍ କାଜଲ, ରାନୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅଭିଯାନ ୨ମାସ ଧରି ୨୦ଟି କମ୍ୟୁନିଟି ରେଡିଓ ମାଧ୍ୟମରେ ରାଜ୍ୟର ୨୦ଟି ଜିଲାରେ ଚାଲିବ। ଏହି ମାଧ୍ୟମରେ ପ୍ରାୟ ୧୦ ହଜାର ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ସହ ପ୍ରସାରଣ ଭିତ୍ତିକ ଜନଜାଗରଣ କରାଯିବ।

## ସଂକ୍ଷେପରେ

### ପ୍ଲାଷ୍ଟିକ ସର୍ଜରି ମନୁଷ୍ୟଙ୍କୁ ନୂତନ ରୂପ ଦିଏ

କଟକ, ୧୩।୧୨ (କାର୍ତ୍ତିକ ସାହୁ)

କଟକ ମିଡ୍‌ଟାଉନ ରୋଟାରୀ କ୍ଲବ୍ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ପ୍ଲାଷ୍ଟିକ ସର୍ଜରି ଅବଲୋକନ ଶୀର୍ଷକ କର୍ମଶାଳା ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିଥି ବକ୍ତା ଭାବେ ଏସ୍‌ସିବି ମେଡିକାଲ କଲେଜର ବିଭାଗୀୟ ପ୍ରଫେସର ଡା. ବିଶ୍ୱଜିତ୍ ମିଶ୍ର ଯୋଗଦେଇ କହିଛନ୍ତି, ପ୍ଲାଷ୍ଟିକ ସର୍ଜରି ମନୁଷ୍ୟଙ୍କୁ ନୂତନ ରୂପ ଦେଇଥାଏ। ଏଥିସହ କସ୍‌ମେଟିକ୍, ଜେନେରାଲ, କ୍ଲେଫ୍ଟ, କର୍କଟ ସର୍ଜରି ବିଷୟରେ ଅବଗତ କରାଇଥିଲେ। ଏଥିରେ କ୍ଲବ୍ ସମ୍ପାଦକ ଆଡ୍‌ଭୋକେଟ୍ ବିଭୂତି ଭୂଷଣ ରାଉତ, ପୂର୍ବତନ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ନନ୍ଦକିଶୋର ଶତପଥୀ, ରଘୁନାଥ ଭୂତ, ଶଶାଙ୍କ ମହାପାତ୍ର, ଓମ୍‌ପ୍ରକାଶ ଜଲାନ, କାହ୍ନୁଚରଣ ଦାସ, ପଙ୍କଜ ରାଜଗୁରୁ, ଉପାଧ୍ୟକ୍ଷ ଅରୁଣ କୁମାର ଦାଶ, ଶୈଳେନ୍ଦ୍ର ନାରାୟଣ ଠାକୁର ଓ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ଦାବି ପୂରଣ ପାଇଁ ପ୍ରତିଶ୍ରୁତି ପରେ ଅଙ୍ଗନୱାଡ଼ି କର୍ମୀଙ୍କ ଧାରଣା ସ୍ଥଗିତ

ଭୁବନେଶ୍ୱର, ୧୩।୧୨ (ସୁଚିସ୍ମିତା ସାହୁ)

ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିବା ପରେ ଅଙ୍ଗନୱାଡ଼ି କର୍ମୀଙ୍କ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାକୁ ସ୍ଥଗିତ ରଖିବାକୁ ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ସରକାର ଅଙ୍ଗନୱାଡ଼ି କର୍ମଚାରୀ ୟୁନିୟନ ସଂଯୁକ୍ତ ମୋର୍ଚ୍ଚା, ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘ, ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘ ଏବଂ ଅଲ ଓଡ଼ିଶା ଅଙ୍ଗନୱାଡ଼ି ୱାର୍କର ଆଣ୍ଡ୍ ହେଲପର ଆସୋସିଏସନ କର୍ମକର୍ତ୍ତାଙ୍କୁ ଲୋକସେବା ସଦନକୁ ଡାକି ଆଲୋଚନା କରିଥିଲେ। ମାସିକ ଭତ୍ତା ୨୬ହଜାର ଟଙ୍କା ଦାବି ସମ୍ପର୍କରେ ଆଲୋଚନା ହୋଇଛି। ପ୍ରୋଜେକ୍ଟ ଓ ସେକ୍ଟର ବୈଠକ ପାଇଁ ଗ୍ରସ୍ତ ଖର୍ଚ୍ଚ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇ ଏହା ନିୟମିତ କରାଯିବାର ପ୍ରତିଶ୍ରୁତି ମିଳିଛି। ୫ବର୍ଷ ଓ ୧୦ବର୍ଷ କାର୍ଯ୍ୟକାଳ ଭିତ୍ତିରେ ଯଥାକ୍ରମେ ୩୧ଟଙ୍କା ଓ ୬୩ଟଙ୍କା ଇନ୍‌କ୍ରିମେଣ୍ଟ ନିୟମିତ ପ୍ରଦାନ କରିବା ଦାବି ଉପରେ ଆଲୋଚନା କରାଯାଇ ଏହା କେନ୍ଦ୍ର ସରକାର ବନ୍ଦ କରିଥିବାରୁ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଭାଗ ତରଫରୁ କୁହାଯାଇଛି। ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କାକୁ ବୃଦ୍ଧି, ଅଙ୍ଗନୱାଡ଼ିକର୍ମୀଙ୍କୁ ସୁପରଭାଇଜର ପଦବୀରେ ନିଯୁକ୍ତି, କାର୍ଯ୍ୟକାଳ ୬୫ବର୍ଷକୁ ବୃଦ୍ଧି, ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀର ସୁପାରିଶ ଭିତ୍ତିରେ ୱାର୍କର ମାନ୍ୟତା ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର କେନ୍ଦ୍ରସରକାରଙ୍କୁ ଅନୁରୋଧ କରାଯିବ ବୋଲି କହିଛନ୍ତି। ଆଲୋଚନା ସମୟରେ ବିଭାଗୀୟ ନିର୍ଦ୍ଦେଶକ ମନୀଷା ବାନାର୍ଜୀ, ଅତିରିକ୍ତ ଶାସନ ସଚିବ ଜ୍ୟୋତିରଞ୍ଜନ ନାୟକଙ୍କ ସମେତ ନିଖିଳ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ସଂଘର ସାଧାରଣ ସମ୍ପାଦକ ହରପ୍ରିୟା ସ୍ୱାଇଁ, ଉପସାଧାରଣ ସମ୍ପାଦକ ବିଷ୍ଣୁପ୍ରିୟା ଜେନା, ପ୍ରତିଭା ପାଲ ଓ ମମତାଜ ଖୁଣ୍ଟିଆ, ଲକ୍ଷ୍ମୀପ୍ରିୟା ମହାପାତ୍ର, ସୁକାନ୍ତି ପରିଡ଼ା, ପଶ୍ଚିମ ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ଓ ସହାୟିକା ସଂଘର ପ୍ରଭାସିନୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ମିଶ୍ରଣ: ମୟୂରଭଞ୍ଜରେ ସର୍ବାଧିକ, ପୁରୀ ଶୂନ

ଭୁବନେଶ୍ୱର, ୧୩।୧୨ (ଶୁଚିସ୍ମିତା ସାହୁ)

ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରିବା ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ବନ୍ଦ ଥିବା କେତେକ ବିଦ୍ୟାଳୟ ଖୋଲିବା ଲାଗି ୨୦୨୦ ମାର୍ଚ୍ଚ ୧୧ରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଅନ୍ୟପକ୍ଷରେ ୨୦ରୁ କମ୍ ସଂଖ୍ୟକ ପିଲା ଥିବା ସ୍କୁଲକୁ ବନ୍ଦ କରାଯାଇ ନିକଟସ୍ଥ ଯେଉଁ ବିଦ୍ୟାଳୟରେ ଅଧିକ ପିଲା ପଢୁଛନ୍ତି, ସେହି ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ବିଦ୍ୟାଳୟ ମିଶ୍ରଣ ହୋଇଥିବାବେଳେ ପୁରୀରେ କୌଣସି ସ୍କୁଲକୁ ବନ୍ଦ କରାଯାଇନାହିଁ।

ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ସମୁଦାୟ ୨୬୯୬୦ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ୧୫୬୫୫ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସରକାରଙ୍କ ବିଜ୍ଞପ୍ତି ଅନୁସାରେ ରାଜ୍ୟରେ ୪୬୨୦ଟି ପ୍ରାଥମିକ ବିଦ୍ୟାଳୟ, ୧୦୦୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟଗୁଡ଼ିକ ସହ ମିଶ୍ରଣ କରାଯାଇଛି। ସେଥିମଧ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୫୭ଟି ବିଦ୍ୟାଳୟର ମିଶ୍ରଣ ହୋଇଛି। ସେଥିରେ ୩୦୮ଟି ପ୍ରାଥମିକ ଓ ୧୪୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ତେବେ ପୁରୀରେ କୌଣସି ଗୋଟିଏ ହେଲେ ବି ବିଦ୍ୟାଳୟ ସରକାରଙ୍କ ମିଶ୍ରଣ ବିଜ୍ଞପ୍ତି ଅନୁଯାୟୀ ବନ୍ଦ ହୋଇନାହିଁ। ସେହିପରି କଟକରେ ମୋଟ ୪୫୦ଟି ବିଦ୍ୟାଳୟକୁ ମିଶ୍ରଣ କରାଯାଇଛି। ସେଥିରୁ ୩୯୩ଟି ପ୍ରାଥମିକ ଓ ୫୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଗଜପତିରେ ୪୨୬, କୋରାପୁଟରେ ୩୪୫, ଗଞ୍ଜାମରେ ୩୩୪, ଯାଜପୁରରେ ୩୧୦, କନ୍ଧମାଳରେ ୨୭୮, ବରଗଡ଼ରେ ୨୪୯, ଭଦ୍ରକରେ ୨୦୭, କେନ୍ଦ୍ରାପଡ଼ାରେ ୨୦୦, ଅନୁଗୋଳରେ ୧୬୬, ବାଲେଶ୍ୱରରେ ୧୧୮, ବଲାଙ୍ଗୀରରେ ୧୩୯, ବୌଦ୍ଧରେ ୧୧୦, ଢେଙ୍କାନାଳରେ ୧୯୩, ଜଗତ୍‌ସିଂହପୁରରେ ୧୮୯, କଳାହାଣ୍ଡିରେ ୧୫୫, ଖୋର୍ଦ୍ଧାରେ ୧୫୭, ନବରଙ୍ଗପୁରରେ ୧୩୪, ନୂଆପଡ଼ାରେ ୧୧୭, ରାୟଗଡ଼ାରେ ୧୨୧, ସୁବର୍ଣ୍ଣପୁରରେ ୧୬୦, ସୁନ୍ଦରଗଡ଼ରେ ୧୩୬ ବିଦ୍ୟାଳୟ ମିଶ୍ରଣ ହୋଇଥିବା ବେଳେ ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମାଲକାନଗିରି, ନୟାଗଡ଼ ଓ ସୁବର୍ଣ୍ଣପୁରରେ ଶହେ ଭିତରେ ବିଦ୍ୟାଳୟ ମିଶ୍ରଣ ହୋଇଛି। ସେହିପରି କଟକରେ ସର୍ବାଧିକ ୩୯୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଥିବାବେଳେ ଜଗତ୍‌ସିଂହପୁରରେ ଗୋଟିଏ ବି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରାଯାଇନାହିଁ। ବଲାଙ୍ଗୀର, ବୌଦ୍ଧ, ଦେବଗଡ଼ ଓ କଳାହାଣ୍ଡିରେ ଗୋଟିଏ ଲେଖାଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିବା ବିଭାଗୀୟ ତଥ୍ୟରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ମିଶ୍ରଣ ପରେ କେତେକ କ୍ଷେତ୍ରରେ ଗମନାଗମନ ସମସ୍ୟା ଯୋଗୁ ପିଲାମାନେ ଦୂର ସ୍କୁଲକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡ଼ିଛି।


ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବରେ ପାଠିକାମାନେ ବିଭିନ୍ନ ବହି ଦେଖୁଛନ୍ତି। (ଫଟୋ: ବିକାଶ ନାୟକ)

## ପୁରୁଣା ଭେଷଜ ବିଭାଗର ନାମଫଳକରେ ଅକ୍ଷର ନାହିଁ

କଟକ, ୧୩।୧୨ (ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱଦେବା ସହ ମେଡିକାଲ ଭିତ୍ତିଭୂମି ସୁଦୃଢ ପାଇଁ ପଦକ୍ଷେପ ନେଉଛନ୍ତି। ହେଲେ ରାଜ୍ୟର ସର୍ବବୃହତ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। କିଛିମାସ ହେବ ମେଡିକାଲର ପୁରୁଣା ଭେଷଜ ବିଭାଗ, ହୃଦ୍‌ରୋଗ ବିଭାଗ ସମ୍ମୁଖରେ ଥିବା ନାମଫଳକରୁ ଅକ୍ଷର ଖସିପଡ଼ିଥିଲା। ହେଲେ ଏବେ ପୁରୁଣା ଭେଷଜ ବିଭାଗ ସମ୍ମୁଖ ନାମଫଳକରେ ଅକ୍ଷର ନ ଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ପ୍ରାୟ ୨ମାସ ହେବ କାଜୁଆଲ୍‌ଟିର ଗୋଟିଏ ପଟ ଗେଟ୍ ଭାଙ୍ଗିଯାଇଛି। ମେଡିକାଲରେ ଉପୁଜୁଥିବା ସମସ୍ୟା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଡ୍‌ଭୋକେଟ କମିଟି ୩ ଥର ପରିଦର୍ଶନ କରିଛି।।୨ ଥର ପରିଦର୍ଶନ ପରେ ମେଡିକାଲ ପରିସରର ସ୍ଥିତି ସାମାନ୍ୟ ବଦଳିଥିବାବେଳେ ଭିତ୍ତିଭୂମି ସଜାଇବା ପାଇଁ ଏପର୍ଯ୍ୟନ୍ତ ଠିକ୍ ଭାବେ କୌଣସି କାର୍ଯ୍ୟ ହୋଇନାହିଁ।

ମିଳିଥିବା ସୂଚନା ମୁତାବକ, ବିଭିନ୍ନ ସ୍ଥାନରୁ ଆସୁଥିବା ଗୁରୁତର ରୋଗୀଙ୍କୁ ପ୍ରଥମେ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥାଏ। ଗୁରୁତରଙ୍କ ସହ ଜଣେ ସମ୍ପର୍କୀୟ ଏହା ଭିତରକୁ ପ୍ରବେଶ କରିପାରିବେ। ଏଠାରେ ମେଡିକାଲ ପକ୍ଷରୁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏପରି କି ଭିଡ଼ ଅଧିକ ହେଲେ ଏହି ଗେଟ୍‌କୁ ବନ୍ଦ କରାଯାଇଥାଏ। କାଜୁଆଲ୍‌ଟି ଓ ପୁରୁଣା ଭେଷଜ ବିଭାଗ ମେଡିକାଲର ମଙ୍ଗଳାବାଗ ଏବଂ ରାଣୀହାଟ ପଟ ଫାଟକ ନିକଟରେ ଥିବାବେଳେ ଏହି ବାଟ ଦେଇ କଲେଜ ଅଧ୍ୟକ୍ଷ, କୁଳସଚିବ ଓ ବରିଷ୍ଠ ଡାକ୍ତର ଯାତାୟାତ କରୁଛନ୍ତି। ହେଲେ ଏଥିପ୍ରତି କାହାର ନଜର ନ ପଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଓ କୁଳସଚିବ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ରାମ ଦରଶ ମିଶ୍ରଙ୍କୁ 'ପତଞ୍ଜଳି ଶିକ୍ଷା ଗୌରବ ସମ୍ମାନ'



ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)

କେନ୍ଦ୍ର ସାହିତ୍ୟ ଅକାଡେମୀ ରବୀନ୍ଦ୍ର ଭବନରେ ଭାରତୀୟ ଶିକ୍ଷାବୋର୍ଡ ତଥା ପତଞ୍ଜଳି ଯୋଗପୀଠ ସହଯୋଗରେ ଆୟୋଜିତ ହିନ୍ଦୀ ପାଠ୍ୟପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଫେସର ରାମ ଦରଶ ମିଶ୍ରଙ୍କୁ 'ପତଞ୍ଜଳି ଶିକ୍ଷା ଗୌରବ ସମ୍ମାନ' ପ୍ରଦାନ କରାଯାଇଛି। ବୋର୍ଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଡା. ଏନ୍.ପି. ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। 'ପତଞ୍ଜଳି ଶିକ୍ଷା ଗୌରବ ସମ୍ମାନ' ଗ୍ରହଣ କରିବା ସହ ପ୍ରଫେସର ସ୍ୱରଚିତତ କବିତା ପାଠ କରିଥିଲେ। ମହତ୍ତ୍ୱାଂକ୍ଷାଠାରୁ ମୁକ୍ତ ଜୀବନଶୈଳୀ ହିଁ ତାଙ୍କର ଦୀର୍ଘାୟୁ ହେବାର ରହସ୍ୟ ବୋଲି ସେ କହିଛନ୍ତି।

ଏହି ଅବସରରେ ଭାରତୀୟ ଶିକ୍ଷା ବୋର୍ଡ ଅଧୀନ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ପ୍ରମୋଦ ଦୁବେ, ଡା. କ୍ଷମା ଶର୍ମା, ସୂର୍ଯ୍ୟନାଥ ସିଂହ, ଡା. ଓମ୍ ନିଶ୍ଚଳ, କମଳେଶ କମଳ, ପ୍ରଫେସର, ସ୍ମିତା ମିଶ୍ର, ପ୍ରଫେସର ରବି ଶର୍ମା, ଡା. ଅର୍ଚ୍ଚନା ତ୍ରିପାଠୀ ତଥା ପାଠ୍ୟ ପୁସ୍ତକ ନିର୍ମାଣ ସମିତି ସଦସ୍ୟ ସୁଧା ଶର୍ମା, ଦେବେଶ ଚୌବେ, ମିଥିଲୋ ଶୁକ୍ଲା, ସୁଧାଂଶୁ କୁମାର, ଡା. ବିଜୟଲକ୍ଷ୍ମୀ ପାଣ୍ଡେ, ଡା. ନାରାୟଣ ଦତ୍ତ ମିଶ୍ର, ପିଙ୍କି ଉପାଧ୍ୟାୟ, ଜେବି ଅହମଦ, ଡା, ପ୍ରଦୀପ ଠାକୁର, ଡା. କେଶବ ମୋହନ ପାଣ୍ଡେ, ଇନ୍ଦୁମତୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଡା. ସୋନୀ ପାଣ୍ଡେୟ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପତଞ୍ଜଳି ବିଶ୍ୱବିଦ୍ୟାଳୟ ଡିନ୍ ସାଧ୍ୱୀ ଦେବପ୍ରିୟା ମଧ୍ୟ ଉପସ୍ଥିତ ଥିଲେ।

## ଫୁଡ୍ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ଖାଦ୍ୟ ଦୋକାନରେ ଯାଞ୍ଚ

ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଫୁଡ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ରାସ୍ତା ପାର୍ଶ୍ୱ ଖାଦ୍ୟ ଦୋକାନ ଉପରେ ଚଢାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। କେତେକ ଦୋକାନରୁ ଜରିମାନା ଆଦାୟ କରାଯାଇଛି। ବିଏମ୍‌ସି ପ୍ରାଧିକୃତ ଅଧିକାରୀ ଫୁଡ୍ ସେଫ୍ଟି ଟିମ୍ ଏବଂ ଟିମ୍ ସାଇନ ମିଳିତ ଭାବେ କିଟ୍ ଅଞ୍ଚଳରେ ଥିବା ବିଭିନ୍ନ ରେଷ୍ଟୁରାଣ୍ଟ, ଷ୍ଟଲ, ଫାଷ୍ଟଫୁଡ ଆଦି ପରିଦର୍ଶନ କରି ପରିମଳ ଓ ଖାଦ୍ୟର ପରିଚ୍ଛନ୍ନତା ଯାଞ୍ଚ କରିଥିଲେ। କେତେଜଣ ଦୋକାନୀ ଅସ୍ୱାସ୍ଥ୍ୟକର ଓ ବାସି ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ଦେଖିବାକୁ ପାଇଥିଲେ। ଅସ୍ୱାସ୍ଥ୍ୟକର ଖାଦ୍ୟପଦାର୍ଥ ଜବତ କରିବା ସହ ସେମାନଙ୍କଠାରୁ ମୋଟ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଜବତ ହୋଇଥିବା ପ୍ରାୟ ୪୦ କେଜିରୁ ଅଧିକ ଖାଦ୍ୟପଦାର୍ଥକୁ ନଷ୍ଟ କରିଦିଆଯାଇଛି। ସଂଗୃହୀତ ଖାଦ୍ୟ ନମୁନା ଯାଞ୍ଚ ପାଇଁ ପଠାଯାଇଥିବା ବେଳେ କେତେଜଣ ଖାଦ୍ୟ ବ୍ୟବସାୟୀଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ଦିନରେ ଏହିପରି ନିୟମିତ ଯାଞ୍ଚ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ବିଏମ୍‌ସି ପକ୍ଷରୁ ଗୁଣାତ୍ମକ ଜୀବନ ଶୈଳୀ ସର୍ବେକ୍ଷଣ

ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)

**୧୭ ଯାଏ ଚାଲିବ ଅଭିଯାନ, ମତ ଦେବେ ସହରବାସୀ**

ଭୁବନେଶ୍ୱରବାସୀଙ୍କ ଗୁଣାତ୍ମକ ଜୀବନଧାରଣ ମାନ ମୂଲ୍ୟାଙ୍କନ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ମିଳିତ ଜାତିସଂଘର ମାନବବସତି କାର୍ଯ୍ୟକ୍ରମ (ୟୁଏନ୍ ହାବିଟାଟ୍) ପକ୍ଷରୁ ମିଳିତ ସର୍ବେକ୍ଷଣ ଆରମ୍ଭ ହୋଇଛି। ୟୁଏନ ହାବିଟାଟ ପକ୍ଷରୁ ସମଗ୍ର ବିଶ୍ୱର ୧୧ଟି ସହରକୁ ଏଥିପାଇଁ ଚୟନ କରାଯାଇଛି। ସେହି ୧୧ଟି ସହର ମଧ୍ୟରେ ଭାରତରୁ ଏକମାତ୍ର ସହର ଭାବେ ଭୁବନେଶ୍ୱର ରହିଛି। ଏଣୁ ଜନସାଧାରଣ ଏହି ସର୍ଭେରେ ଅଧିକରୁ ଅଧିକ ସଂଖ୍ୟାରେ ଅଂଶଗ୍ରହଣ କରିବା ସହ ସିଧାସଳଖ ସେମାନଙ୍କର ବହୁମୂଲ୍ୟ ମତ ସଂଗ୍ରହ ପାଇଁ ବିଏମ୍‌ସି ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ସର୍ବେକ୍ଷଣ ପାଇଁ ଗୃହ, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ, ମୌଳିକ ସେବା ଓ ଗତିଶୀଳତା, ପରିବେଶ, ଅର୍ଥନୀତି, ସାମାଜିକ ଏକତା ଏବଂ ଶାସନ ଆଦି ଉପରେ ୧୬ଟି ପ୍ରଶ୍ନ କରାଯାଇଛି। ଚଳିତ ମାସ ୧୭ ତାରିଖ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସର୍ଭେ ଚାଲୁ ରହିବ। ଭୁବନେଶ୍ୱରର ରୂପାନ୍ତରୀକରଣ ତଥା ବିକାଶମୂଳକ ଯାତ୍ରାର ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଅଂଶଗ୍ରହଣ କରିବା ପାଇଁ ବିଏମ୍‌ସି ଅଞ୍ଚଳରେ ବାସ କରୁଥିବା ନାଗରିକଙ୍କୁ ଅନୁରୋଧ କରାଯାଇଛି। କ୍ୟୁଆର୍ କୋଡ୍ ସ୍କାନ୍ କରି କିମ୍ବା [https://www.surveymokey.com/r/BLLMRPY]. ଲିଙ୍କ ମାଧ୍ୟମରେ ସହରବାସୀ ମତ ରଖିପାରିବେ।

## 'ଡିଜିଟାଲ ଗଭର୍ନାନ୍ସ କ୍ଷେତ୍ରରେ ଓଡ଼ିଶା ଲିଡର ହୋଇପାରିବ'

ଭୁବନେଶ୍ୱର, ୧୩।୧୨ (ସୁଚିସ୍ମିତା ସାହୁ)


ୟୁନିକ୍ ଇନ୍‌ଫୋ ସଲ୍ୟୁଶନ୍ସ ପକ୍ଷରୁ ସୂଚନା ଦିଆଯାଉଛି।

ୟୁନିକ୍ ଇନ୍‌ଫୋ ସଲ୍ୟୁଶନ୍ସ ପକ୍ଷରୁ ଓଡ଼ିଶାରେ ପରିବର୍ତ୍ତନଶୀଳ ଗଭର୍ନମେଣ୍ଟ-ଟୁ-ସିଟିଜେନ (ଜି୨ସି)ଉପରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଫର୍ଚ୍ଚୁନ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ନିକଟରେ ଡିଜିଟାଲ ଗଭର୍ନାନ୍ସ କ୍ଷେତ୍ରରେ ଏକ ଲିଡର ହେବାର ଅପାର କ୍ଷମତା ରହିଛି। ଏଭଳି ପରିବର୍ତ୍ତନଶୀଳ ଜି୨ସି ପ୍ରୋଗ୍ରାମଗୁଡିକୁ ଗ୍ରହଣ କରି ଆମେ ସରକାରଙ୍କୁ ଲୋକଙ୍କ ନିକଟତର କରିବା। ପ୍ରତ୍ୟେକ ନାଗରିକଙ୍କୁ ଡିଜିଟାଲ ଯୁଗରେ ସଫଳ ହେବା ପାଇଁ ଆବଶ୍ୟକ କରୁଥିବା ଟୁଲ୍ ସହ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛୁ ବୋଲି ୟୁନିକ୍ ଇନ୍‌ଫୋ ସଲ୍ୟୁଶନସର ପ୍ରତିଷ୍ଠାତା ପ୍ରକାଶ ଶାହା କହିଛନ୍ତି।

ଏହି ଅବସରରେ ଶାହା କହିଛନ୍ତି, କମ୍ପାନୀ, ସାର୍ବଜନୀନ ସେବାର କାର୍ଯ୍ୟକାରିତାକୁ ଉନ୍ନତ ଏବଂ ଅନ୍ତର୍ଭୁକ୍ତୀକରଣକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଏଭଳି ପ୍ରୋଗ୍ରାମଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ। ଡିଜିଟାଲ ଢାଞ୍ଚାକୁ ସାମିଲ ସହ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରି ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅତ୍ୟାବଶ୍ୟକ ସରକାରୀ ସେବାଗୁଡିକର ଉପଲବ୍ଧତାକୁ ସରଳ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ସେ କହିଥିଲେ। ୱାନ ନେଶନ ୱାନ୍ ଷ୍ଟୁଡେଣ୍ଟ ଆଇଡି (ଏପିଏଏଆର୍) ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଏକୀକୃତ ଡିଜିଟାଲ ପରିଚୟ ପ୍ରଦାନ କରିବା ପାଇଁ ଏକ ସ୍ୱତନ୍ତ୍ର ପଦକ୍ଷେପ। ଏହି ଆଇଡି ଏକ ଆଜୀବନ ଏକାଡେମିକ ପ୍ରମାଣପତ୍ର ଭାବେ କାର୍ଯ୍ୟ କରିବ, ଯାହା ଦେଶବ୍ୟାପୀ ଶିକ୍ଷା ଓ କ୍ୟାରିୟର ସୁଯୋଗ ପାଇଁ ବାଧାମୁକ୍ତ ପହଞ୍ଚ ସୁନିଶ୍ଚିତ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଚିଫ୍ ଟେକ୍ନୋଲୋଜି ଅଫିସର ମନୀଷ କୁମାର ବନିଆ, ଅପରେଶନ ବିଭାଗର ଉପାଧ୍ୟକ୍ଷ ଫରିଦ ହକ୍ ଏବଂ ଷ୍ଟେଟ୍ ଆସୋସିଏଟ୍ ଜୟପ୍ରକାଶ ମଲ୍ଲିକ ଉପସ୍ଥିତ ଥିଲେ।

## ୫ ମାସ ପରେ ବି ବାହାରିନି ରେଜଲ୍ଟ




ଭୁବନେଶ୍ୱର, ୧୩।୧୨ (ସୁଚିସ୍ମିତା ସାହୁ)

ରାଜ୍ୟରେ ବହୁ ମେଧାବୀ ଇଞ୍ଜିନିୟରିଂ ଛାତ୍ରୀଛାତ୍ର ଚାକିରି ଅପେକ୍ଷାରେ ରହିଛନ୍ତି। ଏହି ଆଶାୟୀ ବିଦ୍ୟାର୍ଥୀମାନେ ପରୀକ୍ଷା ଦେବାର ୫ ମାସ ବିତି ଗଲାଣି। ହେଲେ ଏଯାବତ ସେମାନଙ୍କର ପରୀକ୍ଷାଫଳ ପ୍ରକାଶ ପାଇନାହିଁ। ଫଳରେ ନିଯୁକ୍ତି ପ୍ରକ୍ରିୟା ସ୍ଥଗିତ ହୋଇ ରହିଛି। ଅଧିକାରୀମାନଙ୍କ ଅବହେଳା ଯୋଗୁ ପରୀକ୍ଷାଫଳ କେବେ ବାହାରିବ ଜଣାପଡୁନାହିଁ। ଫଳରେ ଆଶାୟୀ ପ୍ରାର୍ଥୀମାନେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି। ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ୨୦୨୩ ଡିସେମ୍ବରରେ ସହକାରୀ ନିର୍ବାହୀଯନ୍ତ୍ରୀ (ସିଭିଲ, ମେକାନିକାଲ ଓ ଇଲେକ୍ଟ୍ରିକାଲ) ନିମନ୍ତେ ନିଯୁକ୍ତି ବିଜ୍ଞାପନ ବାହାରିଥିଲା। ବିଜ୍ଞାପନ ଅନୁଯାୟୀ ବହୁ ସଂଖ୍ୟକ ମେଧାବୀ ଛାତ୍ରୀଛାତ୍ର ଆବେଦନ କରିଥିଲେ। ହେଲେ ୨ମାସ ପୂର୍ବରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ପିଲାଙ୍କୁ ଚୟନ କରି ନିଯୁକ୍ତି ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରାଯାଇଛି। ୫ ମାସ ବିତିଯାଇଥିଲେ ସୁଦ୍ଧା ସିଭିଲ ଓ ମେକାନିକାଲ ପିଲାଙ୍କ ପରୀକ୍ଷା ଫଳ ବାହାରିନାହିଁ। ତେଣୁ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ରାଜ୍ୟ ସରକାର ତୁରନ୍ତ ଫଳ ପ୍ରକାଶ କରିବାକୁ ପିଏମ୍‌ଜିରେ ଧାରଣାରତ ଆଶାୟୀ ପ୍ରାର୍ଥୀମାନେ ନିବେଦନ କରିଛନ୍ତି।

## ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟ: ୩ଟିମ୍ ବିଜୟୀ

ବାରଙ୍ଗ, ୧୩।୧୨ (ଲିଙ୍ଗରାଜ ରାଉତ)



ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଅନୁଷ୍ଠିତ ୨୧ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ଷଷ୍ଠ ଦିବସ। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଷଷ୍ଠ ଦିବସ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଢ଼ିହାରି, ସମ୍ପାଦକ ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଢ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ଏ ଡିଭିଜନର ପ୍ରଥମ ମ୍ୟାଚ ବନମହାବୀର କ୍ଲବ ଜୟପୁର ୨-୦ ଗୋଲରେ ମଧୁବନ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ନିପୁନ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏ ଡିଭିଜନର ଦ୍ୱିତୀୟ ମ୍ୟାଚ ମା'ମଙ୍ଗଳା କ୍ଲବ ଗୋଠପୁର ୧-୦ ଗୋଲରେ ଖୋର୍ଦ୍ଧାର ଶରଧାପୁରକୁ ହରାଇ ଦ୍ୱିତୀୟଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଭାବଗ୍ରାହୀ ପଢ଼ିହାରୀ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ ସହରାଞ୍ଚଳର କେମେରୁନ-୧୧କ୍ଲବ ୫-୪ ଟାଇବ୍ରେକରରେ ସମଲେଶ୍ୱରୀ କ୍ଲବ ସମ୍ବଲପୁରକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। କେମେରୁନ ୧୦ନମ୍ବର ଖେଳାଳି ୱିଲୟାନସ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

## ୫ ଜଣଙ୍କୁ ଅପୂର୍ବା ପୁସ୍ତକମେଳା ସାରସ୍ୱତ ସମ୍ମାନ

ଭୁବନେଶ୍ୱର, ୧୩।୧୨ (ସୌମ୍ୟରଞ୍ଜନ ରାଉତ)


କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ପୁସ୍ତକ ପ୍ରକାଶନ ପ୍ରତିଷ୍ଠାନ 'ଅପୂର୍ବା ପ୍ରକାଶନୀ' ପକ୍ଷରୁ ସାରସ୍ୱତ ସନ୍ଧ୍ୟା, ପୁସ୍ତକ ଲୋକାର୍ପଣ ତଥା ସମ୍ବର୍ଦ୍ଧନା ସଭା ଶୁକ୍ରବାର ପ୍ରଦର୍ଶନୀ ପଡ଼ିଆରେ ସାତକଡ଼ି ହୋତା ମୁଖ୍ୟ ମଞ୍ଚରେ ଆୟୋଜିତ ହୋଇଯାଇଛି। ଏଥିରେ କଥାକାର କ୍ଷୀରୋଦ ଚନ୍ଦ୍ର ପତି ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ କହିଥିଲେ, ସାହିତ୍ୟ ହେଉଛି ଜନସାଧାରଣଙ୍କ ସ୍ୱର। ଲେଖକ ଓ ପ୍ରକାଶକମାନଙ୍କର ମୁଖ୍ୟ ଦାୟିତ୍ୱ ହେଉଛି ସାହିତ୍ୟକୁ ଜନମାନସରେ ପରିଚିତ କରାଇବା। ଏହି ଦିଗରେ ଅପୂର୍ବା ପ୍ରକାଶନୀର ପଦକ୍ଷେପ ସ୍ୱାଗତଯୋଗ୍ୟ। ସମ୍ମାନିତ ଅତିଥି ସାହିତ୍ୟିକ ନାରୁ ମହାନ୍ତି କହିଥିଲେ, ସାହିତ୍ୟରେ ସମୟର ସ୍ୱର ଶୁଣାଯାଏ। ସେହିପରି ମୁଖ୍ୟବକ୍ତା ଭାବେ ଅଧ୍ୟାପକ ବିଶରଂଜନ ଯୋଗଦେଇ ଉନ୍ମୋଚନ ହୋଇଥିବା ସମସ୍ତ ବହିର ସମୀକ୍ଷା କରିଥିଲେ। ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଡ. ନାରାୟଣ ପଣ୍ଡା କହିଲେ, ଅପୂର୍ବା ପ୍ରକାଶ କରିଥିବା ପୁସ୍ତକଗୁଡ଼ିକ ମନଛୁଆଁ । ଏହି ଅବସରରେ 'ଅପୂର୍ବା ପୁସ୍ତକମେଳା ସାରସ୍ୱତ ସମ୍ମାନ'ରେ ଲେଖକ ଡ. ବିଜୟ କେତନ ପଟ୍ଟନାୟକ, ଲେଖିକା ଝୁମ୍‌ଝୁମ୍ ନାୟକ, କବି ଇଂ. ସରୋଜ ମହାପାତ୍ର, କବି ନାରାୟଣ ମହାଳିକ ଏବଂ ସମ୍ପାଦକ ଦୁର୍ଗାପ୍ରସାଦ ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ନାରୁ ମହାନ୍ତିଙ୍କ ଗଳ୍ପ, ଉପନ୍ୟାସ, ଗାଳ୍ପିକା ଝରଣା ପଟ୍ଟନାୟକଙ୍କ ଗଳ୍ପବହି, ତପନ ମହାପାତ୍ରଙ୍କ ଗଳ୍ପ ଏବଂ ଡ. ନାରାୟଣ ପଣ୍ଡା ପୁସ୍ତକ ଲୋକାର୍ପଣ ହୋଇଥିଲା। ଅପୂର୍ବା ତରଫରୁ କବି ଦୟାନିଧି ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଗଜଲକ୍ଷ୍ମୀଙ୍କ ବାର୍ଷିକ ଉତ୍ସବ

ଚୌଦ୍ୱାର,୧୩।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧ନଂ. ୱାର୍ଡରେ ମା' ଗଜଲକ୍ଷ୍ମୀଙ୍କ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରରେ ୫ଦିନ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ମହାଯଜ୍ଞରେ କର୍ତ୍ତା କୈଳାଶ ଚନ୍ଦ୍ର ସାହୁ ଓ ରୀନା ସାହୁ ଆହୁତି ପ୍ରଦାନ କରିଥିଲେ । ସୁକାନ୍ତ କୁମାର ପରିଡା, ରଞ୍ଜିତ କୁମାର ପରିଡା, ସୁଶାନ୍ତ ପରିଡା, ମୋହନ କୁମାର ସାହୁ ଓ ନବକିଶୋର ସାହୁ ଉତ୍ସବ ପରିଚାଳନା କରିଥିଲେ ।

### ମା' ବୁଢ଼ୀ ଜାଗୁଳାଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଫୁଲନଖରା,୧୩।୧୨(ସତ୍ୟରଞ୍ଜନ ଦାସମହାପାତ୍ର)

ଭୁବନେଶ୍ୱର ମହାନଗର ନିଗମ ୪ ନମ୍ବର ୱାର୍ଡ ଅଧୀନ ନଖରା ଗ୍ରାମର ବୁଢ଼ୀ ଜାଗୁଳାଇଙ୍କ ପୀଠରେ ୩ ଦିନିଆ ତୃତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଅଙ୍କୁରାରୋପଣ, ଜଳଯାତ୍ରା, ସୂର୍ଯ୍ୟପୂଜା, ଯଜ୍ଞ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଅୟୋଜିତ ଯଜ୍ଞରେ ମୁଖ୍ୟ କର୍ତ୍ତାକର୍ତ୍ତ୍ରୀ ଭାବେ ଗୋଲଖ ଚନ୍ଦ୍ର ସାହୁ ଓ ରିନା ସାହୁ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ନଳିନୀ କୁମାର ସ୍ୱାଇଁ, ରୋହିତ କୁମାର ସାହୁ, ରିତେଶ କୁମାର ସାହୁ, ଧୀରେନ୍ଦ୍ର କୁମାର ସାହୁ, ବିଚିତ୍ରାନନ୍ଦ ସାହୁ, ବିରଞ୍ଚି ନାରାୟଣ ସାହୁ, ନୀହାର ରଞ୍ଜନ ସାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

### ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟ, ୩ ଟିମ୍ ବିଜୟୀ

ବାରଙ୍ଗ,୧୩।୧୨(ଲିଙ୍ଗରାଜ ରାଉତ)

ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଅନୁଷ୍ଠିତ ୨୧ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ଷଷ୍ଠ ଦିବସ। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଷଷ୍ଠ ଦିବସ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଡ଼ିହାରି, ସମ୍ପାଦକ ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ଏ ଡିଭିଜନର ପ୍ରଥମ ମ୍ୟାଚ ବନମହାବୀର କ୍ଲବ ଜୟପୁର ୨-୦ ଗୋଲରେ ମଧୁବନ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ନିପୁନ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏ ଡିଭିଜନର ଦ୍ୱିତୀୟ ମ୍ୟାଚ ମା'ମଙ୍ଗଳା କ୍ଲବ ଗୋଠପୁର ୧-୦ ଗୋଲରେ ଖୋର୍ଦ୍ଧାର ଶରଧାପୁରକୁ ହରାଇ ଦ୍ୱିତୀୟଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଭାବଗ୍ରାହୀ ପଡ଼ିହାରୀ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ ସହରାଞ୍ଚଳର କେମେରୁନ-୧୧କ୍ଲବ ୫-୪ ଟାଇବ୍ରେକରରେ ସମଲେଶ୍ୱରୀ କ୍ଲବ ସମ୍ବଲପୁରକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। କେମେରୁନ ୧୦ନମ୍ବର ଖେଳାଳି ୱିଲୟାନସ୍ସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ପୁରୁଣା ଭେଷଜ ବିଭାଗର ନାମଫଳକରେ ଅକ୍ଷର ନାହିଁ






ଏସ୍‌ସିବି ମେଡ଼ିକାଲ ପୁରୁଣା ଭେଷଜ ବିଭାଗ ସମ୍ମୁଖ ଫାଟକରେ ଥିବା ନାମଫଳକରେ ଅକ୍ଷର ନାହିଁ। ଫାଟକର ଗୋଟିଏ ପାର୍ଶ୍ୱ ଗେଟ୍ ଭାଙ୍ଗିଯାଇଛି।

କଟକ,୧୩।୧୨(ଶିଳ୍ପା ପ୍ରିୟଦର୍ଶିନୀ)

**ଏସ୍‌ସିବି ମେଡିକାଲ**
- ଭାଙ୍ଗିଯାଇଛି କାଜୁଆଲ୍‌ଟି ଗେଟ୍
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ରୋଗୀ ସମ୍ପର୍କୀୟ

ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱଦେବା ସହ ମେଡିକାଲ ଭିତ୍ତିଭୂମି ସୁଦୃଢ଼ ପାଇଁ ପଦକ୍ଷେପ ନେଉଛନ୍ତି। ହେଲେ ରାଜ୍ୟର ସର୍ବବୃହତ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ରେ ଅନେକ ଅବ୍ୟବସ୍ଥା ଦେଖିବାକୁ ମିଳିଛି। କିଛିମାସ ହେବ ମେଡିକାଲର ପୁରୁଣା ଭେଷଜ ବିଭାଗ, ହୃଦ୍‌ରୋଗ ବିଭାଗ ସମ୍ମୁଖରେ ଥିବା ନାମଫଳକରୁ ଅକ୍ଷର ଖସିପଡ଼ିଥିଲା। ହେଲେ ଏବେ ପୁରୁଣା ଭେଷଜ ବିଭାଗ ସମ୍ମୁଖ ନାମଫଳକରେ ଅକ୍ଷର ନ ଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ପ୍ରାୟ ୨ମାସ ହେବ କାଜୁଆଲ୍‌ଟିର ଗୋଟିଏ ପଟ ଗେଟ୍ ଭାଙ୍ଗିଯାଇଛି। ମେଡିକାଲରେ ଉପୁଜୁଥିବା ସମସ୍ୟା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଆଡ୍‌ଭୋକେଟ କମିଟି ୩ ଥର ପରିଦର୍ଶନ କରିଛି।। ୨ ଥର ପରିଦର୍ଶନ ପରେ ମେଡିକାଲ ପରିସରର ସ୍ଥିତି ସାମାନ୍ୟ ବଦଳିଥିବାବେଳେ ଭିତ୍ତିଭୂମି ସଜାଇବା ପାଇଁ ଏପର୍ଯ୍ୟନ୍ତ ଠିକ୍ ଭାବେ କୌଣସି କାର୍ଯ୍ୟ ହୋଇନାହିଁ।

ମିଳିଥିବା ସୂଚନା ମୁତାବକ, ବିଭିନ୍ନ ସ୍ଥାନରୁ ଆସୁଥିବା ଗୁରୁତର ରୋଗୀଙ୍କୁ ପ୍ରଥମେ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥାଏ। ଗୁରୁତରଙ୍କ ସହ ଜଣେ ସମ୍ପର୍କୀୟ ଏହା ଭିତରକୁ ପ୍ରବେଶ କରିପାରିବେ। ଏଠାରେ ମେଡିକାଲ ପକ୍ଷରୁ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଛି। ଏପରି କି ଭିଡ଼ ଅଧିକ ହେଲେ ଏହି ଗେଟ୍‌କୁ ବନ୍ଦ କରାଯାଇଥାଏ। କାଜୁଆଲ୍‌ଟି ଓ ପୁରୁଣା ଭେଷଜ ବିଭାଗ ମେଡିକାଲର ମଙ୍ଗଳାବାଗ ଏବଂ ରାଣୀହାଟ ପଟ ଫାଟକ ନିକଟରେ ଥିବାବେଳେ ଏହି ବାଟ ଦେଇ କଲେଜ ଅଧ୍ୟକ୍ଷ, କୁଳସଚିବ ଓ ବରିଷ୍ଠ ଡାକ୍ତର ଯାତାୟାତ କରୁଛନ୍ତି। ହେଲେ ଏଥିପ୍ରତି କାହାର ନଜର ନ ପଡ଼ିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଓ କୁଳସଚିବ ଡ. ଅବିନାଶ ରାଉତଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ୩ ଦଫା ଦାବି ନେଇ କମ୍ପାନୀ ସମ୍ମୁଖରେ ଧାରଣା

ଖୁଣ୍ଟୁଣୀ,୧୩।୧୨(ସଚ୍ଚିଦାନନ୍ଦ ପଣ୍ଡା)

୩ ଦଫା ଦାବି ନେଇ ଖୁଣ୍ଟଣୀ ଥାନା ଅନ୍ତର୍ଗତ ରାଧାକୃଷ୍ଣପୁର ପଞ୍ଚାୟତରେ ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ଏକ କମ୍ପାନୀ ଫାଟକ ସମ୍ମୁଖରେ ଶୁକ୍ରବାର ସ୍ଥାନୀୟ ବିସ୍ଥାପିତମାନେ ଧାରଣା ଦେଇଛନ୍ତି। ସେମାନଙ୍କ ଜମିକୁ କମ୍ ମୂଲ୍ୟରେ କମ୍ପାନୀ କର୍ତ୍ତୃପକ୍ଷ ନେଇଥିଲେ ମଧ ଏପର୍ଯ୍ୟନ୍ତ ଥଇଥାନ କରି ନ ଥିବା ଧାରଣାରତ ଲୋକମାନେ କହିଛନ୍ତି। ସେମାନଙ୍କ ପରିବାର ଏବେ ଦୁଃଖଦୁର୍ଦ୍ଦଶାରେ ଦିନ କାଟୁଛନ୍ତି। କମ୍ପାନୀ ଦୀର୍ଘଦିନ ହେବ ବନ୍ଦ ରହିଥିବାବେଳେ କର୍ତ୍ତୃପକ୍ଷ ଉକ୍ତ ଜମିକୁ ଅନ୍ୟଏକ ଘରୋଇ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚଢ଼ାଦରରେ ବିକ୍ରି କରି ଦେଇଥିବା ବିସ୍ଥାପିତମାନେ ଅଭିଯୋଗ କରିଛନ୍ତି। ଏପରି କି ସେମାନେ ପାଟି ଫିଟାଇଲେ ଧମକ ଦିଆଯାଉଛି। ଉକ୍ତ ଜମିର ବର୍ତ୍ତମାନ ମୂଲ୍ୟ ପ୍ରଦାନ କରିବା, ବିସ୍ଥାପିତ ପରିବାରର ଜଣକୁ ଉକ୍ତ ଘରୋଇ କମ୍ପାନୀ ଖୋଲିଲେ ଚାକିରି ଦେବା ଓ ସମସ୍ତ ପରିବାରକୁ ଥଇଥାନ କରିବା ପାଇଁ ଦାବି ହୋଇଛି। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ବିସ୍ଥାପିତମାନେ ଦେଇଥିବା ଜମିକୁ ପୁନଃ ଦଖଲ କରିବେ ବୋଲି ରାଧାକୃଷ୍ଣପୁର ସରପଞ୍ଚ କାହ୍ନୁଚରଣ ମହାନ୍ତି କହିଛନ୍ତି।



ବିଭିନ୍ନ ଦାବି ନେଇ କମ୍ପାନୀ ଫାଟକ ସମ୍ମୁଖରେ ବିସ୍ଥାପିତମାନେ ଧାରଣା ଦେଇଛନ୍ତି।

## 'ଯୁବ ଆଇନଜୀବୀଙ୍କ ପାଇଁ ପ୍ରେରଣାଦାୟୀ ଥିଲେ ଅଶୋକ'




ହାଇକୋର୍ଟ ବାର୍ ଆସୋସିଏଶନ ପରିସରରେ ଅନୁଷ୍ଠିତ ସ୍ମୃତି ସମାରୋହରେ ମଞ୍ଚାସୀନ ଅତିଥି।

କଟକ,୧୩।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ଡ. ଅଶୋକ କୁମାର ମହାପାତ୍ରଙ୍କ ଚତୁର୍ଥ ବାର୍ଷିକ ସ୍ମୃତି ସମାରୋହ ଶୁକ୍ରବାର ହାଇକୋର୍ଟ ବାର୍ ଆସୋସିଏଶନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାଡ଼ଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ଅଶୋକ କୁମାର ମହାପାତ୍ର ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଥିଲେ। ସେ ଆଇନ ବିଶାରଦ ଭାବେ ଯୁବ ଆଇନଜୀବୀଙ୍କ ପାଇଁ ପ୍ରେରଣାଦାୟୀ ଥିଲେ। ତାଙ୍କର କାର୍ଯ୍ୟ ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି ଜଷ୍ଟିସ ଷଡ଼ଙ୍ଗୀ କହିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ଜଷ୍ଟିସ ଶିବଶଙ୍କର ମିଶ୍ର, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ବିଜୟ କୁମାର ଦାସ, ସମ୍ପାଦକ ରଞ୍ଜନ କୁମାର ନାୟକ ଯୋଗଦେଇ ଡ. ମହାପାତ୍ରଙ୍କ ବ୍ୟକ୍ତିତ୍ୱ ଓ ବାର୍ ଆସୋସିଏଶନ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ କହିଥିଲେ। ସ୍ମୃତି କମିଟି ଉପସଭାପତି ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହ ପ୍ରାରମ୍ଭରେ ସ୍ୱର୍ଗତ ମହାପାତ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ମୃତି କମିଟି ସମ୍ପାଦକ ଆଇନଜୀବୀ ବିଜୟ କୁମାର ରଗଡ଼ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଜାତୀୟସ୍ତରୀୟ ମୁଟ୍‌କୋର୍ଟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୋଖରୀରୁ ମିଳିଲା ନିଖୋଜଙ୍କ ମୃତଦେହ

ବାରଙ୍ଗ,୧୩।୧୨(ଲିଙ୍ଗରାଜ ରାଉତ)

ଦୁଇଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଖରୀରୁ ଶୁକ୍ରବାର ଜବତ ହୋଇଛି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ବସନ୍ତ ପାଣି(୪୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ରଘୁନାଥପୁର ଶିଖରଚଣ୍ଡୀସାହି ମନ୍ଦିର ପୋଖରୀକୁ କେତେଜଣ ଯୁବକ ଗାଧୋଇବାକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ମୃତଦେହ ଉଦ୍ଧାର ପରେ ପରିବାର ଲୋକ ପହଞ୍ଚି ଚିହ୍ନଟ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

## 'ଜଗତ କଲ୍ୟାଣ ପାଇଁ ଭଗବଦ୍ ଗୀତାର ପ୍ରଚାର ଦରକାର'

ମଙ୍ଗୁଳି-ଜଗତପୁର,୧୩।୧୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡଗାଁ ପଞ୍ଚାୟତ ଅଧୀନ କୁଷପଡା ଗ୍ରାମସ୍ଥିତ ଗୀତାଶ୍ରମ ପରିସରରେ ଗୀତା ଉପନିଷଦ ଆଲୋଚନାଚକ୍ରର ବାର୍ଷିକ ସମ୍ମିଳନୀ ଓ ଗୀତା ଜୟନ୍ତୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ଡାଲମିଆ ସିମେଣ୍ଟର ମୁଖ୍ୟ ପ୍ରଶାସକ ପଙ୍କଜ ଗୁପ୍ତା, ମୁଖ୍ୟବକ୍ତା ଭାବେ ଧର୍ମଜାଗରଣ ରାଜ୍ୟ ସଂସ୍କୃତି ପ୍ରମୁଖ ଡ. ଶ୍ରୁତି ସାଗର ମହାରାଜ ଯୋଗଦେଇ ଜଗତକଲ୍ୟାଣ ପାଇଁ ପ୍ରତି ଗ୍ରାମରେ ଭଗବଦ୍ ଗୀତାର ପ୍ରଚାର ପ୍ରସାର ହେବା ଦରକାର ବୋଲି କହିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ହୃଷୀକେଶ ସ୍ୱାଇଁ, ଶ୍ରୀକାନ୍ତ ବେହେରା, ଅନନ୍ତ ଚରଣ ରାଉତରାୟ, ନିକୁଞ୍ଜ ସାହୁ, ଉଭମା ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଇନ୍ଦୁମତି ଗିରିଙ୍କ ସମେତ ରାଜ୍ୟର ମାନ୍ୟଗଣ୍ୟ ସାଧୁସନ୍ଥ ଯୋଗଦେଇଥିଲେ। ଏହି ଅବସରରେ ସୂର୍ଯ୍ୟପୂଜା, ଯଜ୍ଞ, ସଙ୍କୀର୍ତ୍ତନ, ଗୀତା ପାରାୟଣ ଓ ପ୍ରବଚନ ଅନୁଷ୍ଠିତ ହୋଇଥିଲା।

## 'ଷ୍ଟୋରି ଇମେଜ'ର କବିତା ପାଠୋତ୍ସବ

ଚୌଦ୍ୱାର,୧୩।୧୨(ଆଶୁତୋଷ ଦାସ)

ଚୌଦ୍ୱାର କଲେଜ ଓଡ଼ିଆ ଭାଷା ସାହିତ୍ୟ ବିଭାଗ, ଲିଟରେଚର କ୍ଲବ 'ଷ୍ଟୋରି ଇମେଜ' ପକ୍ଷରୁ ଶୀତ ଆସର ଓ କବିତା ପାଠୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିସରରେ ଅଧ୍ୟାପକ ପ୍ରଫୁଲ୍ଲ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କବି ଓ ଅତିଥିମାନେ ଶୀତଋତୁକୁ ନେଇ କବିତା ପାଠ କରିଥିଲେ। ରବୀନ୍ଦ୍ର କୁମାର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ରଶ୍ମି ରାଉତରାୟ, ଅଧ୍ୟାପିକା କ୍ଷୀରାବ୍ଧି ଚୌଧୁରୀ, ପ୍ରଭାକର ମିଶ୍ର, ସଙ୍ଗୀତକାର ଅରୁଣ ମନ୍ତ୍ରୀ, ପ୍ରାଧ୍ୟାପକ ଚିତ୍ତରଞ୍ଜନ ପଣ୍ଡା, ସୌରେନ୍ଦ୍ର ପଣ୍ଡା, ସଂଘମିତ୍ରା ଦାସ, ଦୀପକ ବେହେରା, କବି ବୈଦ୍ୟନାଥ ଖିଲାର, ଭାସ୍କର ମହାପାତ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ଏହା ଏକ ଅଭିନବ ପ୍ରୟାସ ବୋଲି କହିଥିଲେ। ଅଧ୍ୟାପକ ସୁମନ୍ତ ସାହୁ ଧନ୍ୟବାଦ କରିଥିଲେ।

## 'ଛାତ୍ରୀଛାତ୍ର ଉତ୍ତମ ନାଗରିକ ହୁଅନ୍ତୁ'




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ ସଦର,୧୩।୧୨(ସୁଶାନ୍ତ କୁମାର ଜେନା)

**କନ୍ଦରପୁର କଲେଜର ବାର୍ଷିକ ଉତ୍ସବ**

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର କଲେଜର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଗପହଣ୍ଡି ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ କହିଛନ୍ତି, ଛାତ୍ରୀଛାତ୍ର ଭଲ ପାଠ ପଢି ଉତ୍ତମ ନାଗରିକ ହୁଅନ୍ତୁ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପିକା ଡ. ନମିତା ପଟ୍ଟନାୟକ ଯୋଗଦେଇଥିଲେ। ଅଧ୍ୟକ୍ଷା ପ୍ରଣତୀ ପଟ୍ଟନାୟକ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ପ୍ରାଧ୍ୟାପିକା ଡ. ସ୍ମିତା ମହାନ୍ତି କଲେଜ ସମ୍ପର୍କରେ କହିଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କଲେଜରେ କ୍ରୀଡ଼ା, ପାଠପଢାରେ ସର୍ବଶ୍ରେଷ୍ଠ କୃତିତ୍ୱ ହାସଲ କରିଥିବା ସସ୍ମିତା ଭୋଇ, ଆକାଶ ବେହେରା, ଅମ୍ବିକା ପ୍ରିୟଦର୍ଶିନୀ ସାହୁ, ରାଜା ଏକ ଲାଖ ସିକନ୍ଦର, ଜ୍ୟୋତିର୍ମୟୀ ରାଉଳ, ଅନନ୍ୟା ଦାସଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ କୁମାର ବିଶ୍ୱାଳ ଅତିଥିଙ୍କୁ ସ୍ୱାଗତ, ଅଧ୍ୟାପିକା ରେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ଦୀପାଳି ରାଉତ ଧନ୍ୟବାଦ ଦେଇଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତରେ ସାମିଲ କର

ତ୍ରିସୁଲିଆ,୧୩।୧୨(ତୁଷାରକାନ୍ତ ବେହେରା)

**ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଣ୍ଡଳସ୍ତରୀୟ ଖେଳକୁଦ ସମାରୋହ**

ବାରଙ୍ଗ ବ୍ଲକ ନରଣପୁର ଉ.ପ୍ରା. ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଣ୍ଡଳସ୍ତରୀୟ ଖେଳକୁଦ ସମାରୋହ-୨୦୨୪ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦଳେଇ, ମୁଖ୍ୟ ବକ୍ତା ବେଲଗଛିଆ ସରପଞ୍ଚ ମାନିନୀ ସାହୁ, ସମ୍ମାନିତ ଅତିଥି ସହ ଶିକ୍ଷା ଅଧିକାରୀ ଯମୁନାମଣୀ ହେମ୍ବ୍ରମ, ନରଣପୁର ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ଦାସ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାରେ ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗକୁ ଗୁରୁତ୍ୱ ଦେଇଥିଲେ। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି, ମୁଖ୍ୟ ବକ୍ତା ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ରଥ, ସମ୍ମାନିତ ଅତିଥି ସେକ୍ସନ ଅଫିସର ସତ୍ୟଭାମା ଦାସ, ସମାଜସେବୀ ପିତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧନକର୍ମୀ ଗଣେଶ୍ୱର ନାୟକ, ବଂଶୀଧର ବେହେରା, ତପସ୍ୱିନୀ ସାହୁ ପରିଚାଳନା କରିଥିଲେ। ଚାରୁଲତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଭୀମସେନ ଦାସ, ନରଣପୁର ଉ.ପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ସମ୍ବଳ ଶିକ୍ଷୟିତ୍ରୀ ମଞ୍ଜୁଲତା ଭୂୟାଁ ଅତିଥି ପରିଚୟ ଏବଂ ଧନ୍ୟବାଦ ଦେଇଥିଲେ।

## ପ୍ଲାଷ୍ଟିକ ସର୍ଜରି ମନୁଷ୍ୟକୁ ନୂତନ ରୂପ ଦିଏ

କଟକ,୧୩।୧୨(କାର୍ତ୍ତିକ ସାହୁ)

କଟକ ମିଡ୍‌ଟାଉନ ରୋଟାରୀ କ୍ଲବ୍ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ପ୍ଲାଷ୍ଟିକ ସର୍ଜରି ଅବଲୋକନ ଶୀର୍ଷକ କର୍ମଶାଳା ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ଡ. ଆଶୁତୋଷ ଦେବତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିଥି ବକ୍ତା ଭାବେ ଏସ୍‌ସିବି ମେଡିକାଲ କଲେଜର ବିଭାଗୀୟ ପ୍ରଫେସର ଡା. ବିଶ୍ୱଜିତ୍ ମିଶ୍ର ଯୋଗଦେଇ କହିଛନ୍ତି, ପ୍ଲାଷ୍ଟିକ ସର୍ଜରି ମନୁଷ୍ୟକୁ ନୂତନ ରୂପ ଦେଇଥାଏ। ଏଥିସହ କସ୍‌ମେଟିକ୍, ଜେନେରାଲ, କ୍ଲେଫ୍ଟ, କର୍କଟ ସର୍ଜରି ବିଷୟରେ ଅବଗତ କରାଇଥିଲେ। ଏଥିରେ କ୍ଲବ୍ ସମ୍ପାଦକ ଆଡ୍‌ଭୋକେଟ୍ ବିଭୂତି ଭୂଷଣ ରାଉତ, ପୂର୍ବତନ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ନନ୍ଦକିଶୋର ଶତପଥୀ, ରଘୁନାଥ ଭୁତ, ଶଶାଙ୍କ ମହାପାତ୍ର, ଓମ୍‌ପ୍ରକାଶ ଜଲାନ, କାହ୍ନୁଚରଣ ଦାସ, ପଙ୍କଜ ରାଜଗୁରୁ, ଉପାଧ୍ୟକ୍ଷ ଅରୁଣ କୁମାର ଦାଶ, ଶୈଳେନ୍ଦ୍ର ନାରାୟଣ ଠାକୁର ଓ ମନୋରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।




ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲ ସମ୍ମିଳନୀ କକ୍ଷରେ ପ୍ଲାଷ୍ଟିକ ସର୍ଜରି ଅବଲୋକନ ଶୀର୍ଷକ କର୍ମଶାଳାରେ ଯୋଗଦେଇଥିବା କ୍ଲବ କର୍ମକର୍ତ୍ତା।

## ମିନତି ପ୍ରଧାନଙ୍କୁ ମା' କଟକଚଣ୍ଡୀ ସମ୍ମାନ

କଟକ,୧୩।୧୨(କାର୍ତ୍ତିକ ସାହୁ)

କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ନୃତ୍ୟ ମୟୂରୀ ଅନୁଷ୍ଠାନ ପକ୍ଷରୁ ସପ୍ତମ ମା' କଟକ ଚଣ୍ଡୀ ନୃତ୍ୟ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ନୃତ୍ୟଗୁରୁ ମମତା ଓଝାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ଲୋକସେବକ ମଣ୍ଡଳର ପୂର୍ବତନ ସଭାପତି ଦୀପକ ମାଲବ୍ୟ, ଓଡ଼ିଶୀ ନୃତ୍ୟ ବିଶାରଦ ପ୍ରାଧ୍ୟାପକ ମନୋରଞ୍ଜନ ପ୍ରଧାନ ଅତିଥି ଭାବେ ଯୋଗଦେଇ ମହୋତ୍ସବ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ମିନତି ପ୍ରଧାନଙ୍କୁ ମା' କଟକ ଚଣ୍ଡୀ ସମ୍ମାନ ପ୍ରଦାନ କରାଯାଇଛି।



କାର୍ଯ୍ୟକ୍ରମରେ ନୃତ୍ୟଗୁରୁ ମିନତି ପ୍ରଧାନଙ୍କୁ ମା' କଟକଚଣ୍ଡୀ ସମ୍ମାନ ପ୍ରଦାନ କରାଯାଉଛି।

ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ସସ୍ମିତା ପଣ୍ଡା, ସୁଚିସ୍ମିତା ଦାସ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ନୃତ୍ୟ ମୟୂରୀ ଅନୁଷ୍ଠାନର ବରିଷ୍ଠ ନୃତ୍ୟଶିଳ୍ପୀ, ମୟୂରଭଞ୍ଜ ନୃତ୍ୟ ଛଉଣୀର ଯୁଗଳ ନୃତ୍ୟ ଏବଂ ଏକାଗ୍ରତା ଫାଉଣ୍ଡେଶନର ସମୂହ ନୃତ୍ୟ ପରିବେଷଣ କରାଯାଇଥିଲା। ବିଶେଷକରି ଓଡ଼ିଶୀ ନୃତ୍ୟରେ ଦର୍ଶକ ମୁଗ୍ଧ ହୋଇଥିଲେ।

## ସଂକ୍ଷେପରେ

### ସମାଜ ହିତରେ କାର୍ଯ୍ୟ କରିବା ଲାଗି ଶପଥ ନେଲେ

**ଜଟଣୀ,୧୩।୧୨(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ସାମ୍ବାଦିକ ସୁରକ୍ଷା ପରିଷଦର ବନ୍ଧୁମିଳନ କାର୍ଯ୍ୟକ୍ରମ ପାତ୍ରପଡାସ୍ଥିତ ମା'ଜଟିଆଣୀଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ଖବରଦାତା ରବି ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଖବରଦାତା ଈଶ୍ୱର ସାମନ୍ତରାୟ,ଏମ୍. ଡି. ଇଫତିକାର ଅଲି, ଧୀରେନ ପ୍ରତିହାରୀ, ବାବୁଲି ସାହୁ, ଶ୍ରୀକାନ୍ତ ପରିଜା, ସନ୍ତୋଷ ମହାପାତ୍ର, ଲଳିତ ମହାରଣା, ରବୀନ୍ଦ୍ରନାଥ ମହାକୁଡ଼, ଏମ୍. ଡି. ଇସ୍ମାଇଲ ଅଲି, ହୃଦାନନ୍ଦ କୋଦାମାସିଂ, ପ୍ରଦୀପ ମାର୍ଥା, ଅମରେଶ ରାଉତରାୟ, ଦେବବ୍ରତ ଷଣ୍ଢ, ସଞ୍ଜୀବ ସେଠ, ଦେବପ୍ରସାଦ ଦାଶ, ସଂଗ୍ରାମ ହୋତା, ଏନ୍. ସାହା ସିଦିକ ଅଲି, ପ୍ରଶାନ୍ତ କୁମାର ସାହୁ, ସୁରେଶ ମହାରଣା, ଶୁଭେନ୍ଦ୍ର ଶତପଥୀ, ହୃଷୀକେଶ ପାତ୍ର, ଏମ୍. ଡି. ଅତିକ, କେ. ନାଗେଶ୍ୱର ରାଓଙ୍କ ସମେତ ଜଟଣୀ ବ୍ଲକର ସମସ୍ତ କାର୍ଯ୍ୟରତ ଖବରଦାତା ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଦେଶ ଓ ସମାଜର ମଙ୍ଗଳ ପାଇଁ ସଙ୍ଗଠିତ ରହି କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏଥିସହ ଗଣମାଧ୍ୟମ ପ୍ରତିନିଧିଙ୍କ କାର୍ଯ୍ୟ କ୍ଷେତ୍ରରେ ସୁରକ୍ଷା, ସମ୍ମାନ ଏବଂ ସରକାରୀ ସ୍ତରରେ ଆର୍ଥିକ ସୁରକ୍ଷା ଆଦି ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା।

### ମଦ ଜବତ, ୩ ଗିରଫ

**ବେଗୁନିଆ/ବାଘମାରୀ,୧୩।୧୨ (ସନ୍ଧ୍ୟାରାଣୀ ମିଶ୍ର/ମିହିର ରଞ୍ଜନ ମହାପାତ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୬ ଲିଟର ଦେଶୀ ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ଭ୍ରାମ୍ୟମାଣ ଅବକାରୀ ବିଭାଗ ଏସ୍ଆଇ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର କୈଳାସ ଚନ୍ଦ୍ର ସାହୁ, ବେଗୁନିଆ ଆଦର୍ଶ ବିଦ୍ୟାଳୟ ନିକଟ ଶାନ୍ତିଲତା ନାୟକ ଓ କଣ୍ଟାବାଡ ଗ୍ରାମର ମଧୁସୂଦନ ନାୟକଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜଣଙ୍କୁ ବିଏନ୍ଏସ୍ଏସ୍ (୩୫) (୩) ଦଫାରେ ଛଡ଼ାଯାଇଛି ।

### ଚାରାରୋପଣ କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୧୩।୧୨(କୈଳାସ ଚନ୍ଦ୍ର ପଟ୍ଟନାୟକ):** ପରିବେଶବିତ୍ ହିମାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ଗ୍ରୀନ ପାରିକୁଦ ସଙ୍ଗଠନ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା'ରାମଚଣ୍ଡୀ ଚିଲିକା ମହିଳା ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି, ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଙ୍ଗଠନର ସଦସ୍ୟା ଅମିତା ତରେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପର୍ଶୁରାମ ତରେଇ, ନବୀନ ଜେନା, ରବୀନ୍ଦ୍ର ନାଥ ମାଝୀ, ଅଶୋକ କୁମାର ଜେନା, ବିଷ୍ଣୁ ପ୍ରସାଦ ବେହେରା, ମିନାରାଣୀ ସାହୁ, ରାଜେଶ କୁମାର ମାଝୀଙ୍କ ସମେତ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ।

**ମହୋତ୍ସବ ପାଇଁ ପୋଖରୀ ପୋତିବା ପ୍ରସଙ୍ଗ**

# ବିରୋଧ ସତ୍ତ୍ୱେ ମହୋତ୍ସବ ନେଇ ତତ୍ପରତା

**ଖୋର୍ଦ୍ଧା,୧୩।୧୨(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧାର ସାମାଜିକ ଅନୁଷ୍ଠାନ ନ୍ୟୁ ଥିଙ୍କିଂ ଫୋରମ ପକ୍ଷରୁ ସ୍ଥାନୀୟ ହାବେଳି ପଡ଼ିଆରେ ଆସନ୍ତା ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ମହୋତ୍ସବ ଅନୁଷ୍ଠିତ ହେବ। ଆୟୋଜକ କମିଟି ମହୋତ୍ସବ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ବିବାଦ ଦେଖାଦେଇଛି। ହାବେଳି ପଡ଼ିଆରେ ମହୋତ୍ସବ ପରିବର୍ତ୍ତେ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସ୍ଥାନୀୟ ବାସିନ୍ଦା ଗତ ୨ତାରିଖରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହ ପୋଖରୀ ପୋତାଯିବାକୁ ନେଇ ଏସ୍ଏଚ୍ଜି ଗ୍ରୁପର ଏକାଧିକ ମହିଳା ଅସନ୍ତୋଷ ପ୍ରକାଶ କରି ଏହାର ବିଧିବଦ୍ଧ ତଦନ୍ତ ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି। ନିକଟରେ କଂଗ୍ରେସ ନେତ୍ରୀ ସୋନାଲି ସାହୁ ଏବଂ ସ୍ଥାନୀୟ ବାସିନ୍ଦା ପୋଖରୀ ପୋତାଯିବାକୁ ବିରୋଧ କରିଥିବା ବେଳେ ଘଟଣାସ୍ଥଳରେ ଆୟୋଜକ କମିଟି ସହ ମୁହାଁମୁହିଁ ହୋଇଥିଲେ। ଏ ସଂକ୍ରାନ୍ତରେ ତହସିଲଦାର ଏବଂ ଜିଲା ପ୍ରଶାସନ ନିକଟରେ ସ୍ଥାନୀୟ ଲୋକେ ଲିଖିତ ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ ନୀରବ ରହିଛି ବୋଲି ଅଭିଯୋଗକାରୀମାନେ କହିଛନ୍ତି। ଅନ୍ୟପଟେ ଉକ୍ତ ପୋଖରୀରେ ରାମଦୋଳି ସହ ମୀନାବଜାର ପଡ଼ିବାରୁ ପୁଣି ଜନଅସନ୍ତୋଷ ଦେଖାଦେଇଛି। ଏନେଇ ଆୟୋଜକ ଅନୁଷ୍ଠାନର ଆବାହକ ନରେନ୍ଦ୍ର ପୃଷ୍ଟି କହିଛନ୍ତି, ହାବେଳି ପଡ଼ିଆରେ ମହୋତ୍ସବ ଲାଗି ପୌର ପ୍ରଶାସନ ପକ୍ଷରୁ ଅନୁମତି ନିଆଯାଇଛି। ହାବେଳି ପଡ଼ିଆ ନିକଟ ଖଣି ପୋଖରୀରେ ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ଅଳିଆ ଆର୍ବଜନା ପଡୁଥିଲା। ଏହାକୁ ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ଅର୍ଦ୍ଧାଧିକ ପୋତାଯାଇଛି। ମହୋତ୍ସବ ପାଇଁ ମୋରମ ପକାଯାଇ ସମାନ କରାଯାଇଛି। ଅନ୍ୟପଟେ ତହସିଲଦାର ବିଭାସ ପାଣିଗ୍ରାହୀ କହିଛନ୍ତି, ପୋଖରୀ ପୋତାଯିବାକୁ ନେଇ ଅଭିଯୋଗ ଆସିବା ପରେ ଏହାକୁ ତୁରନ୍ତ ବନ୍ଦ କରାଯାଇଛି। ଏଥିସହିତ ଆୟୋଜକ କମିଟିକୁ ମଧ୍ୟ ତାଗିଦା କରାଯାଇଛି। ଏନେଇ ଉପଜିଲାପାଳଙ୍କ ସହ ଆଲୋଚନା କରିଛି। ମହୋତ୍ସବ ସମୟରେ ସେଠାରେ ବେଆଇନ କାର୍ଯ୍ୟ ନ କରିବା ପାଇଁ କୁହାଯାଇଛି। ଆଇନ ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ପ୍ରକାଶ ଯେ, ଗତବର୍ଷ ମହୋତ୍ସବ ସମୟରେ ଜିଲା କୃଷି କାର୍ଯ୍ୟାଳୟଠାରୁ ରାସ୍ତାର ଉଭୟ ପାର୍ଶ୍ୱ, ମହିଳା କଲେଜ ରୋଡ ଆଦି ସ୍ଥାନରେ ବେଆଇନ ଭାବେ ପାର୍କିଂ ଷ୍ଟାଣ୍ଡ କରିବାକୁ ନେଇ ବିବାଦ ଉଠିଥିଲା। ଏନେଇ ବିରୋଧ ପରେ ପ୍ରଶାସନର ଚେତା ପଶିଥିଲା। ୨୦୨୨ରେ ମହୋତ୍ସବରେ କେତେ ଷ୍ଟଲ ପଡିଛି ଏହା ସମ୍ପୂର୍ଣ୍ଣ ବିବରଣୀ ତତ୍କାଳୀନ ତହସିଲଦାର ଆୟୋଜକ କମିଟିକୁ ଦେବାକୁ କହିଥିଲେ।

# ଶ୍ରମିକ କଂଗ୍ରେସ, ଶ୍ରମିକ ୟୁନିୟନକୁ ମାନ୍ୟତା



**ଜଟଣୀ,୧୩।୧୨(ରବୀନ୍ଦ୍ରନାଥ ମହାକୁଡ଼)**

**ରେଲ୍ୱେ ଶ୍ରମିକ ସଙ୍ଗଠନ ନିର୍ବାଚନ**

ପୂର୍ବତଟ ରେଲ୍ୱେ ଶ୍ରମିକ ସଙ୍ଗଠନର ଅନୁଷ୍ଠିତ ସାଧାରଣ ନିର୍ବାଚନର ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଶ୍ରମିକ ୟୁନିୟନ ଏବଂ ଶ୍ରମିକ କଂଗ୍ରେସ ଆବଶ୍ୟକ ପ୍ରତିଶତ ଭୋଟ ପାଇ ରେଲ୍ୱେରେ ମାନ୍ୟତାପ୍ରାପ୍ତ ସଙ୍ଗଠନ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ନିର୍ବାଚନରେ ଶ୍ରମିକ କଂଗ୍ରେସ ୪୮% ଭୋଟ ପାଇଥିବା ବେଳେ ଶ୍ରମିକ ୟୁନିୟନ ୪୨% ଭୋଟ ପାଇଥିଲା। ସୂଚନାଥାଉ କି, ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ, ଶ୍ରମିକ ୟୁନିୟନ, ଭାରତୀୟ ମଜଦୁର ସଂଘ ଏବଂ ଏମ୍ପ୍ଲୟିଜ୍ ୟୁନିଅନ ଏହି ନିର୍ବାଚନ ଲଢୁଥିଲେ। ତେବେ ଫଳାଫଳ ଘୋଷଣା ପରେ ଶ୍ରମିକ କଂଗ୍ରେସର ସଫଳତାକୁ ନେଇ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଶ୍ରମିକ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ବିଜୟ ଉତ୍ସବ ପାଳନ କରିଥିଲା। ଏହି ବିଜୟ ଉତ୍ସବ ଯାତ୍ରାରେ ନିର୍ବାଚନ ପରିଚାଳନା ମୁଖ୍ୟ ପ୍ରମୋଦ ଶାହାଣୀ, ଡିସି ସୁନୀଲ ଭଞ୍ଜ, ଡେପୁଟି ଡିସି ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ୍.ଜି.କେ. ରାଓ(ଗୋପୀ), ସୁବ୍ରତ ପଣ୍ଡା, ଆଶୁତୋଷ ବ୍ରହ୍ମା, ତ୍ରିଲୋଚନ ମହାନ୍ତି, ଶରତ ପଣ୍ଡା, ଅକ୍ଷୟ ପ୍ରଧାନ, ଏଲ୍.ଡି. ମହାନ୍ତିଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ



ଚିଲିକା ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅଧିକାରୀ ଏବଂ ଅନ୍ୟମାନେ।

**ବାଣପୁର,୧୩।୧୨ ( ଦିଲୀପ କୁମାର ସ୍ୱାଇଁ)**

**ଚିଲିକା ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ସଭାଗୃହଠାରେ ଶୁକ୍ରବାର ଚିଲିକା ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳଯୋଗାଣ ଓ ପରିମଳ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସହିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସମୀକ୍ଷା କରିଥିଲେ। ବୈଠକରେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା, ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ତହସିଲଦାର କାହ୍ନୁଚରଣ ଘଡାଇ, ବିଡିଓ ହଳଧର ଶବର, ଜିଲାପରିଷଦ ସଦସ୍ୟା ମମତା ପାଇକରାୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏଥିରେ ଚିଲିକା ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବ୍ଲକ ଓ ପଞ୍ଚାୟତର ଅଧିକାରୀମାନେ ଉପସ୍ଥିତ ଥିଲେ।

### କେରଙ୍ଗ ଅହମ୍ମଦୀୟା ମୁସଲିମ ମହିଳା ସଙ୍ଗଠନର ମାନବ ସେବା

**ଖୋର୍ଦ୍ଧା,୧୩।୧୨(ପ୍ରଭାତ ପାଣିଗ୍ରାହୀ)**

ମାନବ ସେବା ହିଁ ମାଧବ ସେବା। କେରଙ୍ଗ ଅହମ୍ମଦୀୟା ମୁସଲିମ ମହିଳା ସଙ୍ଗଠନ ମାନବ କଲ୍ୟାଣକାରୀ କାର୍ଯ୍ୟକ୍ରମ କରିଥାନ୍ତି। ଦିନ-ଦରିଦ୍ରଙ୍କୁ ସହାୟତା ଏବଂ ସହଯୋଗ କରିବା ଏହି ସଙ୍ଗଠନର ଲକ୍ଷ୍ୟ। ସଙ୍ଗଠନ ପକ୍ଷରୁ ଯାଁଳା ସ୍ଥିତ ମିଶନ ଆଶ୍ରା ଜଟଣୀରେ ଅବସ୍ଥିତ ଆଶାକିରଣ ଏବଂ ବାପା-ମା'ଙ୍କ ସେବାଶ୍ରମ, ଗୁରୁଜଙ୍ଗ ସ୍ଥିତ ବୃଦ୍ଧାଶ୍ରମ ଏବଂ କେରଙ୍ଗ ଗ୍ରାମର ହରିଜନ ଓ ଆଦିବାସୀ ପଥର କଟାସାହିରେ ପ୍ରାୟ ୪୦୦ ପୁରୁଷ ଓ ମହିଳାମାନଙ୍କୁ ଶୀତବସ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଏହିଭଳି ଜନକଲ୍ୟାଣ ଯୋଜନା ଆଗାମୀ ଦିନରେ ମଧ୍ୟ କାର୍ଯ୍ୟରତ ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସଭାନେତ୍ରୀ ଅମତୁଲ ହଫିଜ, ସମ୍ମାନିତ ଅତିଥି କେରଙ୍ଗ ମହିଳା ସଙ୍ଗଠନର ସଭାନେତ୍ରୀ ଶାହେଦା ବେଗମ, ଉପସଭାନେତ୍ରୀ ରୋକିଆ ବାନୁ ଯୋଗଦେଇଥିବା ବେଳେ ସେରାଜୁମ ମୁନିରା, ଅମତୁସ ସମି, ଜୈନବ ଅଫରୋଜ, କୌସର ବେଗମ, ଜୋବେଦା ଖାତୁନ ଏବଂ ସଙ୍ଗଠନର ବହୁ କର୍ମୀ ଯୋଗଦେଇ ସହଯୋଗ କରିଥିଲେ।

### ଜରିପଡ଼ା ସମବାୟ ସମିତି ଜାଗାକୁ ନେଇ ବିବାଦ

**ଟାଙ୍ଗୀ,୧୩।୧୨(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ଜରିପଡ଼ା ପ୍ରାଥମିକ ସେବା ସମବାୟ ସମିତିର କାର୍ଯ୍ୟାଳୟ ଜାଗାକୁ ନେଇ ବିବାଦ ଦେଖାଦେଇଛି। ପ୍ରାଥମିକ ସେବା ସମବାୟ ସମିତି ଜମିକୁ ନିଜର ଜମି କହି ଜରିପଡ଼ା ଗ୍ରାମର ଜଣେ ବ୍ୟକ୍ତି କାର୍ଯ୍ୟାଳୟକୁ ଜବରଦଖଲ କରିଛନ୍ତି। ଫଳରେ ସମିତି କାର୍ଯ୍ୟାଳୟ ଖୋଲାଯାଇ ପାରୁନାହିଁ। ଏହା ଦ୍ୱାରା କଳକଳେଶ୍ୱର, ଜରିପଡ଼ା ଏବଂ ଚଣ୍ଡେଶ୍ୱର ପଞ୍ଚାୟତର ଚାଷୀମାନେ ଧାନ ବିକ୍ରି କରି ପାରୁନାହାନ୍ତି। ମଣ୍ଡି ଖୋଲାଯାଇ ପାରୁ ନ ଥିବାରୁ ଚାଷୀମାନେ ଏ ସମ୍ପର୍କରେ ପ୍ରଶାସନ ନିକଟରେ ଗୁହାରି କରିବା ସହ ଆଇନ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବୈଠକ ଡକାଯାଇ ଏହି ସମସ୍ୟାର ସମାଧାନ କରାଯିବା ସହ ମଣ୍ଡି ଖୋଲାଯାଇ ଚାଷୀଙ୍କ ଧାନ ନେବାର ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଆଲୋଚନାରେ ଚିଲିକା ତହସିଲଦାର କାହ୍ନୁଚରଣ ଘଡ଼ାଇ, ସମବାୟ ସମିତି ସଭାପତି ଦାମୋଦର ଜେନା, ନିର୍ଦ୍ଦେଶକ ଶ୍ୱେତ କୁମାର ସ୍ୱାଇଁ, ସମ୍ପାଦକ ପ୍ରଦୀପ କୁମାର ଶ୍ରୀଚନ୍ଦନ, ପୂର୍ବତନ ଜିଲାପରିଷଦ ସଭ୍ୟ ଗଙ୍ଗାଧର ପ୍ରଧାନ, ଚାଷୀ ଲୋତକବିନ୍ଦୁ ପ୍ରଧାନ, ଦେବଦତ୍ତ ମହାପାତ୍ର, ରାଜେନ୍ଦ୍ର କୁମାର ପ୍ରଧାନ, ଅପର୍ତ୍ତି ବିଶ୍ୱାଳ, ରବୀନ୍ଦ୍ର ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ପିଏନ୍ କଲେଜ, ରତାମାଟି ଛକରେ ହେବ ଫୁଟ୍ ଓଭରବ୍ରିଜ

**ଖୋର୍ଦ୍ଧା,୧୩।୧୨(ପ୍ରଭାତ ପାଣିଗ୍ରାହୀ)**

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରତାମାଟି ଛକରେ ପାଦଚଲା ଓଭରବ୍ରିଜ ନିର୍ମାଣ କରାଯିବ। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ଭୁବନେଶ୍ୱର ଏମ୍ପି ଅପରାଜିତା ଷଡ଼ଙ୍ଗୀ ସୋସିଆଲ ମିଡିଆ(ଫେସ୍ବୁକ) ପେଜ୍ରେ ପୋଷ୍ଟ କରିଛନ୍ତି। ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖ ରାଜପଥରେ ପିଲାଙ୍କ ଆବଶ୍ୟକତା, ଅନୁରୋଧ ଆଧାର କରି ଏହି ଫୁଟ ଓଭରବ୍ରିଜ ନିର୍ମାଣ ହେବ। ସେହିଭଳି ରତାମାଟି ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ବାରମ୍ବାର ପ୍ରୟାସ ପରେ ସଫଳତା ମିଳିଛି। ଏହି ଦୁଇ ପ୍ରକଳ୍ପର ଖୁବ୍ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏହି ଦୁଇ ପ୍ରକଳ୍ପ ଦ୍ୱାରା ପିଏନ୍ କଲେଜ ଛାତ୍ରୀଛାତ୍ର ଏବଂ ରତାମାଟି ସ୍ଥାନୀୟ ଆଖପାଖ ଗ୍ରାମବାସୀ ଉପକୃତ ହେବେ ବୋଲି ଏମ୍ପି ଷଡ଼ଙ୍ଗୀ କହିଛନ୍ତି। ଏହି ପ୍ରକଳ୍ପ ଘୋଷଣା ପରେ ଛାତ୍ରୀଛାତ୍ରଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଏକାଧିକ ବିଦ୍ୟାର୍ଥୀ ଏମ୍ପିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ମହାବିଦ୍ୟାଳୟରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବହୁ ଛାତ୍ରୀଛାତ୍ର ଖୋର୍ଦ୍ଧା ଆଖପାଖ ଅଞ୍ଚଳ ଭୁବନେଶ୍ୱର, ଯାଁଳା, ଜଟଣୀ, ଟାଙ୍ଗୀ, ବାଘମାରୀ, ବେଗୁନିଆ, ବୋଲଗଡ଼ ଆଦି ସ୍ଥାନରୁ ବସ୍ରେ କଲେଜକୁ ଆସନ୍ତି। କଲେଜକୁ ଯାତାୟାତ ପାଇଁ ରାଜପଥ ପାରି ହେବାକୁ ପଡିଥାଏ। ବିପଦସଙ୍କୁଳ ଅବସ୍ଥାରେ ରାଜପଥର ଏପଟ ପାର୍ଶ୍ୱରୁ ସେପଟ ପାର୍ଶ୍ୱକୁ ଯାତାୟାତ କରିଥାନ୍ତି। ଅନେକ ସମୟରେ ଛାତ୍ରୀଛାତ୍ର ଦୁର୍ଘଟଣାର ଶିକାର ମଧ୍ୟ ହୋଇଥାନ୍ତି। ଏପରିକି ରାଜପଥରେ ସବୁ ସମୟରେ ଯାନବାହନ ଯାତାୟାତ ଯୋଗୁ ରାସ୍ତା ପାର ହେବାକୁ ଛାତ୍ରୀଛାତ୍ରମାନେ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡ଼ିଥାଏ। ପିଲାଙ୍କ ସୁରକ୍ଷା ଦୃଷ୍ଟିରୁ କଲେଜ ସମ୍ମୁଖରେ ଫୁଟ ଓଭରବ୍ରିଜ ଆବଶ୍ୟକତା ରହିଥିଲା। ଏନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପୂର୍ବତନ ନେତା ଗୋପବନ୍ଧୁ ଜେନା କୁହନ୍ତି, ପୂର୍ବରୁ ଏବିବିପି ପକ୍ଷରୁ କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ପ୍ରଶାସନ, ଜନପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦାବି କରାଯାଇଥିଲା। ଗତବର୍ଷ ଡିସେମ୍ବର ୧୭ରେ କ୍ୟାମ୍ପସ୍ ୟୁନିଟ ପକ୍ଷରୁ କ୍ୟାମ୍ପସ୍ ଆଗରେ ବିକ୍ଷୋଭ ସହ ରାଜ୍ୟ ସରକାର ଏବଂ ଭୁବନେଶ୍ୱର ଏମ୍ପିଙ୍କ ନିକଟରେ ଦାବି କରାଯାଇଥିଲା।

### ମା'କାଳିଜାଈଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଟାଙ୍ଗୀ,୧୩।୧୨(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ମଙ୍ଗଳାଯୋଡ଼ି ଗ୍ରାମ କୈବର୍ତ୍ତ ସାହିରେ ମା' କାଳିଜାଈଙ୍କ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଛି। ଚାରିଦିନ ଧରି ଅନୁଷ୍ଠିତ ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ଚିଲିକାରୁ ମାଛଧରା ବନ୍ଦ ରଖାଯାଇଥିଲା। ପ୍ରତ୍ୟେକ ସନ୍ଧ୍ୟାରେ ରାମ ନାଟକ ପରିବେଷିତ ହୋଇଥିଲା। କୈବର୍ତ୍ତ ସାହିର ପ୍ରତ୍ୟେକ ପରିବାରଙ୍କ ସହଯୋଗକ୍ରମେ ଏହି କାର୍ଯ୍ୟକ୍ରମ ସୂଚାରୁଭାବେ ସମ୍ପାଦନା ହୋଇଥିଲା।

### ଫୁଟ୍ବଲ: ଫାଇନାଲରେ ବଡ଼ବେରଣା



**ବେଗୁନିଆ,୧୩।୧୨(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ହଜ ପଞ୍ଚାୟତ ଅନ୍ତର୍ଗତ ନିଧିପୁର ଗ୍ରାମ ସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ମା'ଜାଗେଶ୍ୱରୀ ଫୁଟ୍ବଲ ଟୁର୍ନାମେଣ୍ଟରେ ଶୁକ୍ରବାର ବଡ଼ବେରଣାର ମା'ଡୁମଣୀ ଫୁଟ୍ବଲ କ୍ଲବ ଏବଂ କଡ଼ବ ଇଲେଭେନ ଷ୍ଟାର ଫୁଟ୍ବଲ କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ମା'ଡୁମଣୀ ଫୁଟ୍ବଲ କ୍ଲବ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଇଲେଭେନ ଷ୍ଟାର ଫୁଟ୍ବଲ କ୍ଲବ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ମା'ଡୁମଣୀ ଫୁଟ୍ବଲ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶରତ ଚନ୍ଦ୍ର ଛୋଟରାୟ ମ୍ୟାଚ ପରିଚାଳନା କରିଥିବା ବେଳେ ଦୟାନିଧି ନାୟକ ଏବଂ ଚିତ୍ତରଞ୍ଜନ ପରିଡା ଲାଇନ୍ସରେ ସହଯୋଗ କରିଥିଲେ। ମୁଖ୍ୟ ଅତିଥିଭାବେ ସରକାରୀ ଆଇନଜୀବୀ ସୁଶାନ୍ତ କୁମାର ରାୟ ଏବଂ ସମ୍ମାନିତ ଅତିଥିଭାବେ ସାଇ ସମ୍ଭବ କଲେଜ ଅଫ୍ ବେସିକ ସାଇନ୍ସ ଖୋର୍ଦ୍ଧାର ନିର୍ଦ୍ଦେଶକ ସୁଭେନ୍ଦ୍ର କୁମାର ସ୍ୱାଇଁ, ସତ୍ୟପ୍ରିୟ ମହାପାତ୍ର, ଆଇନଜୀବୀ ଲଲାଟ କେଶରୀ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମ୍ୟାଚର ଶୁଭାରମ୍ଭ କରିଥିଲେ। ଆୟୋଜକ କ୍ଲବର ସଭ୍ୟ ପପୁ ନାୟକ, ସାଗର ନାୟକ, ଗୁକୁନା ନାୟକ, ଭାଗ୍ୟଧର ପ୍ରଧାନ, ସୁଧିର ପ୍ରଧାନ, ମୁନା ନାୟକ, ବିକାଶ ନାୟକ, କାଳିଆ ନାୟକ, ସଞ୍ଜୟ ନାୟକ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ବଡ଼ବେରଣା ଏବଂ ବାଲିଗାଡିଆ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

# ଏ.କେ. କ୍ଲବ ଆଠମଲ୍ଲିକ, ଫ୍ରେଣ୍ଡ୍ସ କ୍ଲବ ବୋଲଗଡ଼ ବିଜୟୀ

**ବୋଲଗଡ଼,୧୩।୧୨(ଦେବବ୍ରତ ହୋତା)**

**ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟ୍ବଲ ଟୁର୍ନାମେଣ୍ଟ**

ସ୍ଥାନୀୟ ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଦିବାରାତ୍ର ଫୁଟ୍ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ଅନୁଗୋଳ ଆଠମଲ୍ଲିକର ଏ.କେ କ୍ଲବ ଏବଂ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ କଳିଙ୍ଗ ସ୍ପୋର୍ଟିଂର ୧୦ନମ୍ବର ଖେଳାଳି ବିକାଶ ନାୟକ ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧରେ ଏ.କେ କ୍ଲବର ୧୧ ଏବଂ ୮ନମ୍ବର ଖେଳାଳି ମୋଟ୍ ଦୁଇଟି ଗୋଲ ଦେଇଥିଲେ। ଫଳରେ ୨-୧ ଗୋଲରେ ଏ.କେ କ୍ଲବ ବିଜୟୀ ହୋଇଥିଲା। ସେହିପରି ସନ୍ଧ୍ୟାରେ ଫ୍ଲଡ ଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁରର ହିନ୍ଦ୍ କ୍ଲବ ଏବଂ ଆୟୋଜକ ଫ୍ରେଣ୍ଡ୍ସ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ସମ୍ବଲପୁର ଦଳର ୧୪ ନମ୍ବର ଖେଳାଳି ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଫ୍ରେଣ୍ଡ୍ସ କ୍ଲବର ୩ ନମ୍ବର ଖେଳାଳି ଦୁଇଟି ଗୋଲ ଦେଇଥିଲେ। ଫଳରେ ୨-୧ ଗୋଲରେ ଫ୍ରେଣ୍ଡ୍ସ କ୍ଲବ ବିଜୟୀ ହୋଇଥିଲା। ଅତିଥିଭାବେ ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ, ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ସରପଞ୍ଚ ପ୍ରମୋଦ ରାଉତରାୟ, ସମିତିସଭ୍ୟ ରଶ୍ମି ରଞ୍ଜନ ସାହୁ, ସାମାଜିକକର୍ମୀ ଶୁଭେନ୍ଦ୍ର ସାହୁ, ଭାସ୍କର ରାଉତରାୟ, ମହୋତ୍ସବ କମିଟି ସମ୍ପାଦକ ବୀରକିଶୋର ଦାସ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରିଭାବେ ଏମ୍.ଏସ୍.ବେଗ, ଭଞ୍ଜକିଶୋର ଯତି, ସରୋଜ ମହାରଣା ଏବଂ ଲକ୍ଷ୍ମୀଧର ଚୌଧୁରୀ ପରିଚାଳନା କରିଥିଲେ। ଲଲାଟେନ୍ଦୁ କେଶରୀ ସିଂ, ଅଶ୍ୱିନୀ ପଟ୍ଟନାୟକ, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥାଙ୍କ ସମେତ ଫ୍ରେଣ୍ଡ୍ସ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ।



# କ୍ୟାପିଟାଲ ଫୁଟ୍ବଲ ଏକାଡେମୀ ଭୁବନେଶ୍ୱର ଫାଇନାଲରେ

**ସର୍ବଭାରତୀୟ ମହିଳା ଫୁଟ୍ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍**

**ଟାଙ୍ଗୀ,୧୩।୧୨(ରଘୁନାଥ ସାହୁ)**



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଦେବୀ ଦୁର୍ଗା ଚାରିଟେବଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା ଫୁଟ୍ବଲ ଟୁର୍ନାମେଣ୍ଟ ଚାମ୍ପିୟନଶିପ୍ରେ କ୍ୟାପିଟାଲ ଫୁଟ୍ବଲ ଏକାଡେମୀ ଭୁବନେଶ୍ୱର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲ ମ୍ୟାଚ କ୍ୟାପିଟାଲ ଫୁଟ୍ବଲ ଏକାଡେମୀ ଏବଂ ନ୍ୟୁ ସିଟି କ୍ଲବ ଅଭିନବ ବିଡ଼ାନାସୀ କଟକ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ପରେ ମ୍ୟାଚର ୬୦ ମିନିଟରେ କ୍ୟାପିଟାଲ ଫୁଟ୍ବଲ ଏକାଡେମୀର ତାରିଣୀ ନାୟକ ଏକ ଗୋଲ ଦେଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ବିଡ଼ାନାସୀ କଟକ ଟିମ୍ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ କ୍ୟାପିଟାଲ ଫୁଟ୍ବଲ ଏକାଡେମୀ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ସାମାଜିକ କର୍ମୀ ବିଜୟ କୁମାର ପ୍ରଧାନ, ବସନ୍ତ ସାହୁ, ଜଗନ୍ନାଥ ରାଇସ୍ମିଲ କୋ. ପାର୍ଟନର ବି.ଅଶିନୀ କୁମାର ପାତ୍ର, ଉପଦେଷ୍ଟା ରାମଚନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ କମିଟି ସଭାପତି ତପନ ମହାନ୍ତି, ଟ୍ରଷ୍ଟି ପ୍ରଦୀପ କୁମାର ମହାପାତ୍ର, ସମ୍ପାଦକ ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଫରିଭାବେ ରିନା ତିର୍କୀ, ବାଲାମତି ଓରାମ, ବୀଣାପାଣି ବିରୁଆ, ଆରତି ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗାମାଧବ ନାୟକ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇଥିଲେ। ଆଶିଷ ଅଗ୍ରୱାଲ, ମୁରଲୀଧର ମହାନ୍ତି, ନୃସିଂହ ଚରଣ ମହାନ୍ତି, ରାମଚନ୍ଦ୍ର ଦୋରା, ପୂର୍ଣ୍ଣଚନ୍ଦ୍ର ବାରିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶନିବାର ବିହାର ଏକାଦଶ ଏବଂ ରାୟପୁର ଏକାଦଶ ଛତିଶଗଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୂଚନା ଦେଇଛନ୍ତି।

# ଗୁରୁକୁଳ ପ୍ରୋଜେକ୍ଟ କ୍ଷତିଗ୍ରସ୍ତଙ୍କୁ ଥଇଥାନ, କ୍ଷତିପୂରଣ ଦାବି

ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

ମାଟିତୋଟା ଗୁରୁକୁଳ ପ୍ରକଳ୍ପ ପାଇଁ ସରକାର ମନ୍ଦିର ଓ ମ୍ୟୁନିସିପାଲଟି ଜମିରେ ବାସ କରୁଥିବା ଶତାଧିକ ଲୋକଙ୍କୁ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଥିଲା। ଏହାକୁ ବିରୋଧ କରିବା, ଥଇଥାନ, କ୍ଷତିପୂରଣ, ଅବଶିଷ୍ଟ ଜମିର ପଟ୍ଟା ଦାବିକରି ଜମି ସମସ୍ୟା ସମାଧାନ ମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ନୋଟିସ୍‌କୁ ବିରୋଧ କରି ମାଟିତୋଟାରୁ ଶତାଧିକ କ୍ଷତିଗ୍ରସ୍ତ ଲୋକ ଏକ ପଟୁଆରରେ ବାହାରି ଜିଲାପାଳଙ୍କ ଅଫିସ୍‌ରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ମଞ୍ଚ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି, ପୁରୀରେ ବାସ କରୁଥିବା ଅଧିକାଂଶ ଲୋକଙ୍କ ପାଖରେ ସ୍ଥାୟୀ ବାସଗୃହ ପଟ୍ଟା ନାହିଁ, ଫଳରେ ମନ୍ଦିର, ମ୍ୟୁନିସିପାଲଟି ଜମିକୁ ଆଳ କରି ଲୋକଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି ସରକାର। ୨୦୧୫ ମସିହା ସୁପ୍ରିମକୋର୍ଟ ସିଦ୍ଧ ମଠ କେସ୍‌ରେ କହିଥିଲେ, ଓଡ଼ିଶା ଜମିଦାରୀ ଉଚ୍ଛେଦ ଆଇନ ଜଗନ୍ନାଥ ମନ୍ଦିର ପାଇଁ ପ୍ରଯୁଜ୍ୟ ନୁହେଁ ଓ



କ୍ଷତିଗ୍ରସ୍ତମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରୁଛନ୍ତି ।

ମନ୍ଦିର ଜମି ରାଜ୍ୟ ସରକାରଙ୍କ ପାଖରେ ଭେଷ୍ଟ ହୋଇନି ସୁତରାଂ ଜଗନ୍ନାଥ୍ ମନ୍ଦିର ଜମିଦାର ତାଙ୍କ ଅଧୀନରେ ପ୍ରଜାମାନେ ରହିବେ ଖଜଣା ଦେଇ ପ୍ରଜା ସ୍ୱତ୍ୱ ପାଇବେ। ତେବେ ମନ୍ଦିର ଲୋକଙ୍କୁ ପଟ୍ଟା କାହିଁକି ଦେଉନି। ସେହିଭଳି ମ୍ୟୁନିସିପାଲଟି ଜମିରେ ବାସ କରୁଥିବା ଲୋକଙ୍କୁ ନା ଲିଜ୍ ନବୀକରଣ କରୁଛନ୍ତି ନା ପଟ୍ଟା ଦେଉଛନ୍ତି। ମାଟି ତୋଟା ଗୁରୁକୁଳ ପ୍ରକଳ୍ପ ପାଇଁ ମନ୍ଦିର ଓ ମ୍ୟୁନିସିପାଲଟି ଜମିରେ ରହୁଥିବା ଲୋକଙ୍କୁ ଉଚ୍ଛେଦ ପାଇଁ ଓଡ଼ିଶା ପ୍ରିଭେନସନ୍ ଅଫ ଲ୍ୟାଣ୍ଡ ଏନକ୍ରୋଚ ମେଣ୍ଟ ଆକ୍ଟରେ ତହସିଲଦାର ନୋଟିସ କରିବା ବେଆଇନ ଓ ଅବୈଧ ବୋଲି ଅଭିଯୋଗ କରିଛନ୍ତି। ସେହିପରି ଜମି ସମସ୍ୟା ସମାଧାନ ମଞ୍ଚ ସଭାପତି ଶରତ କୁମାର ରାୟଗୁରୁ କହିଛନ୍ତି, ମନ୍ଦିର ଜମି ଓ ମ୍ୟୁନିସିପାଲଟି ଜମିରେ ବାସ କରୁଥିବା ବାସହୀନ ଓ ଭୂମିହୀନଙ୍କୁ ତହସିଲଦାର ଆଇନ ଅନୁଯାୟୀ ତଦନ୍ତ କରି ସେମାନଙ୍କୁ ସ୍ଥାୟୀ ପଟ୍ଟା ଦେବେ। ପୁରୀ ସହର ଲୋକେ ନିଜ ବାସଗୃହ ପାଇଁ ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନରେ ମନୋରଞ୍ଜନ ମହାରଣା, ସୁନିଲ ଖୁଣ୍ଟିଆ, ଭଗବାନ ଶତପଥୀ, ସୁବାସ ଭାରତୀ, ସତ୍ୟଭାମା ବେହେରା, କାଳିଆ ଦାସ, ଶୁଭମ ଦାସ, ବିକାଶ ଦାସ, ଦୈତାରି ବାରିକ ପ୍ରମୁଖ ସଭା ପରିଚାଳନା କରିବା ସହ ବିକ୍ଷୋଭରେ ସାମିଲ ହୋଇଥିଲେ।

## ବିଶିଷ୍ଟ ସମାଜବାଦୀ କୃତ୍ତିବାସ ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

ପିପିଲି, ୧୩।୧୨ (ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ସାତଶଙ୍ଖ ନିବାସୀ ବିଶିଷ୍ଟ ସମାଜବାଦୀ ସ୍ୱର୍ଗତ କୃତ୍ତିବାସ ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ନିଜସ୍ୱ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ତଥା ଜିଲା ବିଜେପି ସଭାପତି ଆଶ୍ରିତ ପଟ୍ଟନାୟକ, ବିଶ୍ୱନାଥ ବିଶାଳ, ସଦାଶିବ ବରାଳ, ଲିଙ୍ଗରାଜ ପ୍ରଧାନ, ସଦର ବ୍ଲକ କଳା ସଂସ୍କୃତି ସଂଘ ଉପାଧ୍ୟକ୍ଷ ବିଜୟ ଚନ୍ଦ୍ର ସାମନ୍ତରାୟ, ପ୍ରତାପ କୁମାର ପ୍ରଧାନ ଉପସ୍ଥିତ ରହି ସ୍ୱର୍ଗତ ଆତ୍ମାଙ୍କ ସ୍ମୃତିଚାରଣ କରିଥିବାବେଳେ ପୁରୀ ଜିଲାର ଖ୍ୟାତନାମା ସଂକୀର୍ତ୍ତନ ଗାୟକ ପିପିଲି ବ୍ଲକ କଳା ସଂସ୍କୃତି ସଂଘ ଉପାଧ୍ୟକ୍ଷ ପ୍ରହ୍ଲାଦ ରାଉତ, ନିମାପଡ଼ା ବ୍ଲକ କଳା ସଂସ୍କୃତି ସଂଘ ଉପାଧ୍ୟକ୍ଷ ପବିତ୍ର ମୋହନ ପ୍ରଧାନ, ଜଗନ୍ନାଥ ରାଉତ, ଉପେନ୍ଦ୍ର ପରିଡ଼ା, କାଳନ୍ଦୀ ନାୟକ, ସସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଆତ୍ମାଙ୍କ ଜାମାତା ବିଶିଷ୍ଟ ଜ୍ୟୋତିର୍ବିତ ଡ. ଦେବୀପ୍ରସାଦ ମହାପାତ୍ର, କନ୍ୟା ପାର୍ବତୀ ମହାପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରିଥିବାବେଳେ ସତ୍ୟବାଦୀ ବ୍ଲକ କଳା ସଂସ୍କୃତିସଂଘ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ପଲେଇ ସଂଯୋଜନା କରିଥିଲେ। ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ସେବା ବିକାଶ ପରିଷଦ, ଓଡ଼ିଶାର ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## କବି ସୁବ୍ରମାନିଆ ଭାରତୀଙ୍କ ଜୟନ୍ତୀ ପାଳିତ

ପିପିଲି, ୧୩।୧୨ (ଦୁର୍ଗାମାଧବ ମିଶ୍ର)

ମହାନ୍ କବି ସୁବ୍ରମାନିଆ ଭାରତୀଙ୍କ ଶୁକ୍ରବାର ଜୟନ୍ତୀ ଉପଲକ୍ଷେ ଗୋବିନ୍ଦପୁର କ୍ଲଷ୍ଟରର ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶିଉଳା କେନ୍ଦ୍ର ପ୍ରାଥମିକ, ଆରୁହା ୟୁଜିୟୁପି, ହରିଅନ୍ତା ପିୟୁପି, ଅଡ଼ଙ୍ଗପଡ଼ା ପ୍ରକଳ୍ପ ପ୍ରାଥମିକ, କଣ୍ଟାପଡ଼ା ପ୍ରାଥମିକ, ଗୋବିନ୍ଦପୁର ନୋଡାଲ ୟୁପି, କୁଞ୍ଜର ପ୍ରାଥମିକ, ତଲଉ ପ୍ରକଳ୍ପ ପ୍ରାଥମିକ, ସଙ୍ଗଲାଇଶାସନ ନୀଳକଣ୍ଠ ନୋଡାଲ ୟୁପି ଆଦି ସମସ୍ତ ବିଦ୍ୟାଳୟରେ ସିଆର୍‌ସିସି ଚିନ୍ତାମଣି ଓଝାଙ୍କ ତତ୍ତ୍ୱାବଧାନରେ 'ଭାରତୀୟ ଭାଷା ଉତ୍ସବ' ପାଳନ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସୁବ୍ରମାନିଆ ଭାରତୀଙ୍କ ଫଟୋ ଚିତ୍ରରେ ଧୂପ ଦୀପ ଦିଆଯାଇ ପୂଜା କରାଯିବା ସହ ତାଙ୍କ ଜୀବନୀ, ସୃଜନଶୀଳତା ଓ ଭାଷା ପ୍ରତି ଅବଦାନ ସମ୍ବନ୍ଧରେ ପ୍ରଧାନଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ଭାରତୀୟ ଭାଷାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ, ବକ୍ତୃତା, ଅଭିନୟ, ଗଳ୍ପ କଥନ, ସ୍ଲୋଗାନ ଲେଖା, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାମାନ କରାଯାଇଥିଲା।

## ଭିନ୍ନକ୍ଷମ ଶିବିରରେ ଅବ୍ୟବସ୍ଥା



ଗୋପ, ୧୩।୧୨ (ଭାରତୀ ଭୂଷଣ ଉପାଧ୍ୟାୟ)

■ ଦୁଃଖ ପ୍ରକାଶ କଲେ ବ୍ଲକ ଅଧ୍ୟକ୍ଷା
■ ଭିନ୍ନକ୍ଷମଙ୍କୁ ମିଳିଲାନି ପାନୀୟଜଳ ଓ ହୁଇଲ ଚେୟାର

ଗୋପ ବ୍ଲକ ନିକଟସ୍ଥ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ପରିସରରେ ଶୁକ୍ରବାର ଆୟୋଜିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବ୍ୟାପକ ଅବ୍ୟବସ୍ଥା ହୋଇଥିବା ନେଇ ଅଭିଯୋଗ ହୋଇଛି। ଅବ୍ୟବସ୍ଥା ନେଇ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ ଦୁଃଖ ପ୍ରକାଶ କରିଥିବା ବେଳେ ବ୍ଲକ୍ ସାମାଜିକ ଅଧିକାରିଣୀ ମୀନା କୁମାରୀ ଜେନା କହିଛନ୍ତି ମୋ ଦାୟିତ୍ୱ ମୁଁ କରିଛି।

ପ୍ରକାଶ ଯେ, ଗୋପ ବ୍ଲକ ଅଧୀନସ୍ଥ ୩୧ଟି ପଞ୍ଚାୟତରେ ଅଫ୍‌ଲାଇନ ଭିନ୍ନକ୍ଷମ ଜାଲ୍ ସାର୍ଟିଫିକେଟ ଦେଇ ଶତାଧିକ ଯୁବକ ଭିନ୍ନକ୍ଷମ ହାତଉ ଥିବାବେଳେ ପ୍ରଶାସନିକସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏପରି ଏକ ଗୁରୁତର ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବାକୁ ଦାବି କରାଯାଉଥିବା ସମୟରେ ଶିବିରକୁ ଭିନ୍ନକ୍ଷମଙ୍କୁ ଡାକି ଅକଥନୀୟ ନିର୍ଯାତନା ନ ଦେବା ପାଇଁ ବନାଖଣ୍ଡି ପଞ୍ଚାୟତର ସରୋଜ କୁମାର ବିଶ୍ୱାଳ, କୁଆଁପଡ଼ା ପଞ୍ଚାୟତର ମାନସ କୁମାର ସ୍ୱାଇଁ ପ୍ରଶାସନକୁ ଗୁହାରି କରିଛନ୍ତି। ଏହି ଶିବିରକୁ ୯୪୯ଜଣ ଭିନ୍ନକ୍ଷମ ଆସିଥିବା ବେଳେ ଅସ୍ଥିଶଲ୍ୟରେ ୩୯୭, ଇଏନ୍‌ଟିରେ ୧୨୩, ଭେଷଜରେ ୪୮, ଚକ୍ଷୁରେ ୮୧ ଓ ମାନସିକ ବିକାରଗ୍ରସ୍ତ ୧୦୫ ଯୋଗ ଦେଇଥିଲେ। ଭିନ୍ନକ୍ଷମ ଶିବିରରେ ଯୋଗ ଦେଇଥିବା ଭିନ୍ନକ୍ଷମଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରକୁ ଆସୁଥିବା ଭିନ୍ନକ୍ଷମଙ୍କୁ ବ୍ଲକ ପକ୍ଷରୁ ଗୁରୁତ୍ୱ ନ ଦେବା ସହ ପିଇବା ପାଣି, ହୁଇଲି ଚେୟାର ନ ମିଳିବା ଯୋଗୁ ଅସନ୍ତୋଷ ଦେଖାଦେଇଥିଲା। ଅଭିଯୋଗ କରିବା ପାଇଁ ଭିନ୍ନକ୍ଷମଙ୍କ ସହିତ ଆସିଥିବା ସଦସ୍ୟମାନେ ଯାହାଙ୍କୁ କହିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଅଭିଯୋଗ ଉପରେ ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକ କହିଛନ୍ତି, ଏହି ଘଟଣାକୁ ନେଇ ମୁଁ ଦୁଃଖିତ। ଆଲୋଚନା କରି ସବୁ କାମ କଲେ କୌଣସି ଅସୁବିଧା ହୋଇ ନ ଥାନ୍ତା।

## ଶ୍ରୀଜଗନ୍ନାଥଙ୍କୁ ସମର୍ପଣ ହେଲା ଚଳଚ୍ଚିତ୍ର 'ଦେବକନ୍ୟା'

ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

କାହାଣୀକାର ଶଙ୍କର ତ୍ରିପାଠୀଙ୍କ ସୃଷ୍ଟ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'କୁ ଠାକୁରଙ୍କ ନିକଟରେ ଶୁକ୍ରବାର ସମର୍ପଣ କରଯାଇଛି। ସେ ନାରୀ କି ପୁରୁଷ ନୁହେଁ, ସେ ଠାକୁରଙ୍କ ପାଖରେ ସମର୍ପିତ ଦେବକନ୍ୟା, ଯେ ପରିବାର ଓ ସମାଜର ପ୍ରତିଟି ପ୍ରତିବନ୍ଧକକୁ ପ୍ରତିହତ କରିବାକୁ ନିଆଁରେ ଜଳି ଏବଂ ବୁଡ଼ିବା ପୂର୍ବରୁ ଜଳରୁ ଉଠି ଆସିପାରେ। ସଫଳତା ପାଇଁ ସଂଗ୍ରାମ ଓ ସଂଘର୍ଷକୁ ସାଥିରେ ଧରି ଯେ ଆଗେଇପାରେ ସେ ହିଁ ଦେବକନ୍ୟା। ଚଳଚ୍ଚିତ୍ର ଦେବକନ୍ୟା ପୁରୀରୁ ଶୁଟିଂ ଆରମ୍ଭ କରିଛି। ମହାପ୍ରଭୁଙ୍କୁ ସର୍ମପଣ ଉତ୍ସବ ଉପଲକ୍ଷେ ସିଂହଦ୍ୱାରଠାରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗର ସହନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଚଳଚ୍ଚିତ୍ର 'ଆଜିର ରେବତୀ'ର କାହାଣୀକାର ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର ଓ ମଧୁସୂଦନ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁପ୍ରିମ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ପ୍ରଯୋଜକ ଆଶୁତୋଷ ତ୍ରିପାଠୀ, ସୁରେଶ ସାହୁ ଓ ଭାର୍ଗବୀ ତ୍ରିପାଠୀ, ନିର୍ଦ୍ଦେଶକ ରାଜେଶ ମହାନ୍ତି, ନାୟକ ଶୁଭାଶିଷ ଶର୍ମା, ସୁଶ୍ରୀ, କ୍ରିଏଟିଭ ହେଡ୍ ଶ୍ୟାମାପ୍ରସାଦ ମିଶ୍ର, ସ୍କ୍ରିପ୍ଟ ହେଡ୍ ହରପ୍ରସାଦ ମହାପାତ୍ର, କଳାକାର ଅଶ୍ରୁମୋଚନ ମହାନ୍ତି, କୁନା ତ୍ରିପାଠୀ, ରବି ମିଶ୍ର, ରବୀନ୍ଦ୍ର ସିଂ, ଦେବ, କେଦାର ମିଶ୍ର, ଶମ୍ଭୁ ଖୁଣ୍ଟିଆ, ପ୍ରଡକ୍ସନ ହେଡ୍ ଭାରତ ସେଠୀ, ମୁଖ୍ୟ କ୍ୟାମେରାମ୍ୟାନ ସୁଦର୍ଶନ ସେନାପତି ପ୍ରମୁଖ ଠାକୁରଙ୍କ ନିକଟରେ ଦୀପଦାନ ସହ ପୁଷ୍ପ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ମୌଳିକ କଥାବସ୍ତୁକୁ ନେଇ ପ୍ରସ୍ତୁତ ଚଳଚ୍ଚିତ୍ର 'ଦେବକନ୍ୟା' ଟିମ୍‌କୁ ଗୀତିକାର ବଦ୍ରି ମିଶ୍ର ସମ୍ବର୍ଦ୍ଧିତ କରିଥିଲେ।


କଳାକାରମାନେ ସିଂହଦ୍ୱାରରେ ଦୀପ ଦାନ କରୁଛନ୍ତି ।

## କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍ସେସଠାରେ ଜାତୀୟ ଆଲୋଚନାଚକ୍ର




ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମି ମାର୍ଗ ବାଲିଗୁଆଳିସ୍ଥିତ କଲେଜ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସେସରେ 'କନସେପ୍ଟ ଫର୍ ଟ୍ରାନ୍ସଫର୍ମେସନ ଅଫ୍ ଫାର୍ମାସୀ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ, ମିଟ୍ ଗ୍ଲୋବାଲ ଚ୍ୟାଲେଞ୍ଜସ୍ ବାଏ ୨୦୩୦' ଶୀର୍ଷକ ଏକ ୨ଦିନିଆ ଜାତୀୟ ଆଲୋଚନାଚକ୍ର ଶୁକ୍ରବାର କଲେଜ ପରିସରରେ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ପ୍ର. ଅମିୟକାନ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓ ଡାଇରେକ୍ଟର ସନ୍ତୋଷ କୁମାର ମହାପାତ୍ରଙ୍କ ସହଯୋଗିତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ୍ ଆଣ୍ଡ ହସ୍ପିଟାଲର ଅଧ୍ୟକ୍ଷା ପ୍ର. ସବିତା ମହାପାତ୍ର, ମୁଖ୍ୟବକ୍ତା ଭାବେ ଏଫଇଟି, ଆଇସିଟି ଡେପୁଟି ଡାଇରେକ୍ଟର ଓ ଆସୋସିଏଟ ପ୍ର. ଅକ୍ଷୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏଫ୍‌ଇଟି, ଆଇସିଟି ଆସୋସିଏଟ ପ୍ରଫେସର ଡ. ରାମବାବୁ ଡିଣ୍ଡେଲା ଯୋଗଦେଇ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଅନୁଷ୍ଠାନର ଚେୟାରପର୍ସନ ଅନିମା ଦାଶ କହିଛନ୍ତି, ଫାର୍ମାସୀ ପାଠ୍ୟକ୍ରମ ରୂପାନ୍ତରଣର ନୂତନ ଚିନ୍ତାଧାରା ଆଖିଆଗରେ ରଖି ପାଠ୍ୟକ୍ରମ ପ୍ରତି ନିଷ୍ଠାବାନ ରହିପାରିଲେ ଛାତ୍ରୀଛାତ୍ର ନିଜକୁ ଭବିଷ୍ୟତରେ ଏକ ଶ୍ରେଷ୍ଠ ଫାର୍ମାସିଷ୍ଟ ରୂପେ ଗଢ଼ି ତୋଳିପାରିବେ। ଅନୁଷ୍ଠାନର ଅଧ୍ୟାପିକାଅଧ୍ୟାପକଙ୍କ ମଧ୍ୟରେ ସଞ୍ଜୟ ନାୟକ, ସୁନିତା ମିଶ୍ର, ଡ. ଗଣେଷ କୁମାର ଦାଶ, ଡ. ଚିନ୍ମୟ କୁମାର ସାହୁ, ଭକ୍ତବନ୍ଧୁ ଜେନା, ଯଶଶ୍ରୀ ରାୟ, ହିମାଂଶୁ ରଞ୍ଜନ ପାଲଟାସିଂ, ଅସିତ୍ କୁମାର ଷଡ଼ଙ୍ଗୀ, ସିଦ୍ଧେଶ୍ୱର ପ୍ରସାଦ ପାଟ୍ଟଯୋଶୀ, ଅନୁପ କୁମାର ପାତ୍ର, ତୃପ୍ତି ରଞ୍ଜନ ପାଢ଼ୀ, ରାଜଶ୍ରୀ ମହାନ୍ତି, ସୁଦେଷ୍ଣା ମହାନ୍ତି, ସୁଚିସ୍ମିତା ସାହୁ, ପ୍ରଜ୍ଞା ପ୍ରିୟଦର୍ଶିନୀ, ଦୀପ୍ତିପ୍ରଜ୍ଞା ଦାସ, ବିଦ୍ୟୁସ୍ମିତା ପ୍ରଧାନ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ବସନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକୋତ୍ସବ

ପିପିଲି, ୧୩।୧୨ (ଦୁର୍ଗାମାଧବ ମିଶ୍ର)

ସ୍ଥାନୀୟ ସେଣ୍ଟ ଜାଭିଅର ହାଇସ୍କୁଲର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ଦିନରେ ବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତା ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପ୍ରତିଭା ମହାରଥୀ ଯୋଗଦେଇଥିଲେ। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସେଣ୍ଟ ଜାଭିଅର ହାଇସ୍କୁଲ ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ତପନ କୁମାର ପଣ୍ଡା ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମ୍ପାଦକ ଅଜୟ କୁମାର ମିଶ୍ର ପରିଚାଳନା କରିଥିଲେ। ଉକ୍ତ ୨ ଦିନିଆ କାର୍ଯ୍ୟକ୍ରମରେ ବିଦ୍ୟାଳୟରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମକୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷା ଆଭାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

## 'ଗୀତାୟାଃ ସମନ୍ୱୟାତ୍ମିକା ଦୃଷ୍ଟିଃ' ଶୀର୍ଷକ ପାଠଚକ୍ର

ସାକ୍ଷୀଗୋପାଳ, ୧୩।୧୨ (ଭରତ ରାଉତ)



ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଶୁକ୍ରବାର ସଂସ୍କୃତ ବିଭାଗ ଆନୁକୂଲ୍ୟରେ 'ଗୀତାୟାଃ ସମନ୍ୱୟାତ୍ମିକା ଦୃଷ୍ଟିଃ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଭାଗୀୟ ଅଧ୍ୟାପିକା ପ୍ର. ସସ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୀତାପାଠ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ପ୍ର. ସତ୍ୟଶିବସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ନିଜ ନିଜର ସ୍ୱଧର୍ମ ପାଳନ କରି ମନୁଷ୍ୟ କିପରି ପରମେଶ୍ୱରଙ୍କୁ ଲାଭ କରିପାରିବ ତାହାର ସରଳ ସୁଗମ ଉପାୟ ସବୁ ଭାଗବତ ଗୀତାରେ ଉଲ୍ଲେଖ କରାଯାଇଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସଂସ୍କୃତ ବିଭାଗର ମୁଖ୍ୟା ପ୍ରଧାପିକା ସୁଜାତା ମହାପାତ୍ର ବିଷୟବସ୍ତୁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

ସାଧନବ୍ୟକ୍ତିତ୍ୱ ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରାଣ ଇତିହାସ ବିଭାଗର ମୁଖ୍ୟ ମିନତୀ ରଥ 'ଗୀତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜୀବନର କର୍ମ, ଜ୍ଞାନ, ଭକ୍ତି ଓ ଯୋଗର ସମନ୍ୱୟ ସୃଷ୍ଟି କରିବା' ବୋଲି ନିଜ ବକ୍ତବ୍ୟରେ କହିଛନ୍ତି। ବିଭାଗୀୟ ପ୍ରାଧ୍ୟାପିକା ଡ. କଳ୍ପନା କୁମାରୀ ମହାପାତ୍ର ସନ୍ଦର୍ଭ ପଠନ କରିଥିଲେ। ପରେ ତୃତୀୟବର୍ଷର ଛାତ୍ରୀମାନେ ସନ୍ଦର୍ଭ ପଠନ କରିଥିଲେ। ଏହାପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ମୁଖ୍ୟ ଅତିଥି ପ୍ର. ରଥ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଶେଷରେ ତୃତୀୟବର୍ଷର ସମ୍ମାନ ଛାତ୍ରୀ କଳ୍ପନା ନାୟକ ଧନ୍ୟବାଦ ଦେଇଥିଲେ।

## ଦେଶୀମଦ ଜବତ, ୩ ଗିରଫ

ବେଗୁନିଆ/ବାଘମାରୀ, ୧୩।୧୨ (ସନ୍ଧ୍ୟାରାଣୀ ମିଶ୍ର/ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୬ ଲିଟର ଦେଶୀ ମଦ ଜବତ ସହ ୩ ଜଣକୁ ଗିରଫ କରାଯାଇଛି। ଭ୍ରାମ୍ୟମାଣ ଅବକାରୀ ବିଭାଗ ଏସ୍‌ଆଇ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର କୈଳାସ ଚନ୍ଦ୍ର ସାହୁ, ବେଗୁନିଆ ଆଦର୍ଶ ବିଦ୍ୟାଳୟ ନିକଟ ଶାନ୍ତିଲତା ନାୟକ ଓ କଣ୍ଟାବାଡ ଗ୍ରାମର ମଧୁସୂଦନ ନାୟକଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜଣଙ୍କୁ ବିଏନ୍‌ଏସ୍‌ଏସ୍ (୩୫) (୩) ଦଫାରେ ଛଡ଼ାଯାଇଛି ।

## ଅଭିରାମ ପରମହଂସ ଦେବଙ୍କ ଭକ୍ତମିଳନ ଉତ୍ସବ

ପିପିଲି, ୧୩।୧୨ (ପ୍ରଭାତ କୁମାର ମହାପାତ୍ର)

ପିପିଲି ବ୍ଲକ ଡେଇଶିପୁର ପଞ୍ଚାୟତ ଅଧୀନ ବାଙ୍ଗରପଡ଼ାଠାରେ ଅଭିରାମ ପରମହଂସ ଦେବଙ୍କ ୨ ଦିନିଆ ୧୧ଶ ବାର୍ଷିକ ଆଞ୍ଚଳିକ ଭକ୍ତମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ହରେକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ନଗର ପରିକ୍ରମା, ଠାକୁରଙ୍କ ସିଂହାସନ ବିଜେ, ପ୍ରାରମ୍ଭିକ ପୂଜାର୍ଚ୍ଚନା, ମଙ୍ଗଳଆଳତି, ଶ୍ରୀଶ୍ରୀ ଠାକୁରଙ୍କ ଗୋଷ୍ଠୀସ୍ତବ ଷୋଡ଼ଶ ଉପଚାର ପୂଜା, ଭଜନ, ସଂକୀର୍ତ୍ତନ, ଶ୍ରୀମୁଖ ନିଃସୃତ ହରିକଥାମୃତ, ସାଂସ୍କୃତିକ କାର୍ଯ୍ୟକ୍ରମ, ପାଲା ଓ ଗୋଟିପୁଅ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଭିରାମ ପରମହଂସ ଦେବଙ୍କ ଶାନ୍ତିଆନନ୍ଦାଶ୍ରମ କରମଳାରୁ ସାଧୁସନ୍ଥଙ୍କ ସମେତ ଆଖପାଖ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ଯୋଗ ଦେଇଥିଲେ। ବାବାଜି ବୁଦ୍ଧଦେବ ଦାସ, ତ୍ରିଲୋଚନ ଦାସ, ରାଧାରମଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଞ୍ଚଳିକ ଭକ୍ତ ଗୋଷ୍ଠୀ ବାଙ୍ଗରପଡ଼ାର ସମସ୍ତ ଭକ୍ତ ଏଥିରେ ସହଯୋଗ କରିଥିଲେ।

## ଗୁଣାତ୍ମକ ପଦ୍ଧତିରେ ଚାଷ ପାଇଁ ପରାମର୍ଶ

**ଚାଷୀ ସଚେତନତା ଶିବିର**

ପିପିଲି, ୧୩।୧୨ (ଦୁର୍ଗାମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ଜଳବାୟୁର ପରିବର୍ତ୍ତନ ସାଙ୍ଗକୁ ଦିନକୁ ଦିନ ନୂଆ ରୋଗର ସୃଷ୍ଟି ଚାଷୀର ମେରୁଦଣ୍ଡକୁ ଭାଙ୍ଗି ଦେଉଛି। ଏହି ପରିପ୍ରେକ୍ଷୀରେ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର୍ କୋ ଅପରେଟିଭ ଲିଃ (ଇଫ୍‌କୋ) ପକ୍ଷରୁ ପିପିଲି ବ୍ଲକ୍‌ର ଦୁର୍ଗାଦାସପୁରସ୍ଥିତ ମା' ଉତ୍ପଳା ଠାକୁରାଣୀ ମନ୍ଦିର ପରିସରରେ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସାକ୍ଷୀଗୋପାଳ କୃଷି ବିଭାଗ ଅଧିକାରୀ ଅଜୟ କୁମାର କର ଯୋଗଦେଇ ବର୍ଷକୁ ବର୍ଷ ଜଳବାୟୁର ପରିବର୍ତ୍ତନ ସହିତ ନୂଆ ନୂଆ ରୋଗର ଆବିର୍ଭାବ ଯୋଗୁ ଚାଷୀର ଫସଲ ନଷ୍ଟ ହେବା ସହିତ ଚାଷୀମାନେ କ୍ଷତି ସହୁଛନ୍ତି। ଚାଷୀ କ୍ଷେତରେ ସାର ପ୍ରୟୋଗ କରିବା ଦ୍ୱାରା ଗଛ କିଛି ସାର ଗ୍ରହଣ କରୁଛି ଆଉକିଛି ମାଟିରେ ନଷ୍ଟ ହେଉଛି। ଏହାଦ୍ୱାରା ମୃତ୍ତିକା ମଧ୍ୟ ନଷ୍ଟ ହେଉଛି। ତେଣୁ ଇଫ୍‌କୋ କମ୍ପାନୀ ପକ୍ଷରୁ ନାନୋ ଡିଏପି (ତରଳ) ଏବଂ ନାନୋ ୟୁରିଆ (ତରଳ) ବାହାର କରାଯାଇଛି। ଗଛ ଯେତିକି ପରିମାଣର ଡିଏପି ଏବଂ ୟୁରିଆ ଗ୍ରହଣ କରିବ, ସେତିକି ପରିମାଣର ନାନୋ ଡିଏପି ଏବଂ ନାନୋ ୟୁରିଆ ବାହାର କରିଛନ୍ତି। ଏହି ନାନୋ ଡିଏପି ଏବଂ ୟୁରିଆକୁ ଧାନଗଛରେ କିପରି ସ୍ପ୍ରେ କରାଯିବ ସେ ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ ଏବଂ ଉପସ୍ଥିତ ଚାଷୀମାନଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ଦେଇଥିଲେ।



ସଚେତନତା ଶିବିରରେ କୃଷି ଅଧିକାରୀ ଅଜୟ କୁମାର କରଙ୍କ ସମେତ ଅନ୍ୟ ଅତିଥିମାନେ ।

ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋର ମାର୍କେଟିଂ ମ୍ୟାନେଜର୍ ସୁବାସ ଚନ୍ଦ୍ର ଜେନା, ମେଡିସିନ ବିଭାଗର ମୁଖ୍ୟ ଦିବ୍ୟରଞ୍ଜନ ହୋତା, ପିପିଲି ବ୍ଲକ ସହକାରୀ କୃଷି ଅଧିକାରିଣୀ ସସ୍ମିତା ମହାନ୍ତି, ବିଟିଏମ୍ ଉମାକାନ୍ତ ଦଳେଇ, ବରିଷ୍ଠ ଚାଷୀ ବାସୁଦେବ ଦାଶ ଆଦି ଚାଷୀ ଓ ଚାଷର ଉନ୍ନତି ଉପରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଚାଷୀ ଲକ୍ଷ୍ମୀଧର ପ୍ରଧାନ ସଭାପତିତ୍ୱ କରିଥିଲାବେଳେ ଇଫ୍‌କୋର ସୌମ୍ୟ ରଞ୍ଜନ ହାତୀ ସଭା ପରିଚାଳନା କରିଥିଲେ। ଇଫ୍‌କୋର ଅଧିକୃତ ବିକ୍ରେତା ବିଭୁତି ଭୂଷଣ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।

**ଓଡ଼ିଶା ସରକାର**
**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର**
Office Order No.3541// Dated 10.12.2024
E-Mail-serwcirclesbp@yahoo.com
1st Corrigendum
Bid Identification No.Road Tender Online RWCSBP-07/2024-25
No.O-886: Following modifications are hereby made to the notice inviting tender vide this office Bid Id No.Road Tender Online RWCSBP-07/2024-25. 1. The availability of tender online for bidding may be read as 23.12.2024 from 11.00 AM to 06.01.2025 upto 5.00 PM instead of from 02.12.2024 from 11.00 AM to 16.12.2024 upto 5.00 PM. 2. The last date & time for seeking clarification may be read as 04.01.2025 upto 5.00 PM instead of 13.12.2025 upto 5.00 PM. 3. The date & time of technical opening bid may be read as 07.01.2025 at 11.00 AM instead of 17.12.2024 at 11.00 AM. All other terms and condition remain unchanged.
OIPR-25091/11/0014/2425
Sd./- Chief Construction Engineer
R.W.Circle, Sambalpur

**OFFICE OF THE TRANSPORT COMMISSIONER-CUM-CHAIRMAN, STATE TRANSPORT AUTHORITY, ODISHA, CUTTACK**
TENDER CALL NOTICE
Notice No.LXVII-12/2023-18401 Date : 13.12.2024
No.JJ-33 : Sealed tenders are invited for a Request for Proposal (RFP) for selection of Service Provider for Providing IT Support Services on Manhour Basis to the Transport Commissioner and its Subordinate Offices by the office of Transport Commissioner for online submission latest by 03.01.2025.
For details, please visit the websites www.odishatransport.gov.in and www.enivida.odisha.gov.in.
By the orders of Transport Commissioner, Odisha
Sd./- Addl. Commissioner Transport (Admin.) STA, Odisha, Cuttack
OIPR-38003/11/0032/2425

**ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର**
**OFFICE OF THE PROJECT ADMINISTRATOR, I.T.D.A., RAIRANGPUR**
At: Rairangpur W. No. 3, Mandirsahi, P.O.: Rairangpur, Dist.: Mayurbhanj - 757043
Email: paitdarrp@yahoo.in, itdargp@nic.in, Office No.: 06794-291151
No. 5749/ITDA, RRP NOTICE Date: 11.12.2024
1st CORRIGENDUM to
Bid Identification No. 01/ITDA, RRP of 2024-25 Date: 05.12.2024
No. CAD-1894: In the Percentage Bill of Quantity (BoQ) of the estimate namely "Approach road to EMRS, Badampahar of Kusumi Block" as mentioned at Sl. No. 02 of the above Bid Identification Notice published by this ITDA vide the No. cited supra, the item at Sl. No. 07 of the BoQ may be read as cement concrete (1:2:4) with 12mm size hard granite chips CC Road Base instead of Cement Concrete (1:4:8) with 12cm size hard granite chips CC Road Base. The other terms & conditions as available in the tender schedule are remain unchanged.
All concerned be presumed as modified to above extent.
Sd./- Project Administrator, ITDA, Rairangpur
OIPR-19080/11/0003/2425

# ଦ୍ୱିପ୍ରହର ଭୋଗମଣ୍ଡପ ପରେ ହେବ ରତ୍ନଭଣ୍ଡାର କାମ

## ପ୍ରଶାସନ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)



ରତ୍ନଭଣ୍ଡାର ମରାମତିକୁ ନେଇ ଲାଗି ରହିଥିବା ଆଶା ଅଶଙ୍କା ଦୂର ହୋଇଛି। ଗତ ୧୦ରେ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୭ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଛି। ଏହି ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ନେଇ ଶୁକ୍ରବାର ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ନୀତିନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାରଫିଟିବା ନେଇ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ସରିବା ପରେ କାର୍ଯ୍ୟ ଆରମ୍ଭ ହେବ। ପ୍ରାୟ ପାଞ୍ଚଘଣ୍ଟା ଧରି ମରାମତି କାର୍ଯ୍ୟ କରାଯିବ। ତେବେ ଜିପିଆର ଓ ଜିପିଆରଏସ ସର୍ଭେରେ ଚିହ୍ନଟ ହୋଇଥିବା ରତ୍ନଭଣ୍ଡାରର କାନ୍ଥ ଏବଂ ଚଟାଣର ମରାମତି କରାଯିବ। ବିଶେଷକରି ଏହି ମରାମତି ସମୟରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ବ୍ୟବହାର କରି ମରାମତି କରାଯିବ ବୋଲି ସୂଚନା ମିଳିଛି। ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ କହିଛନ୍ତି, ୧୭ରୁ ଏଏସ୍ଆଇ ପକ୍ଷରୁ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ। ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରାଯିବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକରେ ଅନୁମୋଦିତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ କିପରି ରାତି ୨ଟାରୁ ଦ୍ୱାର ଫିଟାଯାଇ ଠିକ୍ ଭାବରେ ନୀତି କରାଯିବ ଓ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ହେବ ସେ ସମ୍ପର୍କରେ ଆଲୋଚନା ହୋଇଛି। ପ୍ରଥମେ ମରାମତି କାର୍ଯ୍ୟ ସମ୍ପନ୍ନ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ଗୁଡ଼ିକ ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇ ଗଣନ୍ତି ମଣନ୍ତି କରାଯିବ।

ସେହିପରି ଏସ୍ପି ଭୀନିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି, ୧୭ରୁ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ, ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ରତ୍ନଭଣ୍ଡାର ମରାମତି ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଆଦିକୁ ସୁଚାରୁରୂପେ ସମ୍ପାଦନ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଶ୍ରୀମନ୍ଦିର ୪ଦ୍ୱାର ଏବଂ ରତ୍ନଭଣ୍ଡାର ବାହାରେ ପୋଲିସ ଅଧିକାରୀ ରହିବେ। ଏ ସମ୍ପର୍କରେ ଏଏସ୍ଆଇ ଡେପୁଟି କନ୍‌ଜରଭେଟର ଚିତ୍ତରଞ୍ଜନ ଦାସ କହିଛନ୍ତି, ୧୦ରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୧୭ରେ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ। ପ୍ରବେଶ, ପ୍ରସ୍ଥାନ, ମରାମତି କାର୍ଯ୍ୟ, ବ୍ୟବହାର ଜିନିଷ ଉପରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ଦିନ ୧୨ଟା ୩୦ରେ କାର୍ଯ୍ୟ ଆରମ୍ଭ ହେବ। ପ୍ରଥମେ ଷ୍ଟେଜିଙ୍ଗ କରାଯିବ। ପରେ ସଫା କରାଯାଇ ଚେକିଂ କରାଯିବ।

## ସଂକ୍ଷେପରେ

### ପୋଖରୀରୁ ମିଳିଲା ମୃତଦେହ

ବାରଙ୍ଗ, ୧୩।୧୨ (ଲିଙ୍ଗରାଜ ରାଉତ)

ଦୁଇଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ପୋଖରୀରୁ ଶୁକ୍ରବାର ଜବତ ହୋଇଛି। ସେ ହେଲେ ନନ୍ଦନକାନନ ଥାନା ଅଧୀନ ରଘୁନାଥପୁର ଗ୍ରାମର ବସନ୍ତ ପାଣି(୪୨)। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ରଘୁନାଥପୁର ଶିଖରଚଣ୍ଡୀସାହି ମନ୍ଦିର ପୋଖରୀକୁ କେତେଜଣ ଯୁବକ ଗାଧୋଇବାକୁ ଯାଇଥିବା ବେଳେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ମୃତଦେହ ଉଦ୍ଧାର ପରେ ପରିବାର ଲୋକ ପହଞ୍ଚି ଚିହ୍ନଟ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଣ୍ଡଳସ୍ତରୀୟ ଖେଳକୁଦ ସମାରୋହ

ଡ୍ରିସୁଲିଆ, ୧୩।୧୨ (ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ନରଣପୁର ଉ.ପ୍ରା. ବିଦ୍ୟାଳୟ ପରିସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଣ୍ଡଳସ୍ତରୀୟ ଖେଳକୁଦ ସମାରୋହ-୨୦୨୪ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦଲେଇ, ମୁଖ୍ୟ ବକ୍ତା ବେଲଗଛିଆ ସରପଞ୍ଚ ମାନିନୀ ସାହୁ, ସମ୍ମାନିତ ଅତିଥି ସହ ଶିକ୍ଷା ଅଧିକାରୀ ଯମୁନାମଣୀ ହେମ୍ବ୍ରମ, ନରଣପୁର ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନଳିନୀ ଦାସ ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାରେ ସମସ୍ତ ବର୍ଗର ଲୋକଙ୍କ ସକ୍ରିୟ ସହଯୋଗକୁ ଗୁରୁତ୍ୱ ଦେଇଥିଲେ। ଉଦ୍‌ଯାପନୀ ଅବସରରେ ମୁଖ୍ୟ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି, ମୁଖ୍ୟ ବକ୍ତା ସହ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ରଥ, ସମ୍ମାନିତ ଅତିଥି ସେକ୍ସନ ଅଫିସର ସତ୍ୟଭାମା ଦାସ, ସମାଜସେବୀ ପିତାମ୍ବର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସାଧନକର୍ମୀ ଗଣେଶ୍ୱର ନାୟକ, ବଂଶୀଧର ବେହେରା, ତପସ୍ୱିନୀ ସାହୁ ପରିଚାଳନା କରିଥିଲେ। ଚାରୁଲତା ସାହୁ, ଲକ୍ଷ୍ମୀପ୍ରିୟା ବେହେରା, ଭୀମସେନ ଦାସ, ନରଣପୁର ଉ.ପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ବଡ଼ଦାଣ୍ଡରୁ ଜୋତାଷ୍ଟାଣ୍ଡ ହଟାଇବାକୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ, ୧୩।୧୨ (ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରୁ ସମସ୍ତ ଜୋତା ଷ୍ଟାଣ୍ଡ ହଟାଇବାକୁ ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡକୁ ୨୦୦୨ ମସିହାରୁ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଛି। ରାଜପଥର ରକ୍ଷଣାବେକ୍ଷଣ ଏନ୍ଏଚ୍ ଭୁବନେଶ୍ୱର ଡିଭିଜନ ଦ୍ୱରା କରାଯାଉଛି। ତେବେ ଏନ୍ଏଚ୍ ପକ୍ଷରୁ ବଡ଼ଦାଣ୍ଡରେ ଜୋତାଷ୍ଟାଣ୍ଡ ନିମନ୍ତେ କୌଣସି ଅନୁମତି ପ୍ରଦାନ କରାଯାଇ ନାହିଁ। ମାତ୍ର ବର୍ତ୍ତମାନ ବଡ଼ଦାଣ୍ଡରେ ବେଆଇନ ଭାବେ ଅନେକ ଜୋତାଷ୍ଟାଣ୍ଡ କରାଯାଇଛି। ଏଭଳି କାର୍ଯ୍ୟକୁ ପୁରୀ ପୌରପାଳିକା ଅଧିକାରୀ ପ୍ରଶ୍ରୟ ଦେଉଛନ୍ତି। ଜୋତା ଷ୍ଟାଣ୍ଡ କାରଣରୁ ଯାତାୟାତରେ ସମସ୍ୟା ହେଉଛି। ଲୋକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଡ଼ଦାଣ୍ଡରେ ଥିବା ସମସ୍ତ ବେଆଇନ ଜୋତା ଷ୍ଟାଣ୍ଡକୁ ହଟାଯାଉ ବୋଲି ବରାଳ ଦାବି କରିଛନ୍ତି।

### 'ଜଗତ କଲ୍ୟାଣ ପାଇଁ ଭଗବଦ୍ ଗୀତାର ପ୍ରଚାର ଦରକାର'

ମଙ୍ଗୁଳି-ଜଗତପୁର, ୧୩।୧୨ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡଗାଁ ପଞ୍ଚାୟତ ଅଧୀନ କୁଷପଡା ଗ୍ରାମସ୍ଥିତ ଗୀତାଶ୍ରମ ପରିସରରେ ଗୀତା ଉପନିଷଦ ଆଲୋଚନାଚକ୍ରର ବାର୍ଷିକ ସମ୍ମିଳନୀ ଓ ଗୀତା ଜୟନ୍ତୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଉଦ୍‌ଘାଟକ ଭାବେ ଡାଲ୍‌ମିଆ ସିମେଣ୍ଟର ମୁଖ୍ୟ ପ୍ରଶାସକ ପଙ୍କଜ ଗୁପ୍ତା, ମୁଖ୍ୟବକ୍ତା ଭାବେ ଧର୍ମଜାଗରଣ ରାଜ୍ୟ ସଂସ୍କୃତି ପ୍ରମୁଖ ଡ. ଶ୍ରୁତି ସାଗର ମହାରାଜ ଯୋଗଦେଇ ଜଗତକଲ୍ୟାଣ ପାଇଁ ପ୍ରତି ଗ୍ରାମରେ ଭଗବଦ୍ ଗୀତାର ପ୍ରଚାର ପ୍ରସାର ହେବା ଦରକାର ବୋଲି କହିଥିଲେ। ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ହୃଷୀକେଶ ସ୍ୱାଇଁ, ଶ୍ରୀକାନ୍ତ ବେହେରା, ଅନନ୍ତ ଚରଣ ରାଉତରାୟ, ନିକୁଞ୍ଜ ସାହୁ, ଉତ୍ତମା ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଇନ୍ଦୁମତି ଗିରିଙ୍କ ସମେତ ସାଧୁସନ୍ଥ ଯୋଗଦେଇଥିଲେ।

# ୧୬ରେ କୋଚିରେ ପହଞ୍ଚିବ ଭିଏଟ୍‌ନାମ୍ ତଟରକ୍ଷୀ ବାହିନୀ

ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)




ଭିଏତ୍‌ନାମ୍ ତଟରକ୍ଷୀ ବାହିନୀ ୧୬ତାରିଖରେ କୋଚିରେ ପହଞ୍ଚିବା ସହ ଭିସିଜି ଜାହାଜର ସିଏସ୍‌ବି ୮୦୦୫ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖ ପର୍ଯ୍ୟନ୍ତ ଏହି ଚାରିଦିନିଆ ଗସ୍ତରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଭିଏତ୍‌ନାମ୍ ତଟରକ୍ଷୀ ବାହିନୀ ମଧ୍ୟରେ ସାମୁଦ୍ରିକ ସହଯୋଗ ଓ ପାରସ୍ପରିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଗସ୍ତ ସମୟରେ ଭିସିଜି ଜାହାଜର କର୍ମଚାରୀମାନେ ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା (ଏମ୍‌ପିଆର୍), ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ (ଏମ୍-ଏସ୍‌ଏଆର୍) ଏବଂ ସାମୁଦ୍ରିକ ଆଇନ ପ୍ରଣୟନ ଉପରେ ଧ୍ୟାନ ଦେଇ ବୃତ୍ତିଗତ ପାରସ୍ପରିକ କାର୍ଯ୍ୟରେ ନିୟୋଜିତ ହେବେ। ଏଥିରେ କ୍ରସ୍-ଡେକ୍ ଟ୍ରେନିଂ, ମ୍ୟାଟର୍ ଏକ୍ସପର୍ଟ ଏକ୍ସଚେଞ୍ଜ, ସାମାଜିକ ପାରସ୍ପରିକ କ୍ରିୟା, ଅଗ୍ନି ନିର୍ବାପକ ଡ୍ରିଲ, ବୋର୍ଡ ସର୍ଚ୍ଚ ଏବଂ ଭିବିଏସ୍‌ଏସ୍, କାଉଣ୍ଟର ଡ୍ରଗ୍ ଇଣ୍ଟରଡିକେସନ ଆଦି କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ। ଏହି ଗସ୍ତ କେବଳ ଭାରତୀୟ ତଟରକ୍ଷୀ ବାହିନୀ ଓ ଭିଏତନାମ୍ ତଟରକ୍ଷୀ ବାହିନୀ ମଧ୍ୟରେ ସମ୍ପର୍କକୁ ମଜଭୁତ କରିବା ନୁହେଁ, ବରଂ ଜାହାଜ ନିର୍ମାଣରେ ଭାରତର ବୈଷୟିକ ପ୍ରଗତିକୁ ମଧ୍ୟ ଦର୍ଶାଇ, ଆତ୍ମନିର୍ଭରଶୀଳ ଭାରତ ଏବଂ ମେକ୍ ଇନ ଇଣ୍ଡିଆର ଧାରଣାକୁ ସମର୍ଥନ କରୁଛି। ଦୁଇ ସାମୁଦ୍ରିକ ଏଜେନ୍ସି ମଧ୍ୟରେ ସହଯୋଗ ସଂସ୍ଥାପିତ କରିବା ନେଇ ଉଭୟ ତଟରକ୍ଷୀ ବାହିନୀ ମଧ୍ୟରେ ଏକ ଏମ୍‌ଓୟୁ ମଧ୍ୟ ସ୍ୱାକ୍ଷରିତ ହୋଇଛି। ପ୍ରମୁଖ ସାମୁଦ୍ରିକ ସହଭାଗୀମାନଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବାରେ ଭିସିଜି ଜାହାଜ ପରିଦର୍ଶନ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ସମସାମୟିକ ସାମୁଦ୍ରିକ ଆହ୍ୱାନର ମୁକାବିଲା କରିବା ସମୟରେ ଏହି ଅଞ୍ଚଳର ସମୁଦ୍ରର ନିରାପତ୍ତା ଏବଂ ପରିବେଶ ସ୍ଥିରତା ନିଶ୍ଚିତ କରିବା ଜରୁରୀ ଅଟେ।

# ରେଲ୍‌ୱେ ଶ୍ରମିକ ସଙ୍ଗଠନ ନିର୍ବାଚନ

ଜଟଣୀ, ୧୩।୧୨ (ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଲ୍‌ୱେ ଶ୍ରମିକ ସଙ୍ଗଠନର ଅନୁଷ୍ଠିତ ସାଧାରଣ ନିର୍ବାଚନର ଫଳାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ଶ୍ରମିକ ୟୁନିୟନ ଏବଂ ଶ୍ରମିକ କଂଗ୍ରେସ ଆବଶ୍ୟକ ପ୍ରତିଶତ ଭୋଟ ପାଇ ରେଲ୍‌ୱେରେ ମାନ୍ୟତାପ୍ରାପ୍ତ ସଙ୍ଗଠନ ଭାବେ ଯୋଗ୍ୟ ବିବେଚିତ ହୋଇଛନ୍ତି। ନିର୍ବାଚନରେ ଶ୍ରମିକ କଂଗ୍ରେସ ୪୮% ଭୋଟ ପାଇଥିବା ବେଳେ ଶ୍ରମିକ ୟୁନିୟନ ୪୨% ଭୋଟ ପାଇଥିଲା। ସୂଚନାଥାଉ କି, ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ, ଶ୍ରମିକ ୟୁନିୟନ, ଭାରତୀୟ ମଜଦୁର ସଂଘ ଏବଂ ଏମ୍ପ୍ଲୟିଜ୍ ୟୁନିଅନ ଏହି ନିର୍ବାଚନ ଲଢ଼ୁଥିଲେ। ତେବେ ଫଳାଫଳ ଘୋଷଣା ପରେ ଶ୍ରମିକ କଂଗ୍ରେସର ସଫଳତାକୁ ନେଇ ଜେନେରାଲ ସେକ୍ରେଟାରୀ ରମେଶ ଚନ୍ଦ୍ର ସାହୁ ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଶ୍ରମିକ କଂଗ୍ରେସ ପକ୍ଷରୁ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ବିଜୟ ଉତ୍ସବ ପାଳନ କରିଥିଲା। ଏହି ବିଜୟ ଉତ୍ସବ ଯାତ୍ରାରେ ନିର୍ବାଚନ ପରିଚାଳନା ମୁଖ୍ୟ ପ୍ରମୋଦ ଶାହାଣୀ, ଡିସି ସୁନୀଲ ଭଞ୍ଜ, ଡେପୁଟି ଡିସି ନିରଞ୍ଜନ ମିଶ୍ର, କେନ୍ଦ୍ରୀୟ ପଦାଧିକାରୀ ଏମ୍.ଜି.କେ. ରାଓ(ଗୋପୀ), ସୁବ୍ରତ ପଣ୍ଡା, ଆଶୁତୋଷ ବ୍ରହ୍ମା, ତ୍ରିଲୋଚନ ମହାନ୍ତି, ଶରତ ପଣ୍ଡା, ଅକ୍ଷୟ ପ୍ରଧାନ, ଏଲ୍.ଡି. ମହାନ୍ତିଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# ମହାକୁମ୍ଭ ପାଇଁ ରେଳପଥର ପ୍ରସ୍ତୁତି

ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)

ପ୍ରୟାଗରାଜ ମହାକୁମ୍ଭକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ୨ ବର୍ଷରେ ୫୦୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ରେଳ ଚଳାଚଳ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରିଛି। ମହାକୁମ୍ଭ ସମୟରେ ଜିଲାର ସମସ୍ତ ଷ୍ଟେଶନରେ ବିଶେଷକରି ପ୍ରୟାଗରାଜ ଜଙ୍କସନ, ସୁବେଦାରଗଞ୍ଜ, ନୈନି, ପ୍ରୟାଗରାଜ ଚିଭକି, ପ୍ରୟାଗ ଜଙ୍କଶନ, ଫାଫାମାଉ, ପ୍ରୟାଗରାଜ ରାମବାଗ, ପ୍ରୟାଗରାଜ ସଙ୍ଗମ ଏବଂ ଝୁସ ଯାତ୍ରୀ ଚଳାଚଳକୁ ବ୍ୟବସ୍ଥିତ କରିବା ପାଇଁ ନୂତନ ପ୍ଲାଟଫର୍ମ ସ୍ଥାପନ କରାଯାଉଛି। ଏଥିସହ ପ୍ରୟାଗ ମାର୍ଗରେ ନୂତନ ରେଳଲାଇନ ମଧ୍ୟ ରଖାଯାଉଛି। ଯାତ୍ରୀ ଆଶ୍ରୟସ୍ଥଳୀ ଏବଂ ଅପେକ୍ଷା କକ୍ଷଗୁଡ଼ିକ ଶୌଚାଳୟ, କ୍ୟାଟରିଂ ଷ୍ଟଲ ଆଦି ମୌଳିକ ସୁବିଧା ପ୍ରଦାନ କରାଯାଇଛି। ଲଗେଜ ଟ୍ରଲି ବୁକିଂ, ହ୍ୱିଲ ଚେୟାର ସେବା, ଟ୍ୟାକ୍ସି ଏବଂ ହୋଟେଲ ବୁକିଂ ଇତ୍ୟାଦିରେ ସାହାଯ୍ୟ କରିବା ପାଇଁ ଷ୍ଟେଶନରେ 'ମେ ଆଇ ହେଲ୍ପ ୟୁ' ଡେସ୍କ ମଧ୍ୟ ଖୋଲାଯାଉଛି। ସୂଚନାନୁସାରେ ଭାରତୀୟ ରେଳ ୯୩୩.୬୨ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମିକୁ ମଜଭୁତ କରିଛି। ୪୯୪.୯୦ କୋଟି ଟଙ୍କା ବ୍ୟୟରେ ଯାତ୍ରୀ ସୁବିଧା ବୃଦ୍ଧି କରାଯାଇଥିଲା ଏବଂ ୪୩୮.୭୨ କୋଟି ଟଙ୍କା ବ୍ୟୟରେ ପରିବହନକୁ ସହଜ କରିବା ପାଇଁ ବ୍ରିଜ ଓ ବ୍ରିଜ ଉପରେ ରାସ୍ତା ନିର୍ମାଣ କରାଯାଇଛି। ଗଙ୍ଗା ଉପରେ ଏକ ନୂତନ ସେତୁ ମଧ୍ୟ ନିର୍ମାଣ କରାଯାଇଛି। ଯାତ୍ରୀ ପରିବହନ ପାଇଁ ୩,୧୩୪ଟି ସ୍ୱତନ୍ତ୍ର ଟ୍ରେନ ସହ ୧୩,୦୦୦ରୁ ଅଧିକ ଟ୍ରେନ ଚଳାଚଳ କରିବ। ଯାତ୍ରୀଙ୍କ ସୁବିଧା ପାଇଁ ଟିକେଟ କାଉଣ୍ଟର, ଅନୁସନ୍ଧାନ ବୁଥ ଏବଂ ଡିଜିଟାଲ ସୂଚନା ବ୍ୟବସ୍ଥା ମଧ୍ୟ ହାଇଟେକ୍ କରାଯାଇଛି। ସମସ୍ତ ଷ୍ଟେଶନ ଓ ମେଳା ଅଞ୍ଚଳରେ ସଂରକ୍ଷିତ ଟିକେଟ ସିଷ୍ଟମ (ୟୁଟିଏସ୍), ଅଟୋମେଟିକ ଟିକେଟ ଭେଣ୍ଡିଙ୍ଗ ମେଶିନ (ଏଟିଭିଏମ୍) ସହିତ ମୋଟ ୫୪୨ ଟିକେଟ ପଏଣ୍ଟ ରହିଛି। ସେଥିମଧ୍ୟରୁ କେବଳ ପ୍ରୟାଗରାଜ ଜଙ୍କସନରେ ୧୩୨ କାଉଣ୍ଟର କରିବାକୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ସମସ୍ତ କାଉଣ୍ଟର ପ୍ରତିଦିନ ପ୍ରାୟ ୯,୭୬,୦୦୦ ଟିକେଟ ପ୍ରଦାନ କରିପାରିବ। ଏହିପରି ପ୍ରତିଦିନ ପ୍ରାୟ ୧୯,୫୨,୦୦୦ ଯାତ୍ରୀଙ୍କୁ ଟିକେଟ ପ୍ରତି ଦୁଇଜଣ ଯାତ୍ରୀ ହାରରେ ଟ୍ରାଭେଲ ଟିକେଟ ଉପଲବ୍ଧ କରାଯାଇପାରିବ। ସେହିପରି ଯାତ୍ରୀଙ୍କ ସୁବିଧା ପାଇଁ ଏକ ବହୁଭାଷୀ ଘୋଷଣା ବ୍ୟବସ୍ଥା କରାଯାଇଛି। ଏଠାରେ ଯାତ୍ରା ସମ୍ବନ୍ଧୀୟ ସୂଚନା ହିନ୍ଦୀ, ଇଂଲିଶ, ଗୁଜରାଟୀ, ମରାଠୀ, ତାମିଲ, କନ୍ନଡ, ତେଲୁଗୁ, ମାଲୟାଲମ, ବଙ୍ଗାଳୀ ଏବଂ ଓଡ଼ିଆ ଇତ୍ୟାଦି ଭାଷାରେ ଘୋଷଣା କରାଯିବ। ତୀର୍ଥଯାତ୍ରୀଙ୍କୁ ସାହାଯ୍ୟ କରିବା ପାଇଁ ହେଲ୍ପଲାଇନ ଟୋଲ ଫ୍ରି ନମ୍ବର -୧୮୦୦-୪୧୯୯-୧୩୯ ଜାରି କରାଯାଇଛି। ଅନଲାଇନରେ ସହାୟତା ପାଇଁ କୁମ୍ଭ-୨୦୨୫ ମୋବାଇଲ ଆପ୍ ବିକଶିତ ହେଉଛି। ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ପାଇଁ ଷ୍ଟେଶନରେ ପ୍ରାଥମିକ ସହାୟତା ବୁଥ ଏବଂ ରାପିଡ୍ ଆକ୍ସନ ଫୋର୍ସ ମଧ୍ୟ ଗଠନ କରାଯାଉଛି। ଅଗ୍ନି ନିର୍ବାପକକ ଯନ୍ତ୍ର, ଅଗ୍ନିବଲ, ୱାଟର ହାଇଡ୍ରେଟ, ବାଲ୍ଟିରେ ପାଣି/ବାଲି ଏବଂ ଅଗ୍ନି ନିର୍ବାପକ ସାମଗ୍ରୀ ପ୍ରସ୍ତୁତ ଥିବା ୯ ଅଗ୍ନିଶମ କେନ୍ଦ୍ରର ଅଡିଟ୍ କରାଯାଇଛି।୬୫୧ ଅତିରିକ୍ତ ସିସିଟିଭି କ୍ୟାମେରା ଲଗାଯାଉଛି। ତନ୍ମଧ୍ୟରେ ପ୍ରାୟ ୧୦୦ ଏଆଇ ଆଧାରିତ କ୍ୟାମେରା ରହିଛି।

# 'ଆଦିପୁରୁଷ', 'ହୃଦକପାଟ' ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର, ୧୩।୧୨ (ସୌମ୍ୟରଞ୍ଜନ ରାଉତ)

ତୀରତରଙ୍ଗ ପ୍ରକାଶନ ଦ୍ୱାରା ପ୍ରକାଶିତ ସାହିତ୍ୟିକ ମନୋଜ କୁମାର ମହାପାତ୍ରଙ୍କ ସପ୍ତମ ଉପନ୍ୟାସ 'ଆଦିପୁରୁଷ' ଏବଂ ଡ. ଇନ୍ଦିରା ଦତ୍ତଙ୍କ ଗଳ୍ପ ସଂକଳନ 'ହୃଦକପାଟ'ର ଉନ୍ମୋଚିତ ହୋଇଯାଇଛି। ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ରାଜ୍ୟ ପୁସ୍ତକ ମହୋତ୍ସବ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଏହି ଦୁଇଟି ପୁସ୍ତକକୁ ପାଠକାର୍ପଣ କରିବା ସହ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ, ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି, ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ, ସାହିତ୍ୟିକ ଦେବପ୍ରସାଦ ଦାଶ ଉଭୟ ପୁସ୍ତକର ସମୀକ୍ଷାମୂଳକ ଅଭିଭାଷଣ ରଖିଥିଲେ। ପଦାର୍ଥ ବିଜ୍ଞାନୀ ଡ. ଜ୍ଞାନଦେବ ମହାରଣା ଉଭୟ ପୁସ୍ତକର ଲେଖକଙ୍କ ସାରସ୍ୱତ ପ୍ରତିଭାକୁ ପ୍ରଶଂସା କରିଥିଲେ। ଲେଖିକା ଇନ୍ଦିରା ଦତ୍ତଙ୍କ 'ହୃଦ-କପାଟ'ର ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ପରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖ୍ରୀଷ୍ଟିୟାନ କମିଟି ପକ୍ଷରୁ ଯିଶୁଙ୍କ ସ୍ୱାଗତ ଉତ୍ସବ




ଭୁବନେଶ୍ୱର, ୧୩।୧୨ (ସୌମ୍ୟରଞ୍ଜନ ରାଉତ)

ଖ୍ରୀଷ୍ଟିୟାନ କମିଟି ପକ୍ଷରୁ ପ୍ରଭୁ ଯିଶୁଙ୍କ ସ୍ୱାଗତ ଲାଗି ଶୁକ୍ରବାର ସେଣ୍ଟ ଜୋସେଫ୍ ହାଇସ୍କୁଲଠାରେ ସ୍ୱାଗତ ଉତ୍ସବ ପାଳନ କରାଯାଇଛି। ସେହିପରି ଏବେଠୁ ରାଜଧାନୀର ବିଭିନ୍ନ ଚର୍ଚ୍ଚରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଏଥିରେ ଖ୍ରୀଷ୍ଟଧର୍ମାବଲମ୍ବୀ ଏକାଠି ହୋଇ ପ୍ରାର୍ଥନା ସହ ନୃତ୍ୟ, ସଙ୍ଗୀତ କରି ଜନ୍ମ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରିଥିଲେ।

# ମଦ ଜବତ, ୩ ଗିରଫ

ବେଗୁନିଆ/ବାଘମାରୀ, ୧୩।୧୨ (ସନ୍ଧ୍ୟାରାଣୀ ମିଶ୍ର/ମିହିର ରଞ୍ଜନ ମହାପାତ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଅବକାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୧୬ ଲିଟର ଦେଶୀ ମଦ ଜବତ ସହ ୩ ଜଣକୁ ଗିରଫ କରାଯାଇଛି। ଭ୍ରାମ୍ୟମାଣ ଅବକାରୀ ବିଭାଗ ଏସ୍ଆଇ ଥାର୍ପା ମାରାଣ୍ଡିଙ୍କ ସୂଚନା ଅନୁଯାୟୀ, ବେଗୁନିଆ ଅବକାରୀ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର କୈଳାସ ଚନ୍ଦ୍ର ସାହୁ, ବେଗୁନିଆ ଆଦର୍ଶ ବିଦ୍ୟାଳୟ ନିକଟ ଶାନ୍ତିଲତା ନାୟକ ଓ କଣ୍ଟାବାଡ ଗ୍ରାମର ମଧୁସୂଦନ ନାୟକଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୨ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜଣଙ୍କୁ ବିଏନ୍ଏସ୍ଏସ୍ (୩୫)(୩) ଦଫାରେ ଛଡ଼ାଯାଇଛି।

# ନିଆଁଲିଭା କୌଶଳ ପ୍ରଦର୍ଶନ ସହ ସତର୍କତା ସଚେତନତା

## ଏଜି ଅଫିସ୍‌ରେ ମକ୍‌ଡ୍ରିଲ୍

ଭୁବନେଶ୍ୱର, ୧୩।୧୨ (ସୌମ୍ୟରଞ୍ଜନ ରାଉତ)



ବିଦ୍ୟୁତ ଶର୍ଟ ସର୍କିଟ ଯୋଗୁ ଶୁକ୍ରବାର ମଧ୍ୟାହ୍ନରେ ଏଜି ଅଫିସ୍‌ର ଦ୍ୱିତୀୟ ମହଲାରେ ନିଆଁ ଲାଗିଯାଇଥିଲା। ଖବର ପାଇ ଭୁବନେଶ୍ୱର ଅଗ୍ନିଶମ ବିଭାଗର କର୍ମଚାରୀ, ବେସାମରିକ ପ୍ରତିରକ୍ଷା ସଂଗଠନ ଓ ସେଣ୍ଟ ଜନ ଆମ୍ବୁଲାନ୍ସ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଜି ଆମ୍ବୁଲାନ୍ସ ଡିଭିଜନର ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀ ଅଗ୍ନି ନିର୍ବାପକ ଯନ୍ତ୍ର ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଦମକଳ ବାହିନୀ ସହ ରାଜ୍ୟ ସିଭିଲ ଡିଫେନ୍ସ ବାହିନୀ ପହଞ୍ଚିବା ସହ ମିଳିତ ଅନୁସନ୍ଧାନ, ଉଦ୍ଧାର, ପ୍ରାଥମିକ ଚିକିତ୍ସା କାର୍ଯ୍ୟ ଆରମ୍ଭ କରାଯିବା ସହିତ ଆହତମାନଙ୍କୁ ଆମ୍ବୁଲାନ୍ସରେ ତତ୍କାଳ ଡାକ୍ତରଖାନା ପଠାଯାଇଥିଲା। ଏହା ଥିଲା ଏକ ପରୀକ୍ଷାମୂଳକ ସତର୍କତା କାର୍ଯ୍ୟକ୍ରମ ତଥା ମକ୍‌ଡ୍ରିଲ୍। ଓଡ଼ିଶା ପ୍ରତ୍ୟେକ ବର୍ଷ କିଛି ନା କିଛି ବଡ ଧରଣର ପ୍ରାକୃତିକ ବିପର୍ଯ୍ୟୟ ଯଥା ଅଂଶୁଘାତ, ବ୍ରଜପାତ, ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥାଏ । ଏଜି କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ସମୟୋଚିତ ପଦକ୍ଷେପ ନେବା, ବିପର୍ଯ୍ୟୟ ପରିଚାଳନା, ରିଲିଫ, ଉଦ୍ଧାର କରିବାର କାର୍ଯ୍ୟଶୈଳୀ ଓ ଯୋଜନା ଉପରେ ତାଲିମ ପ୍ରଦାନ ସହ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ସହ ସମନ୍ୱୟ ସ୍ଥାପନ ପାଇଁ ଏହି କାର୍ଯ୍ୟକ୍ରମ ଏଜି କାର୍ଯ୍ୟାଳୟ ଓ ଏଜି ଆମ୍ବୁଲାନ୍ସ ଡିଭିଜନ ଦ୍ୱାରା ଦୀର୍ଘ ୪୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । ଏହି ଅବସରରେ ପ୍ରଧାନ ମହାଲେଖାକାର ଡି. ସାହୁ କହିଥିଲେ, ବିଦେଶରେ ମୁଁ ଏହିଭଳି ଡ୍ରିଲ ଦେଖିଛି। କିନ୍ତୁ ଭାରତ ବର୍ଷରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଏଭଳି ତାଲିମ କାର୍ଯ୍ୟକ୍ରମ ଦେଖିବା ମୋ ପାଇଁ ପ୍ରଥମ ଓ ପ୍ରାକୃତିକ ବିପର୍ଯ୍ୟୟ ସମ୍ମୁଖୀନ ହେଉଥିବା ଓଡ଼ିଶାର ଧନ ଜୀବନ ରକ୍ଷା ପାଇଁ ଜନସାଧାରଣଙ୍କୁ ତାଲିମ ପାଇଁ ପଦକ୍ଷେପ ନେବାକୁ ସେ ମତ ପ୍ରକାଶ କରିଥିଲେ। ସେଣ୍ଟ ଜନ ଏଜି ଡିଭିଜନ ସ୍ୱେଚ୍ଛାସେବୀମାନଙ୍କ ସହ ଭୁବନେଶ୍ୱର ସିଟି ଅଗ୍ନିଶମ ବିଭାଗ ନିଭୁଲ ଭାବେ ଆହତଙ୍କ ଉଦ୍ଧାର, ସ୍ଥାନାନ୍ତର ଓ ପ୍ରାଥମିକ ଚିକିତ୍ସା ପ୍ରଦାନ ସହ ଗୁରୁତର ରୋଗୀଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ପଠାଇବାକୁ ସହାୟତା କରିଥିଲେ ।

ଓଡ଼ିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର
Office Order No.3541// Dated 10.12.2024
E-Mail-serwcirclesbp@yahoo.com
1st Corrigendum
Bid Identification No.Road Tender Online RWCSBP-07/2024-25
No.O-886:Following modifications are hereby made to the notice inviting tender vide this office Bid Id No.Road Tender Online RWCSBP-07/2024-25. 1. The availability of tender online for bidding may be read as 23.12.2024 from 11.00 AM to 06.01.2025 upto 5.00 PM instead of from 02.12.2024 from 11.00 AM to 16.12.2024 upto 5.00 PM. 2. The last date & time for seeking clarification may be read as 04.01.2025 upto 5.00 PM instead of 13.12.2025 upto 5.00 PM. 3. The date & time of technical opening bid may be read as 07.01.2025 at 11.00 AM instead of 17.12.2024 at 11.00 AM.
All other terms and condition remain unchanged.
OIPR-25091/11/0014/2425
Sd./- Chief Construction Engineer
R.W.Circle, Sambalpur

OFFICE OF THE TRANSPORT COMMISSIONER-CUM-CHAIRMAN, STATE TRANSPORT AUTHORITY, ODISHA, CUTTACK
TENDER CALL NOTICE
Notice No.LXVII-12/2023-18401 Date : 13.12.2024
No.JJ-33 : Sealed tenders are invited for a Request for Proposal (RFP) for selection of Service Provider for Providing IT Support Services on Manhour Basis to the Transport Commissioner and its Subordinate Offices by the office of Transport Commissioner for online submission latest by 03.01.2025.
For details, please visit the websites www.odishatransport.gov.in and www.enivida.odisha.gov.in.
By the orders of Transport Commissioner, Odisha
Sd./- Addl. Commissioner Transport (Admin.) STA, Odisha, Cuttack
OIPR-38003/11/0032/2425

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର
OFFICE OF THE PROJECT ADMINISTRATOR, I.T.D.A., RAIRANGPUR
At: Rairangpur W. No. 3, Mandirsahi, P.O.: Rairangpur, Dist.: Mayurbhanj - 757043
Email: paitdarrp@yahoo.in, itdargp@nic.in, Office No.: 06794-291151
No. 5749/ITDA, RRP NOTICE Date: 11.12.2024
1st CORRIGENDUM to
Bid Identification No. 01/ITDA, RRP of 2024-25 Date: 05.12.2024
No. CAD-1894: In the Percentage Bill of Quantity (BoQ) of the estimate namely "Approach road to EMRS, Badampahar of Kusumi Block" as mentioned at Sl. No. 02 of the above Bid Identification Notice published by this ITDA vide the No. cited supra, the item at Sl. No. 07 of the BoQ may be read as cement concrete (1:2:4) with 12mm size hard granite chips CC Road Base instead of Cement Concrete (1:4:8) with 12cm size hard granite chips CC Road Base. The other terms & conditions as available in the tender schedule are remain unchanged.
All concerned be presumed as modified to above extent.
Sd./- Project Administrator, ITDA, Rairangpur
OIPR-19080/11/0003/2425

# ଦ୍ୱିପ୍ରହର ଭୋଗ ମଣ୍ଡପ ସରିବା ପରେ ହେବ କାମ

## ରତ୍ନଭଣ୍ଡାର ମରାମତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)



ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍‌ପି ଭୀନିତ୍ ଅଗ୍ରୱାଲଙ୍କ ସମେତ ଅନ୍ୟ ଅଧିକାରୀମାନେ ।

ରତ୍ନଭଣ୍ଡାର ମରାମତିକୁ ନେଇ ଲାଗି ରହିଥିବା ଆଶା ଅଶଙ୍କା ଦୂର ହୋଇଛି। ଗତ ୧୦ରେ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୭ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଛି। ଏହି ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ନେଇ ଶୁକ୍ରବାର ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ନୀତିନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାରଫିଟିବା ନେଇ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ସରିବା ପରେ କାର୍ଯ୍ୟ ଆରମ୍ଭ ହେବ। ପ୍ରାୟ ପାଞ୍ଚଘଣ୍ଟା ଧରି ମରାମତି କାର୍ଯ୍ୟ କରାଯିବ। ତେବେ ଜିପିଆର ଓ ଜିପିଆରଏସ ସର୍ଭେରେ ଚିହ୍ନଟ ହୋଇଥିବା ରତ୍ନଭଣ୍ଡାରର କାନ୍ଥ ଏବଂ ଚଟାଣର ମରାମତି କରାଯିବ। ବିଶେଷକରି ଏହି ମରାମତି ସମୟରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ବ୍ୟବହାର କରି ମରାମତି କରାଯିବ ବୋଲି ସୂଚନା ମିଳିଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ କହିଛନ୍ତି, ୧୭ରୁ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ। ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରାଯିବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକରେ ଅନୁମୋଦିତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ କିପରି ରାତି ୨ଟାରୁ ଦ୍ୱାର ଫିଟାଯାଇ ଠିକ୍ ଭାବରେ ନୀତି କରାଯିବ ଓ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ହେବ ସେ ସମ୍ପର୍କରେ ଆଲୋଚନା ହୋଇଛି। ପ୍ରଥମେ ମରାମତି କାର୍ଯ୍ୟ ସମ୍ପନ୍ନ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ଗୁଡ଼ିକ ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇ ଗଣନ୍ତି ମଣନ୍ତି କରାଯିବ।

ସେହିପରି ଏସ୍‌ପି ଭୀନିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି, ୧୭ରୁ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ, ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ରତ୍ନଭଣ୍ଡାର ମରାମତି ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଆଦିକୁ ସୁଚାରୁରୂପେ ସମ୍ପାଦନ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଶ୍ରୀମନ୍ଦିର ୪ଦ୍ୱାର ଏବଂ ରତ୍ନଭଣ୍ଡାର ବାହାରେ ପୋଲିସ ଅଧିକାରୀ ରହିବେ। ଏ ସମ୍ପର୍କରେ ଏଏସ୍‌ଆଇ ଡେପୁଟି କନ୍‌ଜରଭେଟର ଚିତ୍ତରଞ୍ଜନ ଦାସ କହିଛନ୍ତି, ୧୦ରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୧୭ରେ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ। ପ୍ରବେଶ, ପ୍ରସ୍ଥାନ, ମରାମତି କାର୍ଯ୍ୟ, ବ୍ୟବହାର ଜିନିଷ ଉପରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ଦିନ ୧୨ଟା ୩୦ରେ କାର୍ଯ୍ୟ ଆରମ୍ଭ ହେବ। ପ୍ରଥମେ ଷ୍ଟେଜିଙ୍ଗ କରାଯିବ। ପରେ ସଫା କରାଯାଇ ଚେକିଂ କରାଯିବ। ମରାମତି ସମୟରେ ଭକ୍ତମାନେ ବାହାର କାଠ ନିକଟରୁ ଶ୍ରୀଜୀଉଙ୍କୁ ଦର୍ଶନ କରିବେ ।

## ସଂକ୍ଷେପରେ

### ଜେମାଦେଈପୁର ବିଜେଡି ସଭାପତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ତିଗିରିଆ,୧୩।୧୨(ଜାଫର ଖାଁ): ତିଗିରିଆ ବ୍ଲକ ଅନ୍ତର୍ଗତ ଜେମାଦେଈପୁର ପଞ୍ଚାୟତ ବିଜେଡି ସଭାପତି ବୈକୁଣ୍ଠ ବିହାରୀ ନନ୍ଦୀଙ୍କ ଦ୍ୱାଦଶାହରେ ଶୁକ୍ରବାର ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ତିଗିରିଆ ବ୍ଲକ ବିଜେଡି ସଭାପତି ଅଜିତ ଧିର ସଭାପତିତ୍ୱ କରିଥିଲେ। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସ୍ୱର୍ଗତ ନନ୍ଦୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ରବି ରାଉତ, ତିଗିରିଆ ବ୍ଲକ ପୂର୍ବତନ ସମିତି ଅଧ୍ୟକ୍ଷ ଭାଗୀରଥି ନନ୍ଦ, ପୂର୍ବତନ ଅଧ୍ୟକ୍ଷା ରୂପା ଦଳେଇ, ସମବାୟବିତ୍ ଲଳିତେନ୍ଦୁ ସେନାପତି, ବରିଷ୍ଠ ଓକିଲ ପ୍ରଶାନ୍ତ ପଟ୍ଟନାୟକ, ଜିଲାପରିଷଦ ସଭ୍ୟା ସସ୍ମିତା ରାଉତ, ସଭ୍ୟ ସଞ୍ଜୟ ମଲ୍ଲିକ ଓ ମହେବୁବ ଅହମ୍ମଦ ଖାଁ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ନନ୍ଦୀ ଜଗନ୍ନାଥ ପାଇଁ ପାଟର ଅଙ୍ଗବସ୍ତ୍ର ପ୍ରଦାନ କରୁଥିବାରୁ ଆଠଗଡ ବୟନ ମଣ୍ଡଳର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଏକ ଭଜନ କାର୍ଯ୍ୟକ୍ରମ ହୋଇଥିଲା।

### ବାବା ଆଖଣ୍ଡଳମଣିଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବାଙ୍କୀ,୧୩।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ): ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁରସ୍ଥ ବାବା ଆଖଣ୍ଡଳମଣୀଙ୍କ ୩୧ତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ୨ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଏହି ବାର୍ଷିକ ଉତ୍ସବରେ ସଂକୀର୍ତ୍ତନ ଓ ଭଜନ ଆଦି ପରିବେଷଣ କରାଯାଇଥିଲା। ଏହି ଅବସରରେ ସଂକୀର୍ତ୍ତନ ଗାୟକ କୃଷ୍ଣ ପ୍ରଧାନଙ୍କ ସାଥୀ ଶଙ୍କର ବେହେରା, ଅମୂଲ୍ୟ ଦାସ, ଚିଲିକା ଭୂଷଣ୍ଡପୁରସ୍ଥିତ ଅଖିଳ ବେହେରା ଓ ଶ୍ୟାମ ବେହେରା, ଉପେନ୍ଦ୍ର ଦାନ ପ୍ରମୁଖ ସଂକୀର୍ତ୍ତନ ଗାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଉତ୍ସବରେ ଆଖପାଖ ଗ୍ରାମର ବହୁ ଭକ୍ତ ଉପସ୍ଥିତ ଥିଲେ।

### ଅଗ୍ନିକାଣ୍ଡରେ ଧାନଗଦା ଜଳିଗଲା

ଖୁଣ୍ଟୁଣୀ, ୧୩।୧୨(ସଚ୍ଚିଦାନନ୍ଦ ପଣ୍ଡା): ଖୁଣ୍ଟୁଣୀ ଥାନା ଅଧୀନ ତୋଟାପଡା ଗ୍ରାମର ଲକ୍ଷ୍ମୀଧର ସାହୁଙ୍କର ବିଲରେ ଶୁକ୍ରବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ଧାନଗଦା ଜଳିଯାଇଛି। ସେ ଓ ତାଙ୍କ ପୁଅ ନିଜ ବିଲରେ ଧାନଚାଷ କରିବା ସହ ଗ୍ରାମର ଅନ୍ୟଜଣେ ଲୋକଙ୍କ ବିଲକୁ ଭାଗରେ ଆଣି ଚାଷ କରିଥିଲେ। ବିଲରେ କଟାଯାଇଥିବା ଧାନ ଆଣିବା ପାଇଁ ଟ୍ରାକ୍ଟର ନେଇ ଯାଇଥିବାବେଳେ ସେଥିରେ ନିଆଁ ଲାଗିଯାଇଥିବା ଦେଖିବାକୁ ପାଇଥିଲେ। ଭୋଗରା ସରପଞ୍ଚ ଅଜିତ ଦାସ ଓ ସମିତିସଭ୍ୟ ସନ୍ତୋଷ କୁମାର ସାହୁ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁ ଲିଭାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଆଠଗଡ଼ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଭାଜପା ନେତା ଅଭୟ ବାରିକ ବିପନ୍ନ ଚାଷୀଙ୍କୁ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠରେ କ୍ରୀଡ଼ା ଉତ୍ସବ

ବାଙ୍କୀ,୧୩।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ଡମପଡ଼ା ବ୍ଲକ ଅନ୍ତର୍ଗତ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠ ଖେଳପଡିଆରେ ବାଆଁରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ସୁବୁଦ୍ଧେଶ୍ୱର ମିଳିତ ବିଦ୍ୟାପୀଠର ୧୯ତମ ବାର୍ଷିକ କ୍ରୀଡା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବରେନ୍ଦ୍ର କୁମାର ରାଉତ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ବାମଦେବ ରାଉତରାୟ, ନାଏବ ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ରାଉତ, ସମିତି ସଭ୍ୟଙ୍କ ପ୍ରତିନିଧି, ବୁଦ୍ଧେଶ୍ୱର ନାୟକ, ଶିକ୍ଷାକମିଟି ସଭାପତି ଅକ୍ଷୟ କୁମାର ରାଉତ, ସମୀର ପ୍ରଧାନ, ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର ଦାସ, ଭାସ୍କରଚନ୍ଦ୍ର ପାତ୍ର, ବ୍ରଜକିଶୋର ପ୍ରଧାନ, ମିନତୀ ପଡିହାରୀ, ପ୍ରକାଶ ଚନ୍ଦ୍ର ରାଉତ, ସନ୍ତୋଷ କୁମାର ପାତ୍ର ପ୍ରମୁଖ ଯୋଗଦେଇ କ୍ରୀଡାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ । ଶିକ୍ଷକ ଗୋଲଖ ବିହାରୀ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କ୍ରୀଡା ଶିକ୍ଷକ ପ୍ରମୋଦ କୁମାର ରାଉତ କ୍ରୀଡା ପରିଚାଳନା କରିଥିଲେ। ସିଆରସିସି ଚକ୍ରଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।





କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

# ରଜ ମହୋତ୍ସବ କମିଟି ସଦସ୍ୟଙ୍କ ପୋଖରୀ ସଫେଇ

ବାଙ୍କୀ,୧୩।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର) ପବିତ୍ର ମାଣବସା ଅବସରରେ ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ରଜ ମହୋତ୍ସବ କମିଟିର ସଦସ୍ୟଙ୍କ ଦ୍ୱାରା ଗ୍ରାମର ମହାଜନ ପୋଖରୀକୁ ସଫାସୁତରା କରିଥିଲେ। ଏହି ପୋଖରୀ ଗ୍ରାମର ଏକ ବଡପୋଖରୀ। ଏହା ଦୀର୍ଘଦିନ ହେଲା ଦଳପୂର୍ଣ୍ଣ ହୋଇ ରହିଥିଲା। କମିଟିର ସଦସ୍ୟ ବିଶ୍ୱ ରଞ୍ଜନ ସ୍ୱାଇଁଙ୍କ ନେତୃତ୍ୱରେ ବସନ୍ତ ବାରିକ, ସିଲୁ ବେହେରା, ବିପିନି ବାରିକ, ସୁକାନ୍ତ ବାରିକ, ଅଜୟ ସାହୁ, କାଳନ୍ଦୀ ବେହେରା, ତ୍ରିନାଥ ପରିଡ଼ା, ପଞ୍ଚାନନ ପ୍ରଧାନ, ରଞ୍ଜନ ରାଜ ଓ ସିଲୁ ମନ୍ତ୍ରୀ ପ୍ରମୁଖଙ୍କ ସହଯୋଗରେ ପୋଖରୀରୁ ଦଳ ଓ ଆବର୍ଜନା ପଦାର୍ଥ ପରିଷ୍କାର କରିଥିଲେ। ଏତାଦୃଶ କାର୍ଯ୍ୟକୁ ଗ୍ରାମବାସୀ ସେମାନଙ୍କୁ ପ୍ରଶଂସା କରିଛନ୍ତି।

# ଉଦ୍‌ଘାଟନୀ ମ୍ୟାଚରେ ବାଦଲ ଏକାଡେମୀ ଭଦ୍ରକ ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

## ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

ବଡ଼ମ୍ବା, ୧୩।୧୨(ମାୟାଧର ମଲ୍ଲିକ) ବଡ଼ମ୍ବା କଚେରି ନିକଟସ୍ଥ ବଡ଼ମ୍ବା କଲେଜ ଖେଳପଡ଼ିଆରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ବଡ଼ମ୍ବା କପ୍ ୨୦୨୪ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚ ବାଦଲ ଏକାଡେମୀ ଭଦ୍ରକ ଓ ନିଉ ଟାଉନ ସ୍ପୋର୍ଟ୍ସ ଏକାଡେମୀ କୋଲକାତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ ଭଦ୍ରକ ଦଳ କୋଲକତା ବିପକ୍ଷରେ ଏକ ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଭଦ୍ରକ ଦଳ ପୁଣି ୨-ଟି ଗୋଲ କରି କୋଲକାତା ଦଳକୁ ୩-୦ ଗୋଲରେ ପରାସ୍ତ କରିଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳ ବେହେରା ଓ ସ୍ୱତନ୍ତ୍ର ଅତିଥି ଭାବେ ବଡ଼ମ୍ବା ରାଜା ତ୍ରିବିକ୍ରମ ଚନ୍ଦ୍ର ବୀରବର ମଙ୍ଗରାଜ ମହାପାତ୍ର ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ବଡ଼ମ୍ବା କୁମାରସାହେବ ତ୍ରିଭୁବନ ଚନ୍ଦ୍ର ଦେବ, ମୁଖ୍ୟ ଆୟୋଜକ ବୃନ୍ଦାବନ ପରିଡା, ବଡ଼ମ୍ବା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ବିବେକାନନ୍ଦ ମଲ୍ଲିକ, ଆମ୍ବା କମିଟି ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ ଓ ବିଡିଓ ରମେଶ କୁମାର ଜେନା ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ରେଫରିଭାବେ ଲିକୁନ ମହାନ୍ତି ମ୍ୟାଚ ପରିଚାଳନା କରିଥିବାବେଳେ ହେମ୍ବ୍ରମ ଓ ମହମ୍ମଦ ସକିଲ ସହଯୋଗ କରିଥିଲେ। ଶନିବାର ମ୍ୟାଚ ଭାଇଜାକ୍ (ଆନ୍ଧ୍ର) ଓ ଭଞ୍ଜନଗର (ଗଞ୍ଜାମ) ଫୁଟ୍‌ବଲ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

# ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

## ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗ

ବାଙ୍କୀ,୧୩।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଜ୍ଞାନ ବିଭାଗର ନବାଗତ ଛାତ୍ରଛାତ୍ରୀମାନଙ୍କୁ ଉପୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରିବସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଅଧ୍ୟକ୍ଷ ଡ. ନିରଞ୍ଜନ ମହାନ୍ତି ଯୋଗଦେଇ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ବିଭାଗର ସମସ୍ତ ଅସୁବିଧା ଖୁବଶୀଘ୍ର ଦୂରହେବ ବୋଲି ସେ କହିଥିଲେ। ମୁଖ୍ୟ ବକ୍ତାଭାବେ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ପାଠପଢ଼ି ସୁନାମ ଅର୍ଜନ କରିବାକୁ କହିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଭାଗୀୟ ମୁଖ୍ୟା ଡକ୍ଟର ନିବାସିନୀ ପଣ୍ଡା ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଅଧ୍ୟାପିକା ଶୀଲ୍ପା ପଟ୍ଟନାୟକ, ଅଧ୍ୟାପିକା ଶୁଭଶ୍ରୀ ଦାସ, ଅଧ୍ୟାପିକା ସୁଦିକ୍ଷା ଲେଙ୍କା, ଅଧ୍ୟାପିକା ବିନୋଦିନୀ ପଣ୍ଡା, କିଶୋର ଚନ୍ଦ୍ର ସ୍ୱାଇଁ ଓ ପଦାରବିନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପାଠଚକ୍ର ସମ୍ପାଦିକା ସୁଶ୍ରୀତା ମିଶ୍ର ଧନ୍ୟବାଦ ଦେଇଥିବା ବେଳେ ବଳରାମ ବାରିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସମ୍ବଲପୁରୀ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ଖାଉଟି ସଚେତନତା ପାଇଁ ପ୍ରସ୍ତୁତି



ଆଠଗଡ,୧୩।୧୨(ସତ୍ୟପ୍ରସାଦ ରଥ) ଆଠଗଡ଼ ଖାଉଟି କଲ୍ୟାଣ ସଂଘ ପକ୍ଷରୁ ଉପଜିଲାପାଳ ଅଫିସ ବୈଠକ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ଆଠଗଡ଼ର ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ମଧୁସ୍ମିତା ବିଶି, ସହକାରୀ ଯୋଗାଣ ଅଧିକାରୀ ଜଗମୋହନ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ୨୪ ତାରିଖରେ ହେବାକୁଥିବା ଜାତୀୟ ଖାଉଟି ସୁରକ୍ଷା ଦିବସରେ ଖାଉଟି କଲ୍ୟାଣ ସଂଘ ପକ୍ଷରୁ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବିଭିନ୍ନ ସ୍କୁଲ, କଲେଜ ପକ୍ଷରୁ ପ୍ରତିଯୋଗିତା ତଥା ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ବୈଠକରେ ଖାଉଟି କଲ୍ୟାଣ ସଂଘର ସଭ୍ୟ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ । ଉପସଭାପତି ବିଷ୍ଣୁ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଗ୍ରାମସ୍ଥିତ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ବିଜେ ସ୍ଥଳୀରେ ତ୍ରିଦିନାତ୍ମକ ଯଜ୍ଞ ଉପଲକ୍ଷେ ଶୁକ୍ରବାର ଆୟୋଜିତ କଳସ ଶୋଭାଯାତ୍ରା।

# ବିଦ୍ୟାଳୟ ମିଶ୍ରଣ: ମୟୂରଭଞ୍ଜରେ ସର୍ବାଧିକ, ପୁରୀ ଶୂନ

ଭୁବନେଶ୍ୱର,୧୩।୧୨(ଶୁଚିସ୍ମିତା ସାହୁ)

ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରିବା ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ବନ୍ଦ ଥିବା କେତେକ ବିଦ୍ୟାଳୟ ଖୋଲିବା ଲାଗି ୨୦୨୦ ମାର୍ଚ୍ଚ ୧୧ରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଅନ୍ୟପକ୍ଷରେ ୨୦ରୁ କମ୍ ସଂଖ୍ୟକ ପିଲା ଥିବା ସ୍କୁଲକୁ ବନ୍ଦ କରାଯାଇ ନିକଟସ୍ଥ ଯେଉଁ ବିଦ୍ୟାଳୟରେ ଅଧିକ ପିଲା ପଢୁଛନ୍ତି, ସେହି ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ବିଦ୍ୟାଳୟ ମିଶ୍ରଣ ହୋଇଥିବାବେଳେ ପୁରୀରେ କୌଣସି ସ୍କୁଲକୁ ବନ୍ଦ କରାଯାଇନାହିଁ।

ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ସମୁଦାୟ ୨୬୯୬୦ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ୧୫୬୫୫ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସରକାରଙ୍କ ବିଜ୍ଞପ୍ତି ଅନୁସାରେ ରାଜ୍ୟରେ ୪୬୨୦ଟି ପ୍ରାଥମିକ ବିଦ୍ୟାଳୟ, ୧୦୦୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟଗୁଡ଼ିକ ସହ ମିଶ୍ରଣ କରାଯାଇଛି। ସେଥିମଧ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୫୭ଟି ବିଦ୍ୟାଳୟର ମିଶ୍ରଣ ହୋଇଛି। ସେଥିରେ ୩୦୮ଟି ପ୍ରାଥମିକ ଓ ୧୪୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ତେବେ ପୁରୀରେ କୌଣସି ଗୋଟିଏ ହେଲେ ବି ବିଦ୍ୟାଳୟ ସରକାରଙ୍କ ମିଶ୍ରଣ ବିଜ୍ଞପ୍ତି ଅନୁଯାୟୀ ବନ୍ଦ ହୋଇନାହିଁ। ସେହିପରି କଟକରେ ମୋଟ ୪୫୦ଟି ବିଦ୍ୟାଳୟକୁ ମିଶ୍ରଣ କରାଯାଇଛି। ସେଥିରୁ ୩୯୩ଟି ପ୍ରାଥମିକ ଓ ୫୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଗଜପତିରେ ୪୨୬, କୋରାପୁଟରେ ୩୪୫, ଗଞ୍ଜାମରେ ୩୩୪, ଯାଜପୁରରେ ୩୧୦, କନ୍ଧମାଳରେ ୨୭୮, ବରଗଡ଼ରେ ୨୪୯, ଭଦ୍ରକରେ ୨୦୭, କେନ୍ଦ୍ରାପଡ଼ାରେ ୨୦୦, ଅନୁଗୋଳରେ ୧୬୬, ବାଲେଶ୍ୱରରେ ୧୧୮, ବଲାଙ୍ଗୀରରେ ୧୩୯, ବୌଦ୍ଧରେ ୧୧୦, ଢେଙ୍କାନାଳରେ ୧୯୩, ଜଗତ୍‌ସିଂହପୁରରେ ୧୮୯, କଳାହାଣ୍ଡିରେ ୧୫୫, ଖୋର୍ଦ୍ଧାରେ ୧୫୭, ନବରଙ୍ଗପୁରରେ ୧୩୪, ନୂଆପଡ଼ାରେ ୧୧୭, ରାୟଗଡ଼ାରେ ୧୨୧, ସୁବର୍ଣ୍ଣପୁରରେ ୧୬୦, ସୁନ୍ଦରଗଡ଼ରେ ୧୩୬ ବିଦ୍ୟାଳୟ ମିଶ୍ରଣ ହୋଇଥିବା ବେଳେ ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ମାଲକାନଗିରି, ନୟାଗଡ଼ ଓ ସୁବର୍ଣ୍ଣପୁରରେ ଶହେ ଭିତରେ ବିଦ୍ୟାଳୟ ମିଶ୍ରଣ ହୋଇଛି। ସେହିପରି କଟକରେ ସର୍ବାଧିକ ୩୯୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଥିବାବେଳେ ଜଗତ୍‌ସିଂହପୁରରେ ଗୋଟିଏ ବି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରାଯାଇନାହିଁ। ବଲାଙ୍ଗୀର, ବୌଦ୍ଧ, ଦେବଗଡ଼ ଓ କଳାହାଣ୍ଡିରେ ଗୋଟିଏ ଲେଖାଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିବା ବିଭାଗୀୟ ତଥ୍ୟରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ମିଶ୍ରଣ ପରେ କେତେକ କ୍ଷେତ୍ରରେ ଗମନାଗମନ ସମସ୍ୟା ଯୋଗୁ ପିଲାମାନେ ଦୂର ସ୍କୁଲକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡ଼ିଛି।

ଓଡ଼ିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର
Office Order No.3541// Dated 10.12.2024
E-Mail-serwcirclesbp@yahoo.com
1st Corrigendum
Bid Identification No.Road Tender Online RWCSBP-07/2024-25
No.O-886:Following modifications are hereby made to the notice inviting tender vide this office Bid Id No.Road Tender Online RWCSBP-07/2024-25. 1. The availability of tender online for bidding may be read as 23.12.2024 from 11.00 AM to 06.01.2025 upto 5.00 PM instead of from 02.12.2024 from 11.00 AM to 16.12.2024 upto 5.00 PM. 2. The last date & time for seeking clarification may be read as 04.01.2025 upto 5.00 PM instead of 13.12.2025 upto 5.00 PM. 3. The date & time of technical opening bid may be read as 07.01.2025 at 11.00 AM instead of 17.12.2024 at 11.00 AM. All other terms and condition remain unchanged.
Sd./- Chief Construction Engineer
R.W.Circle, Sambalpur
OIPR-25091/11/0014/2425

OFFICE OF THE TRANSPORT COMMISSIONER-CUM-CHAIRMAN, STATE TRANSPORT AUTHORITY, ODISHA, CUTTACK
TENDER CALL NOTICE
Notice No.LXVII-12/2023-18401 Date : 13.12.2024
No.JJ-33 : Sealed tenders are invited for a Request for Proposal (RFP) for selection of Service Provider for Providing IT Support Services on Manhour Basis to the Transport Commissioner and its Subordinate Offices by the office of Transport Commissioner for online submission latest by 03.01.2025.
For details, please visit the websites www.odishatransport.gov.in and www.enivida.odisha.gov.in.
By the orders of Transport Commissioner, Odisha
Sd./- Addl. Commissioner Transport (Admin.) STA, Odisha, Cuttack
OIPR-38003/11/0032/2425

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର
OFFICE OF THE PROJECT ADMINISTRATOR, I.T.D.A., RAIRANGPUR
At: Rairangpur W. No. 3, Mandirsahi, P.O.: Rairangpur, Dist.: Mayurbhanj - 757043
Email: paitdarrp@yahoo.in, itdargp@nic.in, Office No.: 06794-291151
No. 5749/ITDA, RRP NOTICE Date: 11.12.2024
1st CORRIGENDUM to
Bid Identification No. 01/ITDA, RRP of 2024-25 Date: 05.12.2024
No. CAD-1894: In the Percentage Bill of Quantity (BoQ) of the estimate namely "Approach road to EMRS, Badampahar of Kusumi Block" as mentioned at Sl. No. 02 of the above Bid Identification Notice published by this ITDA vide the No. cited supra, the item at Sl. No. 07 of the BoQ may be read as cement concrete (1:2:4) with 12mm size hard granite chips CC Road Base instead of Cement Concrete (1:4:8) with 12cm size hard granite chips CC Road Base. The other terms & conditions as available in the tender schedule are remain unchanged.
All concerned be presumed as modified to above extent.
Sd./- Project Administrator, ITDA, Rairangpur
OIPR-19080/11/0003/2425

## ସଂକ୍ଷେପରେ

### ବଡ଼ଦାଣ୍ଡରୁ ଜୋତା ଷ୍ଟାଣ୍ଡ ହଟାଇବାକୁ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)

ବଡ଼ଦାଣ୍ଡରୁ ସମସ୍ତ ଜୋତା ଷ୍ଟାଣ୍ଡ ହଟାଇବାକୁ ଦାବିକରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡକୁ ୨୦୦୨ ମସିହାରୁ ଜାତୀୟ ରାଜପଥ ଭାବେ ଘୋଷଣା କରାଯାଇଛି। ରାଜପଥର ରକ୍ଷଣାବେକ୍ଷଣା ଏନ୍‌ଏଚ୍ ଭୁବନେଶ୍ୱର ଡିଭିଜନ ଦ୍ୱାରା କରାଯାଉଛି। ତେବେ ଏନ୍‌ଏଚ୍ ପକ୍ଷରୁ ବଡ଼ଦାଣ୍ଡରେ ଜୋତାଷ୍ଟାଣ୍ଡ ନିମନ୍ତେ କୌଣସି ଅନୁମତି ପ୍ରଦାନ କରାଯାଇ ନାହିଁ। ମାତ୍ର ବର୍ତ୍ତମାନ ବଡ଼ଦାଣ୍ଡରେ ବେଆଇନ ଭାବେ ଅନେକ ଜୋତାଷ୍ଟାଣ୍ଡ କରାଯାଇଛି। ଏଭଳି କାର୍ଯ୍ୟକୁ ପୁରୀ ପୌରପାଳିକା ଅଧିକାରୀ ପ୍ରଶ୍ରୟ ଦେଉଛନ୍ତି। ଜୋତା ଷ୍ଟାଣ୍ଡ କାରଣରୁ ଯାତାୟାତରେ ସମସ୍ୟା ହେଉଛି। ଲୋକମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ବଡ଼ଦାଣ୍ଡରେ ଥିବା ସମସ୍ତ ବେଆଇନ ଜୋତା ଷ୍ଟାଣ୍ଡକୁ ହଟାଯାଉ ବୋଲି ବରାଳ ଦାବି କରିଛନ୍ତି।

### ମୁନିନ୍ଦାରେ ମା’ଲକ୍ଷ୍ମୀ ଓ ଗଜାନନଙ୍କ ପୂଜାର୍ଚ୍ଚନା

ଡେଲାଙ୍ଗ,୧୩।୧୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ମୁନିନ୍ଦା ଗ୍ରାମରେ ଧନଦାତ୍ରୀ ମା’ଲକ୍ଷ୍ମୀ ଓ ବିଘ୍ନବିନାଶକ ଶ୍ରୀଗଜାନନଙ୍କ ୪ର୍ଥ ବାର୍ଷିକ ପୂଜାର୍ଚ୍ଚନା ଓ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମାର୍ଗଶିର ଶୁକ୍ଳପକ୍ଷ ଏକାଦଶୀ ତିଥିରୁ ଦୁଇ ଦେବ ଦେବୀଙ୍କୁ ଆବାହନ କରାଯାଇ ଦ୍ୱାଦଶୀ ଗୁରୁବାର ଷୋଡ଼ଶ ଉପଚାର ପୂଜା ସମ୍ପନ୍ନ ହୋଇଥିଲା। ନବକିଶୋର ଦଳେଇ ଓ ମିନତୀ ଦଳେଇ କର୍ତ୍ତା ଓ କର୍ତ୍ତୀ ଭାବେ ସଂକଳ୍ପ ପୂର୍ବକ ପୂଜା ଓ ଯଜ୍ଞ ସମ୍ପାଦନ କରିଥିଲେ। ପଣ୍ଡିତ ଅନନ୍ତ କୁମାର ଶତପଥୀ, ସହଯୋଗୀ ବିଚିତ୍ରାନନ୍ଦ ମହାପାତ୍ର, ରଶ୍ମିରଞ୍ଜନ ଦାଶ ମନ୍ତ୍ର ପାଠ କରିଥିଲେ। ୨୦୧୯ ମସିହାରେ ସନ୍ନିକଟ ଲୁଣାନଦୀରୁ ଅଷ୍ଟଧାତୁ ନିର୍ମିତ ମା’ ଲକ୍ଷ୍ମୀମୂର୍ତ୍ତି ପାଇଁ ନବକିଶୋର ଗୃହରେ ସ୍ଥାପନା କରିବା ସହ ପ୍ରତିବର୍ଷ ମାର୍ଗଶିର ଶେଷ ଗୁରୁବାରରେ ଷୋଡ଼ଶ ଉପଚାର ପୂଜା କରିଆସୁଛନ୍ତି। ରଶ୍ମିରଞ୍ଜନ ଦଳେଇ, ତ୍ରିଲୋଚନ ଦଳେଇ ପ୍ରମୁଖ ପୂଜାର୍ଚ୍ଚନାରେ ସହଯୋଗ କରିଥିଲେ।

### ୧୬ରେ ଡେଲାଙ୍ଗ ଥାନାର ନୂତନ ଗୃହ ଲୋକାର୍ପଣ

ଡେଲାଙ୍ଗ,୧୩।୧୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନାର ଦ୍ୱିତଳ ଗୃହ ଆସନ୍ତା ୧୬ରେ ଆଭାସୀ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକାର୍ପଣ କରିବେ ବୋଲି ସୂଚନା ମିଳିଛି। ଶୁକ୍ରବାର ପୁରୀ ଆରକ୍ଷୀ ଅଧୀକ୍ଷକ ଭିନିତ୍ ଅଗ୍ରୱାଲ ଏହି ନୂତନ ଗୃହ ପରିଦର୍ଶନ କରିଥିଲେ। ପିପିଲି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ନାରାୟଣ ପତି ଓ ଥାନା ନିରୀକ୍ଷକ ଦେବାଶିଷ ମହାନ୍ତି ଏସ୍‌ପିଙ୍କୁ ସ୍ୱାଗତ କରିବା ସହ ନିର୍ମିତ ସୌଧରେ ରହିଥିବା ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବରୁ ଅତିରିକ୍ତ ମହାନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ ନୂତନ ଗୃହ ପରିଦର୍ଶନ କରିଥିଲେ।

### ଗଣ୍ଡରପୁର କପ୍ ଫୁଟବଲ ଟୁର୍ନାମେଣ୍ଟ ୩ଟିମ୍ ବିଜୟୀ

ବାରଙ୍ଗ,୧୩।୧୨(ଲିଙ୍ଗରାଜ ରାଉତ)

ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଅନୁଷ୍ଠିତ ୨୧ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଗୁରୁବାର ଥିଲା ଷଷ୍ଠ ଦିବସ। ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଷଷ୍ଠ ଦିବସ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ କମିଟି ସଭାପତି ଭାସ୍କର ପଡ଼ିହାରି, ସମ୍ପାଦକ ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଡ଼ିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳ ଏ ଡିଭିଜନର ପ୍ରଥମ ମ୍ୟାଚ ବନମହାବୀର କ୍ଲବ ଜୟପୁର ୨-୦ ଗୋଲରେ ମଧୁବନ କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ନିପୁନ ପ୍ରଧାନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏ ଡିଭିଜନର ଦ୍ୱିତୀୟ ମ୍ୟାଚ ମା’ମଙ୍ଗଳା କ୍ଲବ ଗୋଠପୁର ୧-୦ ଗୋଲରେ ଖୋର୍ଦ୍ଧାର ଶରଧାପୁରକୁ ହରାଇ ଦ୍ୱିତୀୟଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଭାବଗ୍ରାହୀ ପଡ଼ିହାରୀ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ତୃତୀୟ ମ୍ୟାଚ ସହରାଞ୍ଚଳର କେମେରୁନ-୧୧କ୍ଲବ ୫-୪ ଟାଇବ୍ରେକରରେ ସମଲେଶ୍ୱରୀ କ୍ଲବ ସମ୍ବଲପୁରକୁ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛି। କେମେରୁନ ୧୦ନମ୍ବର ଖେଳାଳି ୱିଲୟାନସ୍ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଦ୍ୱିପ୍ରହର ଭୋଗ ମଣ୍ଡପ ସରିବା ପରେ ହେବ କାମ

## ରତ୍ନଭଣ୍ଡାର ମରାମତି ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

ପୁରୀ,୧୩।୧୨(ଅଜିତ୍ କୁମାର ମହାନ୍ତି)


ବୈଠକରେ ଉପସ୍ଥିତ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅଧିକାରୀ ଏବଂ ଅନ୍ୟମାନେ।

ରତ୍ନଭଣ୍ଡାର ମରାମତିକୁ ନେଇ ଲାଗି ରହିଥିବା ଆଶା ଅଶଙ୍କା ଦୂର ହୋଇଛି। ଗତ ୧୦ରେ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୭ରୁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆରମ୍ଭ ହେବା ନେଇ ନିଷ୍ପତ୍ତି ହୋଇଛି। ଏହି ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ନେଇ ଶୁକ୍ରବାର ଏ ସଂକ୍ରାନ୍ତରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ନୀତିନିର୍ଘଣ୍ଟ ଅନୁସାରେ ରାତ୍ର ୨ଟାରୁ ଦ୍ୱାରଫିଟିବା ନେଇ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ ଓ ଦ୍ୱିତୀୟ ଭୋଗ ମଣ୍ଡପ ସରିବା ପରେ କାର୍ଯ୍ୟ ଆରମ୍ଭ ହେବ। ପ୍ରାୟ ପାଞ୍ଚଘଣ୍ଟା ଧରି ମରାମତି କାର୍ଯ୍ୟ କରାଯିବ। ତେବେ ଜିପିଆର ଓ ଜିପିଆରଏସ ସର୍ଭେରେ ଚିହ୍ନଟ ହୋଇଥିବା ରତ୍ନଭଣ୍ଡାରର କାନ୍ଥ ଏବଂ ଚଟାଣର ମରାମତି କରାଯିବ। ବିଶେଷକରି ଏହି ମରାମତି ସମୟରେ ବିଭିନ୍ନ ପ୍ରକାର ରାସାୟନିକ ସାମଗ୍ରୀ ବ୍ୟବହାର କରି ମରାମତି କରାଯିବ ବୋଲି ସୂଚନା ମିଳିଛି।

ବୈଠକ ସମ୍ପର୍କରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସ୍ୱାଇଁ କହିଛନ୍ତି, ୧୭ରୁ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଆରମ୍ଭ ହେବ। ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରାଯିବ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ଛତିଶା ନିଯୋଗ ବୈଠକରେ ଅନୁମୋଦିତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ କିପରି ରାତି ୨ଟାରୁ ଦ୍ୱାର ଫିଟାଯାଇ ଠିକ୍ ଭାବରେ ନୀତି କରାଯିବ ଓ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ହେବ ସେ ସମ୍ପର୍କରେ ଆଲୋଚନା ହୋଇଛି। ପ୍ରଥମେ ମରାମତି କାର୍ଯ୍ୟ ସମ୍ପନ୍ନ ହେବା ପରେ ଅସ୍ଥାୟୀ ରତ୍ନଭଣ୍ଡାରରୁ ଅଳଙ୍କାର ଗୁଡ଼ିକ ସ୍ଥାୟୀ ଭଣ୍ଡାରକୁ ସ୍ଥାନାନ୍ତର ହୋଇ ଗଣତି ମଣତି କରାଯିବ।

ସେହିପରି ଏସ୍‌ପି ଭିନିତ୍ ଅଗ୍ରୱାଲ ସୂଚନା ଦେଇଛନ୍ତି, ୧୭ରୁ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ, ଏଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ରତ୍ନଭଣ୍ଡାର ମରାମତି ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ଆଦିକୁ ସୁଚାରୁରୂପେ ସମ୍ପାଦନ କରିବା ଲାଗି ବ୍ୟବସ୍ଥା ଗ୍ରହଣ କରାଯାଉଛି। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଶ୍ରୀମନ୍ଦିର ୪ଦ୍ୱାର ଏବଂ ରତ୍ନଭଣ୍ଡାର ବାହାରେ ପୋଲିସ ଅଧିକାରୀ ରହିବେ। ଏ ସମ୍ପର୍କରେ ଏଏସ୍‌ଆଇ ଡେପୁଟି କନ୍‌ଜରଭେଟର ଚିତ୍ତରଞ୍ଜନ ଦାସ କହିଛନ୍ତି, ୧୦ରେ ହୋଇଥିବା ନିଷ୍ପତ୍ତି ଅନୁସାରେ ୧୭ରେ ରତ୍ନଭଣ୍ଡାର କାର୍ଯ୍ୟ ଆରମ୍ଭ ହେବ। ପ୍ରବେଶ, ପ୍ରସ୍ଥାନ, ମରାମତି କାର୍ଯ୍ୟ, ବ୍ୟବହାର ଜିନିଷ ଉପରେ ଆଲୋଚନା ହୋଇଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଇଥିବା ନିଷ୍ପତ୍ତି ଅନୁଯାୟୀ ଦିନ ୧୨ଟା ୩୦ରେ କାର୍ଯ୍ୟ ଆରମ୍ଭ ହେବ। ପ୍ରଥମେ ଷ୍ଟେଜିଙ୍ଗ କରାଯିବ। ପରେ ସଫା କରାଯାଇ ଚେକିଂ କରାଯିବ।

# ରାମଦରଶ ମିଶ୍ରଙ୍କୁ ‘ପତଞ୍ଜଳି ଶିକ୍ଷା ଗୌରବ ସମ୍ମାନ’

ଭୁବନେଶ୍ୱର,୧୩।୧୨ (ଅନୁରାଧା ମହାରଣା)

କେନ୍ଦ୍ର ସାହିତ୍ୟ ଅକାଦେମୀ ରବୀନ୍ଦ୍ର ଭବନରେ ଭାରତୀୟ ଶିକ୍ଷାବୋର୍ଡ ତଥା ପତଞ୍ଜଳି ଯୋଗପୀଠ ସହଯୋଗରେ ଆୟୋଜିତ ହିନ୍ଦୀ ପାଠ୍ୟପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ପ୍ରଫେସର ରାମ ଦରଶ ମିଶ୍ରଙ୍କୁ ‘ପତଞ୍ଜଳି ଶିକ୍ଷା ଗୌରବ ସମ୍ମାନ’ ପ୍ରଦାନ କରାଯାଇଛି। ବୋର୍ଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଡା. ଏନ୍.ପି. ସିଂହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ‘ପତଞ୍ଜଳି ଶିକ୍ଷା ଗୌରବ ସମ୍ମାନ’ ଗ୍ରହଣ କରିବା ସହ ପ୍ରଫେସର ସ୍ୱରଚିତ କବିତା ପାଠ କରିଥିଲେ। ମହତ୍ୱାଂକ୍ଷାଠାରୁ ମୁକ୍ତ ଜୀବନଶୈଳୀ ହିଁ ତାଙ୍କର ଦୀର୍ଘାୟୁ ହେବାର ରହସ୍ୟ ବୋଲି ସେ କହିଛନ୍ତି।

ଏହି ଅବସରରେ ଭାରତୀୟ ଶିକ୍ଷା ବୋର୍ଡ ଅଧୀନସ୍ଥ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକ ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଫେସର ପ୍ରମୋଦ ଦୁବେ, ଡା. କ୍ଷମା ଶର୍ମା, ସୂର୍ଯ୍ୟନାଥ ସିଂହ, ଡା. ଓମ୍ ନିଶ୍ଚଲ, କମଲେଶ କମଲ, ପ୍ରଫେସର, ସ୍ମିତା ମିଶ୍ର, ପ୍ରଫେସର ରବି ଶର୍ମା, ଡା. ଅର୍ଚ୍ଚନା ତ୍ରିପାଠୀ ତଥା ପାଠ୍ୟ ପୁସ୍ତକ ନିର୍ମାଣ ସମିତି ସଦସ୍ୟ ସୁଧା ଶର୍ମା, ଦେବେଶ ଚୌବେ, ମିଥିଲେ ଶୁକ୍ଲା, ସୁଧାଂଶୁ କୁମାର, ଡା. ବିଜୟଲକ୍ଷ୍ମୀ ପାଣ୍ଡେ, ଡା. ନାରାୟଣ ଦତ୍ତ ମିଶ୍ର, ପିଙ୍କି ଉପାଧ୍ୟାୟ, ଜେବି ଅହମଦ, ଡା, ପ୍ରଦୀପ ଠାକୁର, ଡା. କେଶବ ମୋହନ ପାଣ୍ଡେ, ଇନ୍ଦୁମତୀ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଡା. ସୋନୀ ପାଣ୍ଡେୟ କାର୍ଯ୍ୟକ୍ରମର ସଞ୍ଚାଳନ କରିଥିଲେ। ପତଞ୍ଜଳି ବିଶ୍ୱବିଦ୍ୟାଳୟ ଡିନ୍ ସାଧ୍ୱୀ ଦେବପ୍ରିୟା ମଧ୍ୟ ଉପସ୍ଥିତ ଥିଲେ।


ଅତିଥିଙ୍କଠାରୁ ପ୍ରଫେସର ରାମଦରଶ ମିଶ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

# ୧୬ରେ କୋଚିରେ ପହଞ୍ଚିବ ଭିଏତନାମ୍ ତଟରକ୍ଷୀ ବାହିନୀ

ଭୁବନେଶ୍ୱର,୧୩।୧୨(ଅନୁରାଧା ମହାରଣା)




ଭିଏତ୍‌ନାମ୍ ତଟରକ୍ଷୀ ବାହିନୀ ୧୬ତାରିଖରେ କୋଚିରେ ପହଞ୍ଚିବା ସହ ଭିସିଜି ଜାହାଜର ସିଏସ୍‌ବି ୮୦୦୫ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୨୦ ତାରିଖ ପର୍ଯ୍ୟନ୍ତ ଏହି ଚାରିଦିନିଆ ଗସ୍ତରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଭିଏତନାମ୍ ତଟରକ୍ଷୀ ବାହିନୀ ମଧ୍ୟରେ ସାମୁଦ୍ରିକ ସହଯୋଗ ଓ ପାରସ୍ପରିକ କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଗସ୍ତ ସମୟରେ ଭିସିଜି ଜାହାଜର କର୍ମଚାରୀମାନେ ସାମୁଦ୍ରିକ ପ୍ରଦୂଷଣ ପ୍ରତିକ୍ରିୟା (ଏମ୍‌ପିଆର୍), ସାମୁଦ୍ରିକ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ (ଏମ୍-ଏସ୍‌ଏଆର୍) ଏବଂ ସାମୁଦ୍ରିକ ଆଇନ ପ୍ରଣୟନ ଉପରେ ଧ୍ୟାନ ଦେଇ ବୃତ୍ତିଗତ ପାରସ୍ପରିକ କାର୍ଯ୍ୟରେ ନିୟୋଜିତ ହେବେ। ଏଥିରେ କ୍ରସ୍-ଡେକ୍ ଟ୍ରେନିଂ, ମ୍ୟାଟର୍ ଏକ୍ସପର୍ଟ ଏକ୍ସଚେଞ୍ଜ, ସାମାଜିକ ପାରସ୍ପରିକ କ୍ରିୟା, ଅଗ୍ନି ନିର୍ବାପକ ଡ୍ରିଲ, ବୋର୍ଡ ସର୍ଚ୍ଚ ଏବଂ ଭିବିଏସ୍‌ଏସ୍, କାଉଣ୍ଟର ଡ୍ରଗ୍ ଇଣ୍ଟରଡିକେସନ ଆଦି କାର୍ଯ୍ୟକଳାପ ଅର୍ନ୍ତଭୁକ୍ତ। ଏହି ଗସ୍ତ କେବଳ ଭାରତୀୟ ତଟରକ୍ଷୀ ବାହିନୀ ଓ ଭିଏତନାମ୍ ତଟରକ୍ଷୀ ବାହିନୀ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ନୁହେଁ, ବରଂ ଜାହାଜ ନିର୍ମାଣରେ ଭାରତର ବୈଷୟିକ ପ୍ରଗତିକୁ ମଧ୍ୟ ଦର୍ଶାଇ, ଆତ୍ମନିର୍ଭରଶୀଳ ଭାରତ ଏବଂ ମେକ୍ ଇନ ଇଣ୍ଡିଆର ଧାରଣାକୁ ସମର୍ଥନ କରୁଛି। ଦୁଇ ସାମୁଦ୍ରିକ ଏଜେନ୍ସି ମଧ୍ୟରେ ସହଯୋଗ ସଂସ୍ଥାପିତ କରିବା ନେଇ ଉଭୟ ତଟରକ୍ଷୀ ବାହିନୀ ମଧ୍ୟରେ ଏକ ଏମ୍‌ଓୟୁ ମଧ୍ୟ ସ୍ୱାକ୍ଷରିତ ହୋଇଛି। ପ୍ରମୁଖ ସାମୁଦ୍ରିକ ସହଭାଗୀମାନଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବାରେ ଭିସିଜି ଜାହାଜ ପରିଦର୍ଶନ ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ ଏହା ସମସାମୟିକ ସାମୁଦ୍ରିକ ଆହ୍ୱାନର ମୁକାବିଲା କରିବା ସମୟରେ ଏହି ଅଞ୍ଚଳର ସମୁଦ୍ରର ନିରାପତ୍ତା ଏବଂ ପରିବେଶ ସ୍ଥିରତା ନିଶ୍ଚିତ କରିବା ଜରୁରୀ ଅଟେ।

## ‘ଗୀତାୟାଃ ସମନୟାତ୍ମିକା ଦୃଷ୍ଟିଃ’ ଶୀର୍ଷକ ପାଠଚକ୍ର

ସାକ୍ଷୀଗୋପାଳ,୧୩।୧୨(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଶୁକ୍ରବାର ସଂସ୍କୃତ ବିଭାଗ ଆନୁକୂଲ୍ୟରେ ‘ଗୀତାୟାଃ ସମନୟାତ୍ମିକା ଦୃଷ୍ଟିଃ’ ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବିଭାଗୀୟ ଅଧ୍ୟାପିକା ପ୍ର. ସସ୍ମିତା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୀତାପାଠ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ପ୍ର. ସତ୍ୟଶିବସୁନ୍ଦର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ନିଜ ନିଜର ସ୍ୱଧର୍ମ ପାଳନ କରି ମନୁଷ୍ୟ କିପରି ପରମେଶ୍ୱରଙ୍କୁ ଲାଭ କରିପାରିବ ତାହାର ସରଳ ସୁଗମ ଉପାୟ ସବୁ ଭାଗବତ ଗୀତାରେ ଉଲ୍ଲେଖ କରାଯାଇଛି ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସଂସ୍କୃତ ବିଭାଗର ମୁଖ୍ୟା ପ୍ରଧାପିକା ସୁଜାତା ମହାପାତ୍ର ବିଷୟବସ୍ତୁର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ। ମିନତୀ ରଥ, ଡ. କଳ୍ପନା କୁମାରୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଫୁଡ୍ ସ୍କ୍ୱାଡ୍ ପକ୍ଷରୁ ବିଭିନ୍ନ ଖାଦ୍ୟ ଦୋକାନରେ ଯାଞ୍ଚ

ଭୁବନେଶ୍ୱର,୧୩।୧୨ (ଅନୁରାଧା ମହାରଣା)




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଫୁଡ ସ୍କାଡ୍ ପକ୍ଷରୁ ବିଭିନ୍ନ ରାସ୍ତା ପାର୍ଶ୍ୱ ଖାଦ୍ୟ ଦୋକାନ ଉପରେ ଚଢାଉ କରାଯାଇ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। କେତେକ ଦୋକାନରୁ ଜରିମାନା ଆଦାୟ କରାଯାଇଛି। ବିଏମ୍‌ସି ପ୍ରାଧିକୃତ ଅଧିକାରୀ ଫୁଡ୍ ସେଫ୍ଟି ଟିମ୍ ଏବଂ ଟିମ୍ ସାଇନ ମିଳିତ ଭାବେ କିଟ୍ ଅଞ୍ଚଳରେ ଥିବା ବିଭିନ୍ନ ରେଷ୍ଟୁରାଣ୍ଟ, ଷ୍ଟଲ, ଫାଷ୍ଟଫୁଡ ଆଦି ପରିଦର୍ଶନ କରି ପରିମଳ ଓ ଖାଦ୍ୟର ପରିଚ୍ଛନ୍ନତା ଯାଞ୍ଚ କରିଥିଲେ। କେତେଜଣ ଦୋକାନୀ ଅସ୍ୱାସ୍ଥ୍ୟକର ଓ ବାସି ଖାଦ୍ୟ ପଦାର୍ଥ ବିକ୍ରି କରୁଥିବା ଦେଖିବାକୁ ପାଇଥିଲେ। ଅସ୍ୱାସ୍ଥ୍ୟକର ଖାଦ୍ୟପଦାର୍ଥ ଜବତ କରିବା ସହ ସେମାନଙ୍କଠାରୁ ମୋଟ ୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜବତ ହୋଇଥିବା ପ୍ରାୟ ୪୦ କେଜିରୁ ଅଧିକ ଖାଦ୍ୟପଦାର୍ଥକୁ ନଷ୍ଟ କରିଦିଆଯାଇଛି। ସଂଗୃହୀତ ଖାଦ୍ୟ ନମୁନା ଯାଞ୍ଚ ପାଇଁ ପଠାଯାଇଥିବା ବେଳେ କେତେଜଣ ଖାଦ୍ୟ ବ୍ୟବସାୟୀଙ୍କୁ ନୋଟିସ ଜାରି କରାଯାଇଛି। ଆଗାମୀ ଦିନରେ ଏହିପରି ନିୟମିତ ଯାଞ୍ଚ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

# ବିଦ୍ୟାଳୟ ମିଶ୍ରଣ: ମୟୂରଭଞ୍ଜରେ ସର୍ବାଧିକ, ପୁରୀ ଶୂନ

ଭୁବନେଶ୍ୱର,୧୩।୧୨(ଶୁଚିସ୍ମିତା ସାହୁ)

ପ୍ରତ୍ୟେକ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରିବା ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ସେଥିପାଇଁ ବନ୍ଦ ଥିବା କେତେକ ବିଦ୍ୟାଳୟ ଖୋଲିବା ଲାଗି ୨୦୨୦ ମାର୍ଚ୍ଚ ୧୧ରେ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଅନ୍ୟପକ୍ଷରେ ୨୦ରୁ କମ୍ ସଂଖ୍ୟକ ପିଲା ଥିବା ସ୍କୁଲକୁ ବନ୍ଦ କରାଯାଇ ନିକଟସ୍ଥ ଯେଉଁ ବିଦ୍ୟାଳୟରେ ଅଧିକ ପିଲା ପଢୁଛନ୍ତି, ସେହି ବିଦ୍ୟାଳୟ ସହ ମିଶ୍ରଣ କରାଯାଇଛି। ଏହି କ୍ରମରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ବିଦ୍ୟାଳୟ ମିଶ୍ରଣ ହୋଇଥିବାବେଳେ ପୁରୀରେ କୌଣସି ସ୍କୁଲକୁ ବନ୍ଦ କରାଯାଇନାହିଁ।

ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ସମୁଦାୟ ୨୬୯୬୦ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ୧୫୬୫୫ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ସରକାରଙ୍କ ବିଜ୍ଞପ୍ତି ଅନୁସାରେ ରାଜ୍ୟରେ ୪୬୨୦ଟି ପ୍ରାଥମିକ ବିଦ୍ୟାଳୟ, ୧୦୦୪ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ନିକଟସ୍ଥ ବିଦ୍ୟାଳୟଗୁଡ଼ିକ ସହ ମିଶ୍ରଣ କରାଯାଇଛି। ସେଥିମଧ୍ୟରେ ମୟୂରଭଞ୍ଜ ଜିଲାରେ ସର୍ବାଧିକ ୪୫୭ଟି ବିଦ୍ୟାଳୟର ମିଶ୍ରଣ ହୋଇଛି। ସେଥିରେ ୩୦୮ଟି ପ୍ରାଥମିକ ଓ ୧୪୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ତେବେ ପୁରୀରେ କୌଣସି ଗୋଟିଏ ହେଲେ ବି ବିଦ୍ୟାଳୟ ସରକାରଙ୍କ ମିଶ୍ରଣ ବିଜ୍ଞପ୍ତି ଅନୁଯାୟୀ ବନ୍ଦ ହୋଇନାହିଁ। ସେହିପରି କଟକରେ ମୋଟ ୪୫୦ଟି ବିଦ୍ୟାଳୟକୁ ମିଶ୍ରଣ କରାଯାଇଛି। ସେଥିରୁ ୩୯୩ଟି ପ୍ରାଥମିକ ଓ ୫୭ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି। ଗଜପତିରେ ୪୨୬, କୋରାପୁଟରେ ୩୪୫, ଗଞ୍ଜାମରେ ୩୩୪, ଯାଜପୁରରେ ୩୧୦, କନ୍ଧମାଳରେ ୨୭୮, ବରଗଡ଼ରେ ୨୪୯, ଭଦ୍ରକରେ ୨୦୭, କେନ୍ଦ୍ରାପଡ଼ାରେ ୨୦୦, ଅନୁଗୋଳରେ ୧୬୬, ବାଲେଶ୍ୱରରେ ୧୧୮, ବଲାଙ୍ଗୀରରେ ୧୩୯, ବୌଦ୍ଧରେ ୧୧୦, ଢେଙ୍କାନାଳରେ ୧୯୩, ଜଗତ୍‌ସିଂହପୁରରେ ୧୮୯, କଳାହାଣ୍ଡିରେ ୧୫୫, ଖୋର୍ଦ୍ଧାରେ ୧୫୭, ନବରଙ୍ଗପୁରରେ ୧୩୪, ନୂଆପଡ଼ାରେ ୧୧୭, ରାୟଗଡ଼ାରେ ୧୨୧, ସୁବର୍ଣ୍ଣପୁରରେ ୧୬୦, ସୁନ୍ଦରଗଡ଼ରେ ୧୩୬ ବିଦ୍ୟାଳୟ ମିଶ୍ରଣ ହୋଇଥିବା ବେଳେ ଦେବଗଡ଼, ଝାରସୁଗୁଡ଼ା, କେନ୍ଦୁଝରେ, ମାଲକାନଗିରି, ନୟାଗଡ଼ ଓ ସୁବର୍ଣ୍ଣପୁରରେ ଶହେ ଭିତରେ ବିଦ୍ୟାଳୟ ମିଶ୍ରଣ ହୋଇଛି। ସେହିପରି କଟକରେ ସର୍ବାଧିକ ୩୯୩ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହୋଇଥିବାବେଳେ ଜଗତ୍‌ସିଂହପୁରରେ ଗୋଟିଏ ବି ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରାଯାଇନାହିଁ। ବଲାଙ୍ଗୀର, ବୌଦ୍ଧ, ଦେବଗଡ଼ ଓ କଳାହାଣ୍ଡିରେ ଗୋଟିଏ ଲେଖାଏ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିବା ବିଭାଗୀୟ ତଥ୍ୟରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ମିଶ୍ରଣ ପରେ କେତେକ କ୍ଷେତ୍ରରେ ଗମନାଗମନ ସମସ୍ୟା ଯୋଗୁ ପିଲାମାନେ ଦୂର ସ୍କୁଲକୁ ଯିବା ପାଇଁ ଅନିଚ୍ଛା ପ୍ରକାଶ କରୁଥିବା ଜଣାପଡ଼ିଛି।

# ୧୦ହଜାର ଗାଁରେ ପହଞ୍ଚିବ ନିପୁଣ-ଓଡ଼ିଶାର ବାର୍ତ୍ତା

- ରାଜ୍ୟର ୨୦ ଜିଲାରେ ନିପୁଣ-ଓଡ଼ିଶା ଅଭିଯାନ ଆରମ୍ଭ
- କମ୍ୟୁନିଟି ରେଡିଓ ପ୍ରସାରକଙ୍କ ରାଜ୍ୟସ୍ତରୀୟ କର୍ମଶାଳା

କୋଣାର୍କ,୧୩।୧୨(ଜ୍ୟୋତିରାଜ ମହାନ୍ତି)



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

କୋଣାର୍କ ଯାତ୍ରୀନିବାସ ଠାରେ ରାଜ୍ୟସ୍ତରୀୟ ଗୋଷ୍ଠୀ ବେତାର ପ୍ରସାରକଙ୍କର ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆର ୨୦ଟି ଗୋଷ୍ଠୀ ବେତାର କେନ୍ଦ୍ରରୁ ୨୫ ଜଣ ପ୍ରତିନିଧି ଏହି କର୍ମଶାଳାରେ ଯୋଗ ଦେଇଥିଲେ। ୟୁନିସେଫ୍ ସହାୟତାରେ ୟଙ୍ଗ୍ ଇଣ୍ଡିଆ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ଶିକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ କରିଥିବା ‘ନିପୁଣ ଓଡ଼ିଶା’ ସମ୍ପର୍କରେ ସମସ୍ତ ଗୋଷ୍ଠୀ ବେତାର କେନ୍ଦ୍ରର ପ୍ରସାରକମାନଙ୍କୁ ତାଲିମ ଦିଆଯାଇଥିଲା। ନିପୁଣ ଓଡ଼ିଶା ଦ୍ୱାରା ପିଲାଙ୍କର ପ୍ରାଥମିକ ଶିକ୍ଷାରେ ମାତୃଭାଷା ଏବଂ ବ୍ୟବହାରତ୍ମକ ଆଚରଣରେ ଉନ୍ନତି କରିବା ଉପରେ ଆଲୋଚନା କରାଯାଇଥିଲା।

ଓଡ଼ିଶା ଗୋଷ୍ଠୀ ବେତାର ମହାସଂଘର ସଭାପତି ଏସ୍ ଏ ସଫିକ୍‌ଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ବିଭିନ୍ନ ଦିବସରେ ୟୁନିସେଫ୍‌ର ବରିଷ୍ଠ ଅଧିକାରୀ ଡ. ସୁଗତ ରାୟ, ଶିକ୍ଷା ବିଶେଷଜ୍ଞ ଲଳିତା ପଟ୍ଟନାୟକ, ସରିତା ମିଶ୍ର, ପ୍ରଶାନ୍ତ ଧଳ, ଚକ୍ରଧର ସାହୁ, ୟଙ୍ଗ୍ ଇଣ୍ଡିଆର ସଭାପତି ଏନ୍ ଏ ଶାହ ଅନସାରୀ, ବେତାର ବିଶେଷଜ୍ଞ ଡ. ଅଶୋକ କୁମାର ପାଣିଗ୍ରାହୀ, ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ପ୍ରତାପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ। ନିପୁଣ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ଭୂମିକା, ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଗୋଷ୍ଠୀ ବେତାର କେନ୍ଦ୍ରଗୁଡ଼ିକର ଦାୟିତ୍ୱ ଏବଂ ବେତାର କାର୍ଯ୍ୟକ୍ରମର ପ୍ରସ୍ତୁତି କିଭଳି ରହିବା ସେ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। କର୍ମଶାଳାକୁ ରୋଜାଲିନ ପ୍ରଧାନ, ଅନୁପ କୁମାର ସାହୁ, ଏସ୍ କାଜଲ, ରାନୁ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅଭିଯାନ ୨ମାସ ଧରି ୨୦ଟି କମ୍ୟୁନିଟି ରେଡିଓ ମାଧ୍ୟମରେ ରାଜ୍ୟର ୨୦ଟି ଜିଲାରେ ଚାଲିବ। ଏହି ମାଧ୍ୟମରେ ପ୍ରାୟ ୧୦ ହଜାର ଗ୍ରାମରେ ବିଭିନ୍ନ କାର୍ଯ୍ୟକ୍ରମ ସହ ପ୍ରସାରଣ ଭିତ୍ତିକ ଜନଜାଗରଣ କରାଯିବ।

ଓଡ଼ିଶା ସରକାର
ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ସମ୍ବଲପୁର
Office Order No.3541// Dated 10.12.2024
E-Mail-serwcirclesbp@yahoo.com
1st Corrigendum
Bid Identification No.Road Tender Online RWCSBP-07/2024-25
No.O-886:Following modifications are hereby made to the notice inviting tender vide this office Bid Id No.Road Tender Online RWCSBP-07/2024-25. 1. The availability of tender online for bidding may be read as 23.12.2024 from 11.00 AM to 06.01.2025 upto 5.00 PM instead of from 02.12.2024 from 11.00 AM to 16.12.2024 upto 5.00 PM. 2. The last date & time for seeking clarification may be read as 04.01.2025 upto 5.00 PM instead of 13.12.2025 upto 5.00 PM. 3. The date & time of technical opening bid may be read as 07.01.2025 at 11.00 AM instead of 17.12.2024 at 11.00 AM.
All other terms and condition remain unchanged.
OIPR-25091/11/0014/2425
Sd./- Chief Construction Engineer
R.W.Circle, Sambalpur

OFFICE OF THE TRANSPORT COMMISSIONER-CUM-CHAIRMAN, STATE TRANSPORT AUTHORITY, ODISHA, CUTTACK
TENDER CALL NOTICE
Notice No.LXVII-12/2023-18401 Date : 13.12.2024
No.JJ-33 : Sealed tenders are invited for a Request for Proposal (RFP) for selection of Service Provider for Providing IT Support Services on Manhour Basis to the Transport Commissioner and its Subordinate Offices by the office of Transport Commissioner for online submission latest by 03.01.2025.
For details, please visit the websites www.odishatransport.gov.in and www.enivida.odisha.gov.in.
By the orders of Transport Commissioner, Odisha
Sd./- Addl. Commissioner Transport (Admin.) STA, Odisha, Cuttack
OIPR-38003/11/0032/2425

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ରାଇରଙ୍ଗପୁର
OFFICE OF THE PROJECT ADMINISTRATOR, I.T.D.A., RAIRANGPUR
At: Rairangpur W. No. 3, Mandirsahi, P.O.: Rairangpur, Dist.: Mayurbhanj - 757043
Email: paitdarrp@yahoo.in, itdargp@nic.in, Office No.: 06794-291151
No. 5749/ITDA, RRP NOTICE Date: 11.12.2024
1st CORRIGENDUM to
Bid Identification No. 01/ITDA, RRP of 2024-25 Date: 05.12.2024
No. CAD-1894: In the Percentage Bill of Quantity (BoQ) of the estimate namely "Approach road to EMRS, Badampahar of Kusumi Block" as mentioned at Sl. No. 02 of the above Bid Identification Notice published by this ITDA vide the No. cited supra, the item at Sl. No. 07 of the BoQ may be read as cement concrete (1:2:4) with 12mm size hard granite chips CC Road Base instead of Cement Concrete (1:4:8) with 12cm size hard granite chips CC Road Base. The other terms & conditions as available in the tender schedule are remain unchanged.
All concerned be presumed as modified to above extent.
Sd./- Project Administrator, ITDA, Rairangpur
OIPR-19080/11/0003/2425

## ମୋ ବସ୍ ଡ୍ରାଇଭରଙ୍କୁ ମାଡ଼, କଣାସରେ ବସ୍ ଚଳାଚଳ ବନ୍ଦ

**କଣାସ, ୧୩।୧୨ (ବିଭୂତି ଭୂଷଣ ତ୍ରିପାଠୀ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ସୁବିଧାରେ ଯାତାୟାତ ପାଇଁ ମୋ ବସ ସେବା ଚାଲୁ ରହିଛି। ଗୁରୁବାର ଅପରାହ୍ଣରେ କଣାସ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରୁ କରମଳା ଯାଇଥିବା ମୋ ବସ୍ ଡ୍ରାଇଭରଙ୍କୁ ଯାମଳଗୋଦା ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁ ଯୁକ୍ତିତର୍କ କରିବା ଓ ମାଡ଼ ମାରିଥିବା ଡ୍ରାଇଭର ଗଡ଼ିଶାଗୋଦା ଥାନାରେ ଏତଲା ଦେଇଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଜି କଣାସ ଏ ବ୍ଲକରେ ଚାଲୁଥିବା ୬ ଖଣ୍ଡ ବସ୍ ଡ୍ରାଇଭର୍ ଓ କର୍ମଚାରୀମାନେ ବସ ନ ଚଳାଇ ବନ୍ଦ କରିଦେଇ ବସିଥିଲେ। କଣାସ ବିଡିଓ ନାରାୟଣ ସାହୁ, ଆଇଆଇସି ରାକେଶ କୁମାର ତ୍ରିପାଠୀ, ଗଡ଼ିଶାଗୋଦା ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଏକତ୍ରିତ ହୋଇ ବସ୍ ଡ୍ରାଇଭର ଓ କର୍ମଚାରୀଙ୍କୁ ବସାଇ ଆଲୋଚନା କରିବା ପରେ ମାଡ଼ ମାରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏବଂ ପୂର୍ବରୁ ଗଡ଼ିଶାଗୋଦା ଥାନାରେ ୨ଟି ମାମଲା ଥିବା ଜଣାପଡ଼ିଛି। ଏନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଡ଼ିଶାଗୋଦା ଥାନା ଆଇଆଇସି ମହାପାତ୍ର କର୍ମଚାରୀଙ୍କୁ ପ୍ରତିଶ୍ରୁତି ଦେବାପରେ ଡ୍ରାଇଭରମାନେ ବସ୍ ଚଳାଚଳରେ ଯୋଗ ଦେଇଥିଲେ।

# ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ହେବ



କୋଣାର୍କ ଇକୋ ରିଟ୍ରିଟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିମାନେ।

**କୋଣାର୍କ, ୧୩।୧୨ (ଜ୍ୟୋତିରାଜ ମହାନ୍ତି)**

- କୋଣାର୍କ ଇକୋ ରିଟ୍ରିଟ୍‌କୁ ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ବେଳାଭୂମିରେ ୭୦ତମ୍ବୁ ଘରେ ମିଳିବ ପଞ୍ଚତାରକା ହୋଟେଲ ସୁବିଧା

କୋଣାର୍କ-ପୁରୀ ଜାତୀୟ ରାଜପଥ ରାସ୍ତାର ସାହୁଖିଣତାଠାରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଇକୋ ରିଟ୍ରିଟ ୬ଷ୍ଠ ସଂସ୍କରଣକୁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବେଳାଭୂମି କୂଳରେ ଶୁଭାରମ୍ଭ କରିଛନ୍ତି। ରାଜ୍ୟରେ ୭ଟି ସ୍ଥାନରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଇକୋ ରିଟ୍ରିଟ୍ ମହୋତ୍ସବ ଆୟୋଜିତ ହେଉଥିବା ବେଳେ କୋଣାର୍କସ୍ଥିତ ସାହୁଖିଣତା ବେଳାଭୂମି କୂଳରେ ଆୟୋଜିତ ହେଉଥିବା ମହୋତ୍ସବ ଅନ୍ୟାନ୍ୟ ଓ ପର୍ଯ୍ୟଟକଙ୍କୁ ବିଶେଷ ଭାବେ ଆକୃଷ୍ଟ କରୁଛି ବୋଲି ପରିଡ଼ା ମତବ୍ୟକ୍ତ କରିଛନ୍ତି। ଏହି ମହୋତ୍ସବ ସ୍ଥାନରେ ଦେଶବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପରିବେଶ ମଧ୍ୟରେ ବିଳାସପୂର୍ଣ୍ଣ କଟେଜ୍ ମଧ୍ୟରେ ପଞ୍ଚତାରକା ସୁବିଧା ସୁଯୋଗ ମିଳିବା ସହ ପର୍ଯ୍ୟଟନ ଶିଳ୍ପର ଦ୍ରୁତ ଅଭିବୃଦ୍ଧି ଘଟିବା ସହିତ ପର୍ଯ୍ୟଟନ ଶିଳ୍ପର ଆର୍ଥିକ ଅଭିବୃଦ୍ଧି ଦିଗରେ ବିଶେଷ ସହାୟକ ହେବ।

ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂ, ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ସଚିବ ବାଲ ମୁକୁନ୍ଦ ମିଶ୍ର, ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ପୁରୀ ଏସ୍‌ପି ବିନୀତ ଅଗ୍ରୱାଲ ଓ ପୁରୀ ଜିଲା ବନ ଅଧିକାରୀ ବିବେକ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ-କୋଣାର୍କ ବେଳାମାର୍ଗ ରାମଚଣ୍ଡୀ ମୁହାଁଣ ନିକଟ ସ୍ୱର୍ଣ୍ଣାଭ ବେଳାଭୂମି ଚଳଚଞ୍ଚଳ ହୋଇଉଠିଛି। ପ୍ରାକୃତିକ ପରିବେଶରେ ୭୦ଗୋଟି ତମ୍ବୁଘର ମଧ୍ୟରେ ପର୍ଯ୍ୟଟକଙ୍କୁ ମିଳିବ ପଞ୍ଚତାରକା ହୋଟେଲ ସୁବିଧା ସହ ଅନନ୍ୟ ପ୍ରାକୃତିକ ଅନୁଭୂତି। ପର୍ଯ୍ୟଟକଙ୍କ ପାଇଁ ତମ୍ବୁ ଘରେ ରାତ୍ରିଯାପନ ପାଇଁ ତାରକା ହୋଟେଲ ଭଳି ସମସ୍ତ ସୁବିଧା ରହିବ। ପର୍ଯ୍ୟଟକମାନେ ବେଳାଭୂମିରେ ରହି ପ୍ରାକୃତିକ ପରିବେଶକୁ ମନଭରି ଉପଭୋଗ କରିପାରିବେ। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜଳକ୍ରୀଡ଼ା, ବିଚ୍ ସାକ, ପାରାସେଲିଙ୍ଗ, ସାଇକେଲ ଚାଳନା, ସଙ୍ଗୀତ ଓ ଯୋଗଭିତ୍ତିକ କାର୍ଯ୍ୟକ୍ରମ ରହିଛି। ଏହା ଆସନ୍ତା ୩ମାସ ଧରି ଚାଲିବ ବୋଲି ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ପ୍ରକାଶ କରିଛନ୍ତି। ଏହି ମହୋତ୍ସବକୁ ପର୍ଯ୍ୟଟନ ବିଭାଗ ସହ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ପୁରୀ ଜିଲା ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପସଚିବ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ ରଞ୍ଜନ ସେଠୀଙ୍କ ସମେତ ପର୍ଯ୍ୟଟନ ବିଭାଗର ପଦାଧିକାରୀମାନେ ପରିଚାଳନା କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବର୍ଷା



@ ପ୍ରୀତି



@ ଶକ୍ତି



@ ସୂର୍ଯ୍ୟମଣି



@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ସମାଜ ଉପରେ ସିନେମାର ବିଶେଷ ପ୍ରଭାବ ରହିଛି'




ମହୋତ୍ସବରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ଅନ୍ୟ ଅତିଥି।

**ଭୁବନେଶ୍ୱର, ୧୩।୧୨ (ସୌମ୍ୟରଞ୍ଜନ ରାଉତ)**

**୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆରମ୍ଭ**

କିଟ୍ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ୫ମ କଳିଙ୍ଗ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କହିଲେ, ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ସିନେ ଜଗତ ଓ କଳାକାର ଜଗତକୁ ପ୍ରେରଣା ଯୋଗାଇବ। ଆମ ସମାଜ ଉପରେ ସିନେମାର ବିଶେଷ ପ୍ରଭାବ ରହିଛି। ଏହି ମହୋତ୍ସବ ସିନେଜଗତକୁ ଏକ ସମ୍ଭାବନା ଆଣି ଦେବାର ଆଶା ଓ ବିଶ୍ୱାସ ଅଛି। ସମ୍ମାନିତ ଅତିଥି ଭାବେ ପ୍ରଯୋଜକ ବିପୁଲ ଅମୃତଲାଲ ଶାହ ଯୋଗଦେଇ କହିଲେ, ଆମ ଦେଶରେ ବହୁ ପ୍ରତିଭା ଲୁକ୍କାୟିତ ହୋଇ ରହିଛନ୍ତି। ସେମାନଙ୍କୁ ସିନେ ଜଗତର ମୁଖ୍ୟସ୍ରୋତକୁ ଆଣିବା ପାଇଁ ସେ ପ୍ରୟାସ କରିବେ। ସେହିପରି ନିର୍ଦ୍ଦେଶକ ଯଦୁମଣି ଦତ୍ତା କହିଲେ, ଭଲ ଚଳଚ୍ଚିତ୍ର ଭଲ ଭାବନା ତିଆରି କରିଥାଏ। ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ଦୀର୍ଘ ୫ ବର୍ଷ ଧରି କିଟ୍ ପକ୍ଷରୁ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହୋଇଆସୁଛି। ଏଥିରେ ବିଭିନ୍ନ ଭାଷାଭାଷୀ ଚଳଚ୍ଚିତ୍ର ସମ୍ପର୍କରେ ସମସ୍ତେ ଜାଣିବାର ସୁଯୋଗ ମିଳିଥାଏ। ଆସନ୍ତା ବର୍ଷ ଏହି ମହୋତ୍ସବକୁ ଆହୁରି ବଡ଼ଧରଣର କରାଯିବ ବୋଲି ସେ ଘୋଷଣା କରିଥିଲେ। ଏହି ମହୋତ୍ସବରେ ମୋଟ ୪୫ଟି ଅତି ଉତ୍ତମ ମାନର ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ସେଥିମଧ୍ୟରେ ୧୨ଟି ଫିଚର ଫିଲ୍ମ, ୧୦ଟି କ୍ଷୁଦ୍ର ଚଳଚ୍ଚିତ୍ର, ୫ଟି ପ୍ରାମାଣିକ ଚଳଚ୍ଚିତ୍ର ଓ ୧୦ଟି ଷ୍ଟୁଡେଣ୍ଟ ଫିଲ୍ମ ରହିଛି। ଶୁକ୍ରବାର ପ୍ରଥମ ଦିନରେ ଗୁଗୁଲ ମାଟ୍ରିମନି, ମୋ ବୋଉ ମୋ ଗାଁ, ବାହି ଟ୍ରେସିଂ ମାଇଁ ଆନସେଷ୍ଟର୍ସ, ଅଣ୍ଡର ଦି ବେଡ୍, ରଚାମ୍ମା, ଶ୍ରୀକାନ୍ତ, ବାଲାଡ୍ ଅଫ୍ ଦି ମାଉଣ୍ଟେନ, ମଇଁ ନିନ୍ଦ, ରୋଟି କୁଁ ବନାସୀ, ଅମର ଆଜ ମରେଗା, ଅଘୋରାଗ, ମୋନିହାରା, ଆତାତୁର, କାଇଟ ଆଣ୍ଡ ଆଇ ଏବଂ ସାମ ବାହାଦୁର ଆଦି ୧୭ଟି ବିଭିନ୍ନ ଭାଷା ଓ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ୩ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ଅନେକ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ଯୋଗ ଦେଇଛନ୍ତି। ୧୪ ଓ ୧୫ ତାରିଖରେ କିଟ୍ କ୍ୟାମ୍ପସ-୬ ଓ ୧୭ ପ୍ରେକ୍ଷାଳୟ, ତଥା ସେମିନାର ହଲ୍‌ରେ ଚଳଚ୍ଚିତ୍ର ସବୁ ପ୍ରଦର୍ଶନ ହେବ। କିଟ୍ ଫିଲ୍ମ, ଫେଶନ ଓ ମିଡିଆ ଷ୍ଟଡିଜ ସ୍କୁଲର ମହାନିର୍ଦ୍ଦେଶକ ହିମାଂଶୁ ଶେଖର ଖଟୁଆଙ୍କ ତତ୍ତ୍ୱାବଧାନରେ ଏହି ଚଳଚ୍ଚିତ୍ର ମହୋତ୍ସବ ଅନୁଷ୍ଠିତ ହେଉଛି।

# ୪୦୦ ପ୍ରାଣୀଙ୍କୁ ବଳିରୁ ଉଦ୍ଧାର କଲା ବନ୍ତରା

**ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)**

ଗଢ଼ିମାଇ ପର୍ବରେ ବଳିଦାନ ପାଇଁ ବେଆଇନ ଭାବେ ଚାଲାଣ ହେଉଥିବା ୭୪ଟି ବଳଦ ଏବଂ ୩୨୬ ଛେଳି ସମେତ ୪୦୦ ପ୍ରାଣୀଙ୍କୁ ଶିଳ୍ପପତି ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରାଣୀଯତ୍ନ କେନ୍ଦ୍ର ବନ୍ତରା ପକ୍ଷରୁ ଉଦ୍ଧାର କରାଯାଇଛି। ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ବିହାର ସରକାରଙ୍କ ସହଯୋଗରେ ଏହି ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ପ୍ରାଣୀମାନଙ୍କୁ ବେଆଇନ ଭାବେ ଉତ୍ତର ଭାରତରୁ ନେପାଳକୁ ଚାଲାଣ କରାଯାଉଥିଲା। ମାତ୍ର ପିପୁଲ୍ସ ଫର ଆନିମଲ୍ସ (ପିଏଫଏ) ଏବଂ ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାଶନାଲ (ଏଚ୍‌ଏସ୍‌ଆଇ) ସହାୟତାରେ ଏସ୍‌ଏସ୍‌ବି କର୍ମଚାରୀମାନେ ସେମାନଙ୍କୁ ଅଟକାଇଥିଲେ। ବନ୍ତରାର ପ୍ରାଣୀ ଚିକିତ୍ସକମାନେ ଉଦ୍ଧାର ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଚିକିତ୍ସକଙ୍କ ସୂଚନାନୁସାରେ ଏହିସବୁ ଜୀବ ଖାଦ୍ୟ ପାନୀୟରୁ ବଞ୍ଚିତ ଥିବାରୁ ଦୁର୍ବଳ ହୋଇପଡ଼ିଛନ୍ତି। ଏମାନଙ୍କୁ ଯନ୍ତ୍ରଣାଦାୟକ ଯାତ୍ରା ମଧ୍ୟ କରିବାକୁ ପଡ଼ିଛି। ତେଣୁ ବର୍ତ୍ତମାନ ସେମାନଙ୍କ ଯତ୍ନର ଆବଶ୍ୟକତା ରହିଛି। ବନ୍ତରା ପ୍ରାଣୀ ଯତ୍ନକେନ୍ଦ୍ରରେ ଏମାନେ ଚିକିତ୍ସା ଓ ଯତ୍ନ ପାଇପାରିବେ। ଏଥିମଧ୍ୟରୁ ୨୧ଟି ଛେଳି, ଯେଉଁମାନଙ୍କର ବିଶେଷ ଯତ୍ନର ଆବଶ୍ୟକତା ରହିଛି ସେମାନଙ୍କୁ ଉତ୍ତରାଖଣ୍ଡର ପିଏଫ୍‌ଏ ଦ୍ୱାରା ପରିଚାଳିତ ଡେରାଡୁନସ୍ଥିତ 'ହାପି ହୋମ୍ ଅଭୟାରଣ୍ୟ'କୁ ପଠାଯିବ। ପିପୁଲ୍ସ ଫର ଆନିମଲ୍ସ ପବ୍ଲିକ ପଲିସି ଫାଉଣ୍ଡେଶନର ପ୍ରତିଷ୍ଠାତା ଗୌରୀ ମୌଲେଖୀ ଏହି ଉଦ୍ଧାର କାର୍ଯ୍ୟ ଗୁରୁତ୍ୱ ଉପରେ ଆଲୋକପାତ କରିଛନ୍ତି। ଭାରତ-ନେପାଳ ସୀମା ନିକଟରେ ଆୟୋଜିତ ହୋଇଥିବା ଗଢ଼ିମାଇ ପର୍ବକୁ ବିଶ୍ୱର ସର୍ବବୃହତ ପଶୁବଳି ପର୍ବ ଭାବେ ବିବେଚନା କରାଯାଏ। କେବଳ ୨୦୧୪ରେ ୫,୦୦,୦୦୦ରୁ ଅଧିକ ପଶୁ ବଳି ଦିଆଯାଇଥିଲା। ଏହି ପଶୁମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗରୁ ବେଆଇନ ଭାବେ ଚାଲାଣ କରାଯାଇଥିଲା।



ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ସଦସ୍ୟମାନେ।

# କୁରୁକ୍ଷେତ୍ରରେ ଓଡ଼ିଆ ସଂସ୍କୃତିର ଝଲକ



ଲୋକେ ହସ୍ତଶିଳ୍ପ ସାମଗ୍ରୀ ଦେଖୁଛନ୍ତି।

**ଭୁବନେଶ୍ୱର, ୧୩।୧୨ (ଅନୁରାଧା ମହାରଣା)**

**୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ**

- ମନମୋହୁଛି ଓଡ଼ିଶାର ଚିତ୍ରକଳା ଓ ହସ୍ତଶିଳ୍ପ
- ଚାହିଦାରେ ଡାଲମା, ଦହିବରା, ଛେନାପୋଡ଼

ହରିୟାଣାର କୁରୁକ୍ଷେତ୍ରରେ ଦେଖିବାକୁ ମିଳିଛି ଓଡ଼ିଆ ସଂସ୍କୃତିର ଝଲକ। ଡିସେମ୍ବର ୫ରୁ କୁରୁକ୍ଷେତ୍ରରେ ଆରମ୍ଭ ହୋଇଛି ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ। ଏହା ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପାର୍ଟନର ଷ୍ଟେଟ ଭାବେ ଓଡ଼ିଶା ଯୋଗଦେଇଛି। କୋଣାର୍କ ଚକ୍ରଠାରୁ ଆରମ୍ଭ କରି ଓଡ଼ିଶୀ ନୃତ୍ୟ ପର୍ଯ୍ୟନ୍ତ ଓଡ଼ିଶା ମଣ୍ଡପରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସଂସ୍କୃତି ଏବଂ ଐତିହ୍ୟର ପ୍ରତିଫଳନ ଦେଖିବାକୁ ମିଳୁଛି। କୁରୁକ୍ଷେତ୍ର ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍‌ରେ କାର୍ଯ୍ୟରତ ପ୍ରବାସୀ ଓଡ଼ିଆ ଏବଂ ଦେଶ-ବିଦେଶରୁ ଆସୁଥିବା ଦର୍ଶକମାନେ ଓଡ଼ିଶାର ଗୌରବମୟ ଇତିହାସ ଓ ସଂସ୍କୃତି ସମ୍ବନ୍ଧରେ ଅବଗତ ହୋଇପାରୁଛନ୍ତି। ସେହିପରି ଓଡ଼ିଶା ମଣ୍ଡପରେ ବିଶେଷ ଆକର୍ଷଣ ପାଲଟିଛି ପାରମ୍ପରିକ ଓଡ଼ିଆ ଖାଦ୍ୟ। ଓଡ଼ିଶାର ଡାଲମା, ଦହିବରା, ରସଗୋଲା, ଛେନାପୋଡ଼, ମଣ୍ଡା, କାକରା, ଏଣ୍ଡୁରି ଆଦି ପିଠା ଖାଇବାକୁ ଷ୍ଟଲରେ ଲୋକଙ୍କ ଭିଡ଼ ଜମୁଛି। ଓଡ଼ିଶା ପ୍ରସିଦ୍ଧ ପାଟ, ବମକେଇ, ଟସର ସିଲ୍କ ଆଦି ଶାଢ଼ି କିଣିବା ପାଇଁ ମଧ୍ୟ ମହିଳାଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଛି। ଓଡ଼ିଶା ମଣ୍ଡପରେ ଓଡ଼ିଶାର ଶାସ୍ତ୍ରୀୟ ନୃତ୍ୟ ଓ ବିଭିନ୍ନ ଲୋକନୃତ୍ୟ ଦେଖିବାକୁ ମିଳୁଛି। ବିଭିନ୍ନ ଶାଢ଼ି କିଣିବା ସହ ଓଡ଼ିଆ ଖାଦ୍ୟ ଖାଇବାକୁ ମିଳୁଥିବାରୁ ବହୁତ ଖୁସି ଲାଗୁଛି ବୋଲି ପ୍ରବାସୀ ଓଡ଼ିଆ ମହିଳା ମତ ପ୍ରକାଶ କରିଛନ୍ତି। ଓଡ଼ିଶାର ଚିତ୍ରକଳା ଏବଂ ହସ୍ତଶିଳ୍ପ ସାମଗ୍ରୀ କିଣିବାକୁ ହରିୟାଣାର ଲୋକେ ଷ୍ଟଲରେ ଭିଡ଼ ଜମାଉଛନ୍ତି। ଓଡ଼ିଶା ମଣ୍ଡପରେ ଓଡ଼ିଶାର ପ୍ରମୁଖ ଚିତ୍ରକଳା, ହସ୍ତତନ୍ତ, ବୟନଶିଳ୍ପ, ପର୍ଯ୍ୟଟନ ସ୍ଥଳୀ, ଲୋକନୃତ୍ୟ ଏବଂ ଖାଦ୍ୟ ପରମ୍ପରାକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି। ଏହା ଦର୍ଶକଙ୍କ ପାଇଁ ଶୈକ୍ଷଣିକ ବିଷୟବସ୍ତୁ ଭାବେ କାର୍ଯ୍ୟ କରିବା ସହ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ସଫଳ ହୋଇପାରିଛି। ୨୦୧୬ରେ ଗୀତା ମହୋତ୍ସବ ଭାରତରେ ଆରମ୍ଭ ହେବା ପରେ ୨୦୧୯ରୁ ଲଣ୍ଡନ, କାନାଡ଼ା, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ମଧ୍ୟ ଗୀତା ମହୋତ୍ସବର ଆୟୋଜନ କରାଯାଉଛି।

# ୧୦ ଦଫା ଦାବିରେ ଓଡ଼ିଶା ଠିକା ମଜଦୁର ମହାସଂଘର ବିକ୍ଷୋଭ

**ଭୁବନେଶ୍ୱର, ୧୩।୧୨ (ସୁଚିସ୍ମିତା ସାହୁ)**

ହରିୟାଣା ସରକାରଙ୍କ ଆଉଟସୋର୍ସିଂ ମଡେଲ ଓଡ଼ିଶାରେ ଲାଗୁ ହେଉ। ଚୁକ୍ତିଭିତ୍ତିକ/ଆଉଟସୋର୍ସିଂ ଶ୍ରମିକଙ୍କ ପାଇଁ ବର୍ଦ୍ଧିତ ସର୍ବନିମ୍ନ ମଜୁରି ଜୁଲାଇ ୧୭ ପରିବର୍ତ୍ତେ ମାର୍ଚ୍ଚ ୧୪ରୁ ଲାଗୁ କରାଯାଉ। ଏଭଳି ୧୦ଦଫା ଦାବି ନେଇ ଓଡ଼ିଶା ଠିକା ମଜଦୁର ମହାସଂଘ ପକ୍ଷରୁ ଶୁକ୍ରବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ କରାଯାଇଛି।

ସମାବେଶରେ ଭାରତୀୟ ମଜଦୁର ସଂଘର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଠିକା ଶ୍ରମିକଙ୍କ ସମସ୍ୟାକୁ ସରକାର ଗମ୍ଭୀରତାର ସହ ବିଚାର କରିବା ପାଇଁ ଅନୁରୋଧ କରିଥିଲେ। ଚୁକ୍ତିଭିତ୍ତିକ/ ଆଉଟସୋର୍ସିଂ ଶ୍ରମିକଙ୍କ ପାଇଁ ସ୍ୱତନ୍ତ୍ର ସର୍ବନିମ୍ନ ମଜୁରି ସହ ଅଭିଜ୍ଞତା ଆଧାରରେ ପଦୋନ୍ନତି ଦେବା, ବିଲ୍ କଲେକ୍ଟର, ସିସିଏଙ୍କୁ କୁଶଳୀ ଶ୍ରେଣୀ ଏବଂ ହେଲ୍‌ପରଙ୍କୁ ଅର୍ଦ୍ଧକୁଶଳୀ ଶ୍ରେଣୀର ଭତ୍ତା ପ୍ରଦାନ, ବେଆଇନ ଛଟେଇ ବନ୍ଦ କରିବା ପ୍ରଭୃତି ଦାବି ରହିଛି। ସରକାର ଏସବୁ ଦାବି ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଓଡ଼ିଶା ଠିକା ମଜଦୁର ମହାସଂଘର ସାଧାରଣ ସମ୍ପାଦକ କପିଳେଶ୍ୱର ମହାପାତ୍ର କହିଛନ୍ତି। ସେହିପରି ରାଜ୍ୟ ଉପସଭାନେତ୍ରୀ ସୁମିତା ମହାପାତ୍ର ମହିଳା ଠିକା ଶ୍ରମିକଙ୍କ ଅଧିକାର ଏବଂ ସାମାଜିକ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ଠିକା ପ୍ରଭାରୀ ଶ୍ରୀନିବାସ ରାଓ ହରିୟାଣା ଆଉଟସୋର୍ସିଙ୍ଗ ମଡେଲ ଓଡ଼ିଶାରେ ଲାଗୁ ହେଲେ ଠିକା ଶ୍ରମିକମାନେ ଉପକୃତ ହେବେ ବୋଲି କହିଥିଲେ। ଭାରତୀୟ ମଜଦୁର ସଂଘର ସଂଗଠନ ସମ୍ପାଦକ ଲକ୍ଷ୍ମଣ ଦାସ, ରାଜ୍ୟ ସମ୍ପାଦକ ସତ୍ୟବ୍ରତ ପରିଡ଼ା ଏବଂ ଓଡ଼ିଶା ଠିକା ମଜଦୁର ମହାସଂଘର ସଭାପତି ମଳୟ ପରିଡ଼ା ପ୍ରମୁଖ ଠିକା ଶ୍ରମିକଙ୍କ ବିକାଶ ପାଇଁ ସରକାର ପଦକ୍ଷେପ ନେବାକୁ ଦାବି କରିଥିଲେ।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ଓଡ଼ିଶା ଠିକା ମଜଦୁର ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ- ବିକାଶ ନାୟକ)

# ଖଣ୍ଡପଡ଼ାରେ ପ୍ରତିଷ୍ଠା ହେବ ପ୍ଲାନେଟାରିୟମ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୩।୧୨
(ଅନିଲ ଦାସ)



ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟ ଅତିଥିମାନେ।

ପଠାଣି ସାମନ୍ତଙ୍କ ସମ୍ମାନାର୍ଥେ ନୟାଗଡ଼ ଜିଲାର ଖଣ୍ଡପଡ଼ାଠାରେ ପ୍ଲାନେଟାରିୟମ ଏବଂ ଆଷ୍ଟ୍ରୋ ଫିଜିକ୍ସ ଆଣ୍ଡ୍ ଆଷ୍ଟ୍ରୋନୋମି ଇନ୍ଷ୍ଟିଚ୍ୟୁଟ ପ୍ରତିଷ୍ଠା କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ଅନୁଷ୍ଠାନ ସ୍ଥାପନ ହେବ। ଶୁକ୍ରବାର ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଅନୁଷ୍ଠିତ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟ୍ୟାଟ୍ସ)ର ୧୮ତମ ଗ୍ରାଣ୍ଡ ଫିନାଲେରେ ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ୧୮୩୫ରେ ନୟାଗଡ଼ ଖଣ୍ଡପଡ଼ାର ପଠାଣି ସାମନ୍ତ ଦୁଇଖଣ୍ଡ ବାଉଁଶ ନଳିରେ ମହାକାଶରେ ଗ୍ରହ ନକ୍ଷତ୍ରର ଗତିବିଧିକୁ ଲକ୍ଷ୍ୟ କରି ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର

## ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ସମାରୋହ
### ୨୩ ଜିଲାର ୩୦ ଛାତ୍ରୀଛାତ୍ର ପୁରସ୍କୃତ

ଠିକ୍ ନିର୍ଦ୍ଧାରଣ କରି ଦେଖାଇଥିଲେ। ସେହିପରି ଜ୍ୟୋତିର୍ବିଜ୍ଞାନର ଜନକ ଆର୍ଯ୍ୟଭଟ୍ଟ ପ୍ରଥମେ ନିର୍ଣ୍ଣୟ କରିଥିଲେ ପୃଥିବୀ ନିଜ ଅକ୍ଷ ଚାରିପଟେ ଆବର୍ତ୍ତନ କରୁଛି। ବ୍ରହ୍ମଗୁପ୍ତଙ୍କ ଗଣିତ, ବରାହ ମିହିରଙ୍କ ବୃହତ୍ ସଂହିତା, ଭାସ୍କରଙ୍କ ସିଦ୍ଧାନ୍ତ ଶିରୋମଣି ଭାରତ ଜ୍ୟୋତିର୍ବିଜ୍ଞାନକୁ ରଦ୍ଧିମନ୍ତ କରିଛି। ଆଧୁନିକ ଯୁଗରେ ଯେତେବେଳେ ବି ମହାକାଶ ବିଜ୍ଞାନର ଚର୍ଚ୍ଚା ହେବ, ଭାରତୀୟ ସଂସ୍କୃତିର ଅବଦାନ ବିନା ଏହା ଅସମ୍ପୂର୍ଣ୍ଣ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶ୍ୱର ପ୍ରଥମ ୫ ଗୋଟି ମହାକାଶ ବିଜ୍ଞାନରେ ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟରେ ଭାରତ ରହିଛି। ଚନ୍ଦ୍ରୟାନ-୨, ଗଗନୟାନ, ଆଦିତ୍ୟ-ଏଲ୍-୧ ପରି ଐତିହାସିକ ଘଟଣା ଆମ ବିଶ୍ୱାସକୁ ଦୃଢ଼ୀଭୂତ କରିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଯାନ ପହଞ୍ଚାଇବାରେ ଭାରତ ବିଶ୍ୱର ପ୍ରଥମ ଦେଶ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୩୫ ସୁଦ୍ଧା ଭାରତର ନିଜସ୍ୱ ସ୍ପେଶ୍ ଷ୍ଟେଶନ ଏବଂ ୨୦୪୦ ସୁଦ୍ଧା ଚନ୍ଦ୍ରପୃଷ୍ଠକୁ ପ୍ରଥମ ଭାରତୀୟଙ୍କୁ ପଠାଇବା ପାଇଁ ଘୋଷଣା କରିଛନ୍ତି। ଏହି ଦୁଇ ପ୍ରକଳ୍ପରେ ବୈଜ୍ଞାନିକ ଭାବେ ସାମିଲ ହେବା ପାଇଁ ସେ ରାଜ୍ୟର ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୩ ଜିଲାର ୩୦ ଜଣ ପ୍ରତିଭାବାନ୍ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଛନ୍ତି। ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରମାନେ ଜ୍ଞାନ ଆହରଣ ପାଇଁ ଇସ୍ରୋ ପରିଦର୍ଶନରେ ଯିବେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରୁ ଭାରତରେ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଆସିଛି। ଚନ୍ଦ୍ରୟାନ-୩ ହେଉଛି ଭାରତ ବର୍ଷର ସଫଳତା। ସମ୍ବର୍ଦ୍ଧିତ ହୋଇଥିବା ୩୦ ଜଣ ପ୍ରତିଭାବାନ୍ ଛାତ୍ରୀଛାତ୍ର ହେଉଛନ୍ତି ଆମ ଦେଶର ଶକ୍ତି। ସେମାନେ ଯେତେ ଆଗକୁ ବଢ଼ିବେ ଆମ ରାଜ୍ୟ ସେତିକି ଗୌରବାନ୍ୱିତ ହେବ ଓ ଦେଶ ଶକ୍ତିଶାଳୀ ହେବ।

ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଉନ୍ନୟନ କମିଶନର ଅନୁ ଗର୍ଗ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଶାସନ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମର ଅଧ୍ୟକ୍ଷା ଚିତ୍ରା ଅରୁମୁଗମ୍ ଯୁବ ପ୍ରତିଭାମାନଙ୍କୁ ବିଜ୍ଞାନ କ୍ଷେତ୍ରରେ ଆହୁରି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଛନ୍ତି। ଟାଟା ଷ୍ଟିଲ୍ କଳିଙ୍ଗନଗରର ଅପରେଶନ ଉପାଧ୍ୟକ୍ଷ ରାଜୀବ କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ପଠାଣି ସାମନ୍ତ ପ୍ଲାନେଟାରିୟମର ଭାରପ୍ରାପ୍ତ ନିର୍ଦ୍ଦେଶିକା ଉର୍ମିପ୍ରଭା ମହାରଣା ଧନ୍ୟବାଦ ଦେଇଛନ୍ତି।

# ଭିଜିଲାନ୍ସ ଦ୍ୱାରା ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଗିରଫ

ଗୁଣପୁର,୧୩।୧୨
(ପ୍ରଦୀପ କୁମାର ପାଢ଼ୀ)

ମଶାତେଲ କିଣା ଦୁର୍ନୀତିରେ ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋଜ କୁମାର ତାଣ୍ଡିଙ୍କୁ ଶୁକ୍ରବାର ସମ୍ବଲପୁର ଭିଜିଲାନ୍ସ ଗିରଫ କରିଛି। ନିର୍ବାହୀ ଅଧିକାରୀ ଗୁଣପୁରର ଏକ ହୋଟେଲରେ ଥିବା ଖବରପାଇ ରାୟଗଡା ଭିଜିଲାନ୍ସ ଟିମ୍ ଗୁରୁବାର ରାତ୍ରିରେ ତାଙ୍କୁ ନେଇଥିଲେ। ସୂଚନାଯୋଗ୍ୟ, ଗତ ୨୦୨୩-୨୪ରେ ଝାରସୁଗୁଡ଼ା ପୌରପାଳିକାରେ ମଶାତେଲ କିଣା ଦୁର୍ନୀତିରେ ଭିଜିଲାନ୍ସ ଖୋଳତାଡ଼ ଜାରି ରଖିଥିଲା। ସେତେବେଳେ ସେଠାରେ ନିର୍ବାହୀ ଅଧିକାରୀ ଭାବେ ତାଣ୍ଡି ଦାୟିତ୍ୱରେ ଥିବାରୁ ତାଙ୍କୁ ଏଠାରୁ ନେଇ ଜେରା କରିବା ପରେ ଶୁକ୍ରବାର ଗିରଫ କରିଥିଲା। ତାଣ୍ଡିଙ୍କ ସମେତ ଝାରସୁଗୁଡା ପୌର ପାଳିକାର ୩ଜଣ କର୍ମଚାରୀଙ୍କୁ ମଧ୍ୟ ଭିଜିଲାନ୍ସ ଗିରଫ କରିଥିବା ଜଣାପଡ଼ିଛି।

# ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ବଲାଙ୍ଗୀର/ଲୋଇସିଂହା, ୧୩।୧୨ (ବୀରେନ୍ଦ୍ର କୁମାର ଝାଙ୍କର/ସୁଶାନ୍ତ ବାରିକ)

ବଲାଙ୍ଗୀର-ବରଗଡ଼ ୨୬ ନମ୍ବର ଜାତୀୟ ରାଜପଥର ସାଲେଭଟା ଅଙ୍ଗ ନଦୀ ପୋଲ ଉପରେ ଗୁରୁବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ୨ ଯୁବକ ହେଲେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ତମାମୁରା ଗାଁର ଅଭି ସୁନା (୩୨) ଓ ଅମିତ ସାହୁ (୨୫)। ଗୁରୁବାର ରାତିରେ ବଲାଙ୍ଗୀର ପଟରୁ ଏକ ବାଇକ୍ ଯୋଗେ ଉଭୟ ଗାଁକୁ ଫେରୁଥିବା ବେଳେ ପଛ ପଟରୁ କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ଅଙ୍ଗଦନୀ ପୋଲ ସୁରକ୍ଷା ବାଡ ନିକଟକୁ ଛିଟିକି ପଡିଥିଲେ। ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇ ସାଲେଭଟା ଫାଣ୍ଡି ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ବଲାଙ୍ଗୀର ଭୀମଭୋଇ ମେଡିକାଲରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା (ନଂ୪୧୮/୨୪) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ରେଳଧାରଣାରୁ ୨ ମହିଳାଙ୍କ ମୃତଦେହ ଜବତ

**କଣ୍ଟାବାଞ୍ଜି,୧୩।୧୨(ଗୁରୁ ଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା କଣ୍ଟାବାଞ୍ଜି ମୁରିବାହାଲ ରେଳ ସେକ୍ସନର କୁକୁଡ଼ାହାଡ଼ ଗ୍ରାମ ନିକଟ ରେଳଧାରଣାରୁ ଶୁକ୍ରବାର ୨ ମହିଳାଙ୍କ ମୃତଦେହ ଜିଆର୍‌ପି ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁଯାୟୀ, ସକାଳେ ଉକ୍ତ ରେଳ ସେକ୍ସନର କି.ମି ଖୁଣ୍ଟ ନଂ ୧୭୨/୧୪-୧୬ ଓ ଖୁଣ୍ଟ ନଂ ୧୭୩/୨୮-୩୦ଠାରେ ଦୁଇଜଣ ମହିଳା ଟ୍ରେନ୍‌ରେ କଟି ରେଳଧାରଣାରେ ପଡ଼ିଥିଲେ। ଜିଆର୍‌ପି ପୋଲିସ ପହଞ୍ଚି ମୃତଦେହ ଜବତ କରି ଦୁଇଟି ପୃଥକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଦୁଇ ଜଣଙ୍କ ମଧ୍ୟରୁ ଜଣକ ବୟସ ୬୦ ଓ ଅନ୍ୟ ଜଣକ ବୟସ ୫୫ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।

# ଅପରାଧ ପରିଭାଷାରେ ପରିବର୍ତ୍ତନ ହୋଇଛି: ଡିଜିପି

କଟକ,୧୩।୧୨ (କାର୍ତ୍ତିକ ସାହୁ)

## ରାଜ୍ୟ ପୋଲିସ ବାହିନୀର ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟମାନେ।

ରାଜ୍ୟ ପୋଲିସ ବାହିନୀର ବୃତ୍ତିଗତ ଦକ୍ଷତା ବୃଦ୍ଧି ଲାଗି କଟକସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ୬୯ତମ ବୃତ୍ତିଗତ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଏହାକୁ ଉଦ୍‌ଘାଟନ କରି କହିଛନ୍ତି, ନ୍ୟାୟ ଦେବାର ମୂଳ ପିଣ୍ଡ ହେଉଛି ପୋଲିସ। ଅପରାଧ ନିରାକରଣ ଏବଂ ଅନୁସନ୍ଧାନ ପୋଲିସର ମୁଖ୍ୟ ଦାୟିତ୍ୱ। ଦୋଷୀ ଉପଯୁକ୍ତ ଦଣ୍ଡ ପାଇବାରେ ପୋଲିସର ମୁଖ୍ୟ ଭୂମିକା ରହିଥାଏ। ଦେଶରେ ନୂତନ ଭାବେ ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ, ଭାରତୀୟ ନାଗରିକ ସୁରକ୍ଷା ସଂହିତା ପୋଲିସ ଅଧିକାରୀଙ୍କ ବୃତ୍ତିଗତ ଜ୍ଞାନ ଏବଂ ଦକ୍ଷତା ବୃଦ୍ଧି କରିବା ସହ ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଅନୁସନ୍ଧାନ କରି ତ୍ୱରିତ ନ୍ୟାୟ ପ୍ରଦାନରେ ସହାୟକ ହେବ। ବର୍ତ୍ତମାନ ପରିସ୍ଥିତିରେ ଅପରାଧ ପରିଭାଷାରେ ପରିବର୍ତ୍ତନ ହୋଇଛି। ସାଇବର ଅପରାଧ, ସୋସିଆଲ ମିଡିଆ ଅପରାଧ, ବ୍ୟାଙ୍କ ଠକେଇ, ନାରୀ ଅତ୍ୟାଚାର ଭଳି ଅପରାଧକୁ ଯଥାଶୀଘ୍ର ଅନୁସନ୍ଧାନ କରି ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପୋଲିସର ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ୍। ଆଗାମୀ ଦିନରେ ପୋଲିସର ବୃତ୍ତିଗତ ଦକ୍ଷତା ବୃଦ୍ଧି, ଫୋରେନସିକ ତଦନ୍ତ ଏବଂ ସାଇବର ଅପରାଧରେ ଦକ୍ଷତା ହାସଲ ସମ୍ପର୍କରେ ଲକ୍ଷ୍ୟ ରଖାଯାଇଛି। ଶରୀରରେ ବ୍ୟବହୃତ କ୍ୟାମେରା, କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ପରିଚାଳିତ ସର୍ଭେଲାନ୍ସ ବ୍ୟବସ୍ଥା, ଡିଜିଟାଲ କ୍ରାଇମ୍ ରିପୋର୍ଟିଂ ପ୍ଲାଟ୍‌ଫର୍ମ ସମେତ ଅତ୍ୟାଧୁନିକ ଟେକ୍ନୋଲୋଜିର ପ୍ରୟୋଗ ଦ୍ୱାରା ଓଡ଼ିଶା ପୋଲିସ ବ୍ୟବସ୍ଥାର ପରିବର୍ତ୍ତନ ଘଟିଛି। ଏହି ପ୍ରଗତି ଆମର କାର୍ଯ୍ୟଶୈଳୀକୁ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ଜନସାଧାରଣଙ୍କ ଆବଶ୍ୟକତା ପ୍ରତି ଉତ୍ତରଦାୟୀ କରିପାରିଛି ବୋଲି ଡିଜିପି ମତବ୍ୟକ୍ତ କରିଛନ୍ତି। କେବଳ ରାଜ୍ୟ ସ୍ତରରେ ସଫଳତା ହାସଲ କଲେ ଯଥେଷ୍ଟ ହେବନାହିଁ, ଆମକୁ ସର୍ବଭାରତୀୟ ବୃତ୍ତିଗତ ପ୍ରତିଯୋଗିତାରେ ସଫଳତା ହାସଲ କରି ଓଡ଼ିଶା ପୋଲିସକୁ ଗୌରବାନ୍ୱିତ କରିବାକୁ ପ୍ରଚେଷ୍ଟା କରିବା ଦରକାର ବୋଲି ପ୍ରତିଯୋଗୀଙ୍କୁ ଡିଜିପି ଖୁରାନିଆ ପରାମର୍ଶ ଦେଇଛନ୍ତି।

ରାଜ୍ୟ ଅପରାଧ ଅନୁସନ୍ଧାନ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଡିଜିପି) ବିନୟତୋଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। ଏଥିରେ ରାଜ୍ୟର ୩୪ଟି ପୋଲିସ ଜିଲାରୁ ୩୧୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ସେଥିମଧ୍ୟରେ ୪୧ ଜଣ ଇନ୍ସପେକ୍ଟର, ୪୪ ଜଣ ଏସଆଇ, ୬୩ ଜଣ ଏଏସଆଇ, ୧୪୨ ଜଣ କନ୍‌ଷ୍ଟେବଲ୍ ଏବଂ ୨୩ଟି ପୋଲିସ ଶ୍ୱାନ (କେ-୯)ଅଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପୋଲିସର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଆଇଜି ସଫିନ ଅହମ୍ମଦ କେ. ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ତିନି ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ଆଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ନିରୀକ୍ଷଣ ପରୀକ୍ଷା, ସାଇବର ଅପରାଧ ଓ ସଂନିରୀକ୍ଷଣ, ପୋଲିସ ଆଇନ୍‌କାନୁନ, ପୋଲିସ ରୂପଚିତ୍ର, ମେଡିକୋ-ଲିଗାଲ, ପୋଲିସ ଶ୍ୱାନଙ୍କ କୌଶଳ ପ୍ରଦର୍ଶନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହେବ।

# ଫେରିବା ନାଁ ଧରୁନି ଜିନ୍ନତ

ବାରିପଦା,୧୩।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ୫ ଦିନ ପରେ ମଇଁଷି ବାଛୁରି ମାରି ଖାଇଲା
- ପଶ୍ଚିମବଙ୍ଗ, ଛତିଶଗଡ଼ ପଳାଇବା ସମ୍ଭାବନା



ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରୁ ଝାଡ଼ଖଣ୍ଡ ଜଙ୍ଗଲକୁ ପଳାଇଥିବା ମହାବଳ ବାଘୁଣୀ ଜିନ୍ନତ ଫେରିବା ନେଇ ଅନିଶ୍ଚିତତା ଦେଖାଦେଇଛି। ରବିବାର ରାତିରୁ ପଳାଇଯାଇ ଝାଡ଼ଖଣ୍ଡର ଚିଆବାନ୍ଧି ଗ୍ରାମ୍ୟ ଜଙ୍ଗଲରେ ଲୁଚି ରହିଥିବା ଜିନ୍ନତ ୫ ଦିନ ପରେ ବନ୍ଧାଯାଇଥିବା ଏକ ମଇଁଷି ବାଛୁରିକୁ ମାରି ଖାଇଛି। ଖାଦ୍ୟ ଗ୍ରହଣ କରିବା ପରେ ସେ ଦକ୍ଷିଣମୁହାଁ ହୋଇଥିବା ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ପ୍ରେମ କୁମାର ଝା ପ୍ରକାଶ କରିଛନ୍ତି। ତେବେ ଚିଆବାନ୍ଧି ଗ୍ରାମ୍ୟ ଜଙ୍ଗଲରେ ବାଘ ଆତଙ୍କ ଥମି ନ ଥିବାରୁ ସନ୍ଧ୍ୟା ପୂର୍ବରୁ ଲୋକେ ତାଟିକବାଟ ବନ୍ଦ କରି ଭୟଭୀତ ଅବସ୍ଥାରେ ରହୁଛନ୍ତି। ନିକଟସ୍ଥ ସ୍କୁଲଗୁଡ଼ିକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବା ସହ ବିଏନ୍‌ଏସ୍‌ଏସ୍ ୧୬୩ ଧାରା ବଳବତ୍ତର ରହିଛି। ତେବେ ବାଘୁଣୀ ଜିନ୍ନତକୁ ଧରିବା ପାଇଁ ଟ୍ରାଙ୍କୁଲାଇଜ୍ କରାଯାଇଥିଲେ ମଧ୍ୟ ବନ ବିଭାଗ ଏଥିରେ ଫେଲ୍ ମାରିଛି। ବନ କର୍ମଚାରୀଙ୍କୁ ଚକମା ଦେଇ ପୁଣି ଜଙ୍ଗଲ ଲଟାବୁଦାରେ ଛପି ଯାଉଛି। ବନ ବିଭାଗ ଅଧିକାରୀମାନେ ଏହାକୁ ଖଣ୍ଡନ କରିଥିବା ବେଳେ ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ଜିନ୍ନତ ଘୁରି ବୁଲୁଥିବା ନେଇ ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି।

ସୂଚନାଯୋଗ୍ୟ, ଝାଡ଼ଖଣ୍ଡ ରାଜ୍ୟ ଚିଆବାନ୍ଧି ଜଙ୍ଗଲରେ ମହାବଳ ବାଘୁଣୀ ୩ ଦିନ ଧରି ଚଳପ୍ରଚଳ କରୁଛି। ଏହି ଜଙ୍ଗଲରେ ଖାଦ୍ୟ ଅଭାବ ରହିଥିବାରୁ ବନ ବିଭାଗ ପକ୍ଷରୁ ୩ ମଇଁଷି ବାଛୁରିଙ୍କୁ ଜଙ୍ଗଲର ବିଭିନ୍ନ ସ୍ଥାନରେ ବାନ୍ଧି ନିରୀକ୍ଷଣ କରୁଛି। ଗୁରୁବାର ଭୋର ୪ଟାରେ ଏକ ବାଛୁରିକୁ ବାଘୁଣୀ ମାରି ଖାଇବା ସମୟରେ ବନ ବିଭାଗର ଟିମ୍ ଟ୍ରାଙ୍କୁଲାଇଜ୍ କରିଥିଲା। ମାତ୍ର ଲକ୍ଷ୍ୟଭେଦ ନ ହେବାରୁ ଜିନ୍ନତ ଶିକାରକୁ ଛାଡ଼ି ପୁଣି ଜଙ୍ଗଲ ମଧ୍ୟରେ ଲୁଚିଯାଇଛି। ଗୁରୁବାର ଓ ଶୁକ୍ରବାର ଦିନ ତମାମ ବନ ବିଭାଗର ଟିମ୍ ବାଘୁଣୀର ବାହାରିବା ବାଟକୁ ଜଗି ବସିଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ୩ଟି ୪ ଜଣିଆ ଟିମ୍ ସହିତ ୩ ଅଧିକାରୀ ବାଘୁଣୀର ଗତିବିଧି ଉପରେ ନଜର ରଖିଛନ୍ତି। ଜିନ୍ନତ ରହୁଥିବା ଜଙ୍ଗଲର ପୂର୍ବକୁ ୨ରୁ ୩ କି.ମି. ପରେ ପଶ୍ଚିମବଙ୍ଗ ରାଜ୍ୟ ରହିଥିବା ବେଳେ ପୂର୍ବ-ପଶ୍ଚିମ କୋଣର ଡାହାଣକୁ ଗଲେ ଛତିଶଗଡ଼ ରାଜ୍ୟକୁ ପ୍ରବେଶ କରିପାରେ ବୋଲି ଅନୁମାନ କରାଯାଉଛି। ଏ ନେଇ ପୂର୍ବତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି, ଆକାଶିଆ ଓ ଇଉକାଲି ପଟାସ ଭଳି ସମତଳ ଜଙ୍ଗଲରେ ଜିନ୍ନତ ଚଳପ୍ରଚଳ କରୁଛି। ମହାରାଷ୍ଟ୍ର ତଡ଼ବା ଅନ୍ଧାରୀ ଜଙ୍ଗଲ ଭଳି ଅଞ୍ଚଳରୁ ଜିନ୍ନତକୁ ଅଣାଯାଇଥିବାରୁ ଶିମିଳିପାଳର ପାହାଡ଼ିଆ ଜଙ୍ଗଲରେ ସେ ନିଜକୁ ଖାପଖୁଆଇବାରେ ସହଜ ସାଧ ହୋଇପାରିନାହିଁ। ଝାଡ଼ଖଣ୍ଡ ଜଙ୍ଗଲରେ ସେ ନିଜକୁ ସୁରକ୍ଷିତ ମଣୁଥିବା ବେଳେ କଣ୍ଟାବୁଦା ଓ ବାଉଁଶ ବୁଦାରେ ଛପି ରହୁଛି। ଯାହାଫଳରେ ବନ ବିଭାଗର କର୍ମଚାରୀମାନେ ତା' ନିକଟକୁ ଯାଇ ପାରୁନାହାନ୍ତି କିମ୍ବା ଦେଖିପାରୁନାହାନ୍ତି। ଝାଡ଼ଖଣ୍ଡ ରାଜ୍ୟର ସମତଳ ଜଙ୍ଗଲରେ ନିଜକୁ ଖାପଖୁଆଇଥିବାରୁ ବାଘୁଣୀ ଫେରିବାର ନାଁ ଧରୁନାହିଁ। ଏପରିସ୍ଥଳେ ପ୍ରାଣୀଶୂନ୍ୟ ଜଙ୍ଗଲରେ ବାଘୁଣୀଟି ତିଷ୍ଠି ରହିବା ସମ୍ଭବ ନୁହେଁ। ଶିମିଳିପାଳକୁ ଫେରାଇଆଣିବା ପାଇଁ ବନ ବିଭାଗର ଠିକ୍ ନିଷ୍ପତ୍ତିର ଆବଶ୍ୟକତା ରହିଛି। ତରବରିଆ ଭାବେ ନିଷ୍ପତ୍ତି ନେଲେ ବାଘୁଣୀ ପ୍ରତି ବିପଦ ସୃଷ୍ଟି ହେବା ସହିତ ପଶ୍ଚିମବଙ୍ଗ କିମ୍ବା ଛତିଶଗଡ଼ ରାଜ୍ୟକୁ ଚାଲିଯାଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି)/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବ ନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ; କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଇଏମ୍‌ଡି:** (୧) **୩୮-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫, ତାରିଖ: ୧୨।୧୨।୨୦୨୪;** ଡାଙ୍ଗୁଆପୋଷିଠାରେ ନୂଆ କ୍ରିଉ ଏବଂ ଗାର୍ଡ ଲବି ନିର୍ମାଣ ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ; ₹୩୦,୭୦,୮୧୯.୫୨; ₹୬୧,୪୦୦/-। (୨) **୪୧-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫, ତାରିଖ: ୧୨।୧୨।୨୦୨୪;** ଚକ୍ରଧରପୁର ଡିଭିଜନରେ ବିଭିନ୍ନ ଷ୍ଟେଶନରେ ଏସ୍ ଆଣ୍ଡ ଟି ଉପକରଣ ନିମନ୍ତେ ଏଟି ସପ୍ଲାଏରୁ ପାଓ୍ୱାର ସପ୍ଲାଏ କେବୁଲର ଉନ୍ନତୀକରଣ; ₹୭୯,୮୦,୯୯୪.୧୪; ₹୧,୫୯,୬୦୦/-। (୩) **୪୨-ଇଏଲ୍-ଡବ୍ଲ୍ୟୁଟି-୨୦୨୪-୨୫, ତାରିଖ: ୧୨।୧୨।୨୦୨୪;** ରୋଡ୍ ଓଭରବ୍ରିଜ୍ ଚକ୍ରଧରପୁର ଉପରେ ରୋଡ୍ ପାର୍ଶ୍ୱରେ ସୀମିତ ଉଚ୍ଚତା ସବ୍-ୱେ (ଇର୍ଣ୍ଣନାଲ ସାଇଜ୍ ୪ ମିଟର x ୨.୫ ମିଟର) ନିର୍ମାଣ ସଂକ୍ରାନ୍ତରେ ଇଲେକ୍ଟ୍ରିକାଲ (ଜି) କାର୍ଯ୍ୟ; ₹୪,୨୮,୨୮୩.୧୨; ₹୮,୬୦୦/-। **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ପ୍ରତ୍ୟେକ ପାଇଁ ଶୂନ୍ୟ । **ବନ୍ଦ ହେବା/ଖୋଲାଯିବା ତାରିଖ:** ପ୍ରତ୍ୟେକ ପାଇଁ ତା୧୦।୦୧।୨୦୨୫ରିଖ ୧୫.୦୦ ଘଣ୍ଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। (PR-905)

**ଏକ୍ସିସ୍ ଫାଇନାନ୍ସ ଲିମିଟେଡ୍**
ସିଆଇଏନ୍: ୟୁ୬୫୯୨୧ଏମ୍‌ଏଚ୍୧୯୯୫ପିଏଲ୍‌ସି୨୧୨୬୭୫
**ପଞ୍ଜୀକୃତ ଓ କର୍ପୋରେଟ୍ କାର୍ଯ୍ୟାଳୟ:** ତଳ ମହଲା, ଏକ୍ସିସ୍ ହାଉସ୍, ପାଣ୍ଡୁରଙ୍ଗ ବୁଧକର ମାର୍ଗ, ୱର୍ଲି, ମୁମ୍ବାଇ-୪୦୦ ୦୨୫, ମହାରାଷ୍ଟ୍ର । ଇମେଲ: customer.support@axisfinance.in
**ଭୁବନେଶ୍ୱରରେ ଆଞ୍ଚଳିକ ଶାଖା କାର୍ଯ୍ୟାଳୟର ସ୍ଥାନାନ୍ତର/ମିଶ୍ରଣ ନିମନ୍ତେ ସର୍ବସାଧାରଣ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣ ଏବଂ ଏକ୍ସିସ୍ ଫାଇନାନ୍ସ ଲିମିଟେଡ୍ ('ଏଏଫ୍‌ଏଲ୍')ର ଗ୍ରାହକମାନଙ୍କୁ ସୂଚିତ କରିଦିଆଯାଉଛି ଯେ, ଅଫିସ୍ ନଂ.୧୬ ୧୭, ବିଏମ୍‌ସି ଭବାନୀ ଅଫିସ୍ କମ୍ପ୍ଲେକ୍ସ, ୧ମ ମହଲା, ବ୍ଲକ୍ ନଂ. ୧ ଓ ୨, ଶହୀଦ ନଗର, ଭୁବନେଶ୍ୱର – ୭୫୧ ୦୦୭ଠାରେ ଅବସ୍ଥିତ ଏହାର ଏକ ଶାଖା କାର୍ଯ୍ୟାଳୟକୁ ୧୧ ଡିସେମ୍ବର, ୨୦୨୪ଠାରୁ ସ୍ଥାନାନ୍ତର କରାଯିବ ଏବଂ ତାହାକୁ ଅଫିସ୍ ନଂ.୧୧, ବିଏମ୍‌ସି ଭବାନୀ ଅଫିସ୍ କମ୍ପ୍ଲେକ୍ସ, ୧ମ ମହଲା, ବ୍ଲକ୍ ନଂ. ୧ ଓ ୨, ଶହୀଦ ନଗର, ଭୁବନେଶ୍ୱର – ୭୫୧ ୦୦୭, ଓଡ଼ିଶାଠାରେ ଅବସ୍ଥିତ ଏଏଫ୍‌ଏଲ୍‌ର ଅନ୍ୟ ବିଦ୍ୟମାନ ଶାଖା ସହିତ ମିଶ୍ରଣ କରିଦିଆଯିବ।
ଅଧିକ ସହାୟତା ପାଇଁ, ଦୟାକରି ଏଫ୍‌ଏଲ୍‌ର ୱେବ୍‌ସାଇଟ୍ http://www.axisfinance.in ଦେଖନ୍ତୁ କିମ୍ବା ଆପଣଙ୍କର ନିକଟତମ ଶାଖା ପରିଦର୍ଶନ କରନ୍ତୁ।
ସ୍ୱା./-
ପ୍ରାଧିକୃତ ସ୍ୱାକ୍ଷରକାରୀ
ତାରିଖ: ୧୧ ଡିସେମ୍ବର ୨୦୨୪ — ଏକ୍ସିସ୍ ଫାଇନାନ୍ସ ଲିମିଟେଡ୍ ପାଇଁ

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
**QUOTATION CALL NOTICE**
Sealed Quotations are invited for "Comprehensive Student Insurance for Students at **NLUO Cuttack**". Last date & time of receipt is **12.01.25 at 11.00 AM**. For details please visit website: **www.nluo.ac.in**.
**Sd/- Registrar**

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha
**QUOTATION CALL NOTICE**
Sealed Quotations are invited for "Operating Shops at **NLUO Cuttack Premises**". Last date & time of receipt is **18.12.24** at **11.00 AM**. For details please visit website: **www.nluo.ac.in**.
**Sd/- Registrar**

झारखण्ड सरकार
कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल, मनोहरपुर।
eercdmanohar-jhr@nic.in
**शुद्धि पत्र**
इस कार्यालय द्वारा निकाली गई ई– निविदा आमंत्रण सूचना संख्या – **RCD/MANOHARPUR/09/2024-25** दिनांक : 26.11.2024 जिसका PR No. 340481 (West Singhbhum) 24-25 (D) को निम्नवत संशोधित किया जाता है।

| | | पूर्व में प्रकाशित | संशोधित |
|---|---|---|---|
| 1. | Time of Completion | 2 (Two) Years | 18 (Eighteen) Months |

शेष यथावत रहेगी।
कार्यपालक अभियंता,
पथनिविवि, पथ प्रमण्डल, मनोहरपुर।
PR 341888 West Singhbhum(24-25)D

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, रामगढ़**
**शुद्धि-पत्र**
एतद् द्वारा सूचित किया जाता है कि इस प्रमण्डल द्वारा आमंत्रित ई–अति अल्पकालीन निविदा सूचना संख्या– RE-01/RDSD/RAMGARH/05/MMGSY/2024-25 योजना का नामः– रामगढ़ जिला के प्रखण्ड पतरातु अन्तर्गत ग्राम/पंचायत बीचा में बेहरा टोला और होन्हेटांड के बीच बेहरा टोला नदी पर उच्चस्तरीय पुल निर्माण। जिसका PR No.– 340902 (Rural Work Development) 24-25 (D) में प्रकाशित निविदा को अपरिहार्य कारणों से निम्न रूपेण संशोधित किया गया है :–
1. वेबसाईट में निविदा प्रकाशन की तिथि :– दिनांक 05.12.2024
2. ई–निविदा प्राप्ति की अंतिम तिथि एवं समय :– दिनांक 20.12.2024 अपराह्न 5.00 बजे तक।
3. ई–निविदा खोलने की तिथि एवं समय– 23.12.2024 अपराह्न 02:00 बजे।
**शेष सभी यथावत् है।**
कार्यपालक अभियंता,
ग्रामीण विकास विशेष प्रमण्डल,
रामगढ़
**PR 341916 District(24-25)#D**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, SONEPUR**
E-mail: eemisnp@yahoo.com, Ph.No. 06654-220516
**e- PROCUREMENT NOTICE**
**BID IDENTIFICATION No: SNPMI/ 04/2024-25**
**No. : 1376** — **Date : 10.12.2024**
**No.A-715** : The Superintending Engineer, Minor Irrigation Division, Sonepur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of work | : | Civil Construction Work |
| No. of works | : | 08( Eight) Nos Minor Irrigation Projects |
| Estimated cost | : | from Rs. 35.28 lakh to Rs. 69.84 lakh |
| Tender paper cost | : | Rs. 6000.00 to 10000.00 |
| Period of completion Class of Contractor | : | 3 (Three) and 6(Six) Calendar months. "C" & "B" |
| Availability of bid documents | : | From 18.12.2024(11.00 A.M.) to 01.01.2025 up to (5.00 P.M.) through On- Line in website (www.tendersorissa.gov.in) |
| Period of Receipt of Bid through on Line | : | From 18.12.2024(11.00 A.M.) to 01.01.2025 up to (5.00 P.M.) through On-Line. |
| Mode of Payment | : | Online |
| Dtae of opening of Bid documents / Technical Bid | : | 02.01.2025 (11.00 A.M. onwards) in the Office of the S.E, M.I. Division, Sonepur |
| Date of opening of Financial Bid | : | 04.01.2025 (11.00 A.M. Onwards) |
| Date of Lottery (if required) | : | 08.01.2025 (11.00 A.M. Onwards) |
| Digital signature certificate of Bidder | : | The bidder must possess compatible Digital Signature Certificate (DSC) of Class-II or Class-III |
| The detail tender call notice can also be seen in the DOWR website | : | http://dowrorissa.gov.in |
| Name & Address of the OIT | : | O/o The Superintending Engineer, MI Division Sonepur In front of civil court Dist- Sonepur, PIN-767017 |
| Further details can be seen from the E-Procurement website | : | https://tendersodisha.gov.in |

**Note: Corrigendum/ Addendum/ Modifications/ Additions if any can be seen through on-line only.**
**Sd./- Superintending Engineer**
**M.I.Division, Sonepur**
**OIPR-32290/11/0011/2425**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଲଡେରା, ପୋ: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪
**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]
ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀମାନଙ୍କୁ ଡିମାଣ୍ଡ ନୋଟିସ୍ **ତା.୦୪.୦୭.୨୦୨୪**ରିଖରେ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲକୁ ନିଆଯାଇଅଛି।** ତେଣୁ ବିଶେଷକରି ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଅନୁଗୁଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଅନୁଗୁଳ ଶାଖା / ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ମେସର୍ସ ପି କି କନ୍‌ଷ୍ଟ୍ରକସନ୍ / ୰ ପଦ୍ମନାଭ ଅମାନ୍ତଙ୍କର ଆଇନଗତ ଉତ୍ତରାଧିକାରୀମାନେ: ୧) **ଶ୍ରୀମତୀ କୁନୀ ଅମାନ୍ତ,** ସ୍ୱାମୀ: ୰ ପଦ୍ମନାଭ ଅମାନ୍ତ, ୨) **ଶ୍ରୀ ପ୍ରଦୀପ କୁମାର ଅମାନ୍ତ,** ପିତା: ୰ ପଦ୍ମନାଭ ଅମାନ୍ତ, ୩) **ଶ୍ରୀ ପ୍ରକାଶ କୁମାର ଅମାନ୍ତ,** ପିତା: ୰ ପଦ୍ମନାଭ ଅମାନ୍ତ, ସମସ୍ତଙ୍କ ଠିକଣା- ସା: ଏଫସିଆଇ ଛକ ନାଲକୋ ନଗର, ପୋ: କୁଲାଡ଼, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୪୫, ୪) **ଶ୍ରୀମତୀ ମିନତୀ ଅମାନ୍ତ,** ସ୍ୱାମୀ: ଶ୍ରୀ ରବି ନାରାୟଣ ବଳ, ପିତା: ୰ ପଦ୍ମନାଭ ଅମାନ୍ତ, ସା: ନାଲକୋ ନଗର, ଅନୁଗୁଳ, ଓଡ଼ିଶା-୭୫୯୧୪୫, ୫) **ଶ୍ରୀମତୀ ପ୍ରଣତୀ ଅମାନ୍ତ,** ସ୍ୱାମୀ: ରଞ୍ଜନ ଦେହୁରୀ, ପିତା: ୰ ପଦ୍ମନାଭ ଅମାନ୍ତ, ସା/ପୋ: ଗୋପାଳ ପ୍ରସାଦ, ତାଳଚେର, ଅନୁଗୁଳ, ୬) **ଶ୍ରୀମତୀ ଭାରତୀ ଦେହୁରୀ,** ସ୍ୱାମୀ: ଶ୍ରୀ ସୁଶାନ୍ତ ଦେହୁରୀ, ପିତା: ୰ ପଦ୍ମନାଭ ଅମାନ୍ତ, ନୂଆଗାଁ, ଭୁଷଣ କଣ୍ଟାବଣିଆ, ଢେଙ୍କାନାଳ, ଓଡ଼ିଶା | ଟ.୭,୯୧,୦୪୫.୫୧ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୪.୦୭.୨୦୨୪ / ୧୧.୧୨.୨୦୨୪ | ପଦ୍ମନାଭ ଅମାନ୍ତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ଖାତା ନଂ.: ୬୩୦/୩୭୯, ପ୍ଲଟ୍ ନଂ.: ୧୬, କ୍ଷେତ୍ର: ଏକର୦.୬୦ ଡିସିମିଲି, ମୌଜା: କୁଲାଡ଼, ତହସିଲ: ବଣ୍ଟାଁପାଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ନାଲକୋ ପାଚେରୀ, ଦକ୍ଷିଣ: ରାସ୍ତା (ଏନ୍.ଏଚ୍-୫୫), ପୂର୍ବ: ଏଫସିଆଇ ରାସ୍ତା, ପଶ୍ଚିମ: ମନ୍ମଥ ସ୍ୱାଇଁ |

ସ୍ଥାନ : କେନ୍ଦୁଝର
ତାରିଖ : ୧୩.୧୨.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

# ସଂସଦରେ 'ସମ୍ବିଧାନ' ବିତର୍କ

**୧୯୪୯ ନଭେମ୍ବର ୨୬ରେ ଗୃହୀତ ତଥା ୧୯୫୦ ଜାନୁଆରୀ ୨୬ରୁ ପ୍ରଚଳିତ ଭାରତୀୟ ସମ୍ବିଧାନକୁ ଇତିମଧ୍ୟରେ ୭୫ ବର୍ଷ ପୂରିଛି। ଏହି ପରିପ୍ରେକ୍ଷୀରେ ସାମ୍ବିଧାନିକ ସିଦ୍ଧାନ୍ତ ଓ ସାମ୍ପ୍ରତିକ ସ୍ଥିତିରେ ଏହାର କାର୍ଯ୍ୟକାରିତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବା ସହ ସଂସଦରେ ସମ୍ବିଧାନ ଉପରେ ବିତର୍କ ଦାବି କରିଥିଲେ। ଲୋକ ସଭାରେ ଶୁକ୍ରବାର ବିତର୍କ ଆରମ୍ଭ ହୋଇଥିବାବେଳେ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହା ଉପରେ ବକ୍ତବ୍ୟ ରଖିବେ। ପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ୧୬ରେ ରାଜ୍ୟ ସଭାରେ ବିତର୍କର ନେତୃତ୍ୱ ନେବେ, ଯାହାକି ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୦ରେ ଶୀତ ଅଧିବେଶନ ଶେଷ ହେବା ପୂର୍ବରୁ ଏହି ପ୍ରସଙ୍ଗରେ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି, ଯାହାକୁ ପାର୍ଲାମେଣ୍ଟରେ ଚଳିତ ଅଧିବେଶନର ସବୁଠୁ ବଡ଼ ବିତର୍କ ବୋଲି କୁହାଯାଉଛି।**


ଲୋକ ସଭାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ।

ନୂଆଦିଲ୍ଲୀ,୧୩।୧୨

### ସରକାର-ବିରୋଧୀ ମୁହାଁମୁହିଁ

କଂଗ୍ରେସ ସବୁବେଳେ ସମ୍ବିଧାନ ଅପେକ୍ଷା କ୍ଷମତାକୁ ବାଛିଆସିଛି। ଏପରିକି ସାମ୍ବିଧାନିକ ସଂସ୍ଥାଗୁଡ଼ିକର ସ୍ୱାୟତ୍ତତାକୁ ମଧ୍ୟ ବିରୋଧୀ ଦଳ ବରଦାସ୍ତ ନ କରି ସିଦ୍ଧାନ୍ତଗୁଡ଼ିକୁ ଧ୍ୱଂସ କରିବାକୁ ଉଦ୍ୟମ ଚଳାଇଆସିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ସମାଲୋଚନା କରିଛନ୍ତି। ସମ୍ବିଧାନର ୭୫ ବର୍ଷ ଯାତ୍ରା ସମ୍ପର୍କରେ ଲୋକ ସଭାରେ ୨ ଦିନିଆ ବିତର୍କର ଆରମ୍ଭକରି ବରିଷ୍ଠ ଭାଜପା ସଦସ୍ୟ ରାଜନାଥ କହିଛନ୍ତି, କଂଗ୍ରେସ ସମ୍ବିଧାନକୁ ନିଜ ଅବଦାନ ବୋଲି ଦର୍ଶାଇବା ସହ ଏହାର ପ୍ରଣୟନରେ ଅନ୍ୟ ଅନେକ ନେତାଙ୍କ ଭୂମିକାକୁ ଅସ୍ୱୀକାର କରିଛି। ଅନେକ ବିରୋଧୀ ନେତା ସମ୍ବିଧାନକୁ ପକେଟରେ ପୂରାଇ ଏହାର ସୁରକ୍ଷା ଉପରେ ଭାଷଣ ଦେଉଛନ୍ତି। ବାସ୍ତବରେ ସେମାନେ ସମ୍ବିଧାନକୁ ପକେଟରେ ପୂରାଇବା ପିଲାବେଳୁ ନିଜ ପରିବାରରୁ ଶିଖିଛନ୍ତି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ରାଜନାଥ ତେରଛା ବାଣ ଛାଡ଼ିଛନ୍ତି। ଏହାର ଜବାବରେ ୱାୟନାଡ଼ର କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟ ସମ୍ବିଧାନକୁ ବୁଝିପାରି ନାହାନ୍ତି। ସେ ସଂଘର ସମ୍ବିଧାନକୁ ମାନନ୍ତି। ନିର୍ବାଚିତ ହେବା ପରେ ନିଜ ଆଦ୍ୟ ଭାଷଣରେ ପ୍ରିୟଙ୍କା ଆହୁରି କହିଛନ୍ତି, ଲୋକ ସଭା ନିର୍ବାଚନର ଫଳ ଝଟ୍‌କା ଦେଇ ନ ଥିଲେ ଶାସକ ଦଳ ସମ୍ବିଧାନକୁ ବଦଳାଇବା ଆରମ୍ଭ କରିସାରନ୍ତାଣି। ଗତ ୧୦ ବର୍ଷ ମଧ୍ୟରେ ଭାଜପା ନେତୃତ୍ୱାଧୀନ ଏହି ସରକାର ନ୍ୟାୟ, ଏକତା ଓ ଅଭିବ୍ୟକ୍ତି ସ୍ୱାଧୀନତାର 'ସୁରକ୍ଷା କବଚ'କୁ ଭାଙ୍ଗିଦେବା ପାଇଁ ସବୁ ପ୍ରକାର ଉଦ୍ୟମ କରିଛି। ପ୍ରିୟଙ୍କା ନିଜ ୩୨ ମିନିଟର ଭାଷଣରେ ଆଦାନୀ, ମଣିପୁର, ସମ୍ଭଲ ଓ ଜାତିଗତ ଜନଗଣନା ପ୍ରସଙ୍ଗ ଉଠାଇ କେନ୍ଦ୍ରକୁ ଘେରିଛନ୍ତି। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଦେଶରେ ସଂଖ୍ୟାଲଘୁ ମୁସଲିମ୍‌ଙ୍କୁ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ବ୍ୟବହାର କରାଯାଉଛି। ସେମାନଙ୍କ ଅଧିକାର ଓ ସମ୍ପତ୍ତିକୁ ବ୍ୟବସ୍ଥିତ ରୂପେ ଛଡ଼ାଇ ନିଆଯାଉଛି। ଏଭଳି ସ୍ଥିତିରେ ଆମ ସମ୍ବିଧାନକୁ ପଛୁଆ, ଦଳିତ ଓ ଅଳ୍ପସଂଖ୍ୟକ(ପିଡିଏ)ଙ୍କ ଉନ୍ନତି ପରିବର୍ତ୍ତେ ସେମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ବ୍ୟବହାର କରାଯାଉଥିବା ଅଖିଳେଶ ସମାଲୋଚନା କରିଛନ୍ତି।


୨୦୦୧ ଡିସେମ୍ବର ୧୩ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା ପକ୍ଷରୁ ପାର୍ଲାମେଣ୍ଟ ଉପରେ ହୋଇଥିବା ଆକ୍ରମଣରେ ୯ ଯବାନ ଶହୀଦ ହୋଇଥିଲେ। ଶୁକ୍ରବାର ଏହି ଘଟଣାକୁ ୨୩ ବର୍ଷ ପୂରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଉପରାଷ୍ଟ୍ରପତି ଜଗଦୀପ ଧନ୍‌କର, ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଏବଂ ରାଜ୍ୟ ସଭାର ବିରୋଧୀଦଳ ନେତା ମଲିକାର୍ଜୁନ ଖାର୍‌ଗେଙ୍କ ସହ ଅନ୍ୟମାନେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। (ଫଟୋ: ଚମନ ଗୌତମ)

## ଆମେରିକାର ପ୍ରଥମ ବିଦା ତାଲିକାରେ ୧୮ ହଜାର ଭାରତୀୟ

ନୂଆଦିଲ୍ଲୀ,୧୩।୧୨

ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସବୁଠୁ ବଡ଼ ଦେଶାନ୍ତର ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ବେଆଇନ ଭାବେ ଆମେରିକାରେ ବସବାସ କରୁଥିବା ପ୍ରବାସୀମାନଙ୍କୁ ବିଦା କରିବା ପାଇଁ ସେଠାର ଇମିଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ) ୧୫ ଲକ୍ଷ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ କରିଛି। ଉକ୍ତ ତାଲିକାରେ ବିନା କାଗଜପତ୍ରରେ ରହିଥିବା ୧୮,୦୦୦ ଭାରତୀୟ ଅଛନ୍ତି। ଆମେରିକାରେ ପ୍ରାୟ ୭,୨୫,୦୦୦ ଭାରତୀୟ ବେଆଇନ ଭାବେ ରହିଛନ୍ତି। ମେକ୍ସିକୋ ଏବଂ ଏଲ୍ ସାଲଭାଡର ପରେ ସର୍ବାଧିକ ଭାରତୀୟ ସେଠାର ବେଆଇନ ପ୍ରବାସୀ।

## ଆର୍‌ଜି କର ମାମଲା: ସନ୍ଦୀପ୍ ଘୋଷଙ୍କୁ ଜାମିନ

ନୂଆଦିଲ୍ଲୀ,୧୩।୧୨

କୋଲକାତାର ଆର୍‌ଜି କର ମେଡିକାଲ କଲେଜ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କୁ ସିଆଲ୍‌ଦା କୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ଏଥିସହିତ ତଲା ଥାନାର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ



ମଧ୍ୟ ଜାମିନ ମିଳିଛି। ମାମଲାର ତଦନ୍ତ କରୁଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୯୦ ଦିନ ମଧ୍ୟରେ ଚାର୍ଜଶିଟ୍ ଦାଖଲ କରିବା ପରେ ଉଭୟ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଛି। ଗତ ଅଗଷ୍ଟ ୯ ତାରିଖ ରାତିରେ ଆର୍.ଜି. କର ମେଡିକାଲ କଲେଜ ହସ୍ପିଟାଲର ଛାତି ବିଭାଗ ଅଡିଟୋରିୟମ୍‌ରେ ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା।

## ୱାଇଏସ୍‌ଆର୍‌ସିପି ଏମ୍‌ପି ଅବିନାଶ ରେଡ୍ଡୀ ଗିରଫ

ତିରୁପତି,୧୩।୧୨

ଆନ୍ଧ୍ରପ୍ରଦେଶର କଡ଼ପା ଜିଲା ଅନ୍ତର୍ଗତ ପୁଲିଭେନ୍ଦୁଲା ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ଜଳ ସୋସାଇଟି ନିର୍ବାଚନକୁ ନେଇ ଶାସକ ଟିଡିପି ଏବଂ ବିରୋଧୀ ଦଳ ୱାଇଏସ୍‌ଆର୍‌ସିପି ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏହି ଘଟଣାରେ କଡ଼ପାର ୱାଇଏସ୍‌ଆର୍‌ସିପି ଏମ୍‌ପି ୱାଇଏସ୍ ଅବିନାଶ ରେଡ୍ଡୀଙ୍କୁ ଭେମୁଲାରୁ ଗିରଫ କରାଯାଇଛି। କଡ଼ପା ଏମ୍‌ପି ରାଜ୍ୟପାଳଙ୍କୁ ପତ୍ର ଲେଖି ଟିଡିପି କର୍ମୀମାନେ ଅଗଣତାନ୍ତ୍ରିକ ଉପାୟରେ ଶାନ୍ତିପୂର୍ଣ୍ଣ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରୁଥିବା ଜଣାଇଥିଲେ। ଏଥିସହିତ ସ୍ଥାନୀୟ ଜଳ ସୋସାଇଟି ନିର୍ବାଚନକୁ ଗଣତାନ୍ତ୍ରିକ ଉପାୟରେ ଏବଂ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା ପାଇଁ କଠୋର ପଦକ୍ଷେପ ନେବାକୁ ସେ ଜିଲା ପ୍ରଶାସନକୁ ନିବେଦନ କରିଥିଲେ। ଭେମୁଲା ଏମ୍‌ଆର୍‌ଓ କାର୍ଯ୍ୟାଳୟ ନିକଟରେ ବହୁସଂଖ୍ୟାରେ ୱାଇଏସ୍‌ଆର୍‌ସିପି ଏବଂ ଟିଡିପି କ୍ୟାଡର ଏକତ୍ର ହୋଇଥିବାବେଳେ ପୋଲିସ ଉତ୍ତେଜନା ହ୍ରାସ ପାଇଁ କଡ଼ପା ଏମ୍‌ପିଙ୍କୁ ଗିରଫ କରିଛି।

## ଇଡି ଚଢ଼ାଉ ପରେ ବ୍ୟବସାୟୀ ଦମ୍ପତିଙ୍କ ଆତ୍ମହତ୍ୟା

ଭୋପାଳ,୧୩।୧୨

ମଧ୍ୟପ୍ରଦେଶର ସେହୋର ଜିଲାରେ ଏକ ବ୍ୟବସାୟୀ ଦମ୍ପତି ଶୁକ୍ରବାର ସକାଳେ ଆତ୍ମହତ୍ୟା କରିଛନ୍ତି। ସେମାନେ କ'ଣ ପାଇଁ ଏଭଳି ଚରମ ନିଷ୍ପତ୍ତି ନେଲେ, ତାହା ଜଣାପଡ଼ି ନ ଥିବାବେଳେ ଏନେଇ କଂଗ୍ରେସ ଶାସକ ଦଳ ଭାଜପାକୁ କଡ଼ା ସମାଲୋଚନା କରିଛି। ମୃତକ ମନୋଜ ପାର୍‌ମାର ଏବଂ ତାଙ୍କ ସ୍ତ୍ରୀ କଂଗ୍ରେସର ସମର୍ଥକ ହୋଇଥିବାରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସେମାନଙ୍କୁ ହଇରାଣ କରୁଥିଲା ବୋଲି ବିରୋଧୀ ଦଳ ଅଭିଯୋଗ କରିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡୋ ନ୍ୟାୟ ଯାତ୍ରା ବେଳେ ଏହି ଦମ୍ପତିଙ୍କ ପିଲାମାନେ ତାଙ୍କୁ ପିଗି ବ୍ୟାଙ୍କ ଉପହାର ଦେଇଥିଲେ ବୋଲି ଦଳୀୟ ଏମ୍‌ପି ଜିତୁ ପଟୱାରୀ କହିଛନ୍ତି। ଇଡି ଭୋପାଳ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ପାରମାର ଓ ଅନ୍ୟମାନଙ୍କର ସେହୋର ଏବଂ ଇନ୍ଦୋର ଜିଲାରେ ଥିବା ଘର ଉପରେ ଗତ ୫ ତାରିଖରେ ଚଢ଼ାଉ କରାଯାଇଥିଲା।

## ରାଜ୍ୟ ସଭାରେ ମହାଭିଯୋଗ ନୋଟିସ ଆଣିଲେ ବିରୋଧୀ

ନୂଆଦିଲ୍ଲୀ,୧୩।୧୨(ପି.ଟି.)

### ଆଲ୍ଲାହାବାଦ ହାଇକୋର୍ଟ ବିଚାରପତିଙ୍କ ବିବାଦୀୟ ମନ୍ତବ୍ୟ


ଜଷ୍ଟିସ୍ ଶେଖର କୁମାର ଯାଦବ

ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ଏକ କାର୍ଯ୍ୟକ୍ରମରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଆଲ୍ଲାହାବାଦ ହାଇକୋର୍ଟର ବିଚାରପତି ଶେଖର କୁମାର ଯାଦବଙ୍କ ବିରୋଧରେ ରାଜ୍ୟ ସଭାରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ବିରୋଧୀ ସଦସ୍ୟମାନେ ଶୁକ୍ରବାର ନୋଟିସ୍ ଦେଇଛନ୍ତି। ସେମାନେ ରାଜ୍ୟ ସଭା ମହାସଚିବଙ୍କୁ ଭେଟି ନୋଟିସ୍ ଦେଇଥିଲେ। ପ୍ରସ୍ତାବରେ କପିଲ ସିବଲ, ଦିଗ୍‌ବିଜୟ ସିଂ, ପି. ଚିଦାମ୍ବରମ୍, ଜୟରାମ ରମେଶ, ରଣଦୀପ୍ ସୁର୍ଜେୱାଲା, ମୁକୁଲ ୱାସ୍‌ନିକ, ଜନ୍ ବ୍ରିଟାସ୍, ମନୋଜ କୁମାର ଝା, ସାକେତ୍ ଗୋଖଲେ, ସଞ୍ଜୟ ସିଂଙ୍କ ସମେତ ୫୫ ଜଣ ବିରୋଧୀ ଏମ୍‌ପି ସ୍ୱାକ୍ଷର କରିଛନ୍ତି।

ଡିସେମ୍ବର ୮ରେ ଆଲ୍ଲାହାବାଦ ହାଇକୋର୍ଟ ପରିସରରେ ଭିଏଚ୍‌ପି ଲିଗାଲ ସେଲ୍ ପକ୍ଷରୁ ଏକକ ଦେୱାନୀ ସଂହିତା (ୟୁସିସି) ଉପରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜଷ୍ଟିସ୍ ଯାଦବ ଏଥିରେ ସମ୍ବୋଧିତ କରି କହିଥିଲେ, ଭାରତ ସଂଖ୍ୟାବହୁଳଙ୍କ ଇଚ୍ଛା ଅନୁସାରେ ପରିଚାଳିତ ହେବା ଉଚିତ। ସଂଖ୍ୟାବହୁଳ ଲୋକଙ୍କୁ ଖୁସି ଦେଇ ସେମାନଙ୍କ ସ୍ୱାର୍ଥରେ କାର୍ଯ୍ୟ କରୁଥିବା ଆଇନ ପ୍ରଚଳିତ ହେବା ଆବଶ୍ୟକ।

ସୂଚନାଯୋଗ୍ୟ, ଜେଜ୍ ଇନ୍‌କ୍ୱାରି ଆକ୍ଟ, ୧୯୬୮ ଅନୁସାରେ ମହାଭିଯୋଗ ପ୍ରସ୍ତାବ ଆଗତ କରିବାକୁ ହେଲେ ଲୋକ ସଭାର ଅନ୍ୟୂନ ୧୦୦ କିମ୍ବା ରାଜ୍ୟ ସଭାର ୫୦ ସଦସ୍ୟଙ୍କ ଦସ୍ତଖତ ଆବଶ୍ୟକ। ପ୍ରସ୍ତାବ ଆଗତ ହେବା ପରେ ତାକୁ ଗ୍ରହଣ ବା ଅଗ୍ରାହ୍ୟ କରିବା ରାଜ୍ୟ ସଭା ଅଧ୍ୟକ୍ଷଙ୍କ ଉପରେ ନିର୍ଭର କରେ। ଅଧ୍ୟକ୍ଷ ଯଦି ତାକୁ ଗ୍ରହଣ କରନ୍ତି, ତେବେ ପ୍ରସ୍ତାବ ଉପରେ ତଦନ୍ତ ପାଇଁ ୨ ବିଚାରପତି ଓ ଜଣେ ଜୁରିଷ୍ଟଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରାଯିବ। ବିଚାରପତିଙ୍କ ମଧ୍ୟରୁ ଜଣେ ସୁପ୍ରିମକୋର୍ଟର ଏବଂ ଅନ୍ୟ ଜଣେ ହାଇକୋର୍ଟ ଚିଫ୍ ଜଷ୍ଟିସ୍ ରହିବେ। ସମ୍ବିଧାନର ଅନୁଚ୍ଛେଦ ୧୨୪(୪) ଅନୁଯାୟୀ ମହାଭିଯୋଗ ପ୍ରସ୍ତାବକୁ ରାଜ୍ୟ ସଭାର ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ଜରୁରୀ।

ସୂଚନାଯୋଗ୍ୟ, ବିଚାରପତି ଯାଦବଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିବାକୁ ଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ତାଙ୍କ କାର୍ଯ୍ୟରେ ପରିବର୍ତ୍ତନ କରିଛନ୍ତି। ବହୁ ମାସ ହେଲା ଜଷ୍ଟିସ୍ ଯାଦବ ଆପରାଧିକ ମାମଲାଗୁଡ଼ିକର ବିଚାର କରିଆସୁଥିବାବେଳେ ଏବେ ତାଙ୍କୁ କେବଳ ଦେୱାନି ମାମଲାର ଶୁଣାଣି ଦାୟିତ୍ୱ ଦିଆଯାଇଛି।

## ଫ୍ରାଙ୍କୋଇସ୍ ବେରୁ ଫ୍ରାନ୍ସର ନୂଆ ପ୍ରଧାନମନ୍ତ୍ରୀ

ପ୍ୟାରିସ୍ ,୧୩।୧୨


ଫ୍ରାଙ୍କୋଇସ୍ ବେରୁ

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ ଶୁକ୍ରବାର ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ମଧ୍ୟଗାମୀ ସହଯୋଗୀ ଫ୍ରାଙ୍କୋଇସ୍ ବେରୁଙ୍କୁ ମନୋନୀତ କରିଛନ୍ତି। ଏକ ଐତିହାସିକ ସଂସଦୀୟ ଭୋଟ ପରେ ଗତ ସପ୍ତାହରେ ପୂର୍ବ ସରକାର ବହିଷ୍କୃତ ହୋଇଥିଲେ। ୭୩ ବର୍ଷୀୟ ବେରୁ ବହୁ ଦଶନ୍ଧି ଧରି ଫ୍ରାନ୍ସ ରାଜନୀତିରେ ଜଣାଶୁଣା ନେତା। ନ୍ୟାଶନାଲ ଆସେମ୍ବ୍ଲିରେ କୌଣସି ଦଳର ସଂଖ୍ୟାଗରିଷ୍ଠତା ନ ଥିବାବେଳେ ତାଙ୍କର ରାଜନୈତିକ ଅଭିଜ୍ଞତା ଦେଶରେ ସ୍ଥିରତା ବଜାୟ ରଖିବାରେ ପ୍ରମୁଖ ଭୂମିକା ନେବ ବୋଲି କୁହାଯାଉଛି। ୟୁରୋପୀୟ ପାର୍ଲାମେଣ୍ଟ ପାଣ୍ଠି ହଡ଼ପ ମାମଲାରେ ବେରୁ ନିକଟରେ ଦୋଷମୁକ୍ତ ହୋଇଥିଲେ। ନୂଆ ସରକାର ଗଠନ ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଥିବା ମାକରଁଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ନ୍ୟାଶନାଲ ଆସେମ୍ବ୍ଲିରେ ବଜେଟ ବିବାଦକୁ ନେଇ ଅନାସ୍ଥା ଭୋଟ ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ମିଶେଲ ବାର୍ନିଏର୍ ଗତ ସପ୍ତାହରେ ଇସ୍ତଫା ଦେଇଥିଲେ।

## ୟୁକ୍ରେନ୍‌ର ଶକ୍ତି ପ୍ରକଳ୍ପକୁ ଟାର୍ଗେଟ୍

### ୯୩ ମିଶାଇଲ ମାଡ଼କଲା ରୁଷିଆ

କିଭ୍,୧୩।୧୨

ରୁଷିଆ ଶୁକ୍ରବାର ୟୁକ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମିଗୁଡ଼ିକୁ ଟାର୍ଗେଟ କରି ୯୩ଟି ମିଶାଇଲ ମାଡ଼ କରିଛି। ଆକ୍ରମଣରେ ୯୩ଟି କ୍ରୁଜ୍ ଓ ବାଲିଷ୍ଟିକ୍ ମିଶାଇଲ ସମେତ ପ୍ରାୟ ୨୦୦ ଡ୍ରୋନ୍ ସାମିଲ ଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ୟୁକ୍ରେନ୍‌ର ଶକ୍ତି ସେକ୍ଟର ଉପରେ ଏହା ଅନ୍ୟତମ ସର୍ବବୃହତ୍ ଆକ୍ରମଣ। ରୁଷିଆ ଛାଡ଼ିଥିବା ମିଶାଇଲ ମଧ୍ୟରେ ଉତ୍ତର କୋରିଆର ଅନ୍ୟୂନ ଗୋଟିଏ କ୍ଷେପଣାସ୍ତ୍ର ରହିଥିବା ଜଣାପଡ଼ିଛି। ସେଥିରୁ ୮୧ଟିକୁ ୟୁକ୍ରେନ୍ ସେନା ପ୍ରତିହତ କରିଥିଲା। ଏଭଳି ଆକ୍ରମଣ ପାଇଁ ୟୁକ୍ରେନ୍ ନେତା ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ସମାଲୋଚନା କରିଛନ୍ତି। ତାଙ୍କର ଶାନ୍ତି ଯୋଜନା ସବୁକିଛି ଧ୍ୱଂସ କରିଦେବ ବୋଲି ଜେଲେନ୍‌ସ୍କି କହିଛନ୍ତି। ଅନ୍ତର୍ଜାତୀୟ ସମୁଦାୟ ଏହାର ଦୃଢ଼ ଜବାବ ଦେବାକୁ ସେ ନିବେଦନ କରିଛନ୍ତି। କେବଳ କଥାବାର୍ତ୍ତାରେ ପୁଟିନ୍‌ଙ୍କୁ ଅଟକାଇ ହେବନି। ଶାନ୍ତି ପାଇଁ ସାମର୍ଥ୍ୟର ଆବଶ୍ୟକତା ରହିଛି। ମସ୍କୋ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ର ସହାୟତା ବଢ଼ାଇବାକୁ ଜେଲେନ୍‌ସ୍କି ନିବେଦନ କରିଛନ୍ତି। ଅଧିକ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇଦେବା ସହ ରୁଷିଆ ବିରୋଧରେ କଠୋର କଟକଣା ଲଗାଇବାକୁ ସେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ କହିଛନ୍ତି।


ରୁଷିଆ ମିଶାଇଲ ମାଡ଼ରେ ୟୁକ୍ରେନର ଏକ ବିଦ୍ୟୁତ୍ ପ୍ରକଳ୍ପ ଜଳୁଛି।

## କେନ୍ଦ୍ର, ରାଜ୍ୟକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୧୨(ପି.ଟି.)

### ସାପକାମୁଡ଼ା ଚିକିତ୍ସାରେ ସଙ୍କଟ

ସାପକାମୁଡ଼ା ଚିକିତ୍ସା କ୍ଷେତ୍ରରେ ଦେଖାଦେଇଥିବା ସଙ୍କଟକୁ ନେଇ ଶୁକ୍ରବାର ଏକ ପିଟିଶନ୍‌ର ଶୁଣାଣି ବେଳେ ସୁପ୍ରିମକୋର୍ଟ କେନ୍ଦ୍ର ସମେତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଜବାବ ମାଗିଛନ୍ତି। ସମସ୍ତ ଜନ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ହସ୍ପିଟାଲ ସମେତ ଦେଶର ସମସ୍ତ ସରକାରୀ ହସ୍ପିଟାଲରେ ପଲି-ଭେନମ୍ (ଆଣ୍ଟିଭେନମ୍) ଏବଂ ସାପକାମୁଡ଼ା ଚିକିତ୍ସା ଉପଲବ୍ଧ କରାଇବା ପାଇଁ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ଶୈଳେନ୍ଦ୍ରମଣି ତ୍ରିପାଠୀ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ଗ୍ରାମୀଣ ଭାରତରେ ସାପକାମୁଡ଼ାଜନିତ ଉଚ୍ଚ ମୃତ୍ୟୁହାର କମାଇବା ଲାଗି ଏକ ସାପକାମୁଡ଼ା ପ୍ରତିକାର ସ୍ୱାସ୍ଥ୍ୟ ମିଶନ ଏବଂ ଜନସଚେତନତା ଅଭିଯାନ ଆରମ୍ଭ କରିବା ନିମନ୍ତେ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ତ୍ରିପାଠୀ ନିବେଦନ କରିଥିଲେ। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ କେ.ଭି. ବିଶ୍ୱନାଥନ୍‌ଙ୍କ ଖଣ୍ଡପୀଠ ଏହାର ଶୁଣାଣି କରି କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସେମାନଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଛି।

## 'ଅନଶନରତ କୃଷକଙ୍କୁ ଡାକ୍ତରୀ ସହାୟତା ଦିଅ'

ନୂଆଦିଲ୍ଲୀ,୧୩।୧୨(ପି.ଟି.)


ଆମରଣ ଅନଶନରେ ଜଗଜିତ୍ ସିଂ ଡାଲେୱାଲ।

ଆନ୍ଦୋଳନରତ କୃଷକମାନେ ଗାନ୍ଧିଜୀଙ୍କ ମାର୍ଗ ଆପଣାଇବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି। ପଞ୍ଜାବ-ହରିୟାଣା ସୀମାରେ ୧୭ ଦିନ ହେଲା ଆମରଣ ଅନଶନରେ ବସିଥିବା କୃଷକ ନେତା ଜଗଜିତ୍ ସିଂ ଡାଲେୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଉଥିବାରୁ ତୁରନ୍ତ ଡାକ୍ତରୀ ସହାୟତା ଯୋଗାଇଦେବାକୁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଓ ପଞ୍ଜାବ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ର ଓ ପଞ୍ଜାବ ସରକାରଙ୍କ ପ୍ରତିନିଧି ତୁରନ୍ତ ଡାଲେୱାଲଙ୍କୁ ଭେଟିବା ପାଇଁ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ହିଂସାତ୍ମକ ଆନ୍ଦୋଳନ ଉଭୟ ସ୍ଥାନରେ ସମସ୍ୟା ସୃଷ୍ଟି କରିଥିବାରୁ କୃଷକମାନେ ହିଂସ୍ର ନ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସେମାନଙ୍କ ଆପତ୍ତି ଅଭିଯୋଗଗୁଡ଼ିକ ବିଚାରାଧୀନ ଥିବାରୁ ସେମାନେ ବିକ୍ଷୋଭ ବେଳେ ଗାନ୍ଧିଜୀଙ୍କ ପନ୍ଥା ଆପଣାଇବା ଉଚିତ। ଜୀବନ ମୂଲ୍ୟବାନ ହୋଇଥିବାରୁ କୃଷକ ନେତା ଜଗଜିତ ଆମରଣ ଅନଶନ ଭାଙ୍ଗିବା ପାଇଁ ଅଦାଲତ ପରାମର୍ଶ ଦେଇଛନ୍ତି। ତେବେ ଡାଲେୱାଲଙ୍କୁ ଅନଶନ ଭାଙ୍ଗିବା ପାଇଁ ବଳ ପ୍ରୟୋଗ ନ କରି ଶାନ୍ତିପୂର୍ଣ୍ଣ ପଦକ୍ଷେପ ନେବା ଏବଂ ତାଙ୍କୁ ପର୍ଯ୍ୟାପ୍ତ ମେଡିକାଲ ସହାୟତା ଯୋଗାଇଦେବା କେନ୍ଦ୍ର ଓ ପଞ୍ଜାବ ସରକାରଙ୍କ ଦାୟିତ୍ୱ ବୋଲି ଖଣ୍ଡପୀଠ କହିଛନ୍ତି।

## ରକ୍ତପ୍ରବାହରେ ବାୟୁ ପ୍ରଦୂଷଣ ବାଧକ

ନୂଆଦିଲ୍ଲୀ,୧୩।୧୨(ପି.ଟି.)

### ୩୯% ବିପଦ ବୃଦ୍ଧି ଆଶଙ୍କା



ଦୀର୍ଘଦିନ ବାୟୁ ପ୍ରଦୂଷଣ ସମସ୍ୟା ଲାଗିରହିଲେ, ଶରୀରର ଆଭ୍ୟନ୍ତରୀଣ ଶିରାପ୍ରଶିରାରେ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ୩୯ ବଢ଼ି ୧୦୦ ପ୍ରତିଶତ ଉପରକୁ ଯାଇପାରେ ବୋଲି ଆମେରିକାରେ କରାଯାଇଥିବା ଏକ ଅଧ୍ୟୟନରେ କୁହାଯାଇଛି। ୧୭ ବର୍ଷ ଧରି ୬,୬୫୦ ଜଣ ପ୍ରାପ୍ତବୟସ୍କଙ୍କ ଉପରେ ଏହି ଅଧ୍ୟୟନ କରାଯାଇଥିଲା। ଗଭୀର ଶିରାପ୍ରଶିରାରେ ରକ୍ତ ଜମାଟ ବାନ୍ଧିବା ସ୍ଥିତି ସାମୂହିକ ଭାବେ 'ଭେନସ୍ ଥ୍ରୋମ୍ବୋଏମ୍ବୋଲିଜମ୍' ଭାବେ ଜଣାଶୁଣା। ଏହାର ଚିକିତ୍ସା କରା ନ ଗଲେ ରକ୍ତ ପ୍ରବାହ ଅବରୋଧ କରି ଗମ୍ଭୀର ଜଟିଳତା ସୃଷ୍ଟି କରିପାରେ। ଭେନସ୍ ଥ୍ରୋମ୍ବୋଏମ୍ବୋଲିଜ୍ ଏବଂ ବାୟୁ ପ୍ରଦୂଷଣରେ ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ତଥ୍ୟକୁ ମିନେସୋଟା ୟୁନିଭର୍ସିଟିର ଗବେଷକଙ୍କ ସମେତ ଅନ୍ୟମାନେ ବିଶ୍ଳେଷଣ କରିଥିଲେ। ନ୍ୟୁୟର୍କ, ଶିକାଗୋ, ଲସ୍ ଆଞ୍ଜେଲସ୍ ସମେତ ୬ଟି ବୃହତ୍ ମେଟ୍ରୋପଲିଟାନ୍ ଅଞ୍ଚଳରୁ ପ୍ରାପ୍ତବୟସ୍କମାନଙ୍କୁ ଏହି ଅଧ୍ୟୟନରେ ସାମିଲ କରାଯାଇଥିଲା। ପିଏମ୍ ୨.୫ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍‌ଗୁଡ଼ିକ ସଂସ୍ପର୍ଶରେ ଆସିଥିବା ଏହି ଲୋକମାନଙ୍କ ମଧ୍ୟରୁ ୩.୭ ପ୍ରତିଶତଙ୍କ ଗଭୀର ଶିରା ପ୍ରଶିରାରେ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ୩୯ ପ୍ରତିଶତ ବଢ଼ି ୧୦୦ ପ୍ରତିଶତରୁ ଅଧିକ ହେବା ସମ୍ଭାବନା ଦେଖାଦେଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୱାଲ୍‌ଟନ୍ସ ବିଶ୍ୱର ଶ୍ରେଷ୍ଠ ଧନୀ ପରିବାର

## ୮ମ ସ୍ଥାନରେ ଅମ୍ବାନୀ ପରିବାର

ନୂଆଦିଲ୍ଲୀ, ୧୩।୧୨ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତବର୍ଷର ଶେଷ ସମୟରେ ବିଶ୍ୱର ଶ୍ରେଷ୍ଠ ଧନୀ ପରିବାରର ତାଲିକା ରେଟିଂ ଏଜେନ୍ସି ତଥା ବ୍ଲୁମବର୍ଗସ୍‌ର ୱାର୍ଲ୍ଡ ରିଚିଏଷ୍ଟ ଫ୍ୟାମିଲିଜ୍-୨୦୨୪ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ତାଲିକା ଅନୁଯାୟୀ ଆମେରିକାର ବିଶିଷ୍ଟ ବ୍ୟବସାୟୀ ତଥା ୱାଲ୍‌ମାର୍ଟ ଗ୍ରୁପର ମାଲିକ ସାମ୍ ୱାଲ୍‌ଟନ ଏବଂ ଦି ୱାଲ୍‌ଟନ୍ସ ଅଫ ୱାଲ୍‌ମାର୍ଟ (ୟୁଏସ) ପରିବାର ବିଶ୍ୱର ଏକ ନମ୍ବର ଧନୀ ପରିବାରର ମାନ୍ୟତା ପାଇଥିବା ଜଣାପଡ଼ିଛି। ଏପରି କି ୪୩୨.୪ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତିର ମାଲିକ ୱାଲ୍‌ଟନ୍ସ ପରିବାର ବିଶ୍ୱର ଶ୍ରେଷ୍ଠ ବା ଏକ ନମ୍ବର ଧନୀ ପରିବାରର ମାନ୍ୟତା ପାଇଥିଲା ବେଳେ ଭାରତର ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଇଣ୍ଡଷ୍ଟ୍ରିର ମାଲିକ ମୁକେଶ ଅମ୍ବାନୀଙ୍କ ଅମ୍ବାନୀ ପରିବାର ୯୯.୬ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ସହ ବିଶ୍ୱର ୮ମ ଧନୀ ପରିବାର ଭାବେ ସ୍ୱୀକୃତି ଲାଭ କରିଛନ୍ତି। ସେହିଭଳି ଭାରତର ଅନ୍ୟତମ ପ୍ରମୁଖ ବ୍ୟବସାୟୀ ପ୍ରତିଷ୍ଠାନ ସାପୁରଜିପାଲନଜି ଗ୍ରୁପ୍‌ର ମାଲିକ ତଥା ମିସ୍ତ୍ରୀ ପରିବାର ୪୧.୪ ବିଲିୟନ ଡଲାର ସହ ତାଲିକାର ୨୩ତମ ସ୍ଥାନରେ ରହିଛନ୍ତି।



ବିଶ୍ୱ ଧନୀ ପରିବାର ତାଲିକାର ୮ମ ସ୍ଥାନରେ ଥିବା ଅମ୍ବାନୀ ପରିବାର।

ଉଲ୍ଲେଖଯୋଗ୍ୟ, ବ୍ଲୁମବର୍ଗସ୍‌ର ୱାର୍ଲ୍ଡ ରିଚିଏଷ୍ଟ ଫ୍ୟାମିଲିଜ୍-୨୦୨୪ ସୂଚୀରେ ଦି ୱାଲ୍‌ଟନ୍ସ ଅଫ ୱାଲ୍‌ମାର୍ଟ (ୟୁଏସ) ପରିବାର ଏକ ନମ୍ବର ସ୍ଥାନରେ ଥିଲାବେଳେ ୨ୟ ସ୍ଥାନରେ ଦି ଏଆଇ ନାୟାନ ଫ୍ୟାମିଲିଜ୍ (ୟୁଏଇ), ୩ୟ ସ୍ଥାନରେ ଦି ଏଆଇ ଥାନୀ ଫ୍ୟାମିଲିଜ୍ (କତାର), ୪ର୍ଥ ସ୍ଥାନରେ ଦି ହର୍ମସ ଫ୍ୟାମିଲିଜ୍ (ଫ୍ରାନ୍ସ) ଏବଂ ୫ମ ସ୍ଥାନରେ ଦି କୋଚ୍ ଫ୍ୟାମିଲିଜ୍ (ୟୁଏସ୍) ରହିଛନ୍ତି। ଅପରପକ୍ଷରେ ଏଲନ୍‌ମସ୍କ ବ୍ୟକ୍ତିଗତ ଭାବେ ବିଶ୍ୱର ଶ୍ରେଷ୍ଠ ଧନୀ ଭାବେ ପରିଗଣିତ ହେଉଛନ୍ତି।

# ୧.୨ଦିନରେ ୯୯.୦୪% ଦାବି ସମାଧାନ

ନୂଆଦିଲ୍ଲୀ, ୧୩।୧୨

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସକୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରି କି ୨୦୨୪ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କମ୍ପାନୀ ୯୯.୦୪% ଦାବି ସମାଧାନ କରିଥିବା ଜଣାପଡିଛି, ଯାହାକି ଶିଳ୍ପରେ ସର୍ବୋଚ୍ଚ ହୋଇଥିବାବେଳେ ଗୁରୁତ୍ୱପୂର୍ଣ୍ଣ ଭାବେ ଦାବି ସମାଧାନ କରିବା ପାଇଁ ହାରାହାରି ସମୟ ମାତ୍ର ୧.୨ ଦିନ ରହିଛି।

ଏ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ମଧ୍ୟରେ ୯୯.୦୪%ର ଏକ ଦାବି ସମାଧାନ ଅନୁପାତ ଆମ ପାଖରେ ରହିଥିବାବେଳେ କାଗଜପତ୍ର ମିଳିଥିବା ଶେଷ ତାରିଖରୁ ଆମର ଯାଞ୍ଚ ହେଉ ନ ଥିବା ଦାବିଗୁଡ଼ିକର ହାରାହାରି ଦାବି ସମାଧାନ ସମୟ କେବଳ ୧.୨ ଦିନ ରହିଛି। ଏପରି କି ଦାବିଗୁଡ଼ିକ ହେଉଛି, ସତ୍ୟର ଚରମ ମୁହୂର୍ତ୍ତ ଏବଂ ଆମେ ପ୍ରତ୍ୟେକ ଦାବିକୁ ସର୍ବୋଚ୍ଚ ସମ୍ବେଦନଶୀଳତା ସହିତ ପରିଚାଳନା କରିଥାଉ। ଏହାବ୍ୟତୀତ ଆମେ ସମାନ ଅବଧିରେ ମୋଟ ୪୫୧କୋଟି ଟଙ୍କାରୁ ଅଧିକ ମୂଲ୍ୟର ମୃତ୍ୟୁଦାବିର ସମାଧାନ କରିଛୁ।

ଅପରପକ୍ଷରେ ଆମର 'କ୍ଲେମ୍ ଫର୍ ସ୍ୟୋର' ଅଭିଯାନ ଅଧୀନରେ ଆମେ ସମସ୍ତ କାଗଜପତ୍ର ଦାଖଲ କରିବା ପରେ କେବଳ ଗୋଟିଏ ଦିନରେ ଯୋଗ୍ୟ ଦାବିଗୁଡିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଉଛୁ। କ୍ରମାଗତ ଭାବେ ଆମର ଏକ ଶିଳ୍ପ ଅଗ୍ରଣୀ ଦାବି ସମାଧାନ ଅନୁପାତ ରହି ଆସିଛି। ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହା ୯୭.୯୪% ଥିବାବେଳେ ୨ୟ ତ୍ରୈମାସିକରେ ଏହା ୯୮.୧୪% ଏବଂ ୩ୟ ତ୍ରୈମାସିକରେ ଏହା ୯୮.୫୨% ରହିଥିଲା ଏବଂ ୨୦୨୪ ଆର୍ଥିକ ବର୍ଷ ପାଇଁ ଏହି ଅନୁପାତ ୯୯.୧୭% ରହିଥିଲା।

# ଏଚ୍‌ସିଏଲ୍‌ଟେକ୍‌ର ନୂତନ ଅଭିଯାନ

ନୂଆଦିଲ୍ଲୀ, ୧୩।୧୨

ଦେଶର ଏକ ପ୍ରମୁଖ ତଥା ବୈଶ୍ୱିକ ଟେକ୍ନୋଲୋଜି କମ୍ପାନୀ ଏଚ୍‌ସିଏଲ୍‌ଟେକ୍‌ର ନୂତନ ଅଭିଯାନ 'ଟେକ୍ ବି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହାର ଏହି କ୍ୟାରିୟର ପ୍ରୋଗ୍ରାମ 'ଟେକ୍‌ବି କାର୍ଯ୍ୟକ୍ରମ' ପାଇଁ ଆବେଦନ ଆରମ୍ଭ କରିଛି। ଯାହା ଦ୍ୱାଦଶ ଶ୍ରେଣୀ ପରେ ଆଶାୟୀ ଛାତ୍ରମାନଙ୍କୁ କ୍ୟାରିୟର ଆରମ୍ଭ କରିବାର ସୁଯୋଗ ଦେବ। ଏହି କାର୍ଯ୍ୟକ୍ରମ ଭାରତର ଯେକୌଣସି ପ୍ରାନ୍ତର ଛାତ୍ରମାନଙ୍କ ପାଇଁ ଖୋଲା ରହିଛି। ମନୋନୀତ ପ୍ରାର୍ଥୀମାନେ ଏଚ୍‌ସିଏଲ୍‌ଟେକ୍ ସହିତ ୧୨ ମାସ ତାଲିମ ନେଇଥାନ୍ତି। ପ୍ରଶିକ୍ଷଣକୁ ସଫଳତାର ସହିତ ସମାପ୍ତ କରିବା ପରେ ସେମାନଙ୍କୁ କମ୍ପାନୀଗୁଡ଼ିକରେ ପୂର୍ଣ୍ଣକାଳୀନ ଚାକିରି ଦିଆଯାଉଛି। ଏପରିକି ସେମାନେ ବିଟସ ପିଲାନି, ଆଇଆଇଟି କୋଟାୟମ, ଶସ୍ତ୍ର ୟୁନିଭର୍ସିଟି ଏବଂ ଆମିଟି ୟୁନିଭର୍ସିଟ ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଅନ୍‌ଲାଇନ ପ୍ଲାଟଫର୍ମରେ ପାର୍ଟ ଟାଇମ୍ ଉଚ୍ଚଶିକ୍ଷା କରିପାରିବେ। ଏ ସମ୍ପର୍କରେ ଏଚ୍‌ସିଏଲ୍ ଟେକ୍‌ର ବରିଷ୍ଠ ଉପସଭାପତି ସୁବାରମଣ ବାଲସୁବ୍ରମଣ୍ୟନ କହିଛନ୍ତି, ୨୦୧୭ ପରଠାରୁ, ଟେକ୍‌ବି ପ୍ରୋଗ୍ରାମ ବହୁ ହଜାର ଛାତ୍ରୀଛାତ୍ରଙ୍କୁ ତାଲିମ, ଦକ୍ଷତା ବିକାଶ ଏବଂ ଅଗ୍ରଣୀ ବିଶ୍ୱ ବ୍ରାଣ୍ଡ ସହିତ ଯୋଡିଛି। ଏପରିକି ବିଭିନ୍ନ ପ୍ରୋଜେକ୍ଟରେ କାମ କରିବା ଏବଂ ସେମାନଙ୍କ ଶିକ୍ଷା ଜାରି ରଖିବାକୁ ଆବଶ୍ୟକ ସୁଯୋଗ ଯୋଗାଇ ଦେଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ମୁମ୍ବାଇ, ୧୩।୧୨

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୪୩ (୮୪୩.୧୬) ପଏଣ୍ଟ ବଢି ୮୨,୧୩୩ (୮୨,୧୩୩.୧୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୨୨୦ (୨୧୯.୬୦) ପଏଣ୍ଟ ବୃଦ୍ଧି ଘଟି ୨୪, ୭୬୮ (୨୪,୭୬୮.୩୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରି କି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


# Classified Everyday

0674-2580101, 9692975378



REAL ESTATE

SALE

**Bhubaneswar BDA approved apartment adjacent Times Gurukul near Kalinganagar DAV, KV, Sum Hospital. 7008459987.** D-76220

ଭୁବନେଶ୍ୱର ଜଟଣୀ ଗେଟ୍ ପାଖରେ sqft.- 350/- ପ୍ଲଟ୍ 1200sqft.- 4,20,000/- ବିକ୍ରିହେବ। 9776974912. D-76214

Investment plot @ 2.5Lakh- 3.5Lakhs, Bhubaneswar, Khurda, Angul, Dhenkanal. 8917622925. D-2173

ସ୍ୱଳ୍ପ ଘର ସୁଲଭ ମୂଲ୍ୟରେ ବିଶେଷ ସୁବିଧା ଥାଇ 2BHK @ 45 000 00/-ଉପଲବ୍ଧ, ଅତିଶୀଘ୍ର କିଣିବା ପାଇଁ ଯୋଗାଯୋଗ କରନ୍ତୁ। ବିଶେଷ ଆକର୍ଷଣ GST Free. 8908887351, 9853807892, 9861117460. D-75585

Two adjacent plots (2600, 2040 sqft.) sthitiban, boundary wall, 25' internal road, in common area of 45 plots sold to dignitaries since 2010, near Chhatabar Chhak (100 meters distance). Family living in duplexes. After purchase cost- Rs.1500/- per sqft. Contact: 7064055712. D-71594

**Sum Hospital / Kalinga Studio Chowkରୁ 4 Km. ଦୂରରେ Gharabari, Yellow zone, boundary plot, Electricity ସହ କିଣନ୍ତୁ, immediate ଘର କରନ୍ତୁ - 9437581914.** D-76223

**4 BHK luxurious flat for sale at Unit-3, Kharavelanagar, back side of Ram Mandir, handover within 2 months. Please contact: 9438362399.** D-2226

Wanted homestead land (30'/40') road on sharing basis for Duplex/ Apartment Project within Bhubaneswar/ Cuttack/ Puri. MPlanets-7008550473. D-2250

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-2249

Ready to move 4BHK flat (2050sqft. SBA) at Saubhagya Nagar, near OUAT with double parking, 6500/- per sqft. Contact: 9439716901. D-75587



CONSTRUCTION

**Construct your Dream home @460/-, 850/-, 1325/- with Branded material along with 3 years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt. Ltd. 9439856856.** D-1953

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



Healthcare

Newly open full body massage relax with new lady therapist. 7750040475. D-76176

**Full body massage experience, good looking therapist @999 (Bhubaneswar). 9078484455.** D-2144

Newly open health benefits spa special offer @799, Bapujinagar. 8018429809. D-76178

BUSINESS

ଓଡ଼ିଶା ପରିବହନର ସୀକୃତିପ୍ରାପ୍ତ VLTD (GPS) DEVICE ର ଜିଲ୍ଲା ସ୍ତରରେ Fitment Center ପାଇଁ ଯୋଗାଯୋଗ କରନ୍ତୁ। Mob- 7008533430. D-2166

AFFIDAVIT

By virtue of an affidavit sworn before the Executive Magistrate, Khordha dated 10.12.2024, I Sarat Kumar Behera, S/o Bhalu Behera, permanent resident of Vill./P.O.- Paikatigiria, P.S./ Dist.- Khordha, Odisha, 752057 declare that I have changed my name from Sarat Nayak to Sarat Kumar Behera. Henceforth, I shall be known as Sarat Kumar Behera for all purpose. Sarat Kumar Behera D-73566

Your classified advertisement published in Dharitri will be listed free in Dharitri online edition: **dharitriepaper.in**

I, Dibyadarshini Das, W/o. Deepak Kumar Nayak, resident of Flat No. A-401, Venus Royal Hyde Apartment, Rasulgarh, Bhubaneswar, Dist.- Khurda, Pin-751010, Odisha declare by this affidavit No. 37AA 190249 dtd. 29.8.2017 that now onwards I shall be known as **MRS. DIBYA DEEPAK NAYAK** for all future purposes. D-75832

By virtue of an affidavit sworn before Executive Magistrate, Astaranga dated 09.12.2024. I Minati Behera, W/o Duryodhan Behera, At-Sahan, P.O.- Kusumbar, P.S.- Astaranga, Dist.- Puri, Pin- 752109, I have changed my name from Manaswani Behera to Minati Behera. Henceforth, I shall be known as Minati Behera for all purposes. D-2248

## ମନେ ପଡ଼ନ୍ତି




D-2451


# ବେଦାନ୍ତ ଆଲୁମିନିୟମ୍‌ର ନୂଆ ମାଇଲଖୁଣ୍ଟ

ନୂଆଦିଲ୍ଲୀ, ୧୩।୧୨



ବେଦାନ୍ତ ଲିମିଟେଡ୍‌ର ପ୍ରମୁଖ କମ୍ପାନୀ ତଥା ବେଦାନ୍ତ ଆଲୁମିନିୟମ୍‌କୁ ନିକଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା ମିଳିଛି। ଏପରି କି ଶକ୍ତି ସଂରକ୍ଷଣ ଓ ଅକ୍ଷୟ ଶକ୍ତି ବ୍ୟବହାର ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ବା ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ କମ୍ପାନୀ ଏକ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଦ୍ୱାରା ଆରମ୍ଭ ହୋଇଥିବା ଶକ୍ତି ସଂରକ୍ଷଣ ସପ୍ତାହରେ ବେଦାନ୍ତ ଆଲୁମିନିୟମ୍‌କୁ ଏହି ନୂଆ ସଫଳତା/ମାଇଲଖୁଣ୍ଟ ପ୍ରାପ୍ତ ହୋଇଛି। ଏପରି କି ଉଦ୍ଭାବନମୂଳକ ପଦକ୍ଷେପ ମାଧ୍ୟମରେ ଶକ୍ତି ଦକ୍ଷତା ବୃଦ୍ଧି ଏବଂ ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରି କମ୍ପାନୀ ୧.୩ ମିଲିୟନ ଗିଗା ଜୁଲେସ୍ (ଜିଜେ) ଶକ୍ତି ସଞ୍ଚୟ ହାସଲ କରିଛି।

ସେହିଭଳି ୨୦୨୧ ବେସ୍ ଲାଇନ୍ ଆଧାରରେ ଜିଏଚଜି ତୀବ୍ରତା ଅନୁଯାୟୀ କମ୍ପାନୀ ଏକ ଉଲ୍ଲେଖନୀୟ ୧୦.୧୬% ହ୍ରାସ ହାସଲ କରିଛି। ଏପରି କି କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ବିଶ୍ୱ ପ୍ରୟାସରେ ଏହାକୁ ଏକ ଅଗ୍ରଣୀ ଭାବେ ସ୍ଥାନିତ କରିଛି। ବିଶେଷ କରି ସ୍ଥିରତା ଲକ୍ଷ୍ୟକୁ ଆଗକୁ ବଢ଼ାଇ କମ୍ପାନୀ ୧.୩ ଜିଡବ୍ଲ୍ୟୁ ଅକ୍ଷୟ ଶକ୍ତି ସଞ୍ଚୟ ସମ୍ପର୍କରେ ଘୋଷଣା କରି ଏକ ପରିଷ୍କାର ଓ ଅଧିକ ସ୍ଥାୟୀ କାର୍ଯ୍ୟ ଦିଗରେ ପ୍ରମୁଖ ପଦକ୍ଷେପକୁ ଚିହ୍ନିତ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ମୁଖ୍ୟ ପରିଚାଳନା ଅଧିକାରୀ(ସିଓଓ) ସୁନୀଲ ଗୁପ୍ତା କହିଛନ୍ତି, ଶକ୍ତି ପରିଚାଳନା ଆମର ନେଟ-ଶୂନ ଯାତ୍ରା ପାଇଁ ମୂଳ ଲକ୍ଷ୍ୟ ପାଲଟିଛି। ଏପରିକି ଅକ୍ଷୟ ଶକ୍ତି ଗ୍ରହଣକୁ ବିସ୍ତାର କରିବା ପାଇଁ ପ୍ୟାଣ୍ଟେଟେଡ୍ 'ବେଦାନ୍ତ ଲାଇନ୍ ଡିଜାଇନ୍' ପରି ଉଦ୍ଭାବନ, ଆମର ଦକ୍ଷତାକୁ ବୃଦ୍ଧି କରିବା ସହିତ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରୁଛି। ଗତବର୍ଷ ପାଇଁ ଏସ ଆଣ୍ଡ ପି ଗ୍ଲୋବାଲ୍ ସଷ୍ଟେନେବିଲିଟି ଆକ୍ସେସରେ ପ୍ରଥମ ସ୍ଥାନ ଅଧିକାର କରିବା ଆମର ବିଶ୍ୱାସକୁ ପ୍ରତିଫଳିତ କରିଛି, ଶକ୍ତି ସଂରକ୍ଷଣ ସପ୍ତାହ ସବୁଜ ଭବିଷ୍ୟତ ପାଇଁ ନିରନ୍ତର ଅଭ୍ୟାସକୁ ଆଗେଇ ନେବା ଲାଗି ଆମର ସଂକଳ୍ପକୁ ପୁନଃ ପ୍ରମାଣିତ କରିଛି।

ବେଦାନ୍ତ ଆଲୁମିନିୟମ୍ ଏହାର ପଟ୍‌ଲାଇନରେ ସ୍ଥିରତା ଏବଂ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାର୍ଯ୍ୟକାରୀ କରିଛି, ଯେଉଁଠାରେ ଇଲେକ୍ଟ୍ରୋଲାଇସିସ୍ ମାଧ୍ୟମରେ ଆଲୁମିନାରୁ ତରଳ ଆଲୁମିନିୟମ ଉତ୍ପନ୍ନ ହୋଇଥାଏ। ଏହି ପଦକ୍ଷେପଗୁଡ଼ିକ ସାମ୍ପ୍ରତିକ ବ୍ୟବହାରକୁ ହ୍ରାସ କରିବା ସହିତ ଜିଏଚ୍‌ଜି ନିର୍ଗମନକୁ କମ୍ କରିବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ପାଇଁ ଗ୍ରାଫିଟାଇଜଡ୍ କ୍ୟାଥୋଡ୍ ଉନ୍ନତି ସ୍ଥାପନ କରିବା ଅନ୍ତର୍ଭୁକ୍ତ କରିଥାଏ। କମ୍ପାନୀ ସ୍ୱଦେଶୀ-ବିକଶିତ ବେଦାନ୍ତ ପାତ୍ର ନିୟନ୍ତ୍ରକ ମଧ୍ୟ ନିୟୋଜିତ କରିଛି, ଯାହା ଟନ୍ ଆଲୁମିନିୟମ୍ ପ୍ରତି ୨୦୦-୨୫୦କିଲୋୱାଟ୍ ଶକ୍ତି ବ୍ୟବହାରକୁ ହ୍ରାସ କରିଥାଏ। ଅଧିକନ୍ତୁ ଜିଏଚ୍‌ଜି ନିର୍ଗମନକୁ ହ୍ରାସ କରିବା ଏବଂ ଶକ୍ତି ଦକ୍ଷତା ବୃଦ୍ଧି ପାଇଁ କମ୍ପାନୀ ଏହାର ପାୱାର ପ୍ଲାଣ୍ଟରେ ନିର୍ଦ୍ଦିଷ୍ଟ କୋଇଲା ବ୍ୟବହାରକୁ ହ୍ରାସ କରିଛି, ଶକ୍ତି-ଦକ୍ଷ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ତରଳ ପ୍ରକ୍ରିୟାକୁ ଅପ୍ଟିମାଇଜ୍ କରି ବେଦାନ୍ତ ଆଲୁମିନିୟମ୍ ଏହାର ବ୍ୟାପକ ସ୍ଥିରତା ଲକ୍ଷ୍ୟର ଏକ ଅଂଶ ଭାବରେ ସ୍ଥାୟୀ ଶିଳ୍ପ ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି।

# ୧୦୦ କୋଟିର ପାଣ୍ଠି ସଂଗ୍ରହ ଆକଳନ

ନୂଆଦିଲ୍ଲୀ, ୧୩।୧୨

ଦେଶର ପ୍ରମୁଖ ଘରୋଇ ସଂସ୍ଥା ଆଇଆଇଏଫ୍‌ଏଲ୍ ହୋମ୍ ଫାଇନାନ୍ସ ଲିମିଟେଡ (ଆଇଆଇଏଫ୍‌ଏଲ୍ ଏଚ୍‌ଏଫ୍‌ଏଲ୍)ର ବହୁ ପ୍ରତୀକ୍ଷିତ ପବ୍ଲିକ ଇସ୍ୟୁ ସମ୍ପର୍କରେ ଘୋଷଣା କରାଯାଇଛି। ଏପରି କି ୧,୦୦୦ ଟଙ୍କା (ପ୍ରତ୍ୟେକ)ର ଫେସ୍ ଭାଲ୍ୟୁ ସିକ୍ୟୁର୍‌ଡ, ରେଟେଡ, ଲିଷ୍ଟେଡ ରିଡିମେବୁଲ ନନ୍-କନ୍‌ଭର୍ଟିବୁଲ ଡିବେଞ୍ଚର (ଏନ୍‌ସିଡି)ର ପବ୍ଲିକ ଇସ୍ୟୁ ସହିତ ବେସ୍ ଇସ୍ୟୁ ସାଇଜ ୧୦୦ କୋଟି ଟଙ୍କା ରହିଛି। ଯେଉଁଥିରେ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଓଭରସବ୍‌ସ୍କ୍ରିପଶନକୁ ବଜାୟ ରଖିବାର ବିକଳ୍ପ ମଧ୍ୟ ରହିଛି, ଯାହାର ମୋଟ ମୂଲ୍ୟ ୫୦୦ କୋଟି ପର୍ଯ୍ୟନ୍ତ ରହିଛି। ଏହା ୩୦୦୦ କୋଟି ଟଙ୍କା (ଟ୍ରାଞ୍ଚ ଇସ୍ୟୁ)ର ସେଲ୍ଫ ଲିମିଟ୍ ମଧ୍ୟରେ ରହିବ। ଏପରିକି ସେବି ଏନ୍‌ସିଏସ୍ ନିୟମ ଅନୁଯାୟୀ ଶୀଘ୍ର ବନ୍ଦ ହେବାର ଏକ ବିକଳ୍ପ ସହିତ ଟ୍ରାଞ୍ଚ ୧ ଇସ୍ୟୁ ନିକଟରେ ଖୋଲିଥିବାବେଳେ ୨୦୨୪ ଡିସେମ୍ବର ୧୯ରେ ଏହା ବନ୍ଦ ହେବ।

ସେହିଭଳି ଏନ୍‌ସିଡିଗୁଡିକୁ ବିଏସ୍‌ଇ ଲିମିଟେଡ ଓ ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ ଲିମିଟେଡ୍‌ରେ ତାଲିକାଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି। ଏନ୍‌ଏସ୍‌ଇ ଲିମିଟେଡ ଟ୍ରାଞ୍ଚ ୧ଇସ୍ୟୁ ପାଇଁ ନାମିତ ଷ୍ଟକ୍ ଏକ୍ସଚେଞ୍ଜ ହେବ। ଏନ୍‌ସିଡିଗୁଡ଼ିକ କ୍ରିସିଲ ରେଟିଙ୍ଗସ ଲିମିଟେଡ ଦ୍ୱାରା କ୍ରିସିଲ ଏଏ/ଷ୍ଟେବୁଲ ଏବଂ ଇଣ୍ଡିଆ ରେଟିଙ୍ଗସ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ ଲିମିଟେଡ ଦ୍ୱାରା 'ଆଇଏନଡି ଏଏ/ଷ୍ଟେବୁଲ' ରେଟିଂ ଦିଆଯାଇଛି। ଏପରିକି ଟ୍ରାଞ୍ଚ ୧ ଇସ୍ୟୁ ବାର୍ଷିକ ୮.୮୫% ରୁ ବାର୍ଷିକ ୯.୨୫% ପର୍ଯ୍ୟନ୍ତ ରେଞ୍ଜର କୁପନ ରେଟ୍ ସହିତ ସବ୍‌ସ୍କ୍ରିପଶନ ପାଇଁ ଏନ୍‌ସିଡିଗୁଡ଼ିକର ବିଭିନ୍ନ ସିରିଜ ପ୍ରଦାନ କରୁଛି।

ସେହିପରି ଟ୍ରାଞ୍ଚ୧ ଇସ୍ୟୁ ଅଧୀନରେ ଏନ୍‌ସିଡିଗୁଡ଼ିକୁ ସିରିଜ ୧, ୨, ୩, ୪, ୫, ୬, ୭, ୮ ଓ ୯ ହାରରେ ମାସିକ ଓ ବାର୍ଷିକ କୁପନ ପେମେଣ୍ଟ ବିକଳ୍ପଗୁଡ଼ିକ ସହିତ ୨୪, ୩୬, ୬୦ ଓ ୮୪ ମାସର ଅବଧି/ମାଚ୍ୟୁରିଟି ବିକଳ୍ପ ସହ ପ୍ରଦାନ କରାଯାଉଛି। ଉପରୋକ୍ତ ସମସ୍ତ ବର୍ଗର ନିବେଶକଙ୍କ କ୍ଷେତ୍ରରେ ଏନ୍‌ସିଡି ହୋଲ୍ଡରଙ୍କ ପାଇଁ ଇଫେକ୍ଟିଭ ୟିଲ୍ଡ ବାର୍ଷିକ ୮.୮୫% ରୁ ୯.୨୭% ପର୍ଯ୍ୟନ୍ତ ରେଞ୍ଜରେ ରହିବ। ଟ୍ରାଞ୍ଚ ୧ ଇସ୍ୟୁ ସହ ଜଡ଼ିତ ଯେକୌଣସି ଖର୍ଚ୍ଚ ପୂରଣ କରିବା ପରେ ଟ୍ରାଞ୍ଚ ୧ ଇସ୍ୟୁର ସୁଧ ଆୟ ସର୍ବନିମ୍ନ ୭୫%କୁ ବଢ଼ାଇ ଆଗକୁ ଋଣ ଦେବା ସହିତ ଫାଇନାନ୍ସିଂ/ରିଫାଇନାନ୍ସିଂ ଏବଂ କମ୍ପାନୀର ବିଦ୍ୟମାନଋଣଗୁଡ଼ିକର ସୁଧ ଓ ମୂଳଧନର ପୁନଃପରିଶୋଧ/ପୂର୍ବ ପରିଶୋଧ ପାଇଁ ଏବଂ ସାଧାରଣ କର୍ପୋରେଟ୍ ଉଦ୍ଦେଶ୍ୟ ଲାଗି ସର୍ବାଧିକ ୨୫% ପର୍ଯ୍ୟନ୍ତ ଉପଯୋଗ କରାଯିବ।

# ନଦୀପଠାରେ ମହିଳାଙ୍କ ଗଳାକାଟି ହତ୍ୟା

■ଚାପଡ଼, ପ୍ୟାଣ୍ଟଶାର୍ଟ ଜବତ
■ମୃତାଙ୍କ ସମ୍ପର୍କରେ ଜାଣିଥିଲେ ପୋଲିସକୁ ଜଣାନ୍ତୁ:ଡିସିପି

କଟକ ସଦର,୧୩।୧୨(ସୁଶାନ୍ତ କୁମାର ଜେନା)

କଟକ ଜିଲା କନ୍ଦରପୁର ଥାନା ଅଧୀନ ପରମହଂସ ଗ୍ରାମ ନିକଟ କାଠଯୋଡ଼ି ନଦୀପଠାରେ ଗୁରୁବାର ରାତିରେ ଜଣେ ମହିଳାଙ୍କ ଗଳା କାଟି ପଥରରେ ଛେଚି ହତ୍ୟା କରାଯାଇଛି। ମୁହଁକୁ ବିକୃତ କରାଯାଇଥିବାରୁ ତାଙ୍କ ପରିଚୟ ଜଣାପଡ଼ିନାହିଁ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଯାଇଛି। ଘଟଣାସ୍ଥଳରୁ ଏକ ଚାପଡ଼, ଛୋଟପିଲାଙ୍କ ଡ୍ରେସ୍, ପୁରୁଷ ଲୋକଙ୍କ ପ୍ୟାଣ୍ଟଶାର୍ଟ ମିଳିଛି। ମୃତା ମହିଳାଙ୍କ ସମ୍ପର୍କରେ କେହି ଜାଣିଥିଲେ ତୁରନ୍ତ ପୋଲିସକୁ ଖବର ଦେବା ପାଇଁ କଟକ ଡିସିପି ଜଗମୋହନ ମୀନା ଅନୁରୋଧ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କାଠଯୋଡ଼ି ନଦୀପଠାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମହିଳାଙ୍କ ମୃତଦେହ ପଡିଥିଲା। ସେ ହଳଦିଆ ରଙ୍ଗର ଶାଢ଼ି ଏବଂ ନାଲିରଙ୍ଗର ବ୍ଲାଉଜ୍ ପିନ୍ଧିଥିଲେ। ତାଙ୍କ ଡାହାଣ ହାତରେ ଓଁ ବାବା ବଳିଆ ଓ ମାତା ଏବଂ ବାମ ହାତରେ ପିତା, କେପିଏସ୍‌ଏମ୍ ଲେଖା ରହିଛି। ଶୁକ୍ରବାର ସକାଳେ ସ୍ଥାନୀୟ ଲୋକେ ଶୌଚ ହେବା ପାଇଁ ଯିବାବେଳେ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ଡିସିପି ମୀନା,



ଏସିପି କୃଷ୍ଣଚନ୍ଦ୍ର ସେଠୀ, କନ୍ଦରପୁର ଥାନା ଅଧିକାରୀ ରାଧାକାନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ହତ୍ୟାକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ଥିବା ପୋଲିସ ଅନୁମାନ କରୁଛି। ଏ ସମ୍ପର୍କରେ ଥାନାଧିକାରୀ ସାହୁ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ମହିଳାଙ୍କ ଗଳା କଟାଯିବା ପରେ ପଥରରେ ଛେଚି ହତ୍ୟା କରାଯାଇଛି। ଘଟଣାର ତଦନ୍ତ ଜାରି ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମହିଳାଙ୍କ ପରିଚୟ ମିଳିପାରିଲେ ତଦନ୍ତ ପ୍ରକ୍ରିୟା ଅଧିକ ସହଜ ହେବ। ପରମହଂସ ଗ୍ରାମର ଜ୍ୟୋତି ରଞ୍ଜନ ନାୟକଙ୍କ ଏତଲାକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୨୨୪/୨୪) ରୁଜୁ କରିଛି।

# ଆଇଏଏସ୍ ଅଧିକାରୀଙ୍କ ଡ୍ରାଇଭର ସିବିଆଇରେ ହାଜର

**ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣା**

ଭୁବନେଶ୍ୱର,୧୩।୧୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଲାଞ୍ଚ କାରବାର ବେଳେ ଏକ ଦାମୀ କାର୍‌ରୁ ୧୦ ଲକ୍ଷ ଟଙ୍କା ଜବତ ଘଟଣାରେ ସିବିଆଇ ଅଧିକ ତଦନ୍ତ କରୁଛି। ଏହି ଘଟଣାରେ ଗିରଫ ହୋଇଥିବା ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେଶନ(ଇଣ୍ଡିଆ) ଲିଃର ଗ୍ରୁପ୍ ଜେନେରାଲ ମ୍ୟାନେଜର (ଜିଜିଏମ୍) ଚଞ୍ଚଳ ମୁଖାର୍ଜୀ, ପେଣ୍ଟା ଏ ଷ୍ଟୁଡିଓ ପ୍ରାଇଭେଟ୍ ଲିଃର ନିର୍ଦ୍ଦେଶକ ସନ୍ତୋଷ ମହାରଣା ଓ ମଧ୍ୟସ୍ଥ ଦେବଦତ୍ତ ମହାପାତ୍ରଙ୍କୁ ସିବିଆଇ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ତେବେ ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଣେ ପ୍ରମୁଖ ସଚିବଙ୍କ ଡ୍ରାଇଭର ନୃସିଂହ ଚରଣ ଶତପଥୀ ଯୋଡ଼ି ହୋଇଛନ୍ତି। ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍‌ଏସ୍) ଦଫା ୧୭୯ ଅନୁଯାୟୀ ଡ୍ରାଇଭର ନୃସିଂହଙ୍କୁ ସିବିଆଇ ପକ୍ଷରୁ ଶୁକ୍ରବାର ସମନ୍ କରାଯାଇଛି। ଏହି ନୋଟିସ ପାଇ ଶୁକ୍ରବାର ଅପରାହ୍ନରେ ନୃସିଂହ ଭୁବନେଶ୍ୱରସ୍ଥିତ ସିବିଆଇ ଆଞ୍ଚଳିକ ଅଫିସରେ ହାଜର ହୋଇଥିବାବେଳେ ସିବିଆଇ ତାଙ୍କୁ ଏହି ମାମଲା ସଂକ୍ରାନ୍ତରେ ପଚରାଉଚରା କରି ସାକ୍ଷ୍ୟ ଗ୍ରହଣ କରିଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୭ ତାରିଖ ରାତିରେ ଜୟଦେବ ବିହାର ଅଞ୍ଚଳର ଏକ ତାରକା ହୋଟେଲ ସମ୍ମୁଖ ରାସ୍ତାରେ ମର୍ସିଡିଜ୍ କାର୍‌ରେ ଟଙ୍କା ରଖି ଲାଞ୍ଚ କାରବାର ପାଇଁ ଡିଲ୍ ହେଉଥିବାବେଳେ ସିବିଆଇ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏହି ସମୟରେ ଉକ୍ତ ସଚିବଙ୍କ ସରକାରୀ ଗାଡ଼ି ସହ ସମ୍ପୃକ୍ତ ଡ୍ରାଇଭର ଜଣଙ୍କ ନିକଟରେ ଥିଲେ। ସିବିଆଇ ସେଠାରେ ଉପସ୍ଥିତ ଥିବା ସମସ୍ତଙ୍କ ତଥ୍ୟ ନେଇଥିଲା। ତେବେ ସେଠାରେ ପ୍ରମୁଖ ସଚିବଙ୍କ ଗାଡ଼ି ଥିବାରୁ ତାଙ୍କ ଡ୍ରାଇଭରମାନଙ୍କ ତଥ୍ୟ ଦେବା ପାଇଁ ସିବିଆଇ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଥିଲା। ପରେ ସିବିଆଇ ତଥ୍ୟ ପାଇ ଘଟଣାଦିନ ଉପସ୍ଥିତ ଥିବା ଡ୍ରାଇଭର ନୃସିଂହଙ୍କୁ ଚିହ୍ନଟ କରି ନୋଟିସ୍ କରିଥିଲା। ତେବେ ନୃସିଂହଙ୍କ ଏହି ମାମଲାରେ ଅନ୍ୟ କେଉଁ ସମ୍ପୃକ୍ତି ରହିଛି ସନେଇ ସିବିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

# କଟୁରି ଗ୍ୟାଙ୍ଗ୍‌ର ୩ ଜଣଙ୍କୁ ଦେଢ଼ବର୍ଷ ଲେଖାଏ ଜେଲ

**ନୂଆ ଆପରାଧିକ ଆଇନରେ ପ୍ରଥମ ରାୟ**

ଭୁବନେଶ୍ୱର,୧୩।୧୨(ସତ୍ୟଜିତ୍ ରାଉତ)

ନୂଆ ଆପରାଧିକ ଆଇନ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ ରାଜ୍ୟରେ ଶୁକ୍ରବାର ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ପ୍ରଥମ ରାୟ ପ୍ରକାଶ ପାଇଛି। ଏୟାରପୋର୍ଟ ଥାନାରେ ରୁଜୁ ଏକ ଲୁଟ୍ ମାମଲାରେ ଭୁବନେଶ୍ୱର ଜେଏମ୍‌ଏଫ୍‌ସି-୫ କଟୁରି ଗ୍ୟାଙ୍ଗର ୩ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୩ ମସଜିଦ୍ କଲୋନୀରେ ରହୁଥିବା ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ନପୁର ଅଞ୍ଚଳର ସେକ୍ ନୟାମଦ୍ ଓରଫ ଛୋଟୁ(୨୮), ଶହୀଦନଗର ଥାନା ଅନ୍ତର୍ଗତ ଆଖଣ୍ଡଳମଣି ବସ୍ତିରେ ରହୁଥିବା ବାଲେଶ୍ୱର ଜିଲା ଶାହାଜାହାନ ନଗର ଅଞ୍ଚଳର ଗଣେଶ ପୃଷ୍ଟି (୪୧) ଓ ଯାଜପୁର ଜିଲା କୋରେଇ ଅଞ୍ଚଳର ଶଙ୍କର ଦାସ (୨୯)। ସମସ୍ତଙ୍କୁ ଦେଢ଼ବର୍ଷ ଲେଖାଏ ଜେଲଦଣ୍ଡ ସହ ୧ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଭିଯୁକ୍ତମାନଙ୍କୁ ଅଧିକ ୪ମାସ ଲେଖାଏ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ଇତିଶ୍ରୀ ମହାପାତ୍ର ତାଙ୍କ ରାୟରେ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଗଣେଶ ଏବଂ ଶଙ୍କର ସମ୍ପର୍କରେ ଶଳା ଓ ଭିଣୋଇ। ଅଭିଯୁକ୍ତମାନେ ବାଇକ୍‌ରେ ବୁଲି ପ୍ରାତଃଭ୍ରମଣ କରୁଥିବା ମହିଳାମାନଙ୍କୁ ଟାର୍ଗେଟ କରୁଥିଲେ। ସୁଯୋଗ ଦେଖି ମହିଳାଙ୍କୁ ଅଟକାଇ କଟୁରି ଦେଖାଇ ଓ ଆକ୍ରମଣ କରି ଅଳଙ୍କାର, ଟଙ୍କା ଆଦି ଲୁଟୁଥିଲେ। ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ ଫେଜ୍-୧ ଅଞ୍ଚଳର ପୁଷ୍ପଲତା ନାୟକ ଜୁଲାଇ ୮ରେ ନଣନ୍ଦଙ୍କ ସହ ପଳାଶପଲ୍ଲିସ୍ଥିତ ବିଡିଏ ପାର୍କ ନିକଟରେ ପ୍ରାତଃଭ୍ରମଣ କରୁଥିବାବେଳେ ଅଭିଯୁକ୍ତମାନେ ଏକ ବାଇକ୍‌ରେ ପିଛା କରିଥିଲେ। ସକାଳ ପ୍ରାୟ ୫ଟା ୩୦ରେ ସେମାନେ ପୁଷ୍ପଲତାଙ୍କୁ ଅଟକାଇ କଟୁରି ଦେଖାଇ ସୁନାଚେନ୍ ଝିମ୍ପିନେଇଥିଲେ। ଏ ନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୮୯/୨୦୨୪) ରୁଜୁ କରି ତଦନ୍ତ କରିବା ସହ ଜୁଲାଇ ୨୨ରେ ୩ଜଣଙ୍କୁ ଗିରଫ କରିଥିଲା। କୋର୍ଟ ୮ଜଣଙ୍କ ସାକ୍ଷ୍ୟ ଓ ୯ଟି ଦସ୍ତାବିଜ୍‌କୁ ଆଧାର କରି ରାୟ ଶୁଣାଇଥିବାବେଳେ ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ନିରଞ୍ଜନ ବେହେରା ମାମଲା ପରିଚାଳନା କରୁଥିଲେ।

# ବି.ଟେକ୍ ଯୁବକଙ୍କ ସମେତ ୪ ଅଣଓଡ଼ିଆ ଗିରଫ

**ଫେକ୍ ଅନ୍‌ଲାଇନ ଗେମିଂ ସ୍କାମ୍ ଘଟଣା**

■ମାସକୁ ରୋଜଗାର ୪୦ ହଜାର, ଦୁବାଇ ପର୍ଯ୍ୟନ୍ତ ଚେର
■ଆକାଉଣ୍ଟ ଫ୍ରିଜ୍, ବିଦେଶୀ ମୁଦ୍ରା ସହ ବିଭିନ୍ନ ସାମଗ୍ରୀ ଜବତ

ଭୁବନେଶ୍ୱର,୧୩।୧୨(ସୂର୍ଯ୍ୟକାନ୍ତ ବେହେରା)

ଫେକ୍ ଅନ୍‌ଲାଇନ ଗେମିଂ ସ୍କାମ୍ ଘଟଣାରେ ଜଣେ ବିଟେକ୍ ପଢୁଆ ଯୁବକଙ୍କ ସମେତ ୪ଜଣ ଅଣଓଡ଼ିଆ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତମାନେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବୋତଣ୍ଡାସ୍ଥିତ ପ୍ରେଷ୍ଟିଜ ଆପାର୍ଟମେଣ୍ଟର ଫ୍ଲାଟ୍ ନଂ. ୬୦୨ରେ ଭଡ଼ାରେ ରହି ନକଲି ଅନ୍‌ଲାଇନ ଗେମିଂ ସ୍କାମ ଜରିଆରେ ଯୁବପିଢିଙ୍କୁ ଠକି ମାସକୁ ୩୦ରୁ ୪୦ ହଜାର ଟଙ୍କା ରୋଜଗାର କରୁଥିଲେ। ୪ ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ପୋଲିସ ଏଭଳି ତଥ୍ୟ ହାସଲ କରିଛି। ଏଥିସହ ଚାଇନିଜ୍ ଗେମିଂ ୱେବ୍‌ସାଇଟ୍ 'ୱିନ୍‌ବଜ୍ ୩୬୫' ମାଧ୍ୟମରେ ଏହି ଠକେଇ ର୍‍ୟାକେଟ ଚଳାଇଥିବାବେଳେ ହ୍ୱାଟ୍‌ସଆପ୍ ଓ ଟେଲିଗ୍ରାମ୍ ଜରିଆରେ ଲିଙ୍କ୍ ପଠାଇ ଯୁବପିଢ଼ିଙ୍କୁ ଅଧିକ ଫେରସ୍ତର ପ୍ରଲୋଭନ ଦେଖାଇ ଟଙ୍କା ଠକିନେଉଥିଲେ। ବିଶେଷକରି ଏହି ଗେମିଂ ପ୍ଲାଟ୍‌ଫର୍ମରେ ଯୋଗଦାନ ପାଇଁ ପ୍ରଥମେ ୧୦୦ ଟଙ୍କା ନେବା ପରେ ନିବେଶ ପାଇଁ ଅଧିକ ଟଙ୍କା ଲୁଟିଥାନ୍ତି ବୋଲି ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି। ଘଟଣାରେ ଅଟକ ଥିବା ୪ ଅଣ ଓଡ଼ିଆ ଯୁବକଙ୍କ ବିରୋଧରେ ଠକେଇ ପ୍ରମାଣ ମିଳିବା ପରେ ସାଇବର ପୋଲିସ ଏକ ମାମଲା (ନଂ. ୩୧୫/୨୦୨୪) ରୁଜୁ କରି ସମସ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଦିଲ୍ଲୀର ବୈଭବ ଖାନ୍ନା ଓ କମଲଜିତ ସିଂ, ଗୁଜରାଟର ତେଜସ କୁମାର ମହେନ୍ଦ୍ରଭାଇ ପଟେଲ, ତେଲଙ୍ଗାନାର ଗୁଗୁଲାଭତ ମହିପାଲ। ଜାମିନ ନ ମିଳିବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଧରାପଡ଼ିଥିବା ଅଭିଯୁକ୍ତଙ୍କ ମଧ୍ୟରୁ ମହିପାଲଙ୍କ ଶିକ୍ଷାଗତ ଯୋଗ୍ୟତା ବିଟେକ୍ ଡ୍ରପ୍ ଆଉଟ୍। ସେହିପରି ଅନ୍ୟ କେହି ଦଶମ ତ ଆଉ କିଏ ଅଷ୍ଟମ ପାସ୍ ବୋଲି ଜଣାପଡ଼ିଛି। ସେହିପରି ଅଭିଯୁକ୍ତମାନେ ୬ଲକ୍ଷ ୯୪ ହଜାରରୁ ଅଧିକ ଠକେଇ ଟଙ୍କା ରଖିଥିବା ଏକ ଆକାଉଣ୍ଟକୁ ସାଇବର ପୋଲିସ ଫ୍ରିଜ୍ କରିଦେଇଛି। ସେମାନଙ୍କଠାରୁ ସିମ୍‌କାର୍ଡ, ୨୦ଟି ମୋବାଇଲ ଫୋନ୍, ୨ କମ୍ପ୍ୟୁଟର, ଗୋଟିଏ ଲାପ୍‌ଟପ୍, ସିସିଟିଭି କ୍ୟାମେରା, ୩ ପାସ୍‌ପୋର୍ଟ, ଇଣ୍ଟରନେଟ ଉପକରଣ, ୧୮ହଜାର ଟଙ୍କା ସହ ବିଦେଶୀ ମୁଦ୍ରା ଜବତ କରାଯାଇଛି। ଏହି ର୍‍ୟାକେଟର ଚେର ଦୁବାଇ ପର୍ଯ୍ୟନ୍ତ ଲମ୍ବିଥିବା ସହ ଏକାଧିକ ବ୍ୟକ୍ତି କାମ କରୁଥିବା ପୋଲିସ ଜାଣିବାକୁ ପାଇଛି। ତେଣୁ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ପୋଲିସ ଅଧିକ ତଥ୍ୟ ହାସଲ କରିବ ବୋଲି ସୂଚନା ମିଳିଛି।

# ଜେଲ ଗଲେ ଆଲବମ୍ ହିରୋ ବିକି ପପ୍

## ରିଲ୍ ହିରୋଇନଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ

ଭୁବନେଶ୍ୱର,୧୩।୧୨(ସତ୍ୟଜିତ୍ ରାଉତ)

ଜଣେ ଲୋକପ୍ରିୟ ରିଲ୍ ହିରୋଇନଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ମହଙ୍ଗା ପଡ଼ିଛି। ଏହି ମାମଲାରେ ଆଲ୍‌ବମ୍ ହିରୋ ତଥା ପ୍ରେମିକ ଜଟଣୀ ଥାନା ଅଞ୍ଚଳର ବିଶ୍ୱଜିତ ବାରିକ (୨୧) ଓରଫ ବିକି ପପ୍‌ଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି। ଗତ ବୁଧବାର ବିକିଙ୍କୁ ପୋଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝୀ କହିଛନ୍ତି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ରିଲ୍ ହିରୋଇନ ଓ ବିକିଙ୍କ ମଧ୍ୟରେ ପୂର୍ବରୁ ପ୍ରେମ ସମ୍ପର୍କ ଥିଲା। ଉଭୟ ରିଲ୍ ଭିଡିଓ ଶୁଟ୍ କରି ଇନ୍‌ଷ୍ଟାଗ୍ରାମ୍ ଓ ଫେସବୁକ୍ ଆଦିରେ ପୋଷ୍ଟ କରୁଥିଲେ। ଏପରିକି ଉଭୟେ ୟୁଟ୍ୟୁବ୍‌ରେ ବ୍ଲଗ୍ ମଧ୍ୟ କରୁଥିଲେ। ତେବେ କିଛିମାସ ହେବ ଉଭୟଙ୍କ ପ୍ରେମ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ପରିବାର ଲୋକେ ରାଜି ନ ହେବାରୁ ଯୁବତୀ ଜଣଙ୍କ ବିକିଙ୍କ ଠାରୁ ଦୂରେଇ ଯାଇଥିଲେ। ଏହାକୁ ବିକି ସହ୍ୟ କରିପାରି ନ ଥିଲେ।



ପୂର୍ବରୁ ଭିଡିଓ କଲ୍‌ରେ ଯୁବତୀ ଜଣଙ୍କ ଅଙ୍ଗ ପ୍ରଦର୍ଶନ କରିଥିବାବେଳେ ଏହାକୁ ବିକି ସ୍କ୍ରିନ୍ ରେକର୍ଡ କରି ରଖିଥିଲେ। ତେବେ ଉକ୍ତ ଭିଡିଓକୁ ବିକି ସୋସିଆଲ୍ ମିଡିଆରେ ଭାଇରାଲ କରିଦେବାର ଧମକ ଦେଇ ବ୍ଲାକମେଲ୍ କରିଥିଲେ। ପୀଡ଼ିତା ଜଣଙ୍କ କଥା ମାନି ସମ୍ପର୍କ ନ ରଖିବାରୁ ବିକି ପ୍ରତିଶୋଧ ପରାୟଣ ହୋଇଯାଇଥିଲେ। ଉକ୍ତ ଅଶ୍ଳୀଳ ଭିଡିଓକୁ ସେ ସୋସିଆଲ୍ ମିଡିଆରେ ଭାଇରାଲ କରିଦେଇଥିଲେ। ଏନେଇ ପୀଡିତା ଜଣଙ୍କ ଥାନାରେ ଏତଲା ଦେବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ନେଇଛି।

# ନାବାଳିକା ଶ୍ରମିକ ଉଦ୍ଧାର

**ଲକ୍ଷ୍ମୀସାଗର ଥାନାରେ ଏତଲା**

ଭୁବନେଶ୍ୱର,୧୩।୧୨(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଜୟଦୁର୍ଗା ନଗରରେ ଜଣେ ବ୍ୟକ୍ତିଙ୍କ ଘରେ କାମ କରୁଥିବା ୧୩ ବର୍ଷୀୟା ନାବାଳିକା ଶ୍ରମିକଙ୍କୁ ଶୁକ୍ରବାର ଉଦ୍ଧାର କରାଯାଇଛି। ରୁଚିକା ସମାଜ ମଙ୍ଗଳ ସଂଗଠନ, ଚାଇଲ୍ଡ ହେଲ୍ପଲାଇନର କର୍ମକର୍ତ୍ତା ଓ ସ୍ଥାନୀୟ ପୋଲିସର ମିଳିତ ଉଦ୍ୟମରେ ଏହି ପଦକ୍ଷେପ ନିଆଯାଇଛି। ତେବେ କାମ କରାଉଥିବା ଦମ୍ପତିଙ୍କ ବିରୋଧରେ ରୁଚିକା ପକ୍ଷରୁ ଲକ୍ଷ୍ମୀସାଗର ଥାନାରେ ଏତଲା ଦିଆଯାଇଛି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି। ନାବାଳିକାଙ୍କ ବୟାନ ଅନୁଯାୟୀ, କଳ୍ପନା ପାଣିଟାଙ୍ଗୀ ଅଞ୍ଚଳରେ ତାଙ୍କ ଘର। ତାଙ୍କ ମା' ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଆଗୁଆ ୩ମାସ ପାଇଁ ଟଙ୍କା ନେଇ କାମ କରିବାକୁ ଛାଡ଼ି ଦେଇଥିଲେ। ତାଙ୍କ ଘରେ ଗାଡ଼ି ପୋଛାପୋଛିଠୁ ଆରମ୍ଭ କରି ଯାବତୀୟ କାମ କରୁଥିଲେ। ଏନେଇ ଖବର ମିଳିବା ପରେ ସମ୍ପୃକ୍ତ ଦମ୍ପତିଙ୍କ ଘରେ ମିଳିତ ଟିମ୍ ଚଢ଼ାଉ କରିଥିଲା। ପରବର୍ତ୍ତୀ ସମୟରେ ନାବାଳିକାଙ୍କୁ ସିଡବ୍ଲ୍ୟୁସିଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶକ୍ରମେ ନାବାଳିକାଙ୍କୁ କଳିଙ୍ଗନଗରସ୍ଥିତ ବିଶ୍ୱ ଜୀବନ ସେବା ସଂଘର ଓପନ ଶେଲ୍ଟରରେ ରଖାଯାଇ କାଉନ୍‌ସେଲିଂ କରାଯାଉଥିବା ସୂଚନା ମିଳିଛି।

# ପୂର୍ବଶତ୍ରୁତାକୁ କେନ୍ଦ୍ର କରି ବୋମାମାଡ଼

ଆଠଗଡ଼,୧୩।୧୨(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ ଥାନା ବଡ଼ଭୂଇଁ ପଞ୍ଚାୟତ ଅନ୍ତର୍ଗତ ଜାଗିଆପଡ଼ା ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଶୁକ୍ରବାର ବୋମାମାଡ଼ ହୋଇଛି। ଏହି ଗ୍ରାମର ପ୍ରଭାତ କୁମାର ରାଉତଙ୍କ ଘର ଉପରେ ଘୋଳପୁର ଗ୍ରାମର ୩ ଯୁବକ ବୋମାମାଡ଼ କରିଥିବା ନେଇ ପ୍ରଭାତଙ୍କ ସ୍ତ୍ରୀ କୃଷ୍ଣପ୍ରିୟା ଆଠଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ଏକ ସାକ୍ଷୀ ଘଟଣାକୁ ନେଇ ସମ୍ପୃକ୍ତ ଯୁବକମାନେ ପ୍ରଭାତଙ୍କ ଘର ସମ୍ମୁଖରେ ହାତରେ ଖଣ୍ଡା ଧରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଘର ଉପରକୁ ବୋମା ଫିଙ୍ଗିଥିଲେ। ବୋମାଟି ଘରର ଦୁଆରବନ୍ଦରେ ପଡି ଫୁଟିଥିଲା। ଫଳରେ କାହାର କୌଣସି କ୍ଷତି ହୋଇନାହିଁ। ଏହାପରେ ଅଭିଯୁକ୍ତ ଯୁବକମାନେ ଫେରାର ହୋଇଯାଇଛନ୍ତି। ଖବରପାଇ ଆଠଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ମାମଲା (ନଂ. ୩୬୮/୨୪) ରୁଜୁ ହୋଇଛି।

# ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

**ନାବାଳିକା ବଳାତ୍କାର ମାମଲାରେ ୭ମାସରେ ରାୟ**

ଭୁବନେଶ୍ୱର,୧୩।୧୨(ସତ୍ୟଜିତ୍ ରାଉତ)

ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅନ୍ତର୍ଗତ ଏକ ଗାଁର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାରେ ଭୁବନେଶ୍ୱର ୪ର୍ଥ ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଶୁକ୍ରବାର ରାୟ ଶୁଣାଇଛନ୍ତି। ଏହି ମାମଲାର ଅଭିଯୁକ୍ତ କାର୍ତ୍ତିକ ବିଶ୍ୱାଳ ଓରଫ ମଙ୍ଗି (୨୨)ଙ୍କୁ ବିଚାରପତି ପ୍ରଦୀପ କୁମାର ବେହେରା ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ କାର୍ତ୍ତିକଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ନାବାଳିକା ଓ କାର୍ତ୍ତିକ ଗୋଟିଏ ଗାଁର ବାସିନ୍ଦା। ୨୦୨୪ ଏପ୍ରିଲ ୧୫ରେ କାର୍ତ୍ତିକ ଏହି ଅପରାଧ ଘଟାଇଥିବା ବେଳେ ପୀଡ଼ିତାଙ୍କୁ ୧୪ ବର୍ଷ ହୋଇଥିଲା। ନାବାଳିକା ଜଣଙ୍କ ଗାଁ ଦାଣ୍ଡରେ ଠିଆ ହୋଇଥିବାବେଳେ କାର୍ତ୍ତିକ ତାଙ୍କୁ ଘରେ ଛାଡ଼ିଦେବାକୁ କହି ବାଇକରେ ବସାଇ ନେଇଯାଇଥିଲେ। ଏପଟେ ଝିଅକୁ ନ ପାଇ ପରିବାର ଲୋକେ ନାରୁଣୀ ଥାନାରେ ନିଖୋଜ ଏତଲା ଦେଇଥିଲେ। ସେପଟେ ନାବାଳିକାଙ୍କ ସହ କାର୍ତ୍ତିକ ବଳପୂର୍ବକ ଶାରୀରିକ ସମ୍ପର୍କ ରଖିଥିଲେ। ଏହାର ପରଦିନ ଅର୍ଥାତ ଏପ୍ରିଲ୧୬ରେ ନାବାଳିକାଙ୍କୁ କାର୍ତ୍ତିକ ଆଣି ଘରେ ଛାଡ଼ି ଦେଇଥିଲେ। ଏନେଇ ଏତଲାକ୍ରମେ ନାରୁଣୀ ଥାନା ପକ୍ଷରୁ ଆଇପିସି ଦଫା ୩୬୩, ୩୬୬(ଏ), ୩୭୬(୩) ଏବଂ ପୋକ୍‌ସୋ ଆକ୍ଟର ଦଫା ୪ ଓ ୬ରେ ମାମଲା (ନଂ.୧୩୮/୨୦୨୪) ରୁଜୁ ହୋଇଥିଲା। ପରେ କାର୍ତ୍ତିକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ଶୁଣାଣିବେଳେ ସରକାରଙ୍କ ପକ୍ଷରୁ ୧୧ ଜଣଙ୍କ ସାକ୍ଷ୍ୟ ଓ ୪୬ଟି ଦସ୍ତାବିଜ୍ କୋର୍ଟରେ ଉପସ୍ଥାପନ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବରିଷ୍ଠ ପବ୍ଲିକ୍ ପ୍ରସିକ୍ୟୁଟର ସୁବ୍ରତ ପ୍ରିୟଦର୍ଶୀ ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଯୋଗାଇ ଦେବାକୁ ଖୋର୍ଦ୍ଧା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍‌ଏସ୍‌ଏ)ଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୋଉ ମଣିଷର ମୁହଁ ଚାହିଁଲି**
**ଆଜି ପରାଦିନେ ମାଡ଼ ଖାଇଲି।**

ବେଳେବେଳେ ଜଣକର ମୁହଁ ଚାହିଁଲେ ଦିନଟି ଭଲରେ ଯାଉ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଦିନର ସବୁ କାର୍ଯ୍ୟରେ ଅଶୁଭ ବା ଅମଙ୍ଗଳ ଘଟୁଥିବାର ଜଣାଯାଇଥାଏ। କୃପଣ ତଥା ଆଣ୍ଟୁକୁ ଲୋକଙ୍କୁ ଦେଖିଲେ ଦିନଟି ଭଲରେ କଟୁ ନ ଥିବା ନେଇ ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଷି ଓଉ କଲି ରାଇ**
**ବୋହୂ ବୋଲି ଯାକୁ ଘରକୁ ଆଣିଲି**
**ତା' ଗୁଣ କହିବି ନାହିଁ**

ଦୁହିତା ଦୁଇ କୁଳକୁ ହିତା। କନ୍ୟାର ଗୁଣଗ୍ରାମ ଯେତେ ଭଲ ହୋଇଥାଏ ସେ ଉଭୟ ବାପଘରେ ଓ ଶାଶୂଘରେ ସେତେ ସୁନାମ ଅର୍ଜିଥାଏ। ପରନ୍ତୁ ଗୁଣର ହୋଇ ନ ଥିଲେ ଶାଶୂଘରେ ଭଲ ବୋହୂର ମାନ୍ୟତା ପାଇପାରି ନ ଥାଏ। ବୋହୂର କାର୍ଯ୍ୟକଳାପ ତଥା ଚାଲିଚଳଣରେ ଶାଶୂଘର ଲୋକେ ବ୍ୟତିବ୍ୟସ୍ତ ହୋଇପଡ଼ିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ରେଳଷ୍ଟେସନ ଶୌଚାଳୟ ପାଖରୁ ଅଚିହ୍ନା ମୃତଦେହ ଜବତ

ଭୁବନେଶ୍ୱର, ୧୩।୧୨ (ସୂର୍ଯ୍ୟକାନ୍ତ ବେହେରା): ଭୁବନେଶ୍ୱର ରେଳଷ୍ଟେସନସ୍ଥିତ ଶୌଚାଳୟ ନିକଟରୁ ସନ୍ଦେହଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ମିଳିଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ବୟସ ପାଖାପାଖି ୪୦ ବର୍ଷରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ରେଳବାଇ ସରକାରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ତଦନ୍ତ ଜାରି ରଖିଛି। ମୃତ ଯୁବକଙ୍କ ପରିଚୟ ସମେତ ସେ ସେଠାକୁ କିପରି ଆସିଲେ ଓ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ଘଟିଲା ସେ ସମ୍ପର୍କରେ ରେଳବାଇ ପୋଲିସ ଅଧିକ ତଦନ୍ତ ଚଳାଇଛି।

# ଦୁଇ ଯୁବକଙ୍କୁ ଆଜୀବନ କାରାଦଣ୍ଡ

**ନାବାଳିକାଙ୍କୁ ଗଣବଳାତ୍କାର ମାମଲା**

ବ୍ରହ୍ମପୁର,୧୩।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ପ୍ରଣତି ପଟ୍ଟନାୟକ ଶୁକ୍ରବାର ନାବାଳିକା ଗଣବଳାତ୍କାର ମାମଲାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ଗୋଳନ୍ଥରା ଥାନା ଅଞ୍ଚଳର ରତୁରାଜ ବେହେରା (୩୩) ଓ ହେମନ୍ତ ବେହେରା (୩୧)। କାରାଦଣ୍ଡ ଭୋଗିବା ସହ ଉଭୟେ ୩୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଲେଖାଏ ସଶ୍ରମ ଜେଲଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କୁ ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୨୧ ଜାନୁଆରୀ ୨୮ ତାରିଖ ସକାଳେ ମା' ଓ ବାପା ହସ୍ପିଟାଲକୁ ଯାଇଥିବା ବେଳେ ୯ ବର୍ଷୀୟା ନାବାଳିକା ଜଣଙ୍କ ସାହିରେ ନିଜ ଭାଇଙ୍କ ସହ ଖେଳୁଥିଲେ। ଏହାର ସୁଯୋଗ ନେଇ ଗ୍ରାମର ରତୁରାଜ ଓ ହେମନ୍ତ ନାବାଳିକାଙ୍କୁ ଚକୋଲେଟ ଦେବାକୁ କହି ଏକ ଘର ଭିତରକୁ ଡାକି ନେଇ ଗଣବଳତ୍କାର କରିଥିଲେ। ଭଉଣୀର କାନ୍ଦ ଶୁଣି ବାହାରେ ଛିଡା ହୋଇଥିବା ଭାଇ ଚିତ୍କାର କରିଥିଲେ। ଗାଁ ଲୋକ ସେଠାରେ ରୁଣ୍ଡ ହେବା ଦେଖି ଯୁବକଦ୍ୱୟ ନାବାଳିକାଙ୍କ ଗଳା କାଟିବା ସହ ତାଙ୍କ ମୁଣ୍ଡ ଉପରେ ପଥର ଛେଚି ଖସି ପଳାଇବାକୁ ଉଦ୍ୟମ କରୁଥିଲେ। ହେଲେ ସ୍ଥାନୀୟ ଲୋକ ସେମାନଙ୍କୁ କାବୁ କରି ନେଇ ପୋଲିସକୁ ହସ୍ତାନ୍ତର କରିଥିଲେ। ପୀଡ଼ିତାଙ୍କ ପରିବାର ଲୋକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ।

# ପ୍ରେମ ବ୍ୟାପାରକୁ ନେଇ ଗୋଷ୍ଠୀ ସଂଘର୍ଷ

**ଉଭୟ ପକ୍ଷରୁ ବଡ଼ଗଡ଼ ଓ ମଞ୍ଚେଶ୍ୱର ଥାନାରେ ଅଭିଯୋଗ**

ଭୁବନେଶ୍ୱର,୧୩।୧୨(ସୂର୍ଯ୍ୟକାନ୍ତ ବେହେରା): ପ୍ରେମ ବ୍ୟାପାରକୁ ନେଇ ରାଜଧାନୀରେ ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଛି। ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପାଣ୍ଡରା ଛକ ପାଖରେ ଗୁରୁବାର ରାତିରେ ଏଭଳି ଘଟଣା ଘଟିଛି। ଏହି ଗୋଷ୍ଠୀ ସଂଘର୍ଷରେ ଉଭୟ ପକ୍ଷର କେତେଜଣ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ଏନେଇ ପୂର୍ବତନ ପ୍ରେମିକଙ୍କ ନାଁରେ ଜଣେ ଯୁବତୀ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ ଥକରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ପୂର୍ବତନ ପ୍ରେମିକ ମଧ୍ୟ ତାଙ୍କୁ ଆକ୍ରମଣ କରାଯାଇଥିବା ନେଇ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ହତ୍ୟା ଅଭିଯୋଗ, ଉତ୍ତେଜନା**

ଗୋଲାମୁଣ୍ଡା, ୧୩।୧୨(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧୀନ ବଜାରପଡ଼ା ନିକଟରୁ ଶୁକ୍ରବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ହତ୍ୟା ପରେ ଗଛରେ ଝୁଲାଇ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ଯୁବକ ହେଉଛନ୍ତି ନୂଆପଡ଼ା ଜିଲା ଖରିଆର ଥାନା କୁର୍ଲୁଭଟା ଗାଁର ଝଜ ସା (୩୫)। ସୂଚନାକ୍ରମେ ଝଜ ଦଶପୁର ଫାଣ୍ଡି କଲୋନିପଡ଼ାର କନ୍ଦର୍ପ ସାଙ୍କ ଝିଅ ଅପୁଛାଙ୍କୁ ବିବାହ କରିଥିଲେ। ତେବେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଛାଡ଼ପତ୍ର ହୋଇଥିବା ବେଳେ ସ୍ତ୍ରୀ ଅପୁଛା ୨ ଝିଅଙ୍କ ସହ ବାପଘରେ ରହୁଛନ୍ତି। ତେବେ ଝଜ ଦୁଇ ଝିଅଙ୍କୁ ଦେଖିବାକୁ ବଜାରପଡ଼ା ଆସିଥିଲେ। ମଧ୍ୟରାତ୍ରିରେ ଲକ୍ଷ୍ମୀପୂଜା ନାଟକ ନାଟକ ଦେଖି ସକାଳୁ ଘରକୁ ଯାଇଥାନ୍ତେ। ହେଲେ ସକାଳୁ ସ୍ଥାନୀୟ ଲୋକେ ଏକ ବରଗଛରେ ଗାମୁଛା ସାହାଯ୍ୟରେ ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ଦଶପୁର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଅନ୍ୟପଟେ ମୃତକଙ୍କ ପରିବାର ଲୋକେ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଶ୍ୱଶୁରଘର ଲୋକ ଓ ନାଟ୍ୟ କଳାକାରଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଜୀବନର ଖେଳ

ଗଳ୍ପ

ସଚ୍ଚିଦାନନ୍ଦ ଦାଶ

ମହେଶ ଲଣ୍ଡନରୁ ପଢ଼ାସାରି ଘରକୁ ଫେରୁଥାଏ। ଫ୍ଲାଇଟ୍ ଲ୍ୟାଣ୍ଡିଂ କରିବାର ବେଳ ପ୍ରାୟ ହେଇଆସିଥିଲା। ଦିନେଶବାବୁ ସଙ୍ଗେ ସଙ୍ଗେ ଡ୍ରାଇଭରକୁ ଗାଡ଼ି ବାହାର କରି ଏୟାରପୋର୍ଟ ଯିବା ପାଇଁ କହିଲେ। ନିଜେ ସାଙ୍ଗରେ ଯିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇପଡ଼ିଲେ। ଦିନେଶବାବୁଙ୍କର ଏକମାତ୍ର ପୁଅ ମହେଶ, ଯେ କି ଲଣ୍ଡନରେ ତା' ମାମୁଘରେ ରହି ଏମ୍.ବି.ଏ. କୋର୍ସ କରୁଥିଲା। ମହେଶ ୧୦ ବର୍ଷ ହେଇଥିବା ସମୟରେ ସେ ତା'ର ଅତି ଆଦରର ମା'ଙ୍କୁ ହରାଇଥିଲା। ଦିନେଶବାବୁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ଦିଲ୍ଲୀ ସହରରେ ବିରାଟ ପଞ୍ଚତାରକା ହୋଟେଲ ଦିନେଶବାବୁଙ୍କର ଏକ ବଡ଼ ଆସେଟ୍।



ପନ୍ଦର ବର୍ଷ ତଳର କଥା। ଯେତେବେଳେ ଦିନେଶବାବୁଙ୍କ ସହ ବିଜ୍‌ନେସ ପାର୍ଟନର ଥିଲେ ପ୍ରତୀକ ସିଂହ। ପ୍ରତୀକ ଖଳ ପ୍ରକୃତିର। ବିଜ୍‌ନେସରେ କିଛି ଝାମେଲା କରିବା ଫଳରେ ଦିନେଶବାବୁ ତା'ର ଘୋର ପ୍ରତିବାଦ କରିଥିଲେ ଏବଂ ଶେଷରେ ପାର୍ଟନରଶିପ୍‌ରୁ ବାହାର କରିଦେଇଥିଲେ। ସେଇ ରାଗରେ ଦିନେଶବାବୁଙ୍କ ପତ୍ନୀ ଲୀଳାଦେବୀଙ୍କୁ ପ୍ରତୀକବାବୁ ଦିନ ଦ୍ୱିପ୍ରହରେ ଷଡ଼ଯନ୍ତ୍ର କରି ହତ୍ୟା କରିଥିଲେ। ବିଚରା ମା'ଛେଉଣ୍ଡ ମହେଶର ଏକମାତ୍ର ଭରସା ଆଦରର ପିତା ଦିନେଶବାବୁ।

ଇତି ମଧ୍ୟରେ ଫ୍ଲାଇଟ୍ ଲ୍ୟାଣ୍ଡ କରିସାରିଥିଲା। ଦିନେଶବାବୁ ମହେଶକୁ ଅତି ଉତ୍କଣ୍ଠାର ସହିତ ଏକ୍‌ଜିଟ୍ ଗେଟ୍ ପାଖରେ ଅପେକ୍ଷା କରିଥାନ୍ତି। ମହେଶ ଯେମିତି ବାହାରକୁ ଆସିଛି, ଦିନେଶବାବୁ ତାକୁ କୋଳାଗ୍ରତ କରି ଗାଡ଼ି ପାଖକୁ ପାଛୋଟି ନେଲେ। ବ୍ୟାଗ ଓ ଟ୍ରଲି ଡ୍ରାଇଭର ନେଇ ଗାଡ଼ିରେ ଲଦି ଦେଲା। ଦୀର୍ଘ ପନ୍ଦର ବର୍ଷ ପରେ ପୁଅକୁ ପାଇ ଦିନେଶବାବୁ ଅତ୍ୟନ୍ତ ଆନନ୍ଦିତ ହୋଇଉଠିଲେ। ଘରେ ପହଞ୍ଚି ମହେଶ ରାମୁକାକାକୁ ଅତି ସ୍ନେହରେ କୁଣ୍ଢେଇ ପକାଇଲା। ବହୁତ ଦିନ ପରେ ରାମୁକାକାକୁ ଦେଖୁଛି। ରାମୁକାକା ମହେଶକୁ ଦେଖି ଖୁବ୍ ଖୁସି ହୋଇଗଲା। ରାମୁ ପିଲାବେଳୁ ଦିନେଶବାବୁଙ୍କ ଘରେ ରହି କାମଦାମ କରେ। ସ୍ତ୍ରୀ ଗଲାପରେ ରାମୁ ବିଚରା ଦିନେଶବାବୁଙ୍କର ଦେଖାଶୁଣା କରିଆସୁଥିଲା। ସନ୍ଧ୍ୟା ହୋଇ ଆସୁଥିଲା। ଇତି ମଧ୍ୟରେ ମହେଶ ପଡ଼ିଶାଘର ଶ୍ୟାମବାବୁଙ୍କ ଝିଅ ନୀଳିମା ସହିତ ଦେଖାକରିବାକୁ ଚାଲିଗଲା। ନୀଳିମା ଓ ମହେଶ ଦୁହେଁ ପିଲାଦିନର ଅନ୍ତରଙ୍ଗ ବନ୍ଧୁ ଏବଂ ଦୁହେଁ ପରସ୍ପରକୁ ଭଲପାଆନ୍ତି। କ୍ଲାସ ଫୋର ପର୍ଯ୍ୟନ୍ତ ଦୁହେଁ ସାଙ୍ଗ ହୋଇ ଗୋଟିଏ ସ୍କୁଲରେ ପାଠ ପଢୁଥିଲେ। ବହୁତ ଦିନ ପରେ ଦେଖାହେବା ପରେ ଦୁହେଁ ଗପସପ ଆରମ୍ଭ କରିଦେଲେ। ରାତିରେ ମହେଶ ଥକି ପଡ଼ିଥିବାରୁ ଖାଇସାରି ଶୋଇପଡ଼ିଲା।

ପରଦିନ ଦିନେଶବାବୁ ମହେଶକୁ ଡାକି କହିଲେ, ଦେଖ ପୁଅ "ତୁ ବର୍ତ୍ତମାନ ମୋର ସମସ୍ତ ବ୍ୟବସାୟ ବୁଝିବା ପାଇଁ ଯୋଗ୍ୟ ହୋଇଯାଇଛୁ। ତୁ ବିଜ୍‌ନେସ କଥା ବୁଝ ଏବଂ ମତେ ଟିକେ ବିଶ୍ରାମ ଦେ।" ମହେଶ ତା' ପରଦିନଠାରୁ ବିଜ୍‌ନେସ୍‌ର ସମସ୍ତ ଦାୟିତ୍ୱ ବୁଝିବାକୁ ଆରମ୍ଭ କରିଦେଲା।

କିଛିଦିନ ଗଲାପରେ ଦିନେଶବାବୁ ମହେଶର ବିଭାଘର ପାଇଁ ମନସ୍ଥ କଲେ। ସେଥିପାଇଁ ସହରର ସମୀରବାବୁ ନାମକ ଜଣେ ସୁଦକ୍ଷ ବ୍ୟବସାୟୀଙ୍କ ଝିଅ ଟିନା ସହିତ ବିବାହ ପାଇଁ ମହେଶକୁ ପ୍ରସ୍ତାବ ଦେଲେ। ମହେଶ ଏ ପ୍ରସ୍ତାବରେ ଟିକେ ଗୁମ୍‌ମାରି ବସିପଡ଼ିଲା। କାରଣ ସେ ଶ୍ୟାମବାବୁଙ୍କ ଝିଅ ନୀଳିମାକୁ ଅନ୍ତରର ସହିତ ଭଲ ପାଉଥିଲା ଏବଂ ତାକୁ ଜୀବନସାଥୀ କରିବାକୁ ମନସ୍ଥ କରିଥିଲା। ଶ୍ୟାମବାବୁ ଜଣେ କ୍ଲାସ୍ ଟୁ ସରକାରୀ କର୍ମଚାରୀ। ନୀଳିମା ଜେ.ଏନ୍.ୟୁ.ରୁ ଏମ୍.ସି.ଏ. କରିଛି। ଏପରି ସ୍ଥିତିରେ ମହେଶ ଟିକେ ଚିନ୍ତିତ ହୋଇପଡ଼ିଲା ଏବଂ ଭାବିଲା ଦିନେଶବାବୁଙ୍କୁ ସଫା କହିଦେବି ଯେ, "ସେ ନୀଳିମାକୁ ଭଲପାଉଛି ଏବଂ ତାକୁ ହିଁ ବିବାହ କରିବ।" ସେଦିନ ଦିନେଶବାବୁ ସକାଳ ବ୍ରେକ୍‌ଫାଷ୍ଟ କରିବା ସମୟରେ ମହେଶ ତାଙ୍କୁ ନୀଳିମାକୁ ଭଲପାଇବା କଥା କହିଲା। ଦିନେଶବାବୁ ମହେଶ ଉପରେ କ୍ରୋଧାନ୍ୱିତ ହୋଇ କହିଲେ "ତୁ ମୋର ମାନମର୍ଯ୍ୟାଦା ମାଟିରେ ପକେଇଦେବାକୁ ବସିଛୁ। ମୁଁ ଏ ବିବାହ କରେଇ ଦେବିନାହିଁ।" ମହେଶ କିଛି ଉତ୍ତର ନ ଦେଇ ତଳକୁ ମୁହଁ ପୋତି ପଳାଇ ଆସିଲା। ମହେଶ ଅଫିସରେ ବସି ଚିନ୍ତାମଗ୍ନ ହୋଇପଡ଼ିଲା, ମାତ୍ର ଦିନେଶବାବୁ କାହାରି କଥା ନ ଶୁଣି ସମୀରବାବୁଙ୍କ ଝିଅ ଟିନା ସହିତ ବିଭାଘର କରିବା ଠିକ୍ କରି ସମସ୍ତ ଯୋଗାଡ଼ଯନ୍ତ୍ର କରିବାକୁ ଲାଗିଲେ। ବିଚରା ମହେଶ କରିବ କ'ଣ। ବାପାଙ୍କ ଧମକ ତା'ର ମନେଅଛି ଯେ, ତୁ ଯଦି ମୋ କଥାରେ ବିବାହ ନ କରିବୁ ମୁଁ ନିଜେ ମୁଣ୍ଡରେ ଗୁଳି ଫୁଟାଇ ଆତ୍ମହତ୍ୟା କରିବି। ଏସବୁ ଜଟିଳ ପରିସ୍ଥିତିରେ ମହେଶ ବିବାହ ପାଇଁ ରାଜି ହୋଇଗଲା। ବାହାଘର ସରିଗଲା। ମାତ୍ର ମହେଶର ମନ ଥାଏ ନୀଳିମା ପାଖରେ।

ନୀଳିମା ବିଚରା କିଛିଦିନ ମନଦୁଃଖ ଓ କାନ୍ଦ ମଧ୍ୟରେ ସମୟ ବିତାଇବାକୁ ଲାଗିଲା।

ଖଳନାୟକ ପ୍ରତୀକ ସିଂ ଦିନେଶବାବୁଙ୍କ ପତ୍ନୀଙ୍କୁ ହତ୍ୟା କରିବାରୁ ତାକୁ ପନ୍ଦର ବର୍ଷ ଜେଲଦଣ୍ଡ ହୋଇଥିଲା। ଇତିମଧ୍ୟରେ ପ୍ରତୀକ ସିଂ ଜେଲରୁ ଖଲାସ ହୋଇ ଦିନେଶବାବୁ ଓ ପୁଅ ମହେଶର ଖୋଜଖବର ନେବାରେ ଲାଗିଲା। ସେଦିନ ସନ୍ଧ୍ୟାରେ ମହେଶ ଟିକେ ତା' ମନ ବୁଝେଇବା ପାଇଁ ନୀଳିମା ସହିତ ଦେଖାକରିବାକୁ ଆସିଥାଏ। ବାଟରେ ଦିନେଶବାବୁ ମାର୍କେଟରୁ ଫେରୁଥିବା ସମୟରେ ଏଇ ଦୁଇଜଣ ସାଙ୍ଗ ହୋଇ ବସିଥିବାର ଦେଖିଦେଲେ। ଦିନେଶବାବୁ ରାଗିଯାଇ ମହେଶକୁ ଗାଳି କରିବାକୁ ଲାଗିଲେ। ଏଇ ସୁଯୋଗ ଖୋଜୁଥିବା ପ୍ରତୀକ ସିଂ ଗୁଣ୍ଡାଦଳ ସାଙ୍ଗରେ ଆସି ଦିନେଶବାବୁଙ୍କୁ ଗଛରେ ବାନ୍ଧିଦେଲା ଏବଂ କହିଲା, କମ୍ପାନୀର ଅଧା ଶେୟାର ଲେଖାରେ ସାଇନ କରିଦେ, ନ ହେଲେ ମହେଶକୁ ଗୁଳି କରି ମାରିଦେବି। ଏହା କହି ମହେଶ ଉପରକୁ ଗୁଳି ଚଳାଉଥିବା ବେଳେ ନୀଳିମା ତାକୁ ରକ୍ଷା କରିବା ପାଇଁ ଆଗରେ ଠିଆ ହୋଇଗଲା। ଗୁଳି ଦୁଇଟି ନୀଳିମାର ଛାତିରେ ବାଜିଲା। ନୀଳିମା ସେଠାରେ ଟଳିପଡ଼ିଲା। ତା'ପରେ ପ୍ରତୀକ ସିଂହ ଫେରାର ହୋଇଗଲା, ନୀଳିମା ମହେଶ ମହେଶ କହି ଡାକ ଛାଡ଼ିଲା। ମହେଶ ଯାଇ ନୀଳିମାକୁ ଧରି ଉଠାଇବାକୁ ଚେଷ୍ଟା କଲା, ମାତ୍ର କିଛି ଲାଭ ହେଲାନାହିଁ। ସେତେବେଳକୁ ନୀଳିମାର ଆଉ ଜୀବନ ନ ଥିଲା। ମହେଶ ଗୋଡ଼ ଉପରେ ମୁଣ୍ଡ ଦେଇ ଚିର ଦିନ ପାଇଁ ଶୋଇଗଲା। କାହାକୁ ଜୀବନରୁ ମାରିବାକୁ ଥିଲା ଏବଂ କାହାର ଜୀବନ ଗଲା, ବିଚରା ନୀଳିମାର ସ୍ୱଚ୍ଛ ଓ ନିର୍ମଳ ପ୍ରେମ ପାଖରେ ମୃତ୍ୟୁବି ହାର ମାନିଗଲା। ଏଇତ ଜୀବନର ଖେଳ, ଯାହା ସମୟର ସ୍ରୋତରେ ଘଟି ଚାଲିଯାଏ କାହାରିକୁ ଅପେକ୍ଷା ନକରି। ଶେଷରେ ମହେଶ ଓ ଦିନେଶବାବୁ ଦୁଃଖରେ ମ୍ରିୟମାଣ ହୋଇ ନୀଳିମାର ଶବନେଇ ଘରକୁ ଫେରିଲେ।

ମୋ: ୯୯୩୮୧୮୧୩୨୦

## ପୁସ୍ତକ ପରିଚୟ

### ଜଣେ ଐତିହ୍ୟ କର୍ମୀର କଥା ଓ ବ୍ୟଥା




**ଲେଖକ:** ଅମିୟ ଭୂଷଣ ତ୍ରିପାଠୀ
**ପ୍ରକାଶକ:** ଏଥେନା ବୁକ୍‌ସ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୦୦/-

ପୁସ୍ତକର ପ୍ରଥମ ପରିଚ୍ଛେଦର ଶୀର୍ଷକ ରହିଛି 'କଥା ଓ ବ୍ୟଥା'। ଏହି ଲେଖାଟିକୁ ମନଦେଇ ପଢ଼ିଲେ ଐତିହ୍ୟ ସୁରକ୍ଷା କିପରି ନାନା କ୍ଷେତ୍ରରେ ବିଫଳ ଓ ବିପର୍ଯ୍ୟସ୍ତ, ତା'ର ଦୁଃଖଦ ଚିତ୍ର ମରମୀ ପାଠକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ନାନା ଅନୁଷ୍ଠାନର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗର ଚିତ୍ର ସ୍ୱକୀୟ ଅଭିଜ୍ଞତାର ଆଧାରରେ ଲେଖକ ଏହି ଗ୍ରନ୍ଥର ନାନା ଅଧ୍ୟାୟରେ ପ୍ରଦାନ କରିଛନ୍ତି। ଓଡ଼ିଶାର ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ସମ୍ବନ୍ଧରେ ଲେଖକଙ୍କ ଉକ୍ତି ହେଉଛି: "ଶତାବ୍ଦୀର ଆରମ୍ଭରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ଆରମ୍ଭ ହେଲା, ଯାହା ବିଶ୍ୱରେ ଅଗ୍ରଣୀ ଅନୁଷ୍ଠାନ ହେବ ବୋଲି କୁହାଗଲା। ତାହା ଏ ପର୍ଯ୍ୟନ୍ତ ଉଧେଇ ପାରିନାହିଁ। ବର୍ତ୍ତମାନ ଓଡ଼ିଆ ଭାଷା ବିଶ୍ୱବିଦ୍ୟାଳୟ ଖୋଲିଛି। ବିଶ୍ୱବିଦ୍ୟାଳୟ ଖୋଲିଦେଲେ କ'ଣ ଉଦ୍ଦେଶ୍ୟ ସାଧନ ହୋଇଯିବ!" ଅନ୍ୟ କେତେକ ରାଜ୍ୟ ପରି ଓଡ଼ିଶାରେ ଏପର୍ଯ୍ୟନ୍ତ ଐତିହ୍ୟ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହୋଇନାହିଁ ଓ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ ଥିବା ବିଭିନ୍ନ ପ୍ରତିଷ୍ଠାନଗୁଡ଼ିକ ପ୍ରାୟତଃ କିପରି ନିଷ୍କ୍ରିୟ ଏବଂ ଏଥିପାଇଁ ସରକାରଙ୍କ ଉଦାସୀନତା କିପରି ଦାୟୀ ତା'ର ପୁଙ୍ଖାନୁପୁଙ୍ଖ ଉଲ୍ଲେଖ କରି ଲେଖକ ତାଙ୍କର ବ୍ୟକ୍ତିଗତ ଖେଦ ପ୍ରକାଶ କରିଛନ୍ତି। ଯେଉଁ ତିନୋଟି ଐତିହ୍ୟ ସମ୍ପର୍କରେ ସବିଶେଷ ଆଲୋକପାତ ଆଲୋଚ୍ୟ ଗ୍ରନ୍ଥରେ କରାଯାଇଛି, ସେ ତିନୋଟି ହେଲା- 'ଶିଶୁପାଳଗଡ଼', 'କୋଣାର୍କ' ଓ 'ରେଭେନ୍ସା ବିଶ୍ୱବିଦ୍ୟାଳୟ'। ବହିଟି ପଢ଼ିଲେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିର ବହୁ ଅନ୍ଧାରି ଅଳିନ୍ଦ ଆଲୋକିତ ହୋଇଉଠେ ଓ ଏସବୁ କ୍ଷେତ୍ରରେ ଇନ୍‌ଟାକ୍ (ଭାରତୀୟ କଳା, ସଂସ୍କୃତି ଓ ଐତିହ୍ୟ ରକ୍ଷା ନ୍ୟାସ)ର ଭୂମିକା ସମୁଜ୍ଜ୍ୱଳ ହୋଇଉଠେ। ଐତିହ୍ୟ ଓ ସଂସ୍କୃତିରେ ଆଗ୍ରହୀ ପ୍ରତ୍ୟେକ ପାଠକଙ୍କ ପାଇଁ ବହିଟି ଏକ ମୂଲ୍ୟବାନ୍ ଦସ୍ତାବିଜ୍।

### ଘାସଫୁଲ:୨୦୨୪




**ସଂପାଦିକା:** ଉର୍ମିଳା ରାଣୀ ପାଣିଗ୍ରାହୀ

ତ୍ରୈମାସିକ ପତ୍ରିକା 'ଘାସଫୁଲ'ର 'ଅକ୍ଟୋବର-ଡିସେମ୍ବର' ସଂଖ୍ୟା ଏବେ ଆମର ହସ୍ତଗତ ହୋଇଛି। ଏଥିରେ '୧୮୫୭ ସଂଗ୍ରାମ ଓ ନ'ଅଙ୍କ ଦୁର୍ଭିକ୍ଷ' ଶୀର୍ଷକ ସଂପାଦକୀୟ ଲେଖିଛନ୍ତି ଅଭୟ ଦ୍ୱିବେଦୀ। ପତ୍ରିକାରେ ଦୁଇଟି ଉପନ୍ୟାସ, ଗଳ୍ପ ଓ କବିତା ବ୍ୟତୀତ ତଥ୍ୟ ଓ ତତ୍ତ୍ୱ ଦୃଷ୍ଟିରୁ କତିପୟ ଓଜନଦାର ପ୍ରବନ୍ଧ ସ୍ଥାନିତ ହୋଇଛି, ଯହିଁରେ ଅନ୍ତର୍ଭୁକ୍ତ ଦାଶରଥି ଦାସଙ୍କ 'ରୂପର ଭାଷା: ଭାଷାର ରୂପ' ଓ ଉତ୍କଳ ସମ୍ମିଳନୀ ସମ୍ବନ୍ଧୀୟ ସର୍ବେଶ୍ୱର ସେଣଙ୍କ ନିବନ୍ଧ। କବିତା ବିଭାଗରେ ନୂତନ ଲେଖିକାଲେଖକଙ୍କୁ ପ୍ରାଧାନ୍ୟ ଦିଆଯାଇଛି।

### ଅତଏବ 'ଅ'




**ସଂପାଦକ:** ଶ୍ରୀଗୋବିନ୍ଦ

ଅତଏବ 'ଅ'ର Vol-XII-୨୦୨୪ ପ୍ରକାଶ ପାଇଛି। ଏଥିରେ ନଟବର ଶତପଥୀ, ଆଦିକନ୍ଦ ସାହୁ, ଜ୍ୟୋତି ନନ୍ଦ, ରବି ପଣ୍ଡା, ପ୍ରଦୀପ କୁମାର ପଣ୍ଡା, କିଶୋର ପାଣିଗ୍ରାହୀ, ବିରଜା ରାଉତରାୟ, ଅଭୟ ଦ୍ୱିବେଦୀ, ସୁଧା ଦାଶ ଓ ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ପ୍ରବୀଣ ଲେଖକଙ୍କ ଲେଖା ସ୍ଥାନିତ ହେବା ସଙ୍ଗେ ସଙ୍ଗେ ପତ୍ରିକାର ବିଷୟସୂଚୀ ଅଭିନବ ତରିକାରେ କରାଯାଇଛି। ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସହ ରଶ୍ମିରଞ୍ଜନ ରାଉତଙ୍କ ସାକ୍ଷାତ୍‌କାରଟି ଲେଖକଙ୍କ ଦୃଷ୍ଟିକୋଣକୁ ସାର୍ବଜନୀନ କରିଛି।

## କାଳକାଳକୁ



"ସୁନ୍ଦର ଓ ଭୟାନକ- ସବୁ ଘଟୁ ଜୀବନରେ, କାରଣ କୌଣସି ଅନୁଭବ ଚୂଡ଼ାନ୍ତ ନୁହେଁ।"
- ରାଇନର୍ ମାରିଆ ରିଲ୍‌କେ

**ରାଇନର୍ ମାରିଆ ରିଲ୍‌କେଙ୍କ** ଜନ୍ମ ୪ ଡିସେମ୍ବର ୧୮୭୫ରେ ଅଷ୍ଟ୍ରିଆର ପ୍ରାଗ୍‌ରେ ଓ ପରଲୋକ ୨୯ ଡିସେମ୍ବର ୧୯୨୬ରେ ସୁଇଜରଲାଣ୍ଡର ମଣ୍ଟିକ୍ସରେ। ଅଷ୍ଟ୍ରିଆ ଜନ୍ମିତ ଏହି କବି ନିଜ ଉପନ୍ୟାସ ଓ କବିତାର ଔଜ୍ଜ୍ୱଲ୍ୟରେ ଜର୍ମାନ୍ ଭାଷାକୁ ଋଦ୍ଧିମନ୍ତ କରିବା ସହିତ ଫରାସୀ ଭାଷାକୁ ମଧ୍ୟ ଐଶ୍ୱର୍ଯ୍ୟଦୀପ୍ତ କରିଛନ୍ତି। ତାଙ୍କର ଦୁଇ ପ୍ରସିଦ୍ଧ କବିତାଗ୍ରନ୍ଥ- 'ଡୁଇନୋ ଏଲିଜିଜ୍' ଓ 'ସନେଟ୍‌ସ ଟୁ ଅରଫିୟସ୍'। ତାରୁଣ୍ୟରେ ଲେଖିଥିବା ତାଙ୍କର ଦଶଟି ଚିଠି ତାଙ୍କ ମୃତ୍ୟୁ ପରେ 'Letters to a Young Poet' ଶିରୋନାମରେ ପ୍ରକାଶପାଇଛି। ସେ କହନ୍ତି: "ମୁଁ ମୋ' ଜୀବନକୁ ଏପରି ପ୍ରସାରିତ କରିଦିଏ ଯେ ତାହାର ତରଙ୍ଗ ଛୁଏଁ ବିଶ୍ୱର କୋଣାନୁକୋଣ।"

## କବିତା

### ମିଛ ଭାଷା

ବିଜୟ ମହାପାତ୍ର

କୁହୁଡ଼ିରେ ପହଁରିବା ଓ
ବୋଳିହେବା ଦେହସାରା
ଯେମିତି ଆଉ କେହି ଜାଣିବେନି
ଆମର ସ୍ଥିତି ଓ ମିଛରେ ବାଉଳି ହେବେ,
ଏ ମେଘ ନେଇ ଆସିବ ବର୍ଷା ଅସରା ଅସରା!

ଜେଜେବା' ହିଡ଼ରେ ହରଡ଼ ବୁଣୁଛି
ଧାନକ୍ଷେତ ଉପରେ ଟହଲ ମାରୁଚି
କଜଳପାତି,
ଟ୍ରକ୍ ଡାଲାରେ ଆଉ ଯାଉନି ସନାତନ
ମୋରମ କି କୋଇଲା
ଉଠାଇବାକୁ ଭୋ'ରୁ ଭୋ'ରୁ
ଏବେ ତ ମିଳିଯାଉଛି ପେଟ ପାଇଁ
ପାଞ୍ଚକିଲୋ ଅନାଜ୍ ଓ ବର୍ଷାପବନ ପାଇଁ
ଜଡ଼ାତେଲ ଓ ମହମବତି।

ଜେଜେବା' ଟାଇଟ୍ କରି ବାନ୍ଧିଥିବା ନାଲି
ଗାମୁଛାକୁ ଖୋଲିଦେଲା ଓ କହିଲା:
ଏ କ୍ଷେତ ଉପରେ ଶୋଉଥିବା ସୂର୍ଯ୍ୟାଲୋକ
ଓ ଚନ୍ଦ୍ରାଲୋକ, ଏପରିକି ଏ ଥୋଳା ଥୋଳା
ପବନ କି ଆମର ନା ଆଉ କାହାର?

ରାଧୁଆ କୁହୁଡ଼ି ସେପାରିରେ ଗୋଟିଏ ବାଘ
ହେଣ୍ଟାଳ ମାରୁଥିବାର ଦେଖୁଛି
ଓ ସେ ଆସୁଛି ଝୁଣିଝାଣି ରକ୍ତ ପିଇବାକୁ,
କେତେଦିନ ହେଲା କହୁଚି ତ
ହେଇ ଦେଖ ଏଇ କୁହୁଡ଼ିରେ ବାଳିଆ
ବାଢ଼େଇ ହେଲା ତା' ଗାଲରେ
ଛାଟିପିଟି ହେଲେ ନାଲି ନାଲି ପୋକମାନେ
ତା'ର ମଗଜରେ, ସେ ଆସିଲା ଓ
ସଫା କରିଦେଲା ସତକୁ ସତ ଧୂଳି ଆସ୍ତରଣ
ଯାହା କୁହୁଡ଼ି ଭଳି ଦିଶେ,
ନିସ୍ତାରଣ ନିସ୍ତାରଣ!

ମୋ: ୮୨୪୯୦୭୯୮୫୩

### ଭୂମିଲଗ୍ନ

ପିନାକୀ ମିଶ୍ର

ବହୁତ ଭଲରେ ଅଛି
ମିଥ୍ୟା ଅପବାଦରୁ ତ ମୁକ୍ତ ଅଛି
ଅନ୍ଧାରରେ ବି ଅନ୍ତର ଆଲୋକିତ ମୋର
ନ ଥାଉ ପଥ ପରିଷ୍କାର।

ଥାଉ ଅଭାବ
ଥାଉ ଅସମୟ
ଥାଉ ଅସହଯୋଗ, ଥାଉ ପୀଡ଼ା
ଡେଇଁହେବ ଡାଳ ଛୁଇଁବାକୁ
ସ୍ପର୍ଦ୍ଧାରେ ଉତ୍ତର ଦେଇହେବ
ପାପୁଲିରେ ପ୍ରଦୀପ ଜଳିବ
ଦୁଃସ୍ୱପ୍ନ ମିଳେଇଯିବ ମୋ' ଗମ୍ଭୀର ନୀରବତାରେ।

ଶବ୍ଦପଥ ବନ୍ଧୁର-ଜଣାଅଛି, ଭଙ୍ଗା ପଡ଼ିବା ଭୋଗିଛି
ଗଞ୍ଜଣା କଟାକ୍ଷ ଭେଦିବନି,
ଲୟ ହଲିବନି, ପାଦ ଥମିବନି।

କହୁଛ ତ - ପ୍ରେମ କରୁଛି
ବଡ଼ ଭାଗ୍ୟବନ୍ତ ମୁଁ
ଆଠ ବରଷରୁ ପ୍ରେମିକ
ଘରର ବୋଲକରା, ଚାଷଗାଁ ଧାଇଁ,
ପାଞ୍ଚବରଷ ମାଆଥନ ଝୁଣିଛି
ଦାଣ୍ଡଘାଟର ଦୁଷ୍ଟପିଲା, ମଶାଣି କାଠବୁହା,
ଆଉ କବିତା କଇଁପୋଖରୀର ପହଁରା ଭାବଉଦିଆ।

ପ୍ରେମ ନଥିଲେ କି କବିତା
ଭାଗବତିଆ ପୁଅ ରଖିଛି ତା' ମାଆ କଥା,
ମୁଁ ବନସ୍ତ ଲୁହର ସନ୍ଧାନ ପାଇଛି
ନଈକୁ ଗୋଡ଼ଠେଲି ଆରବନ୍ଧକୁ ଯାଇନି କେବେ
ଭରସାର ହୃଦଥାଳି ମୁଁ ନିରିଖେଇ ମାପିପାରେ
ନୀରବତା ଦୋଷାବହ ତ, ରାଜି।

ବାଛୁରୀ ହଜେଇଥିବା ଗାଈସହ ଯାଇଛି ଗଳିକନ୍ଦି
ମାଛହାଟରେ ମାଛକୁ ଦେଇପାରିନି ତା' ଘରସୁଖ
ବିମୁଖ ହବନି ମ କବିତା ରସିକ,
ସେ' ଲୋତକ ହେଉ ବା ମୁକ୍ତା
ଝରିବ ଶୂନ୍ୟରୁ, ଆକାଶ ସହ ଚୁକ୍ତି ଅଛି,

ମୁଁ ଆଜି ଯେମିତି କାଲି ସେମିତି
ନିର୍ଯାସ ଯାହା ଥାଉ ଭୂମିଲଗ୍ନ ମୁଁ
ଏକା ଏକା ତଥାଗତର -
ଶବ୍ଦସମିଧ ହୋମରେ ଆକାଶ ଉପଗତ।

ମୋ: ୯୪୩୮୧୧୮୩୯୭

### ବୋଉ

ଶତପଥୀ ରୋକାଲିନ ବେହେରା

ଖୁବ୍ ଚିହ୍ନାଚିହ୍ନା ହଳେ ପାଦ,
ଭୂଇଁ ଉପରେ ଦାଗ ଛାଡ଼ିଯାଇନି ଯେ
କେବେକାର ସେଇ
ହଜିଲା କଥାରୁ ମୁଠାଏ
ବିଞ୍ଚିହୋଇ ଯାଇଛି ଏଇ ବାଟସାରା।

କୋଉ କାଳଠୁଁ ଅଲା ଦଲା
ସେଇ ଆଟୁଘର କାନ୍ଥ ଉପରେ
ଧୂଳି ସରସର
କାହା ହାତର ଟିପେଇ ଟିପେଇ
ଠିଆଠିଆ ଝୋଟି ଫୁଲ,
ଝରିପଡ଼େ ତା' ବେଳର
ରାଗ, ଅଭିମାନ, କୋହ, ଖୁମାଣ,
ହସ, କାନ୍ଦ, ଆଉ ସହିଯିବାର ପଣ।

କଥା ସେଠି ନୁହଁ,
କଥା ଯାଇ ଚୁଲିକନ୍ଧା ପେଯ ଛିଟିକାଠେଇଁ,
ଯୋଉଠି ଏବେ ବି ରହି ରହିକା କୁହୁଳା ଉଠେ
ତା' ଛାତି ତଳ ଯନ୍ତ୍ରଣା,
କେବେ କୋଉଠି ଫିଟି ନଥିବା
କଥା, ବ୍ୟଥା ଆଉ ଦୁର୍ଭାଗ୍ୟର ଟିପ୍ପଣୀ।

ଜଳାବାଟେ ସିନା ପଦା ଦେଖିହୁଏ
ଖାଲି ଦେଖିହୁଏନି ଯାହା ନିଜକୁ,
ସେ କ'ଣ କେବେ ଦେଖିଥିବ 'ତାକୁ'?
ନା ଛେଲା ଛେଲା ହେଇ
ଭୁଶୁଡ଼ି ପଡ଼ିଥିବା ତା' ଜୀବନ କାନ୍ଥକୁ?
ଯାହାକୁ ଦିନେ ସେ
ଲିପିପୋଛି ରଙ୍ଗ ନେସିଥିବ,
ସରାଗରେ ଆଙ୍କିଥିବ
ଗୋଟେ ପରିଷ୍କାର ସ୍ୱାମୀ ସଂସାରର
ଢେଉ ଢେଉକା ଦିଗ୍‌ବଳୟ?

ମୋ: ୭୩୭୭୯୩୧୩୮୦

## ସ୍ୱପ୍ନ

ଅନୁବାଦ ଗଳ୍ପ

ମୂଳ ରଚନା: ଫ୍ରେନ୍‌ଜ କାଫ୍‌କା
ଅନୁସୃଜନ: ଡ. ସୂଚନା ପାଢ଼ୀ

ଜୋସେଫ କେ। ଶୀତଳ କୋମଳ ଶଯ୍ୟାରେ ଶାୟିତ ଯୋଶେଫ କେ। ସ୍ୱପ୍ନ ବିଭୋର ଚକ୍ଷୁ ଯୁଗଳ। ନିଜକୁ ଏକ ସୁନ୍ଦର ମନଭୁଲା ପରିବେଶରେ ରଖି ଭାବୁଥିଲା କି ସୁନ୍ଦର! କି ସୁନ୍ଦର ସତେ ଆଜିର ଦିନ! ପୂର୍ଣ୍ଣପ୍ରାଣରେ ଉପଭୋଗ କରିବି।

ସ୍ୱପ୍ନ ପଥର ପଥିକ କେ କିଛି ବାଟ ଯିବା ପରେ ଏକ କବରଖାନା ନିକଟରେ ପହଞ୍ଚିଲା। ରାସ୍ତା ଆବୁଡ଼ାଖାବୁଡ଼ା, ଖାଲଖମା, ଗୋଡ଼ି ପଥରପୂର୍ଣ୍ଣ। ଏତେ କଦର୍ଯ୍ୟ ରାସ୍ତା ଯେ ଜମା ଚାଲି ହେଉ ନ ଥିଲା। ତଥାପି ସ୍ୱପ୍ନ ବାଉଳାରେ ବାଧାବିଘ୍ନ ଅତିକ୍ରମ କରି ନିଜକୁ ବହୁ କଷ୍ଟରେ ସମ୍ଭାଳିଲା। ମଝି ରାସ୍ତାରେ ଦେଖିଲା କବର ଦେବା ନିମନ୍ତେ ଖୋଳାଯାଇଥିବା ଏକ ଗାତ। ଗାତ! ଏତେ ସୁନ୍ଦର ହେଇପାରେ! ଟିକେ ଆଗରୁ ଆସିଥିଲେ ଭଲ ହେଇଥାନ୍ତା, ଗାତ ଖୋଳାହେବା ଦୃଶ୍ୟ ଦେଖିଥା'ନ୍ତି। ଏକଲୟରେ ଚାହିଁ ରହିଲା... ଦେଖାଗଲା ମିଞ୍ଜି ମିଞ୍ଜି ଜଳୁଥିବା ଆଲୁଅ। କ'ଣ ହୋଇପାରେ! ଗାତ ପାଖରେ ବନ୍ଧା ହୋଇଛି କେତେଗୁଡ଼ିଏ ବ୍ୟାନର, ପବନରେ ଉଡୁଛି। ଭାବିଲା, କିଏ ଏ ଜାଗାରେ ବ୍ୟାନର ବାନ୍ଧିଛି! ସନ୍ଦେହ ମୋଚନ ନିମନ୍ତେ ପାଖରେ କେହି ନ ଥିଲେ। ଉତ୍ସବ ଚାଲିଥିଲା ବୋଧେ! କି ଆଶ୍ଚର୍ଯ୍ୟ! କବରଟି ଚାଲିଚାଲି ଆସି ରାସ୍ତା ଅବରୋଧ କରିଛି! ଚମକିପଡ଼ି ଡେଇଁପଡ଼ିଲା ପାଖରେ ଥିବା ଘାସପୂର୍ଣ୍ଣ ଖାଲଜାଗା ଭିତରକୁ। ଏ କି ଅନୁଭବ! ରାସ୍ତାଟା ଦୁଇପାଦ ମଧ୍ୟରେ ଥିବା ଜାଗା ଭିତର ଦେଇ ଚାଲୁଛି!

ବିଚରା କେ ଟଳମଳ ପାଦରେ ନିୟନ୍ତ୍ରଣ ହରାଇ କବରଖାନା ସାମ୍ନାରେ ଆଣ୍ଠୁମାଡ଼ି ପଡ଼ିଗଲା। ସେଠାରେ ଥିବା ଦୁଇଜଣ ଲୋକ ତାକୁ ଦେଖି ନ ଦେଖିଲା ପରି ସ୍ମିତହାସ୍ୟ କରି ରହିଗଲେ। ହାତରେ ପଥର ଖଣ୍ଡେ ଧରିଥିବା ଲୋକ କେ କୁ ଦେଖିବାମାତ୍ରେ ଦୂରକୁ ଫିଙ୍ଗିଦେଲା। 'ଯା' ହଉ ମୋଠିଁ ବାଜିନି'... ନିରବ ନିଶ୍ଚଳ ଭଙ୍ଗୀରେ ଦଣ୍ଡାୟମାନ କେ ଚୁପ୍‌ଚାପ୍ ରହିଲା।... ଏ ଲୋକଟା ବୋଧହୁଏ ମୃତ... ଅନ୍ୟ ଲୋକଟି ଆକ୍ଷେପ କରି କହିଲା। ପ୍ରାଣହୀନ ମଣିଷକୁ ସମାଧି ଦିଆଯିବା ଉଚିତ୍।

ଠିକ୍ ସେତିକିବେଳେ ପାଖ ଝୁମ୍ପୁଡ଼ି ଘରୁ ବାହାରି ଆସିଲା ଜଣେ ଲୋକ। କେ ତାକୁ ଚିହ୍ନି ପାରିଲା। ଏ ନିଶ୍ଚେ 'ସେଇ କଳାକାର'। କଳାକାର ପିନ୍ଧିଥିଲା କମିଜ୍ ଓ ପାଇଜାମା। ମୁଣ୍ଡରେ ମଖମଲ ଟୋପି, ହାତରେ ପେନସିଲ୍ ପରି ଦେଖାଯାଉଥିବା ଏକ ତୂଳୀ... ତୂଳୀ ଧରି ସେ ଶୂନ୍ୟରେ ଚିତ୍ର ଆଙ୍କିବାର ଅଭିନୟ କରୁଥିଲା।

କି ଅଦ୍ଭୁତ ମଣିଷ! ଇମିତି ଢଙ୍ଗରେ କ'ଣ ଚିତ୍ର ଅଙ୍କାଯାଏ?

କଳାକାର କବରଖାନା ପାଖକୁ ଯାଇ ଏକ କବରର ଚଟାଣ ଉପରେ ଲେଖାଥିବା କିଛି ଅକ୍ଷରରେ ଶେଷ ସ୍ପର୍ଶଦେଇ ନିଜ ନାଁ ଲେଖିଲା। ଉଚ୍ଚା କବର, ଟିକେ କଷ୍ଟ କରିବାକୁ ପଡ଼ିଲା। କବର ପାଖରେ ମାଟିଗଦା, ମାଟିଗଦା ଉପରେ ପଥର... ସେଇ ପଥର ଉପରେ ଠିଆହେଲା କଳାକାର... କବର ଚଟାଣରେ ସୁନେଲି ଅକ୍ଷରରେ ଲେଖିଲା... "ଏଠାରେ ଅଛି।" ଭାଷା ସାଙ୍କେତିକ।

କେ ଦେଖୁଥିଲା- କେଡ଼େ ସୁନ୍ଦର ସେ ଲିପି! ଗାଢ଼ ତରଳ ସୁନାରେ ଲେଖାଯିବା ପରି ଦେଖାଯାଉଛି। କଳାକାର ତା' ଲେଖା ସାରି କେ ର କାନ୍ଧକୁ ଚାହିଁଲା। କେ ଉତ୍ସୁକତାର ସହିତ ଚାହୁଁଥିଲା କଳାନିପୁଣ ହାତର ଅକ୍ଷରକୁ। ଅପଲକ ନେତ୍ର। ବିଶ୍ରାମ ପରେ କଳାକାର ପୁଣି ଲେଖିବା ଆରମ୍ଭ କଲା। କିନ୍ତୁ ଏ କ'ଣ! ସେଇ ତୂଳୀରେ ଆଉ ଲେଖିହେଉନି! କିଏ ବାଧା ସୃଷ୍ଟିକାରୀ? ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁଲା କେ କୁ, ଲାଜରେ ଝାଉଁଳି ପଡ଼ିଲା କଳାକାରର ମୁହଁ, ଲଜ୍ଜାବନତ ଚକ୍ଷୁ। କିଛି ସମୟ ଦୁହେଁ ଦୁହିଁଙ୍କୁ ଅସହାୟ ଆଖିରେ ଚାହିଁ ରହିଲେ। ଅନୁଭବ କଲେ କିଛି ଭୁଲ୍ ବୁଝାମଣା... ଚେଷ୍ଟା କରି ମଧ୍ୟ ଦୂର ହୋଇପାରୁନି।



କବରଖାନା ପଛ ପାଖରୁ ଭାସିଆସିଲା ଘଣ୍ଟାଧ୍ୱନି। ଅସମୟରେ ଘଣ୍ଟାଧ୍ୱନି... ଚମକିପଡ଼ିଲା କଳାକାର। କିଛି ସମୟ ପରେ ଘଣ୍ଟା ଶବ୍ଦ ଆଉ ଶୁଣାଗଲା ନାହିଁ, ଧୀରେ ଧୀରେ ବନ୍ଦ ହୋଇଗଲା। ଘଣ୍ଟା ଶବ୍ଦ ନିଜକୁ ନିଜେ ପରଖୁଥିଲା!

କଳାକାରର କାର୍ଯ୍ୟକଳାପ କେ କୁ ଅତିଷ୍ଠ କରିଦେଲା। ମୁହଁରେ ହାତ ପାପୁଲି ଘୋଡ଼େଇ ଧକେଇ ଧକେଇ କାନ୍ଦିବା ଆରମ୍ଭ କରିଦେଲା।

କାହିଁକି କାନ୍ଦୁଛ କେ? ମୋତେ କିଛି ସାହାଯ୍ୟ କରିପାରିବ? ପଥର ଉପରେ ଲେଖିଲା ଗୋଟିଏ ଅକ୍ଷର 'ମ'। କଳାକାରର ପ୍ରଶ୍ନ।

କେଡ଼େ କଦର୍ଯ୍ୟ ଦେଖାଯାଉଛି ମ' ଅକ୍ଷର... ପୂର୍ବ ଅକ୍ଷରଗୁଡ଼ିକ ଖୁବ୍ ସୁନ୍ଦର ଥିଲା... ଏଇଟା ବିକୃତ କାହିଁକି? ହଉ ପଛେ ନୂଆ ଅକ୍ଷରଟାଏ ତ! ଆରେ ଆରେ ଏ କ'ଣ? ଲେଖି ସାରିବା ପରେ ଜୋର୍‌ରେ ଗୋଇଠା ମାରି ସେଇଟିକୁ ଗୁଣ୍ଡଗୁଣ୍ଡ କରିଦେଲା କଳାକାର।

ଓହୋ... ଜଣାପଡ଼ିଲା, କେ ବୁଝିପାରିଲା କଳାକାରର କାର୍ଯ୍ୟକଳାପର ଉଦ୍ଦେଶ୍ୟ। କେ ଦେଖୁଥିଲା- ପୂର୍ବରୁ ନିଜକୁ ପ୍ରସ୍ତୁତ କରି ରଖିଥିବା ପରି କଳାକାର ନିଜ ହାତରେ ସେଇ ହାଲୁକା ମାଟିଗୁଡ଼ିକୁ ଏକାଠି କରି ପତଳା ଆସ୍ତରଣ ତିଆରି କଲା। ଆସ୍ତରଣଟି ସମାନ୍ତରାଳ ଭାବରେ ଭୂମି ସଂଲଗ୍ନ ଥିଲା। ଭୂମି ତଳେ ବିରାଟ ଗାତ। ଗାତ ଉପରେ ପାଦ ରଖି ଭୂମି ଭିତରକୁ ତା' ଶରୀର ପଶିଯାଉଥିବାବେଳେ ଅନୁଭବ କଲା କିଏ ଯେପରି ତା' ବେକ ଧରି ଉପରକୁ ଟାଣୁଛି... ଟାଣି ଟାଣି ନେଇଯାଉଛି- ତା' ନାଁ ପଥର ଉପରେ ସ୍ୱର୍ଣ୍ଣିମ ଅକ୍ଷରରେ କିଏ ଲେଖିଦେଇଛି!

ପଥର ଉପରେ ସ୍ୱର୍ଣ୍ଣିମ ଅକ୍ଷରରେ ନିଜର ନାଁ! ସଫଳ ହେଇଗଲା ଦୀର୍ଘଦିନର ସ୍ୱପ୍ନ... ଏଇୟା ହିଁ ତ ତା'ର ସ୍ୱପ୍ନ ଥିଲା।

ସ୍ୱପ୍ନ ଉଭେଇଗଲା, ନିଦ ଭାଙ୍ଗିଗଲା। ଆନନ୍ଦ ଗଦ୍‌ଗଦ ମନରେ ଉଠି ଚାରିଆଡ଼କୁ ଚାହିଁଲା କେ।

ମୋ: ୭୦୦୮୨୯୧୦୪୦

# ନିର୍ଦ୍ୱନ୍ଦ୍ୱରେ ରାଜ୍ୟ ସଭାକୁ ନିର୍ବାଚିତ ହେଲେ ସୁଜିତ୍ କୁମାର


ନିର୍ବାଚନ ଅଧିକାରୀଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି ସୁଜିତ୍ କୁମାର।

**ଭୁବନେଶ୍ୱର, ୧୩।୧୨(ସୁଜିତ୍ ମିଶ୍ର)**

ରାଜ୍ୟ ସଭା ଉପନିର୍ବାଚନରେ ସୁଜିତ୍ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୁଜିତ୍ କୁମାର ଏକମାତ୍ର ପ୍ରାର୍ଥୀ ଭାବେ ଭାଜପାରୁ ନାମାଙ୍କନ ଦାଖଲ କରିଥିଲେ। ଅନ୍ୟ କୌଣସି ଦଳରୁ କାହାକୁ ପ୍ରାର୍ଥୀ କରାଯାଇ ନ ଥିଲା। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ସୁଜିତ୍ କୁମାର ରାଜ୍ୟ ସଭାରେ କଳାହାଣ୍ଡି ତଥା ଓଡ଼ିଶା ପ୍ରସଙ୍ଗ ଉଠାଇବେ ବୋଲି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ବିଜେଡିରୁ ନେତା ମୁହଁ ଫେରାଇବା ଆରମ୍ଭ କଲେଣି। କଳାହାଣ୍ଡିର ୮୦% ପଞ୍ଚାୟତ ପ୍ରତିନିଧି ଭାଜପାରେ ମିଶି ସାରିଲେଣି। ଆଗାମୀ ଦିନରେ ଅନେକ ନେତା ଭାଜପାରେ ଯୋଗଦେବେ। ଗତ ସେପ୍ଟେମ୍ବରରେ ସୁଜିତ୍ କୁମାର ରାଜ୍ୟ ସଭାରୁ ଇସ୍ତଫା ଦେବା ପରେ ଏହି ଆସନଟି ଖାଲି ପଡ଼ିଥିଲା। ସେ ରାଜ୍ୟ ସଭା ପଦ ସହିତ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ। ପରେ ଭାଜପାରେ ମିଶିଥିଲେ। ଖାଲି ଥିବା ଏହି ଗୋଟିଏ ରାଜ୍ୟ ସଭା ପଦବୀ ପାଇଁ ଭାଜପା ସୁଜିତ୍ କୁମାରଙ୍କୁ ପ୍ରାର୍ଥୀ କରିଥିଲା। ତେବେ ସେ ୨୦୨୬ ଏପ୍ରିଲ ପର୍ଯ୍ୟନ୍ତ ଏହି ପଦରେ ରହିବେ।


ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଓ ତାଙ୍କ ସ୍ତ୍ରୀ ତଥା ବିଧାୟିକା କଳ୍ପନା ସୋରେନ ଦେଓଘରସ୍ଥିତ ବାବା ବୈଦ୍ୟନାଥ ମନ୍ଦିରରେ ପୂଜାର୍ଚ୍ଚନା କରୁଛନ୍ତି।

# ନିର୍ବାଚନମଣ୍ଡଳୀ ସମୀକ୍ଷା କରିବାକୁ ପ୍ରସ୍ତାବ ଦେଲେ ବରିଷ୍ଠ ନେତା

## ବିଜେଡି ଉପଦେଷ୍ଟା କମିଟି ବୈଠକ

**ଭୁବନେଶ୍ୱର, ୧୩।୧୨(ଅନିଲଦାସ)**

ଟିକେଟ ବଣ୍ଟନରେ ବହୁ ହେରାଫେରି ହୋଇଛି। ଯାହାର କୁପରିଣାମ ଦଳକୁ ଭୋଗିବାକୁ ପଡ଼ିଛି। ଯେଉଁ ଆସନରେ ଦଳ ଦୀର୍ଘବର୍ଷ ଧରି ବିଜୟୀ ହୋଇଆସୁଥିଲା ସେଠାରେ କେଉଁ କାରଣ ପାଇଁ ପରାଜିତ ହେଲା, ଏ ସବୁର ନିର୍ବାଚନ ମଣ୍ଡଳୀ ତର୍ଜମା ହେବାର ଆବଶ୍ୟକତା ରହିଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ବରିଷ୍ଠ ନେତାମାନେ ଏଭଳି ଢଙ୍ଗରେ ରୋକ୍ଠୋକ୍ ଶୁଣାଇ ଦେଇଛନ୍ତି।

ନବୀନ ନିବାସଠାରେ ଶୁକ୍ରବାର ନବୀନଙ୍କ ଅଧ୍ୟକ୍ଷତାରେ ବିଜେଡି ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଦଳର ପରାଜୟ ସହ ଆଗାମୀ ଦିନ ପାଇଁ ରଣନୀତିକୁ ନେଇ ବୈଠକରେ ଦୀର୍ଘ ୪୫ ମିନିଟ ଧରି ଆଲୋଚନା ହୋଇଛି। ସାଧାରଣ ନିର୍ବାଚନକୁ ୬ ମାସ ପୂରିଲାଣି। ତେବେ ଦଳର ପରାଜୟକୁ ବରିଷ୍ଠ ନେତାମାନେ ସହଜରେ ହଜମ କରି ପାରୁନାହାନ୍ତି। କେଉଁ କାରଣ ପାଇଁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଲା ସେ ନେଇ ଉଦେଷ୍ଟା କମିଟି ସଦସ୍ୟମାନେ ଜଣକ ପରେ ଜଣେ ସଭାପତିଙ୍କ ସମ୍ମୁଖରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀର ତର୍ଜମା କରିବାକୁ କମିଟି ପ୍ରସ୍ତାବ ଦେଇଛି। ଏହାଦ୍ୱାରା ହାରିବାର ପ୍ରକୃତ କାରଣ ଜଣାପଡିବ ଓ ଛଦ୍ମବେଶୀ ନେତାଙ୍କର ପର୍ଦ୍ଦାଫାଶ ହେବ ବୋଲି ଉପଦେଷ୍ଟା କମିଟି ପରାମର୍ଶ ଦେଇଛି। ଏଥିସହିତ ଦଳରେ ଏକ ଡିସିପ୍ଲିନାରି କମିଟି ଓ ଜାତୀୟ ସ୍ତରରେ ଦଳକୁ ପରାମର୍ଶ ଦେବା ପାଇଁ ଏକ ସଂସଦୀୟ ବୋର୍ଡ ଗଠନ କରିବାକୁ ମଧ୍ୟ ପରାମର୍ଶ ଦେଇଛି। ବୋର୍ଡ ପରାମର୍ଶ ଅନୁଯାୟୀ ଦଳ ରାଜ୍ୟ ସ୍ୱାର୍ଥ ସମ୍ବଳିତ ମୁଖ୍ୟ ପ୍ରସଙ୍ଗକୁ ଉତ୍ଥାନ କରିବ। ବିଜେଡି ଏକ ବି ଟିମ୍ ବୋଲି ଏବେ ସାଧାରଣରେ ଧାରଣା ରହିଛି । ଲୋକଙ୍କ ମନରୁ ଏଭଳି ଧାରଣା ହଟାଇବାକୁ ହେଲେ ଏକ ଦୃଢ଼ ବିରୋଧୀ ଦଳ ଭୂମିକା ନେବାକୁ କମିଟି ସଦସ୍ୟମାନେ ପ୍ରସ୍ତାବ ଦେଇଛନ୍ତି। ତେବେ ଆଞ୍ଚଳିକ ଦଳ ଭାବେ ବିଜେଡି ନିଜର ପୂର୍ବସ୍ଥିତି କିଭଳି ବଜାୟ ରଖିବ ସେ ନେଇ ଉପଦେଷ୍ଟା କମିଟି ସଭାପତିଙ୍କୁ ୮ ଦଫା ପ୍ରସ୍ତାବ ପ୍ରଦାନ କରିଛି । କେବଳ ସେତିକି ନୁହେଁ, ଦଳକୁ ଏବେଠାରୁ ଯଦି ସଜଡ଼ା ନ ଯିବ ଆଗାମୀ ଦିନରେ ସମସ୍ୟା ଆହୁରି ଜଟିଳ ହେବ ବୋଲି ମଧ୍ୟ ବରିଷ୍ଠ ନେତାମାନେ ଚେତାଇ ଦେଇଛନ୍ତି। ଏହି ବୈଠକରେ ପ୍ରଫୁଲ୍ଲ ସାମଲ, ପ୍ରଫୁଲ୍ଲ ମଲ୍ଲିକ, ଅଶୋକ ଚନ୍ଦ୍ର ପଣ୍ଡା, ପ୍ରସନ୍ନ ଆଚାର୍ଯ୍ୟ, ଚନ୍ଦ୍ରଶେଖର ସାହୁ, ବଦ୍ରି ନାରାୟଣ ପାତ୍ର, ଭୂପିନ୍ଦର ସିଂ, ଶଶିଭୂଷଣ ବେହେରାଙ୍କ ସମେତ ଅନ୍ୟ ବରିଷ୍ଠ ସଦସ୍ୟମାନେ ଉପସ୍ଥିତ ଥିଲେ।


ନବୀନ ନିବାସଠାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

# ୨୧ ଦିନ ପରେ ଜେଲ୍‌ରୁ ମୁକୁଳିଲେ ଲଲ

**ଯାଜପୁର ଟାଉନ, ୧୩।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)**

ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ସାନ ଭାଇ ଭବପ୍ରସାଦ ଦାସ(ଲଲ) ୨୧ ଦିନ ଧରି ଜେଲ୍ ହାଜତରେ ରହିବା ପରେ ଶୁକ୍ରବାର ମୁକୁଳିଛନ୍ତି। ନଭେମ୍ବର ୨୦ରେ ବିରଜା ପ୍ରକଳ୍ପ ଓ ବିରଜା ହାଟକୁ କେନ୍ଦ୍ରକରି ସ୍ଥାନୀୟ ବୁଢ଼ାଘାଟଠାରେ ବିଜେଡିର ଏକ ଗୋଷ୍ଠୀ ରାସ୍ତାରୋକୋ କରିଥିଲେ। ଏହି ସମୟରେ ଏହି ରାସ୍ତା ଦେଇ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ(ଲିକୁ) ଯାଜପୁରକୁ ଆସୁଥିବା ବେଳେ ତାଙ୍କୁ ବିଜେଡି କର୍ମୀମାନେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ଆକ୍ରମଣ ପାଇଁ ଲଲଙ୍କୁ ଦାୟୀ କରି ହିମାଂଶୁଙ୍କ ପକ୍ଷରୁ ଯାଜପୁର ଥାନାରେ ଏତଲା ଦାୟର ହୋଇଥିଲା। ସେହିଦିନ ସନ୍ଧ୍ୟାରେ ଧର୍ମଶାଳା ବିଧାୟକଙ୍କ ସମର୍ଥକମାନେ ଯାଜପୁର ସଦର ଥାନା ଘେରାଉ କରି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଅପରପକ୍ଷରେ ଲଲ ଓ ତାଙ୍କ ସମର୍ଥକ ଯାଜପୁର ଟାଉନ ଥାନା ଘେରାଉ କରି ନ୍ୟାୟ ଦାବି କରିଥିଲେ। ଏହା ପରଦିନ ଯାଜପୁର ବିରଜା ହାଟ ସ୍ଥାନାନ୍ତରକୁ କେନ୍ଦ୍ରକରି ସେଠାରେ ମଧ୍ୟ ରାସ୍ତାରୋକୋ ଓ ଗଣ୍ଡଗୋଳ ହୋଇଥିଲା। ଏପରିସ୍ଥଳେ ଯାଜପୁର ସଦର ଥାନା ଓ ଯାଜପୁର ଥାନା ପକ୍ଷରୁ ମୋଟ୍ ୧୧ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ମୋଟ୍ ୧୯ଜଣଙ୍କୁ ଗିରଫ କରି ଯାଜପୁର ପୋଲିସ କୋର୍ଟଚାଲାଣ କରିଥିଲା। ଲଲଙ୍କ ନାମରେ ୫ ଓ ଅନ୍ୟମାନଙ୍କୁ ୨ଟି ମାମଲାରେ ଗିରଫ କରାଯାଇଥିଲା।

ଲଲଙ୍କୁ ପୂର୍ବରୁ ୪ମାମଲାରେ ଜାମିନ୍ ମିଳିଥିବାବେଳେ ବିରଜା ହାଟ ଗଣ୍ଡଗୋଳରେ ଜଣେ ଅନୁସୂଚିତ ଜନଜାତି ମହିଳାଙ୍କ ଅଭିଯୋଗକୁ ଆଧାର କରି ହୋଇଥିବା ମାମଲାଟିରେ ଲଲ ଏକ ପ୍ରକାର ଛନ୍ଦି ହୋଇପଡ଼ିଥିଲେ। ସମ୍ପୃକ୍ତ ଅଭିଯୋଗକାରିଣୀଙ୍କୁ ସରକାରୀ ଓକିଲଙ୍କ ପକ୍ଷରୁ ଡାକଯୋଗେ ନୋଟିସ୍ ପଠାଯାଇଥିବାବେଳେ ସେ ତାଙ୍କ ଠିକଣାସ୍ଥାନରେ ଅନୁପସ୍ଥିତ ଥିବା ନେଇ ଡାକ ବିଭାଗ ପକ୍ଷରୁ ଗତ ୯ତାରିଖରେ ସୂଚନା ମିଳିଥିଲା। ଏହାପରେ ଜିଲା ଦୌରାଜଜ୍ ଏହି ମାମଲାର ତଦନ୍ତକାରୀ ଅଧିକାରୀଙ୍କୁ ଗତ ୧୨ତାରିଖରେ ନୋଟିସ୍ ଜାରି ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେବେ ଗତ ୧୨ତାରିଖରେ ଲଲଙ୍କ ପକ୍ଷରୁ ଆବେଦନ କରାଯାଇଥିବା ମାମଲାର ଶୁଣାଣି ସମୟରେ ତଦନ୍ତକାରୀ ଅଧିକାରୀ ନିଜର ଅକ୍ଷମତା ପ୍ରକାଶ କରିଥିଲେ। ସମ୍ପୃକ୍ତ ଅଭିଯୋଗକାରିଣୀ ଘରେ ତାଲା ପକାଇ କୁଆଡେ ପଳାଇଯାଇଥିବା ନେଇ ଅଧିକାରୀ କୋର୍ଟଙ୍କୁ ଅବଗତ କରିଥିଲେ। ଫଳରେ ଯାଜପୁର ଜିଲା ଦୌରାଜଜ୍ ଅମୃତରଞ୍ଜନ ନନ୍ଦ ଏହି ମାମଲାରେ ଲଲଙ୍କୁ ଜାମିନ ପ୍ରଦାନ କରିଥିଲେ।


ଭବପ୍ରସାଦ ଦାସ(ଲଲ)

# ୨ କେନ୍ଦ୍ରୀୟ କମିଟିର ସଦସ୍ୟ ହେଲେ ଏମ୍‌ପି ବିଭୁପ୍ରସାଦ ତରାଇ

**ପାରାଦୀପ, ୧୩।୧୨(ଶରତ ରାଉତ)**

ଜଗତ୍‌ସିଂହପୁର ଲୋକ ସଭା ଏମ୍‌ପି ବିଭୁପ୍ରସାଦ ତରାଇଙ୍କୁ ଶୁକ୍ରବାର ୨ କେନ୍ଦ୍ରୀୟ ପରାମର୍ଶଦାତା କମିଟି ସଦସ୍ୟ ଭାବେ ମନୋନୀତ କରିଛନ୍ତି। ତାଙ୍କୁ ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ଏବଂ ଦକ୍ଷତା ବିକାଶ, ଉଦ୍ୟୋଗ ବିଭାଗ କମିଟିର ସଦସ୍ୟ କରାଯାଇଛି। ଏହାପରେ ବିଭିନ୍ନ ରାଜନୈତିକ ବ୍ୟକ୍ତି, ଅନୁଷ୍ଠାନ, ସଙ୍ଗଠନ ପକ୍ଷରୁ ତରାଇଙ୍କୁ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଛି। ଏନେଇ ଏମ୍‌ପିଙ୍କ ପ୍ରତିନିଧି ଅବିନାଶ ପରିଡ଼ା, ମନୋଜ କୁମାର ନାୟକ, ଏଚ୍‌ଏମ୍‌ଏସ୍ ୟୁନିୟନ ସମ୍ପାଦକ ନୃସିଂହ ଶତପଥୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ପାଟଣା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ପାଟଣା, ୧୩।୧୨ (ବୀର କିଶୋର ଦାଶ)**

## ଉପଜିଲାପାଳଙ୍କୁ ଭେଟିଲେ ୧୪ ସମିତିସଭ୍ୟ

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ପାଟଣା ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାୟକଙ୍କ ବିରୋଧରେ ଅନାସ୍ଥା ଲାଗି ପ୍ରସ୍ତାବ ଦିଆଯାଇଛି। ଶୁକ୍ରବାର ପାଟଣା ବ୍ଲକର ୧୪ ଜଣ ସମିତି ସଭ୍ୟ ଏକାଠି ହୋଇ କେନ୍ଦୁଝର ଉପଜିଲାପାଳ ଉମାଶଙ୍କର ଦଳେଇଙ୍କ ନିକଟରେ ଏନେଇ ଦରଖାସ୍ତ ଦେଇଛନ୍ତି।

ସୂଚନା ଅନୁଯାୟୀ, ବ୍ଲକ ଅଧ୍ୟକ୍ଷାଙ୍କ ମନମୁଖି ଶାସନ, ନିୟମିତ ସମିତି ବୈଠକ ନ ଡାକିବା, ଉନ୍ନୟନ କାର୍ଯ୍ୟ ସଭ୍ୟଙ୍କ ଅଜ୍ଞାତରେ କରିବା ସହ ଦୁର୍ବ୍ୟବହାର କରୁଥିବା ନେଇ ପତ୍ରରେ ଉଲ୍ଲେଖ ରହିଛି। ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାୟକଙ୍କ ନେତୃତ୍ୱରେ ୧୪ ଜଣ ସମିତିସଭ୍ୟ ଏକାଠି ହୋଇ ଅନାସ୍ଥା ପ୍ରସ୍ତାବ ପାଇଁ ମେଳି କରିଛନ୍ତି। ୨୦ ଜଣ ସମିତି ସଭ୍ୟଙ୍କ ମଧ୍ୟରୁ ଉକ୍ତ ୧୪ ଜଣ ଅଜ୍ଞାତବାସରେ ଥିବା ଜଣାପଡ଼ିଛି। ଏ ନେଇ ଉପଜିଲାପାଳ ଦଳେଇ କହିଛନ୍ତି, ପାଟଣା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଲାଗି ୩ରୁ ୪ଜଣ ସଭ୍ୟ ସେମାନଙ୍କ ଦସ୍ତଖତ ସମ୍ବଳିତ ଦରଖାସ୍ତ ଦେଇଛନ୍ତି। ଏହାର ତଦନ୍ତ ପାଇଁ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛି।


ବ୍ଲକ ଅଧ୍ୟକ୍ଷା ସୁକାନ୍ତି ନାୟକ

**ଫୁର୍‌ସତ୍**

# ଶତାୟୁ ମହିଳାଙ୍କ ୭ ମହାଦେଶ ଭ୍ରମଣ



**ସିଡ୍‌ନୀ**

ଯଦି ମନରେ ଉତ୍ସାହ ଏବଂ ଉଦ୍ଦୀପନା ଥାଏ ତେବେ କୌଣସି ମଧ୍ୟ ଲକ୍ଷ୍ୟକୁ ଅତି ସହଜରେ ପୂରଣ କରାଯାଇପାରିବ। ୧୦୨ ବର୍ଷୀୟା ଡୋରୋଥୀ ସ୍ମିଥ୍‌ଙ୍କ ପାଇଁ ଏହି ଉକ୍ତି ସତ୍ୟ ପ୍ରମାଣିତ ହୋଇଛି। ସେ ନିକଟରେ ବିଶ୍ୱର ସମସ୍ତ ୭ ମହାଦେଶକୁ ଯାତ୍ରା କରି ନିଜର ସ୍ୱପ୍ନକୁ ସାକାର କରିପାରିଛନ୍ତି। ଏଥିପାଇଁ ଡୋରୋଥୀଙ୍କୁ ୟୁଟ୍ୟୁବ୍ ଚ୍ୟାନେଲ୍ 'ୟେସ୍ ଥିଓରି'ର ନିର୍ମାତା ଅମର କାଣ୍ଡିଲ ଓ ଷ୍ଟାଫନ୍ ଟେଲରଙ୍କ ସହାୟତା ମିଳିଥିଲା। କାଲିଫର୍ନିଆର ରେଡ୍‌ଉଡ୍‌ସ ରିଟାୟାରମେଣ୍ଟ ଗ୍ରାମରେ ଶୁଟିଂ କରୁଥିବାବେଳେ କାଣ୍ଡିଲ ଏବଂ ଟେଲର ଡୋରୋଥୀଙ୍କୁ ଭେଟିଥିଲେ। ୭ ମହାଦେଶକୁ ଯାତ୍ରା କରିବା ନେଇ ଡୋରୋଥୀଙ୍କ ଇଚ୍ଛା ଏବଂ ଆବେଗକୁ ଦେଖି ଉଭୟେ ଅଭୀଭୂତ ହୋଇଥିଲେ ଏବଂ ତାଙ୍କୁ ସାହାଯ୍ୟ କରିବାକୁ ସ୍ଥିର କରିଥିଲେ। ସେମାନେ ଡୋରୋଥୀଙ୍କ ପାଇଁ ଭ୍ରମଣ ମାର୍ଗ ଯୋଜନା ପ୍ରସ୍ତୁତ କରିଥିଲେ। ଗତ ସପ୍ତାହରେ ଡୋରୋଥୀ ଅଷ୍ଟ୍ରେଲିଆର ସିଡ୍‌ନୀରେ ପହଞ୍ଚି ନିଜର ୭ ମହାଦେଶ ଭ୍ରମଣ ପାଇଁ ଦେଖିଥିବା ସ୍ୱପ୍ନକୁ ପୂରା କରିଥିଲେ। କାଣ୍ଡିଲ ଏବଂ ଟେଲର ମଧ୍ୟ ସିଡ୍‌ନୀରେ ପହଞ୍ଚି ଡୋରୋଥୀଙ୍କ ଖୁସିରେ ସାମିଲ ହୋଇଥିଲେ।

ତେବେ ସିଡ୍‌ନୀ ପାଇଁ ବିମାନ ଉଡ଼ାଣ ପୂର୍ବରୁ ଅଷ୍ଟ୍ରେଲିଆର ସର୍ବବୃହତ ଏୟାର ଲାଇନ୍ସ 'କ୍ୱାଣ୍ଟସ୍'ର ପାଇଲଟ୍ ଏବଂ କ୍ରିଉ ସଦସ୍ୟମାନେ ଡୋରୋଥୀଙ୍କୁ ସମ୍ମାନିତ କରିଥିଲେ। ୭ ମହାଦେଶ ଭ୍ରମଣର ବିରଳ ରେକର୍ଡକୁ ହାସଲ କରିପାରିଥିବାରୁ ଡୋରୋଥୀଙ୍କୁ ଏହି ସମ୍ମାନ ମିଳିଥିଲା। ଅଷ୍ଟ୍ରେଲିଆରେ ପହଞ୍ଚି ସେ ସିଡ୍‌ନୀ ହାର୍ବର୍ କ୍ରୁଜ୍, ୱାଇଲ୍ଡ ଲାଇଫ୍ ସିଡନୀ ଜୁ, ସିଡ୍‌ନୀ ଅପେରା ହାଉସ୍ ଏବଂ ବୋନି ବିଚ୍ ପରି ଦର୍ଶନୀୟ ସ୍ଥାନ ଭ୍ରମଣ କରି ଉପଭୋଗ କରିଥିଲେ। ସେହିପରି ଡୋରୋଥୀ ସିଡ୍‌ନୀର ବଟାନିକାଲ ଗାର୍ଡେନ୍ ଏବଂ ଆର୍ଟ ମ୍ୟୁଜିୟମରେ ମଧ୍ୟ ସମୟ ଅତିବାହିତ କରିଥିଲେ। ଏହି ଅବସରରେ 'ୟେସ୍ ଥିଓରି'କୁ ସାକ୍ଷାତ୍କାର ଦେଇ ଡୋରୋଥୀ କହିଛନ୍ତି, କୌଣସି ଦୁଃସାହସିକ କାର୍ଯ୍ୟ ପାଇଁ କଦାପି ବିଳମ୍ବ କରିବା ଉଚିତ ନୁହେଁ। କେବଳ ଚେଷ୍ଟା କରନ୍ତୁ ଏବଂ ଦେଖନ୍ତୁ ସଫଳତା ନିଶ୍ଚିତ ମିଳିବ। ବିଶ୍ୱର ପ୍ରତ୍ୟେକ କୋଣରେ ଥିବା ବିଭିନ୍ନ ଦେଶଗୁଡ଼ିକର ବୈଶିଷ୍ଟ୍ୟ, ଚାଲିଚଳନ ଆଦି ଅଲଗା ହୋଇଥିବାରୁ ଏହି ୭ ମହାଦେଶର ଯାତ୍ରା ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା ବୋଲି ଡୋରୋଥୀ କହିଛନ୍ତି।

# ସୁନାରେ ତିଆରି କ୍ରିସ୍‌ମସ୍ ଟ୍ରି



**ବର୍ଲିନ**

ଜର୍ମାନୀର ମ୍ୟୁନିକ୍ ସହରରେ ଏକ କ୍ରିସ୍‌ମସ୍ ଟ୍ରି ବିଶ୍ୱର ସବୁଠାରୁ ଦାମୀ ଭାବେ ରେକର୍ଡ ସୃଷ୍ଟି କରିଛି। ଏହି କ୍ରିସ୍‌ମସ୍ ଟ୍ରିର ମୂଲ୍ୟ ୫.୨ ମିଲିୟନ ୟୁରୋ (ପ୍ରାୟ ୪୬ କୋଟି ଟଙ୍କା)। ସୁନାରେ ତିଆରି ଏହି କ୍ରିସ୍‌ମସ୍ ଟ୍ରିକୁ ମ୍ୟୁନିକ୍‌ସ୍ଥିତ ଏକ ସୁନା ଡିଲର 'ପ୍ରୋ ଅରମ' ପ୍ରସ୍ତୁତ କରିଛି। ଏଥିରେ ୬୦ କିଲୋଗ୍ରାମରୁ ଅଧିକ ସୁନା ବ୍ୟବହାର କରାଯାଇଛି। 'ପ୍ରୋ ଅରମ'ର ପ୍ରତିନିଧି ବେଞ୍ଜାମିନ୍ ସୁମା କହିଛନ୍ତି, ବଡ଼ଦିନରେ ମ୍ୟୁନିକ୍‌ସ୍ଥିତ ଗୋଲ୍ଡ ହାଉସ୍‌ରେ ଏକ ବିଶେଷ କ୍ରିସ୍‌ମସ୍ ଟ୍ରି ପ୍ରଦର୍ଶନ କରାଇବାକୁ ନିଷ୍ପତ୍ତି ହୋଇଥିଲା। ଏହି କ୍ରିସ୍‌ମସ୍ ଟ୍ରିକୁ ଦେଖି ଦର୍ଶକମାନେ ଖୁସି ହେଉଥିବା ସେ କହିଛନ୍ତି। ୩୫ ଫୁଟ ଉଚ୍ଚର ଏହି କ୍ରିସ୍‌ମସ୍ ଟ୍ରିକୁ 'ପ୍ରୋ ଅରମ'ର ୩୫ତମ ବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତ କରାଯାଇଛି।

# ୨୦୨୫ରେ ସୋନମଙ୍କ ୨ ବଲିଉଡ୍ ପ୍ରୋଜେକ୍ଟ


ସୋନମ ବାଜୱା

**ମୁମ୍ବାଇ**

ପଞ୍ଜାବୀ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ସୋନମ ବାଜୱାଙ୍କୁ ଆସନ୍ତା ବର୍ଷ ୨ଟି ବଲିଉଡ୍ ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ସାଜିଦ୍ ନାଦିଆଦ୍‌ୱାଲାଙ୍କ ଦ୍ୱାରା ନିର୍ମିତ ହେବାକୁ ଥିବା 'ହାଉସଫୁଲ୍ ୫' ଏବଂ 'ବାଗି ୪' ଫିଲ୍ମରେ ସୋନମ ନିଜ ଅଭିନୟର ଜଲୱା ଦେଖାଇବେ। ଆସନ୍ତା ବର୍ଷ ଜୁନ୍ ୫ରେ 'ହାଉସଫୁଲ୍ ୫' ରିଲିଜ୍ ହେବାକୁ ଥିବାବେଳେ ସେପ୍ଟେମ୍ବର ୫ରେ 'ବାଗି ୪' ରିଲିଜ୍ ହେବ। 'ହାଉସଫୁଲ୍ ୫' ଫିଲ୍ମରେ ସୋନମ ଅଭିନୟ କରୁଥିବା ନେଇ ପୂର୍ବରୁ ସ୍ପଷ୍ଟ ହୋଇସାରିଥିଲା। ତେବେ 'ବାଗି ୪' ଫିଲ୍ମରେ ସୋନମ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବାନେଇ ସାଜିଦ୍‌ଙ୍କ ପ୍ରଡକ୍ସନ ହାଉସ୍ 'ନାଦିଆଦ୍‌ୱାଲା ଆଣ୍ଡ୍ ଗ୍ରାଣ୍ଡସନ୍' ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି। ଉକ୍ତ ପୋଷ୍ଟରେ ଲେଖାଯାଇଛି, ପ୍ରତିଭାଶାଳୀ ଅଭିନେତ୍ରୀ ସୋନମଙ୍କୁ 'ବାଗି ୪'କୁ ସ୍ୱାଗତ। ଫିଲ୍ମରେ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ସୋନମଙ୍କ କେମେଷ୍ଟ୍ରିକୁ ଦର୍ଶକ ନିଶ୍ଚୟ ପସନ୍ଦ କରିବେ। ସୋନମ ପୂର୍ବରୁ ୨ଟି ବଲିଉଡ୍ ଫିଲ୍ମ 'ବାଲା' ଓ 'ଷ୍ଟ୍ରିଟ୍ ଡ୍ୟାନ୍ସର ୩ଡି'ରେ ଅଭିନୟ କରିଛନ୍ତି। ଫିଲ୍ମରେ ସୋନମଙ୍କ ସହ ଟାଇଗରଙ୍କ ରୋମାନ୍ସ ଦୃଶ୍ୟ ରହିଥିବାରୁ ଉଭୟଙ୍କ ପ୍ରଶଂସକ ଏଥି ନିମନ୍ତେ ବେଶ୍ ଉତ୍ସାହିତ ଅଛନ୍ତି। ନିକଟରେ 'ନାଦିଆଦ୍‌ୱାଲା ଆଣ୍ଡ୍ ଗ୍ରାଣ୍ଡସନ୍' ପକ୍ଷରୁ 'ବାଗି ୪' ଫିଲ୍ମରେ ମୁଖ୍ୟ ଖଳନାୟକ ଭୂମିକାରେ ଥିବା ସଞ୍ଜୟ ଦତ୍ତଙ୍କ ପୋଷ୍ଟରକୁ ଶେୟାର କରାଯାଇଥିଲା। ଉକ୍ତ ପୋଷ୍ଟରରେ ସଞ୍ଜୟଙ୍କ ଖଳନାୟକ ଅବତାରକୁ ଦର୍ଶକ ବେଶ୍ ପସନ୍ଦ କରଥିଲେ। ଫିଲ୍ମର ଶୁଟିଂ ଖୁବ୍‌ଶୀଘ୍ର ଆରମ୍ଭ ହେବାକୁ ଯାଉଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଆସନ୍ତା ମୁକ୍ତିଲାଭ କରିବାକୁ ଥିବା ଏହି ଫିଲ୍ମର ନିର୍ଦ୍ଦେଶନା ଏ ହର୍ଷ ଦେଉଛନ୍ତି। ଫିଲ୍ମରେ ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ଜିମି ଶେର୍‌ଗିଲ ଓ ଅଭିନେତ୍ରୀ ମେଘା ଆକାଶ ମଧ୍ୟ ଅଭିୟନ କରୁଥିବାର ନଜରକୁ ଆସିବେ। ତେବେ ପ୍ରସିଦ୍ଧ ଫିଲ୍ମ ନିର୍ମାତା ସାଜିଦ୍‌ଙ୍କ ପାଇଁ ଆସନ୍ତା ବର୍ଷ ବହୁ ଗୁରୁତ୍ୱ ବହନ କରୁଛି। ୨୦୨୫ରେ ତାଙ୍କର ୩ଟି ବଡ ଚଳଚ୍ଚିତ୍ର 'ସିକନ୍ଦର', 'ହାଉସଫୁଲ୍ ୫' ଓ 'ବାଗି ୪' ରିଲିଜ୍ ହେବାକୁ ଯାଉଛି।

**ହାଇବ୍ରିଡ୍ ମଡେଲ**

# ଆଜି ନିଷ୍ପତ୍ତି ନେଇପାରେ ଆଇସିସି

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.):** ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମୋହସିନ ନକ୍ଭିଙ୍କ ସହ ଭର୍ଚୁଆଲ ଆଲୋଚନା ପରେ ଚାମ୍ପିୟନ୍ସ ଟ୍ରଫି ପାଇଁ ହାଇବ୍ରିଡ୍ ମଡେଲରକୁ କିପରି କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଉଚ୍ଚ କର୍ତ୍ତୃପକ୍ଷ ଶନିବାର ଚୂଡ଼ାନ୍ତ କରିପାରନ୍ତି। ଆଇସିସି ଇଭେଣ୍ଟ ପାଇଁ ଭାରତ ହେଉ ଅବା ପାକିସ୍ତାନ ଦୁହେଁ ପରସ୍ପର ଦେଶକୁ ଗସ୍ତ କରିବେ ନାହିଁ। ଏଥିରେ ସହମତି ପ୍ରକାଶ ପାଇଛି। ଫଳତଃ ଆସନ୍ତା ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ପର୍ଯ୍ୟନ୍ତ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ୨୦୨୫ରେ ଭାରତ ଓ ପାକିସ୍ତାନ ଦୁବାଇରେ ଖେଳିବେ। ଟୁର୍ନାମେଣ୍ଟ ୮ଟି ଦଳକୁ ନେଇ ଅନୁଷ୍ଠିତ ହେବ। ସେମାନଙ୍କୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ପିସିବି ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ, ଭାରତ ଓ ପାକିସ୍ତାନ ଆୟୋଜନ କରିବାକୁ ଥିବା ସମସ୍ତ ଆଇସିସି ଇଭେଣ୍ଟ ଲାଗି ଉଭୟ ଦେଶ ପାଇଁ ସମାନ ନୀତି ଅବଲମ୍ବନ କରାଯାଏ ତେବେ ପିସିବି ହାଇବ୍ରିଡ୍ ମଡେଲ ଗ୍ରହଣ କରିବାକୁ ରାଜି ଅଛି।

# ରୋହିତ, କୋହଲିଙ୍କ ଉପରେ ନଜର

**ବର୍ଡର-ଗାଭାସ୍କର ଟ୍ରଫି ତୃତୀୟ ଟେଷ୍ଟ**

**ବ୍ରିସବେନ୍, ୧୩।୧୨ (ପି.ଟି.)**

ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ମ୍ୟାଚ୍ ଗାବାରେ ଶନିବାର ଆରମ୍ଭ ହେବ। ପ୍ରଥମ ୨ ମ୍ୟାଚ୍‌ରେ ଉଭୟ ଦଳ ଗୋଟିଏ ଲେଖାଏ ବିଜୟ ହାସଲ କରିଥିବା ବେଳେ ସିରିଜ୍ ବର୍ତ୍ତମାନ ୧-୧ରେ ରହିଛି। ତେବେ ସିରିଜ ଆଗକୁ ବଢ଼ିବା ସହ ଭାରତର ସିନିୟର ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଅଧିନାୟକ ରୋହିତ ଶର୍ମା ଓ ଷ୍ଟାର ବ୍ୟାଟର ବିରାଟ କୋହଲି ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଯଦିଓ ପ୍ରଥମ ଟେଷ୍ଟରେ ବିରାଟଙ୍କ ବ୍ୟାଟରୁ ଏକ ଶତକ ଆସିଥିଲା। ତେବେ ନିୟମିତ ଭାବରେ ସେ ଅଫ୍ ଷ୍ଟମ୍ପ ବାହାର ବଲ ଖେଳିବା ପ୍ରୟାସରେ ଉଇକେଟ ହରାଉଛନ୍ତି। ଅନ୍ୟ ପକ୍ଷରେ ରୋହିତ ଇନ୍ ସୁଇଙ୍ଗ ବଲ୍‌କୁ ଖେଳିବାରେ ଦୁର୍ବଳତା ଦେଖାଇଛନ୍ତି। ଅନ୍ୟ ପକ୍ଷରେ ଅଷ୍ଟ୍ରେଲିଆ ଦଳରେ ମଧ୍ୟ ସମାନ ସମସ୍ୟା ରହିଛି। କେବଳ ଟ୍ରାଭିସ ହେଡଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳି ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି।



ଶୁକ୍ରବାର ନେଟ୍ ସେସନ ଅବସରରେ ଭାରତୀୟ ଦଳ।

ବିରାଟ କୋହଲିଙ୍କ ପରି ଷ୍ଟିଭ୍ ସ୍ମିଥ୍ ମଧ୍ୟ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ଉଭୟ ରୋହିତ ଓ କୋହଲି ଦକ୍ଷ ବ୍ୟାଟର ଏହାକୁ ନେଇ କୌଣସି ସନ୍ଦେହ ନାହିଁ। ତେବେ ୨୦୨୧ ପରଠାରୁ ଉଭୟ ଖେଳାଳି ଭଲ ପ୍ରଦର୍ଶନ କରିବାରେ ସକ୍ଷମ ହୋଇନାହାନ୍ତି। ତେବେ ଅଷ୍ଟ୍ରେଲୀୟ ପରିବେଶରେ ଉଭୟ ଖେଳାଳି ସିମ୍ ମୁଭମେଣ୍ଟ ଓ ବାଉନ୍ସକୁ ବୁଝିବାରେ ସମର୍ଥ ହୋଇନାହାନ୍ତି। ଚଳିତ ବର୍ଷରେ ରୋହିତଙ୍କ ଟେଷ୍ଟ ଆଭରେଜ ୬.୮୮ ରହିଥିବା ବେଳେ କୋହଲିଙ୍କ ଆଭରେଜ ୧୦ ରହିଛି। ଉଭୟ ଖେଳାଳି କ୍ରିଜ୍‌ରେ କିଛି ସମୟ ବିତାଇଲେ ଭଲ ପ୍ରଦର୍ଶନ କରିପାରିବେ ବୋଲି ଆଶା କରାଯାଉଛି। ପର୍ଥରେ କୋହଲି ଏକ ଶତକ ହାସଲ କରି ନିଜ ଉପରେ ଥିବା ଚାପ ଅନେକାଂଶରେ ହଟାଇବାରେ ସକ୍ଷମ ହୋଇଛନ୍ତି। ତେବେ ରୋହିତଙ୍କ ଉପରେ ଡେମୋକ୍ଲିସ୍ ଖଣ୍ଡା ଏବେବି ଝୁଲୁଛି। ସେହିପରି ତୃତୀୟ ଟେଷ୍ଟରେ ରୋହିତ ଓପନ କରିବେ କି ତୃତୀୟ ସ୍ଥାନରେ ବ୍ୟାଟିଂ କରିବେ ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଉପଲବ୍ଧ ନାହିଁ।

ବୋଲିଂ ଫର୍ମକୁ ଦେଖିଲେ ଉଭୟ ଦଳ ଭଲ ପ୍ରଦର୍ଶନ କରିଛନ୍ତି। ତେବେ ଭାରତର ଯଶପ୍ରୀତ୍ ବୁମ୍‌ରା ଚମତ୍କାର ବୋଲିଂ କରି ଅନ୍ୟମାନଙ୍କୁ ପଛରେ ଛାଡ଼ିବାରେ ସକ୍ଷମ ହୋଇଛନ୍ତି। ଗାବାର ଟ୍ରାକ୍ ପେସ୍ ଓ ବାଉନ୍ସକୁ ସୁହାଇବା ନେଇ କ୍ୟୁରେଟରର ପୂର୍ବାନୁମାନ କରିଥିବା ବେଳେ ଭାରତୀୟ ପେସର ଏହାର ଫାଇଦା ନେବାକୁ ଚାହିଁବେ। ଗୋଟିଏ ପଟରୁ ବୁମ୍‌ରା ଘାତକ ବୋଲିଂ କରିଥିବା ବେଳେ ଅନ୍ୟ ଭାରତୀୟ ବୋଲର ଏତେଟା ପ୍ରଭାବଶାଳୀ ହୋଇନାହାନ୍ତି। ତୃତୀୟ ଟେଷ୍ଟ ପାଇଁ ହର୍ଷିତ ରାଣାଙ୍କ ସ୍ଥାନରେ ଆକାଶ ଦୀପ୍‌ଙ୍କୁ ଭାରତ ସାମିଲ କରିବାର ସମ୍ଭାବନା ରହିଛି। ଅନ୍ୟ ପକ୍ଷରେ ଘରୋଇ ପରିବେଶରେ ଖେଳୁଥିବା ଅଷ୍ଟ୍ରେଲିଆ ଭାରତୀୟ ବ୍ୟାଟରଙ୍କୁ ଅସୁବିଧାରେ ପକାଇବାରେ ସମର୍ଥ ହୋଇଛନ୍ତି।

ସେହିପରି ଭାରତର ଚୂଡ଼ାନ୍ତ ଏକାଦଶରେ ସ୍ପିନର କିଏ ରହିବ ତାକୁ ନେଇ ମଧ୍ୟ କୌଣସି ସୂଚନା ନାହିଁ। ପ୍ରଥମ ଟେଷ୍ଟରେ ୱାଶିଂଟନ୍ ସୁନ୍ଦର ଓ ଦ୍ୱିତୀୟ ଟେଷ୍ଟରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଖେଳାଇଥିଲା ଭାରତ। ତେବେ ବିଦେଶ ମାଟିରେ ଚମତ୍କାର ବ୍ୟାଟିଂ ରେକର୍ଡ ରଖିଥିବା ରବୀନ୍ଦ୍ର ଜାଡେଜାଙ୍କୁ ଭାରତ ଏହି ମ୍ୟାଚ୍‌ରେ ଖେଳାଇବ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେଉନାହିଁ। ସେହିପରି ଅଷ୍ଟ୍ରେଲିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ଜୋଶ ହାଜେଲଉଡ। ହାଜେଲଉଡଙ୍କ ଉପସ୍ଥିତି ଅଷ୍ଟ୍ରେଲିଆ ଦଳକୁ ଆହୁରି ଶକ୍ତିଶାଳୀ କରିଛି। ସ୍କଟ୍ ବୋଲାଣ୍ଡ ବାହାରେ ବସିବାକୁ ଥିବା ବେଳେ ଭାରତ ୨୦୨୧ରେ ଗାବାର ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ।

**ମ୍ୟାଚ୍ ସ୍ଥାନ : ବ୍ରିସବେନ୍, ଗାବା**
**ସମୟ: ସକାଳ ୫.୫୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**

# ଗୁକେଶଙ୍କୁ ୫ କୋଟି



ବିଶ୍ୱ ଚେସ୍ ଚାମ୍ପିୟନ୍‌ଶିପ୍ ଟ୍ରଫି ସହିତ ଡି. ଗୁକେଶ।

**ଚେନ୍ନାଇ, ୧୩।୧୨ (ପି.ଟି.)**

ଚେସ୍ ଖେଳାଳି ଡି. ଗୁକେଶଙ୍କ ପାଇଁ ୫ କୋଟି ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍। ଗୁକେଶ ମାତ୍ର ୧୮ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ଭାବେ ବିଶ୍ୱଚେସ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସିଙ୍ଗାପୁରରେ ଗୁରୁବାର ସେ ପ୍ରତିଯୋଗିତାର ୧୪ତମ ତଥା ଅନ୍ତିମ ଗେମ୍‌ରେ ଗତଥରର ଟାଇଟଲ ବିଜେତା ଚାଇନାର ଡିଙ୍ଗ୍ ଲିରେନ୍‌ଙ୍କୁ ହରାଇ ଦେଇଛନ୍ତି। ଏହି ଅବସରରେ ଷ୍ଟାଲିନ୍ କହିଛନ୍ତି, ଗୁକେଶ ଦେଶ ପାଇଁ ଅପାର ଗୌରବ ଓ ଆନନ୍ଦ ଆଣି ଦେଇଛନ୍ତି। ଭବିଷ୍ୟତରେ ସେ ଦେଶ ପାଇଁ ଏହିଭଳି ଆହୁରି ଅନେକ ସଫଳତା ଆଣିଦେବେ ବୋଲି ସେ ଆଶା କରିଛନ୍ତି। ୧୪ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାର ଅଧିକାଂଶ ଗେମ୍ ଡ୍ର ଭାବେ ଶେଷ ହୋଇଥିଲା। ମ୍ୟାଚର ୧୪ତମ ତଥା ଅନ୍ତିମ କ୍ଲାସିକାଲ ଟାଇମ୍ କଣ୍ଟ୍ରୋଲ ଗେମ୍‌ରେ ବିଜୟ ଲାଭ କରିବା ପରେ ଗୁକେଶ ଆବଶ୍ୟକ ୭.୫ ପଏଣ୍ଟ ସ୍କୋର କରିଥିବା ବେଳେ ତାଙ୍କ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀ ୬.୫ ପଏଣ୍ଟ ସ୍କୋର କରିଥିଲେ। ବିଜେତା ହିସାବରେ ସେ ୧.୩ ନିୟୁତ ଆମେରିକୀୟ ଡଲାର (ପ୍ରାୟ ୧୧.୦୩ କୋଟି) ପାଇଛନ୍ତି।

# ଉତ୍ତର ପ୍ରଦେଶ ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା) :** ଦୃଷ୍ଟିବାଧିତ ନାଗେଶ ଟ୍ରଫିର ସପ୍ତମ ସଂସ୍କରଣ ଖୋର୍ଦ୍ଧାର କେ.ଟି. ଗ୍ଲୋବାଲ ସ୍କୁଲରେ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଉତ୍ତର ପ୍ରଦେଶକୁ ୧୦୯ରନ୍‌ରେ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି ଓଡ଼ିଶା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପକ୍ଷରୁ ଲାଲ ପ୍ରସାଦ ସୋରେନ୍ ୭୯ ଓ ସୁଖରାମ ମାଝୀ ୬୮ ରନ୍ କରିବା ଫଳରେ ଦଳ ୪ ଉଇକେଟ ହରାଇ ୨୦୫ ରନ୍ କରିଥିଲା। ୨୦୬ ରନ୍‌ର ପିଛା କରୁଥିବା ଉତ୍ତର ପ୍ରଦେଶ ୧୯.୧ ଓଭରରେ ୯୬ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଓଡ଼ିଶା ପକ୍ଷରୁ ଦେବରାଜ ବେହେରା ୩, ପଙ୍କଜ ଭୁଏ ଓ କାଳିଆ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟପ୍ ସ୍କୋରର ଲାଲ ପ୍ରସାଦଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ ଘୋଷଣା କରାଯାଇଥିଲା। ଓଡ଼ିଶା ଏହାର ପରବର୍ତ୍ତୀ ୨ ମ୍ୟାଚ୍ ଗୁଡ଼ିକରେ ତ୍ରିପୁରା, ଚଣ୍ଡୀଗଡ ଓ ମଧ୍ୟପ୍ରଦେଶକୁ ଭେଟିବ।

# ସିଲିକନ୍ ଏଫ୍‌ସି ବିଜୟୀ

**ଗତିକୃଷ୍ଣ ପଣ୍ଡା ସ୍ମାରକୀ ଫୁଟବଲ୍**

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ରେ ଶୁକ୍ରବାର ସିଲିକନ୍ ଏଫ୍‌ସି ୨-୧ ଗୋଲରେ ଲିଙ୍ଗରାଜ କ୍ଲବକୁ ପରାସ୍ତ କରିଛି। ସିଲିକନ୍ ଏଫ୍‌ସି ପକ୍ଷରୁ ସନ୍ଦୀପ ସୌମ୍ୟରଞ୍ଜନ(୮) ଓ ଚକ୍ଷୁକୀରଟ ଶ'(୧୪)ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟ ପକ୍ଷରେ ଲିଙ୍ଗରାଜ କ୍ଲବ ପକ୍ଷରୁ ସୁନୀଲ କାଣ୍ଡି(୩୯) ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ। ଚକ୍ଷୁକୀରଟଙ୍କୁ ପ୍ଲେୟର ଅଫ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।

# ଷ୍ଟିୱାର୍ଟ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ



ଷ୍ଟିୱାର୍ଟ ଏକାଡେମୀ ଉଦ୍‌ଘାଟନ ଅବସରରେ ଖେଳାଳିଙ୍କ ଗହଣରେ ଅତିଥି।

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଶୁକ୍ରବାର ଷ୍ଟିୱାର୍ଟ କ୍ରିକେଟ ଏକାଡେମୀ ଉଦ୍‌ଘାଟିତ ହୋଇଯାଇଛି। ୩୦ ଜିଲାରେ ୪୧ କ୍ରିକେଟ ଏକାଡେମୀ ନିର୍ମାଣର ଲକ୍ଷ୍ୟରେ ଏହାକୁ ନିର୍ମାଣ କରାଯାଇଛି। କେବଳ ବାଳିକା କ୍ରିକେଟରଙ୍କ ଅଭ୍ୟାସ ପାଇଁ ଏହି ଏକାଡେମୀର ନିର୍ମାଣ କରାଯାଇଛି। ପୂର୍ବତନ ଭାରତୀୟ ସ୍ପିନର ନରେନ୍ଦ୍ର ହିରୱାନୀ ଓ ଓଡ଼ିଆ ଅନ୍ତର୍ଜାତୀୟ ଖେଳାଳି ସ୍ୱାଗତିକା ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟିୱାର୍ଟ ସ୍କୁଲ ପ୍ରିନ୍ସିପାଲ ଡି. ମାର୍ଟିନା, ସମ୍ପାଦକ ବି.ଡି. ଦାସ, ଓସିଏ ସ୍ପୋର୍ଟ୍ସ କୋ-ଅର୍ଡିନେଟର ଶୁଭାଶିଷ ସାହୁ, ଓସିଏ ସଦସ୍ୟ ସୁଶାନ୍ତ କୁମାର ମହାନ୍ତି ଓ ସିଇଓ ସୁବ୍ରତ କୁମାର ବେହେରା ଉପସ୍ଥିତ ଥିଲେ। ଭିଜନ ୨୦୨୪ ଆଧାରରେ ଏହି ଏକାଡେମୀ ନିର୍ମାଣ କରାଯାଇଥିବା ବେଳେ ବିଭିନ୍ନ ବୟସ ବର୍ଗର ମହିଳା ଖେଳାଳିଙ୍କୁ ଏଠାରେ ଅଭ୍ୟାସ କରିବାର ସୁଯୋଗ ମିଳିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

# ସେମି ଲାଇନଅପ୍ ଚୂଡ଼ାନ୍ତ

**ଓଡିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ**

**କଟକ, ୧୩।୧୨ (କାର୍ତ୍ତିକ ସାହୁ)**

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ଓଡ଼ିଶା ମାଷ୍ଟର୍ସ ସୁପର-୧୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମି ଫାଇନାଲ ଲାଇନ ଅପ୍ ଚୂଡ଼ାନ୍ତ ହୋଇଛି। ମହିଳା ସିଙ୍ଗଲ୍ସରେ ସାଇ ୟାନ୍ କାନ୍, ସୋରୋନା ୟୋଶିକାୱା, ତନ୍‌ଭି ଶର୍ମା ଓ ଶ୍ରୀୟାଂସୀ ଭାଲିସେଟ୍ଟୀ ସେମିରେ ପ୍ରବେଶ କରିଛନ୍ତି। ସାଇ ୟାନ୍ କାନ ୨୧-୧୭, ୧୬-୨୧ ଓ ୨୧-୧୧ରେ ହାନ୍ କିଆନ୍ ଜିଙ୍କୁ, ସୋରୋନା ୟୋଶିକାୱା ୧୫-୨୧, ୨୧-୧୫ ଓ ୨୪-୨୨ରେ ରକ୍ଷିତା ଶ୍ରୀ ରାମରାଜଙ୍କୁ, ତନ୍‌ଭି ଶର୍ମା ୨୫-୨୩ ଓ ୨୧-୧୬ରେ ଅନମୋଲ ଖର୍ବଙ୍କୁ ଓ ଶ୍ରୀୟାଂସୀ ଭାଲିସେଟ୍ଟୀ ୧୩-୨୧, ୨୧-୧୦ ଓ ୨୧-୧୪ ସେଟରେ ଲୋ ସିନ୍ ୟାନ ହାପିଙ୍କୁ ହରାଇଥିଲେ।

ସେହିପରି ପୁରୁଷ ସିଙ୍ଗଲ୍ସରେ ରିତ୍ୱିକ ସଞ୍ଜୀବ ସତୀଶ, ପାନିଟଚାଫୋନ ଟୀରାଟ୍‌ସକୁଲ, ଥରୁନ ମନେପଲ୍ଲୀ ଓ ସତୀଶ କରୁଣାକରନ ସେମିରେ ପ୍ରବେଶ କରିଛନ୍ତି। ସଞ୍ଜୀବ ୪-୨୧, ୨୧-୧୯ ଓ ୨୧-୧୩ ସେଟରେ ହୁ ଝେ ଆନଙ୍କୁ, ପାନିଟଚାଫୋନ ୨୧-୬, ୨୧-୧୪ ସେଟରେ ଲିଉ ଜୁ ଜୁଆନଙ୍କୁ, ଥରୁନ ମନେପଲ୍ଲୀ ୨୧-୧୧, ୨୧-୬ ସେଟରେ ଅଭିଷେକ ସୈନିଙ୍କୁ ଓ ସତୀଶ କରୁଣାକରନ ୨୧-୧୮, ୧୨-୨୧ ଓ ୨୧-୯ ସେଟରେ ଆୟୁଷ ସେଟ୍ଟୀଙ୍କୁ ପରାସ୍ତ କରିଥିଲେ।

# ତ୍ରିସା-ଗାୟତ୍ରୀ ଯୋଡ଼ିଙ୍କ ବିଦାୟ

**ହାଙ୍ଗଝୋ, ୧୩।୧୨ (ପି.ଟି.)**

ଭାରତୀୟ ମହିଳା ଡବଲ୍ସ ଯୋଡ଼ି ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସେମିଫାଇନାଲରେ ପ୍ରବେଶ କରିପାରି ନାହାନ୍ତି। ଗ୍ରୁପ୍ 'ଏ'ରେ ତୃତୀୟ ତଥା ଫାଇନାଲ ମ୍ୟାଚରେ ସେମାନେ ଜାପାନର ନାମି ମାତସୁୟାମା ଓ ଚିହାରୁ ସିଦାଙ୍କଠାରୁ ସିଧାସଳଖ ଗେମ୍‌ରେ ପରାଜିତ ହୋଇଛନ୍ତି। ଏଠାରେ ବିଶ୍ୱର ୪ ନମ୍ବର ପ୍ରତିଦ୍ୱନ୍ଦ୍ୱୀ ଯୋଡ଼ିଙ୍କଠାରୁ ସେମାନେ ୧୭-୨୧, ୧୩-୨୧ରେ ହାରିଯାଇଛନ୍ତି। ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା ଜାପାନିଜ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଭାରତୀୟ ଯୋଡ଼ି ଖେଳିଥିବା ୫ଟି ମ୍ୟାଚରେ ଏହା ହେଉଛି ଚତୁର୍ଥ ପରାଜୟ।

# ନାଲ୍‌କୋ ଓପନ ଟେନିସ୍ ଆରମ୍ଭ

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା)**

ଅଲ୍ ଓଡ଼ିଶା ନାଲ୍‌କୋ ଓପନ ଟେନିସ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଆରମ୍ଭ ହୋଇଛି। ଭୁବନେଶ୍ୱର ଡିଷ୍ଟ୍ରିକ୍ଟସ ଟେନିସ୍ ଆସୋସିଏଶନ ପକ୍ଷରୁ ଏହି ଟୁର୍ନାମେଣ୍ଟ ଆୟୋଜିତ ହେଉଛି। ୫୦ ମହିଳା ଖେଳାଳିଙ୍କୁ ମିଶାଇ ୪୦୦ରୁ ଅଧିକ ପ୍ରତିଭାବାନ ଖେଳାଳି ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ୧୪, ୧୮ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ ଡବଲ୍ସ ଇଭେଣ୍ଟ ସାମିଲ ଥିବା ବେଳେ ୪୦, ୫୦ ଓ ୬୦ ବର୍ଷର ଭେଟେରାନଙ୍କ ପାଇଁ କେବଳ ଡବଲ୍ସ ଇଭେଣ୍ଟ ରଖାଯାଇଛି। ଟୁର୍ନାମେଣ୍ଟ ପାଇଁ ମୋଟ ୪.୩୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡା ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ନାଲ୍‌କୋ ମାନବ ସମ୍ବଳ ବିଭାଗ ଅଧିକାରୀ ଆଶୁତୋଷ ରଥ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

# ଦିଲ୍ଲୀରେ ପ୍ରସ୍ତୁତି ଆରମ୍ଭ କଲା ଓଡ଼ିଶା

**ଭୁବନେଶ୍ୱର, ୧୩।୧୨ (ସରୋଜ ଜେନା)**

ଦିଲ୍ଲୀ ଯମୁନା ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଆସନ୍ତା ଡିସେମ୍ବର ୨୫ ରୁ ୨ ଜାନୁଆରୀ ମଧ୍ୟରେ ନବମ ଜାତୀୟ ସିନିୟର ଏବଂ ପଞ୍ଚମ ୨୫ ବର୍ଷରୁ କମ୍ ଲନ୍ ବଲ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ପାଇଁ ଓଡ଼ିଶା ଦଳ ଦିଲ୍ଲୀରେ ପହଞ୍ଚି ଜୋରଦାର ପ୍ରସ୍ତୁତ ଆରମ୍ଭ କରିଛି। ଆସନ୍ତା ୨୪ ତାରିଖରେ ପ୍ରସ୍ତୁତି ଶିବିର ଶେଷ ହେବ। ଓଡ଼ିଶା ସିନିୟର ଦଳରେ ଛଅ ଜଣ ମହିଳା ଏବଂ ଛଅ ଜଣ ପୁରୁଷ ଖେଳାଳି ଯୋଗଦେଇ ଥିବା ବେଳେ ୫ ବର୍ଷରୁ କମ ଦଳରେ ଦୁଇ ଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ସାମିଲ ଅଛନ୍ତି। ବୋଲିଂ ଫେଡ଼ରେଶନ ଅଫ ଇଣ୍ଡିଆର କୋଚ ନୀତିନ ବାସୱାନି ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏନେଇ ଏହି ବର୍ଷ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରି ଅଧିକ ପଦକ ହାସଲ କରିବେ ବୋଲି ସଂଘ ଆଶା ରଖିଥିବା ରାଜ୍ୟ ବୋଲିଂ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସୂଚନା ଦେଇଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ